ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ପ୍ରତୀକ ମହେନ୍ଦ୍ର ତନୟା ଆନିକଟ ପ୍ରକଳ୍ପ

ଗୁରୁକଲ୍ୟାଣ ମହାପାତ୍ର

ପୁରାଣ ଓ ଇତିହାସ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତର ପାଦଦେଶରୁ ବାହାରିଥିବା ଝରଣାରୁ ଜନ୍ମ ନେଇଛି ମହେନ୍ଦ୍ର ତନୟା ନଦୀ । ମତ୍ସ୍ୟ ପୁରାଣରେ କୁଆଡ଼େ ଏହି ନଦୀଟି ନିଜ ନାମର ସାର୍ଥକତାକୁ ପ୍ରତିପାଦନ କରି ମହେନ୍ଦ୍ରଗିରିର କନ୍ୟା ଭାବରେ ପ୍ରବାହିତ ହୋଇଛି, ଅଜସ୍ର ପୁଣ୍ୟ ଅର୍ଜନ କରି ।

ଏବେ ମଧ୍ୟ ସେହି ନଦୀ ଏକ ପବିତ୍ର ନଦୀ ଭାବେ ବିଭିନ୍ନ ପ୍ରାଚୀନ ଓ ନବୀନ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ । ପ୍ରକୃତରେ ମହେନ୍ଦ୍ର ତନୟା ହେଉଛି ପ୍ରସିଦ୍ଧ ବଂଶଧାରା ନଦୀର ଏକ ଉପନଦୀ । ଗଜପତି ଜିଲ୍ଲାର ଜୀବନଧାରା ଏହି ନଦୀ ଉପରେ ନିର୍ଭରଶୀଳ ।

ଗଜପତି ଜିଲ୍ଲାର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମହେନ୍ଦ୍ରଗିରି ପର୍ବତରୁ ମହେନ୍ଦ୍ର ତନୟା ନଦୀର ଜନ୍ମ । ଓଡ଼ିଶା ଭୂମିରେ ଏହି ନଦୀ ୨୬ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ ହେବାପରେ ଆନ୍ଧ୍ରପ୍ରଦେଶର ଭୂମିରେ ଏହି ନଦୀ ପ୍ରବେଶ କରିଛି । ଏହାପରେ ଉଭୟ ଓଡ଼ିଶା ଓ ଆନ୍ଧ୍ରର ମିଳିତ ସୀମା ଉପରେ ଦେଇ ମହେନ୍ଦ୍ର ତନୟା ପ୍ରବାହିତ ହେବା ପରେ ଏହା ପୁନର୍ବାର ଆନ୍ଧ୍ରପ୍ରଦେଶ ମଧ୍ୟରେ ପ୍ରବେଶ କରି ଗୁଲୁମୁର ଗ୍ରାମ ଅନ୍ତର୍ଗତ ବଂଶଧାରା ନଦୀରେ ଲୀନ ହୋଇଯାଇଛି ।

ଇତିମଧ୍ୟରେ ଆନ୍ଧ୍ର ସରକାର ମହେନ୍ଦ୍ର ତନୟା ନଦୀକୂଳର ବାମପାର୍ଶ୍ୱରେ ଏକ ଅଫ୍‌ସୋର ଜଳସେଚନ ପ୍ରକଳ୍ପ ଆରମ୍ଭ କରିଥିବା ଜଣାପଡ଼ିଥିଲା । ସେହି ପ୍ରକଳ୍ପଟି ଆନ୍ଧ୍ର ପଟେ ଥିବା ଚାପ୍ରା ଗ୍ରାମ ଓ ଓଡ଼ିଶା ପଟରେ ଥିବା ଗଜପତି ଜିଲ୍ଲା ଅନ୍ତର୍ଗତ ଗୋସାଣୀ ବ୍ଲକ୍‌ର ଅଗରଖଣ୍ଡି ଗ୍ରାମ ମଧ୍ୟରେ ଅବସ୍ଥିତ ହୋଇଥିବାରୁ ଆନ୍ଧ୍ରପ୍ରଦେଶ ସରକାର ଓଡ଼ିଶା ସରକାରଙ୍କୁ ଅବଗତ କରାଇଥିଲେ ଯେ ଆନ୍ଧ୍ରପ୍ରଦେଶ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଇଞ୍ଜିନିୟରମାନଙ୍କଦ୍ୱାରା ମିଳିତ ଭାବେ ଯାଞ୍ଚ କରାଯିବା ପରେ ଆନ୍ଧ୍ରର ସେହି ଅଫ୍‌ସୋର ଜଳସେଚନ ପ୍ରକଳ୍ପ ନିର୍ମାଣ ଉପରେ ହସ୍ତକ୍ଷେପ କରାଯାଉ । କାରଣ ଆନ୍ଧ୍ରପ୍ରଦେଶ ସେହି ନଦୀକୂଳରେ ଜଳଭଣ୍ଡାର ନିର୍ମାଣ ପ୍ରକଳ୍ପ ଜରିଆରେ ନଦୀର ଜଳକୁ ନିଜ ନିୟନ୍ତ୍ରଣରେ ରଖିଲେ ନଦୀର ନିମ୍ନଭାଗରେ ଅବସ୍ଥିତ ଗଜପତି ଜିଲ୍ଲାର ଅନେକଗୁଡ଼ିଏ ଅଞ୍ଚଳ ତଦ୍ୱାରା କ୍ଷତିଗ୍ରସ୍ତ ହେବେ । ୨୦୦୮ଟିକୁ ରାଜ୍ୟ ସରକାର ଜଳସେଚନ ବର୍ଷ ଭାବେ ଘୋଷଣା କରିଥିବା ଦୃଷ୍ଟିରୁ ଓଡ଼ିଶା ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଅରବିନ୍ଦ ବେହେରା ଏ ସଂପର୍କରେ ଆନ୍ଧ୍ରପ୍ରଦେଶର ଜଳସଂପଦ ବିଭାଗର ସଚିବଙ୍କୁ ପତ୍ର ଲେଖିଥିଲେ । ସେହି ପତ୍ରରେ ଦର୍ଶାଯାଇଥିଲା ଯେ ମହେନ୍ଦ୍ର ତନୟା ଉପରେ ଆନ୍ଧ୍ରର ପ୍ରସ୍ତାବିତ ଅଫ୍‌ସୋର୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆମ ଗଜପତି ଜିଲ୍ଲାର ଲୋକେ କ୍ଷତିଗ୍ରସ୍ତ ହେବେ । ତେଣୁ ଏହା ବିରୋଧରେ ଓଡ଼ିଶାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା । ଏହା ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ସରକାର ସେହି ପ୍ରସ୍ତାବିତ ପ୍ରକଳ୍ପକୁ ବାଦ ଦେଲେ ନାହିଁ । ତେଣୁ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ନଦୀ ଉପରେ ଆନିକଟ ନିର୍ମାଣ କରିବାକୁ ଚାହିଁଲେ । ତେଣୁ ଦୁଇଟି ବିକଳ୍ପ ଗତି ପଥକାରୀ ଆନିକଟ (diversion weir) ମଧ୍ୟରୁ



ଜଳଙ୍ଗା ନାଳ ଉପରେ ଗୋଟିଏ ଓ ଚାମପୁର ନାଳ ଉପରେ ଆଉ ଗୋଟିଏ ବନ୍ଧ ବା ଆନିକଟ ନିର୍ମାଣ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କଲେ । ଗତ ଅପ୍ରେଲ ୩୦ (୨୦୦୮)ରେ ସେହି ଆନିକଟ ପ୍ରକଳ୍ପ ଦୁଇଟିର ଭୂମିପୂଜା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଡମ୍ବପୁରଠାରେ କରିବା ସହିତ ସେଠାକାର ଏକ ସାଧାରଣ ସଭାରେ ଉଦ୍‌ବୋଧନ ଛଳରେ ଆନ୍ଧ୍ର ସରକାରଙ୍କୁ ଠିକଣା ଜବାବ୍ ଦେଇଥିଲେ । ସେହି ଆନିକଟ ଦୁଇଟିର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜା ପରେ ସେ ସେଠାରେ ଉପସ୍ଥିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଆମ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗଜପତି ଅଞ୍ଚଳବାସୀଙ୍କ ବହୁ ଦିନର ଆକାଂକ୍ଷାକୁ ପୂରଣ କରାଯିବା ସହିତ ଆନ୍ଧ୍ର ସରକାରଙ୍କୁ ଠିକଣା ଜବାବ ଦିଆଯାଇଛି । ଏହି ପ୍ରକଳ୍ପ ବର୍ଷକ ମଧ୍ୟରେ ସଂପନ୍ନ ହେବ ବୋଲି ଘୋଷଣା କରି ସେ କହିଥିଲେ ଯେ ଗଜପତି ଜିଲ୍ଲାର ୩୫୦୦ ହେକ୍ଟର ଚାଷଜମି ତଦ୍ୱାରା ଜଳସେଚିତ ହେବାର ସୁଯୋଗ ଲାଭ କରିବ ଏବଂ ପାରଳାଖେମୁଣ୍ଡି ସହର ତଥା ଆଖପାଖ ଅଞ୍ଚଳର ଜଳସଙ୍କଟ ମଧ୍ୟ ଦୂର ହୋଇଯିବ ।

ଉଲ୍ଲେଖନୀୟ ଯେ, ଆନ୍ଧ୍ରର ସରକାର ଓଡ଼ିଶାର ସ୍ୱାର୍ଥପ୍ରତି ଆଖି ବୁଜି ଦେଇ ଏକତରଫା ଭାବେ ମହେନ୍ଦ୍ର ତନୟା ନଦୀର ତଳମୁଣ୍ଡରେ ଜଳଭଣ୍ଡାର ନିର୍ମାଣ କରିଥିଲେ । ଏହି କାରଣରୁ ଦକ୍ଷିଣ ଓଡ଼ିଶାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ମାତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେବା ପରେ ଦକ୍ଷିଣ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ । ଏ ବିଷୟରେ ଦକ୍ଷିଣ ଓଡ଼ିଶାବାସୀଙ୍କ ମନରେ ଥିବା ସନ୍ଦେହ ଦୂର କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଆହୁରି କହିଥିଲେ ଯେ, **ଏପରି ଦୁଇଟି ପ୍ରକଳ୍ପର ନିର୍ମାଣ ଲାଗି ଭାରତ ସରକାରଙ୍କ ଉପରେ ନିର୍ଭର ନକରି ରାଜ୍ୟ ତା'ର ନିଜସ୍ୱ ପାଣ୍ଠିରୁ ୩୮ କୋଟି ଟଙ୍କା ବ୍ୟୟ କରିବ । ଏହି ପ୍ରକଳ୍ପର ଶୁଭ ଦିଆଯିବା ପୂର୍ବରୁ ରାଜ୍ୟର ସ୍ୱାର୍ଥ ବିରୋଧୀ ଲୋକମାନେ ଏପରି ପ୍ରକଳ୍ପ ବିଷୟରେ ନାନାଦି ଅପପ୍ରଚାର କରିଥିଲେ । ତେଣୁ ସ୍ପଷ୍ଟ ଜବାବ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପ ଯୋଗୁଁ ଜଣେ ହେଲେ କେହି ବାସଚ୍ୟୁତ ହେବେ ନାହିଁ କିମ୍ବା କୌଣସି ଚାଷଜମି କ୍ଷତିଗ୍ରସ୍ତ ହେବ ନାହିଁ ।**

ଗଜପତି ଜିଲ୍ଲାରେ ଅନବରତ ପାନୀୟ ଜଳର ସଙ୍କଟ ଦେଖାଯାଉଥିଲା । ମାତ୍ର ଏହି ପ୍ରକଳ୍ପ ଶେଷ ହେବା ପରେ ଲୋକେ ଆଉ ଜଳକଷ୍ଟ ଭୋଗିବେ ନାହିଁ ବୋଲି କହିବା ପରେ ଲୋକେ କରତାଳି ଦେଇ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ । ଆଦିବାସୀ କନ୍ୟାମାନଙ୍କୁ ଶିକ୍ଷିତା କରାଇବାକୁ ରାଜ୍ୟ ସରକାର ଅନ୍ତତଃ ହଜାରେ ହଷ୍ଟେଲ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମଧ୍ୟ ସେଠାରେ ଘୋଷଣା କରିଥିଲେ ।

ସେହି ସଭାରେ ଉପସ୍ଥିତ ଶକ୍ତି, ସଂସ୍କୃତି ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ଶୁଭ ଦିଆଯାଇଥିବା ସେହି ପ୍ରକଳ୍ପ ଗଜପତି ଜିଲ୍ଲା ପାଇଁ ଏକ ଐତିହାସିକ ଘଟଣା । ମହେନ୍ଦ୍ର ତନୟାର ଉପର ମୁଣ୍ଡରେ ନିର୍ମାଣ କରିବାକୁ ରାଜ୍ୟ ସରକାର ଚିନ୍ତା କରିଥିଲେ, ମାତ୍ର ଅନେକ ଗ୍ରାମବାସୀ ବିସ୍ଥାପିତ ହେବାର ଆଶଙ୍କା ଉପୁଜିବାରୁ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାନୁଯାୟୀ ସେପରି କାର୍ଯ୍ୟକୁ ବନ୍ଦ କରି ଦିଆଯାଇ ବିକଳ୍ପ ପ୍ରକଳ୍ପ କରାଗଲା । ଆନ୍ଧ୍ର ସରକାର ମହେନ୍ଦ୍ର ତନୟାର ଅଫ୍‌ସୋରରେ ପ୍ରକଳ୍ପ ଆରମ୍ଭ କରିବାରୁ ଓଡ଼ିଶାର ସ୍ୱାର୍ଥରକ୍ଷା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆନ୍ଧ୍ରକୁ ଠିକଣା ଜବାବ ଦେଇ ଡମ୍ବପୁର ଓ ଚମ୍ପାପୁରଠାରେ ମହେନ୍ଦ୍ର ତନୟା ନଦୀ ଉପରେ ଯେପରି ଆନିକଟ ନିର୍ମାଣର ଶୁଭ ଦେଲେ, ତଦ୍ୱାରା ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଛନ୍ତି । ଗଜପତିର ଜିଲ୍ଲାପାଳ ଶ୍ରୀ ଡି.ଭି. ସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ଡି.ଆର୍.ଡି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ନାଥ, ରାଜ୍ୟ ଜଳସଂପଦ ବିଭାଗର ମୁଖ୍ୟଯନ୍ତ୍ରୀ ଶ୍ରୀ ଈଶ୍ୱରୀ ପ୍ରସାଦ, ଶାସକ ଦଳର କର୍ମକର୍ତ୍ତାଙ୍କ ସମେତ ମହେନ୍ଦ୍ରଗିରି ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏ ସମସ୍ତେ ଏପରି ଏକ ଐତିହାସିକ ପ୍ରକଳ୍ପର ଶୁଭାରମ୍ଭକୁ ସ୍ୱାଗତ କରିଥିଲେ ।

ଗତ ଜୁନ ମାସରେ ଆନ୍ଧ୍ରପ୍ରଦେଶ ସରକାର ଏ ଘଟଣା ଯୋଗୁଁ ତାଙ୍କର ଆଭିମୁଖ୍ୟ ବଦଳାଇ ଓଡ଼ିଶା ସରକାରଙ୍କ ସର୍ତ୍ତରେ ରାଜି ହୋଇଥିବା ଏବଂ ଉଭୟ ଓଡ଼ିଶା ଓ ଆନ୍ଧ୍ରର ଇଞ୍ଜିନିୟରମାନେ ମିଳିତ ଭାବେ ଆନ୍ଧ୍ରର ଅଫ୍‌ସୋର ସେଚ ପ୍ରକଳ୍ପକୁ ଯାଞ୍ଚ କରିବା ପାଇଁ ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଥିଲା ।

ଡି-୧୦/୫, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ଉଚ୍ଚଶିକ୍ଷା : ଏକ ବିହଙ୍ଗାବଲୋକନ

ସମୀର ଦେ

ଏକବିଂଶ ଶତାବ୍ଦୀରେ ଭାରତବର୍ଷ ବିଶ୍ୱର ଏକ ପ୍ରମୁଖ ଶକ୍ତିରେ ପରିଣତ ହେବାକୁ ଯାଉଛି । ଏଥିପାଇଁ ଭାରତକୁ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିବାର ଆବଶ୍ୟକତା ରହିଛି । ଉଚ୍ଚଶିକ୍ଷା ଦେଶର ପ୍ରଗତି ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରି ରାଷ୍ଟ୍ରର ବିକାଶପଥରେ ସହାୟକ ଭୂମିକା ଗ୍ରହଣ କରେ । ତେଣୁ ଯୁବପିଢ଼ିକୁ ପ୍ରସ୍ତୁତ କରିବାର ପ୍ରଚେଷ୍ଟା ଚାଲିଛି ।

ଭାରତକୁ ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଗାମୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ଅବ୍ୟାହତ ରହିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତବର୍ଷ ଆଖିଦୃଶିଆ ପ୍ରଗତି ହାସଲ କରିଛି । ଆଇ.ଟି., ମେଡ଼ିକାଲ ସାଇନ୍ସ ପ୍ରଭୃତି ଶିକ୍ଷା କ୍ଷେତ୍ରରେ ଭାରତୀୟମାନେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି । ଆଜିର ଶିକ୍ଷା ବ୍ୟବସ୍ଥାକୁ ନାଳନ୍ଦା, ତକ୍ଷଶିଳା ଓ ପୁଷ୍ପଗିରିର ଉତ୍କର୍ଷ ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଆମର ଗୌରବମୟ ଐତିହ୍ୟକୁ ପୁନଃ ପ୍ରତିଷ୍ଠା କରିବାର ଚେଷ୍ଟା ଚାଲିଛି । ଏହି ପରିପ୍ରେକ୍ଷୀରେ ଭାରତରେ ଉଚ୍ଚଶିକ୍ଷାର ପ୍ରଗତି ସଂପର୍କରେ ନଲେଜ୍ କମିଶନ୍-୨୦୦୬ ଦେଇଥିବା ମତାମତଗୁଡ଼ିକର ଗୁରୁତ୍ୱ ରହିଛି ।

ଆଧୁନିକ ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ବସ୍ତୁତଃ ୧୮୫୮ ଖ୍ରୀଷ୍ଟାବ୍ଦରେ ୩ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ଆରମ୍ଭ ହୋଇଥିଲା । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଛରେ ବ୍ରିଟିଶ୍ ପ୍ରଶାସନର ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା କିଛି ବ୍ରିଟିଶ୍ ଅନୁରକ୍ତ ମଧ୍ୟମ ଶ୍ରେଣୀୟ ଅମଲା ସୃଷ୍ଟି କରିବା । ଏହି ଶିକ୍ଷାର ପରିସର ସୀମିତ ଥିଲା ଏବଂ ଏହାଦ୍ୱାରା କେବଳ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ପିଲାମାନେ ଉପକୃତ ହେଲେ ।

ଜ୍ଞାନ ହେଉଛି ଶକ୍ତି । ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଜ୍ଞାନ ପ୍ରଦାନ କରିବା, ବ୍ୟକ୍ତିତ୍ୱକୁ ବିକଶିତ କରିବା ଏବଂ ଜୀବନର ଅର୍ଥ ସହିତ ପାରିପାର୍ଶ୍ୱିକ ପରିବେଶକୁ ବୁଝିବା । ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ କୁହାଯାଇଛି :

'If you are planning for one year
Plant grains;
If you are planning for ten years
Plant trees;
If you are planning for hundred years
Plant men.'

ମାତ୍ର ଏହି ଶିକ୍ଷା ନିମ୍ନମାନର ହେବା ଉଚିତ୍ ନୁହେଁ । କେବଳ ପରିମାଣ ଦୃଷ୍ଟିରୁ ଏହାକୁ ବିକଶିତ କରି ଦେଲେ ଚଳିବ ନାହିଁ, ଏହା ଉଚ୍ଚମାନର ହେବା ଆବଶ୍ୟକ ।

ଏଥର ଆଲୋଚନା କରିବା ଭାରତୀୟ ଉଚ୍ଚଶିକ୍ଷାର ରୂପରେଖ ଓ ବାସ୍ତବତା । ଆଧୁନିକ ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ବସ୍ତୁତଃ ୧୮୫୮ ଖ୍ରୀଷ୍ଟାବ୍ଦରେ ୩ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ଆରମ୍ଭ ହୋଇଥିଲା । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଛରେ ବ୍ରିଟିଶ୍ ପ୍ରଶାସନର ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା କିଛି ବ୍ରିଟିଶ୍ ଅନୁରକ୍ତ ମଧ୍ୟମ ଶ୍ରେଣୀୟ ଅମଲା ସୃଷ୍ଟି କରିବା । ଏହି ଶିକ୍ଷାର ପରିସର ସୀମିତ ଥିଲା ଏବଂ ଏହାଦ୍ୱାରା କେବଳ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ପିଲାମାନେ ଉପକୃତ ହେଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲା ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷାର ପରିସର ବୃଦ୍ଧିପ୍ରାପ୍ତ ହେଲା । ସବୁ ଶ୍ରେଣୀର ଲୋକେ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ପାଇଲେ । ମହାବିଦ୍ୟାଳୟମାନଙ୍କୁ ଅନୁବନ୍ଧନ ଦେବା, ସେମାନଙ୍କ ପାଇଁ ବିଭିନ୍ନ ବିଷୟରେ ଶିକ୍ଷା, ପାଠ୍ୟଖସଡ଼ା ପ୍ରସ୍ତୁତ କରିବା, ପରୀକ୍ଷା ପରିଚାଳନା କରିବା, ଫଳପ୍ରକାଶ କରିବା ବିଶ୍ୱବିଦ୍ୟାଳୟଗୁଡ଼ିକର ମୁଖ୍ୟ କାର୍ଯ୍ୟ ଭାବରେ ଗ୍ରହଣ କରାଗଲା । ଭାରତବର୍ଷରେ ଅନେକ ମହାବିଦ୍ୟାଳୟଙ୍କର ଉନ୍ନତମାନର ଶିକ୍ଷାଦାନ କରିବାର ସାମର୍ଥ୍ୟ ଓ ଆନୁଷଙ୍ଗିକ ସଫଳତା ହାସଲ କଲେ । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ଶିକ୍ଷକମାନେ ମଧ୍ୟ ଉଚ୍ଚଶିକ୍ଷାର ଏହି ଗୁଣାତ୍ମକ ଅଭିବୃଦ୍ଧିରେ ନିଜକୁ ସାମିଲ କଲେ । ଶିକ୍ଷାଦାନ ଓ ଗବେଷଣା ପ୍ରତି ସେମାନଙ୍କର ସ୍ପୃହା ବଢ଼ିଲା । ବିଭିନ୍ନ ସମୟରେ ସରକାର ଶିକ୍ଷା ବିକାଶ ପାଇଁ କୋଠାରୀ କମିଶନ୍ ଭଳି ଉଚ୍ଚ କ୍ଷମତା ସମ୍ପନ୍ନ ଆୟୋଗ ଗଠନ କରି ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁଣାତ୍ମକ ମାନ ବୃଦ୍ଧି କରିବାର ଉଦ୍ୟମ କଲେ ଏବଂ ସେମାନେ ଶିକ୍ଷା ବ୍ୟବସ୍ଥାର

ଦୋଷତ୍ରୁଟି ଅନୁଧ୍ୟାନ କରି ଉଚ୍ଚଶିକ୍ଷାକୁ ସଠିକ୍ ଦିଗ୍‌ଦର୍ଶନ ଦେବାରେ ସହାୟକ ହେଲେ । ଉଚ୍ଚଶିକ୍ଷାର ଉତ୍କର୍ଷ ପାଇଁ ଆୟୋଗମାନଙ୍କର ମତାମତକୁ ଆଧାର କରି ଆମର ଶିକ୍ଷା ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇପାରେ ।

ପ୍ରଥମରେ ଉନ୍ନତ ଦେଶମାନଙ୍କରେ ଅର୍ଦ୍ଧାଧିକ ଲୋକେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବାବେଳେ ଭାରତରେ ଏହାର ପରିମାଣ ଜନସଂଖ୍ୟାର ଶତକଡ଼ା ସାତଭାଗ । ଦ୍ୱିତୀୟରେ ବର୍ତ୍ତମାନର ସାଧାରଣ ଶିକ୍ଷା ଯୁବକ/ଯୁବତୀମାନଙ୍କୁ ପର୍ଯ୍ୟାପ୍ତ କର୍ମନିଯୁକ୍ତି ଦେବାରେ ସହାୟକ ହେଉ ନାହିଁ । ଏହାର କାରଣ ହେଲା ସାଧାରଣ ଶିକ୍ଷାରେ ପ୍ରଥମେ କଳାଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି ଓ ଏହାପରକୁ ଆସୁଛି ବିଜ୍ଞାନ ଓ ବାଣିଜ୍ୟ ଶିକ୍ଷା । ତେଣୁ ଛାତ୍ରଛାତ୍ରୀମାନେ ସାଧାରଣ ଶିକ୍ଷାକୁ ସମୟ କଟାଇବା ଓ ଚିତ୍ତବିନୋଦର ସମୟ ବୋଲି ମନେ କରୁଛନ୍ତି । ତୃତୀୟରେ ବର୍ତ୍ତମାନ ଆଦୃତ ହେଉଥିବା ଉଚ୍ଚଶିକ୍ଷାଗୁଡ଼ିକ ହେଲା ଏମ୍.ବି.ଏ., ଏମ୍.ସି.ଏ., ସୋସିଆଲ ୱାର୍କ, ବାୟୋ ସାଇନ୍ସ ଏବଂ ଏସବୁ କ୍ଷେତ୍ରରେ ଭାରତରେ ଅନେକ ଅନୁଷ୍ଠାନ ଗଢ଼ିଉଠିଛି । କିନ୍ତୁ ଏହିସବୁ ବ୍ୟୟବହୁଳ ଶିକ୍ଷା ମୁଖ୍ୟତଃ ବେସରକାରୀ ଉଦ୍ୟମରେ ପରିଚାଳିତ ହେଉଛି । ଚତୁର୍ଥରେ ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ବିଦେଶୀ ଛାତ୍ରମାନଙ୍କୁ ଆକୃଷ୍ଟ କରିବାରେ ଆଶାନୁରୂପ ସଫଳତା ହାସଲ କରିପାରୁନାହିଁ । ଅଥଚ ସଂଖ୍ୟାଧିକ ଭାରତୀୟ ଛାତ୍ର ବିଦେଶୀ ଶିକ୍ଷାନୁଷ୍ଠାନ ପ୍ରତି ଆକୃଷ୍ଟ ହୋଇ ଶିକ୍ଷା ଲାଭ କରୁଛନ୍ତି । ସମୟ ଥିଲା ଭାରତରେ ତକ୍ଷଶିଳା, ନାଳନ୍ଦା, ପୁଷ୍ପଗିରି ବିହାର ଉତ୍କୃଷ୍ଟମାନର ବିଶ୍ୱବିଦ୍ୟାଳୟମାନ ହଜାର ହଜାର ବିଦେଶୀ ଛାତ୍ରଙ୍କୁ ଆକର୍ଷିତ କରୁଥିଲା । ଧର୍ମ, ଦର୍ଶନ, ଭେଷଜ ବିଜ୍ଞାନ ଓ ରାଜନୀତିରେ ଶିକ୍ଷାଦାନ କରୁଥିବା ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଭାରତର ଗୌରବ ଭାବରେ ପରିଗଣିତ ହେଉଥିଲା । ଏବେ ସିଙ୍ଗାପୁର ପରି ଛୋଟିଆ ସହରର ଶିକ୍ଷାନୁଷ୍ଠାନମାନଙ୍କରେ ଯେତେ ବିଦେଶୀ ଛାତ୍ର ଅଧ୍ୟୟନ କରୁଛନ୍ତି ସାରା ଭାରତରେ ବିଦେଶୀ ଛାତ୍ରଙ୍କ ସଂଖ୍ୟା ତା'ଠାରୁ କମ୍ । **ପଞ୍ଚମରେ ଆମ ଜି.ଡି.ପି.ର ଏକ ସାମାନ୍ୟ ଭାଗ ଉଚ୍ଚଶିକ୍ଷା ପାଇଁ ଖର୍ଚ୍ଚ ହେଉଛି । ଯାହାକିଛି ଅର୍ଥ ବିଶ୍ୱବିଦ୍ୟାଳୟମାନଙ୍କୁ ଯୋଗାଇ ଦିଆଯାଉଛି ସେଗୁଡ଼ିକୁ ଅମଲାତନ୍ତ୍ର ଏପରି ଭାବେ ଅଡ଼ିଟ୍ ମାଧ୍ୟମରେ ତଦାରଖ କରୁଛନ୍ତି ଯେ, ଗବେଷଣାରେ ଅନୁରକ୍ତ ଅଧ୍ୟାପକ, ଅଧ୍ୟାପିକା ଗବେଷଣା ପ୍ରତି ସ୍ପୃହା ହରାଇ ବସୁଛନ୍ତି । ଏଥିସହିତ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜର ସ୍ୱାତନ୍ତ୍ରତା ହରାଉଥିବା ଉପଲବ୍ଧି ହେଉଛି ।**

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁସଂଗଠିତ ଓ ସୁଶୃଙ୍ଖଳିତ କରିବା ପାଇଁ ସରକାର ନିମ୍ନୋକ୍ତ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିଛନ୍ତି ।

♦ ସୁପ୍ରିମ୍‌କୋର୍ଟ ଆଦେଶରେ ଲିଙ୍ଗଡ଼ୋ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବା ନିର୍ଦ୍ଦେଶ ପୂର୍ବରୁ ଓଡ଼ିଶା ସରକାର ଏକ ଦିନରେ ସମସ୍ତ ମହାବିଦ୍ୟାଳୟର ଛାତ୍ରସଂସଦ ନିର୍ବାଚନ କରାଇବାର ନିର୍ଦ୍ଦେଶନାମ ଜାରି କରିଥିଲେ । ନିୟମିତ ଶ୍ରେଣୀରେ ଯୋଗ ଦେଉଥିବା ମେଧାବୀ ଛାତ୍ରମାନଙ୍କୁ ଛାତ୍ର ସଂସଦ ନିର୍ବାଚନରେ ଭାଗ ନେବାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶ୍ରେଣୀ ଗୃହରେ ୭୫ ଭାଗ ଉପସ୍ଥାପନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।

♦ ଏତଦ୍‌ବ୍ୟତୀତ ମହାବିଦ୍ୟାଳୟମାନଙ୍କର ଶୃଙ୍ଖଳାବୋଧ ଜାଗରୁକ କରିବା ପାଇଁ ଡ୍ରେସ କୋଡ୍‌ର ପ୍ରଚଳନ ମଧ୍ୟ କରାଯାଇଛି ।

♦ ଓଡ଼ିଶା ସରକାର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ପାଇଁ ଏକ କମନ୍ କ୍ୟାଲେଣ୍ଡର ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ସାରା ରାଜ୍ୟରେ ଏକ ସମୟରେ ପରୀକ୍ଷା ସରିବ ଓ ଫଳ ପ୍ରକାଶ ପାଇବ ।

♦ ସରକାରୀ-ବେସରକାରୀ ଭାଗିଦାରୀର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ବାଲିଷ୍ଟିକ୍ ବିଜ୍ଞାନ, ବାୟୋଟେକ୍ନୋଲୋଜି, ବାୟୋଇନ୍‌ଫରମ୍ୟାଟିକ୍ସ, ସାମ୍ବାଦିକତା ପ୍ରଭୃତି ନୂତନ ପାଠ୍ୟକ୍ରମମାନ ପ୍ରଚଳନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଚେଷ୍ଟା କରାଯାଇଛି । ବେସରକାରୀ ସଂସ୍ଥା ସହବନ୍ଧନରେ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି ।

♦ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧ ବୃଦ୍ଧି ପାଇଁ ଯୋଗ ଓ ପରିବେଶ ଶିକ୍ଷା ପ୍ରଦାନ କରାଯାଉଛି ।

♦ ବିଭିନ୍ନ ମହାବିଦ୍ୟାଳୟ ନିଯୁକ୍ତି ପ୍ରକୋଷ୍ଠମାନ ଗଠିତ କରାଯାଇ ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତି ନିମନ୍ତେ ସୁଯୋଗ ସୃଷ୍ଟି କରାଯାଉଛି । ସ୍ୱନାମଧନ୍ୟ ଶିଳ୍ପ ପ୍ରତିଷ୍ଠାନମାନେ ମହାବିଦ୍ୟାଳୟ କ୍ୟାମ୍ପସ୍‌କୁ ଆସି ସେମାନଙ୍କର କମ୍ପାନୀର କର୍ମନିଯୁକ୍ତି ଲାଗି ବିଦ୍ୟାର୍ଥୀମାନଙ୍କୁ ଚୟନ କରୁଛନ୍ତି ।

♦ ବଛା ବଛା ଶିକ୍ଷାନୁଷ୍ଠାନରେ ପ୍ରବେଶ ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା ନିମନ୍ତେ ବିଦ୍ୟାର୍ଥୀମାନଙ୍କୁ ସମର୍ଥ କରିବା ପାଇଁ ଓ.ଏମ୍.ଆର୍. ଟେଷ୍ଟ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି ।

♦ ରେଫ୍ରେସର ଓ ଓରିଏଣ୍ଟସନ୍ କୋର୍ସର୍ ମାଧ୍ୟମରେ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଶିକ୍ଷାଦାନ ପ୍ରଣାଳୀର ମାନବୃଦ୍ଧି କରାଯାଉଛି ।

♦ ଏହାଛଡ଼ା ୟୁଜିସିର ନ୍ୟାସ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡିଟେସନ୍ କାଉନ୍‌ସିଲ୍ ମାଧ୍ୟମରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାର ମାନ ନିୟନ୍ତ୍ରଣ କରାଯାଉଛି । ୧୯୯୪ ମସିହାରେ ଏହି ପରିଷଦ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି) ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର କାର୍ଯ୍ୟ ଦକ୍ଷତାର ମୂଲ୍ୟାଙ୍କନ କରିବା । ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଏହି ପରିଷଦ ବିଶ୍ୱବିଦ୍ୟାଳୟ ଓ

ମହାବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ଗ୍ରେଡ୍ ପ୍ରଦାନ ପାଇଁ ସୁପାରିଶ କରନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ମାନ ଉନ୍ନତି ପାଇଁ ଇଣ୍ଟରନାଲ୍ କ୍ୱାଲିଟ୍ ଆସୁରେନ୍ସ ସେଲ୍ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ କାର୍ଯ୍ୟ କରୁଛି । ଉନ୍ନତ ଶିକ୍ଷା ଖସଡ଼ା ପ୍ରସ୍ତୁତି, ନୂତନ ପାଠ୍ୟକ୍ରମ ଗ୍ରହଣ, ଶିକ୍ଷକମାନଙ୍କର ଗବେଷଣା ଓ କର୍ମଶାଳା ଯୋଗଦାନ ସଂପର୍କିତ କାର୍ଯ୍ୟକ୍ରମକୁ ଏହା ପ୍ରୋତ୍ସାହନ କରେ । ଶିକ୍ଷାଦାନ ଓ ପରୀକ୍ଷା ପଦ୍ଧତିର ନବୀକରଣରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି । **ଇତିମଧ୍ୟରେ ଆମ ରାଜ୍ୟର ତିନିଗୋଟି ବିଶ୍ୱବିଦ୍ୟାଳୟ ଓ ୧୪୯ ମହାବିଦ୍ୟାଳୟ ଏନ୍.ଏ.ଏ.ସି. ଦ୍ୱାରା ସ୍ୱୀକୃତି ଲାଭ କରି ବିଭିନ୍ନ ଗ୍ରେଡ୍ ହାସଲ କରିଛନ୍ତି ।**

♦ ଛାତ୍ରଛାତ୍ରୀମାନଙ୍କ ସୁସ୍ଥ ମାନସିକତା ପାଇଁ ଓ କଲେଜ କ୍ୟାମ୍ପସ୍‌ରେ ଶିକ୍ଷା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ପାଇଁ ଆଣ୍ଟିର୍ୟାଗିଙ୍ଗ୍ ସେଲ୍ ଗଠନ କରାଯାଇଛି ।

ଏଗୁଡ଼ିକ ସମେତ ଆମ ଉଚ୍ଚଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକମାନ ବୃଦ୍ଧି ପାଇଁ ନିମ୍ନୋକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରିବା ଆବଶ୍ୟକ ।

ଇତିମଧ୍ୟରେ ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ରେଭେନ୍ସାକୁ ଏକ ୟୁନିଟାରୀ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଇଛି । ଆଗାମୀ ଦିନମାନଙ୍କରେ ଖଲିକୋଟ କଲେଜ (ବ୍ରହ୍ମପୁର), ଗଙ୍ଗାଧର ମେହେର କଲେଜ (ସମ୍ବଲପୁର), ଡି.ଏ.ଭି. କଲେଜ (କୋରାପୁଟ), ସରକାରୀ କଲେଜ (ଭବାନୀପାଟଣା), ରାଜେନ୍ଦ୍ର କଲେଜ (ବଲାଙ୍ଗିର) ପ୍ରଭୃତି ବୃହତ କଲେଜଗୁଡ଼ିକ ୟୁନିଟାରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ବିଚାର ଚାଲିଛି ।

୧. ଉଚ୍ଚଶିକ୍ଷାର ପରିସର ବ୍ୟାପକ ହେବା ଉଚିତ । ବର୍ତ୍ତମାନ ଭାରତରେ ୩୬୭ଟି ବିଶ୍ୱବିଦ୍ୟାଳୟ ଅଛି । ସେମାନଙ୍କ ମଧ୍ୟରୁ ୧୦୦ଟି ସଂପୂର୍ଣ୍ଣ ଘରୋଇ । ୧୭,୭୦୦ଟି କଲେଜ ଅଛି । ତନ୍ମଧ୍ୟରୁ ସରକାରୀ କଲେଜ ମାତ୍ର ୪୩୦୦ । ଜ୍ଞାନ ଆୟୋଗ ଚାହୁଁଛନ୍ତି ବିଶ୍ୱବିଦ୍ୟାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି ହେଉ ଏବଂ ସୁପାରିଶ କରିଛନ୍ତି ଆଗାମୀ ଆଠବର୍ଷ ମଧ୍ୟରେ ଏହାର ସଂଖ୍ୟା ୧୫୦୦କୁ ବଢ଼ାଯାଉ । **ଅନ୍ୟୂନ ୫୦ଟି ଜାତୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର ସରକାର ପ୍ରତିଷ୍ଠା କରନ୍ତୁ । ଆଗାମୀ ତିନିବର୍ଷରେ ଅନ୍ତତଃ ୧୦ଟି ଜାତୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହେଉ । ବିକଶିତ ରାଷ୍ଟ୍ର ପରି ଭାରତରେ ଅଧିକରୁ ଅଧିକ ଛାତ୍ର ଉଚ୍ଚଶିକ୍ଷା ପ୍ରଦାନର ସୁଯୋଗ ଲାଭ କରନ୍ତୁ ।** ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ସ୍ୱୟଂଶାସିତ ଓ ସମର୍ଥ ମହାବିଦ୍ୟାଳୟଗୁଡ଼ିକୁ ଏକକ ବିଶ୍ୱବିଦ୍ୟାଳୟ ଓ ଡିମ୍ଡ୍ ବିଶ୍ୱବିଦ୍ୟାଳୟରେ ପରିଣତ କରି ବହୁତଗୁଡ଼ିଏ ନୂତନ ବିଶ୍ୱବିଦ୍ୟାଳୟ ସୃଷ୍ଟି କରିବାର ଚେଷ୍ଟା ଚାଲିଛି । ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ସହବନ୍ଧନ ଦେଉଥିବା ବା ପରୀକ୍ଷା ପରିଚାଳନା କରୁଥିବା ଅନୁଷ୍ଠାନ ନହୋଇ ଉପଯୁକ୍ତ ଶିକ୍ଷାଦାନ କରୁଥିବା ଓ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଚେଷ୍ଟାରତ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇପାରିବେ । ଏଗୁଡ଼ିକ ଶିକ୍ଷା ଓ ଗବେଷଣା କାର୍ଯ୍ୟରେ ଅଗ୍ରଣୀ ଭୂମିକା ମଧ୍ୟ ଗ୍ରହଣ କରିବେ । ଇତିମଧ୍ୟରେ ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ରେଭେନ୍ସାକୁ ଏକ ୟୁନିଟାରୀ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଇଛି । ଆଗାମୀ ଦିନମାନଙ୍କରେ ଖଲିକୋଟ କଲେଜ (ବ୍ରହ୍ମପୁର), ଗଙ୍ଗାଧର ମେହେର କଲେଜ (ସମ୍ବଲପୁର), ଡି.ଏ.ଭି. କଲେଜ (କୋରାପୁଟ), ସରକାରୀ କଲେଜ (ଭବାନୀପାଟଣା), ରାଜେନ୍ଦ୍ର କଲେଜ (ବଲାଙ୍ଗିର) ପ୍ରଭୃତି ବୃହତ କଲେଜଗୁଡ଼ିକ ୟୁନିଟାରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ବିଚାର ଚାଲିଛି ।

୨. ଉଚ୍ଚଶିକ୍ଷାକୁ କର୍ମାଭିମୁଖୀ କରିବାର ଚେଷ୍ଟା ଅବ୍ୟାହତ ରହିବା ଦରକାର । ଏଥିପାଇଁ ବିଜ୍ଞାନ ଓ ବାଣିଜ୍ୟ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ଛାତ୍ରଛାତ୍ରୀମାନଙ୍କୁ ବାୟୋଟେକ୍ନୋଲୋଜି, ବାୟୋଇନ୍‌ଫର୍‌ମେଟିକ୍ସ, ଷ୍ଟକ୍ ଏକ୍ସଚେଞ୍ଜ, ଟେଲିକାଷ୍ଟିଂ, ସିନେମାଟୋଗ୍ରାଫି, ଇ-ମାର୍କେଟିଂ, ଏଡ଼ିଟିଂ, ଆନିମେସନ୍, ରିଟେଲ ମାର୍କେଟିଂ, ପରସୋନାଲ ବ୍ୟାଙ୍କିଂ, ହସ୍‌ପିଟାଲ ମ୍ୟାନେଜମେଣ୍ଟ, ସେଫୋଲୋଜି, ରୁରାଲ ଡେଭେଲପ୍‌ମେଣ୍ଟ, ହ୍ୟୁମାନ୍ ରାଇଟ୍ସ ଆଣ୍ଡ୍ ସେକ୍ୟୁରିଟି, ଡିଜାଷ୍ଟର୍ ମ୍ୟାନେଜମେଣ୍ଟ, ସଫ୍ଟ ସ୍କିଲ୍ ପ୍ରଭୃତି ବିଷୟରେ ଶିକ୍ଷାଦାନ ଦେବା ଯୋଜନା ଚାଲିଛି । ଇତିମଧ୍ୟରେ ଯୁକ୍ତ ଦୁଇ ଶିକ୍ଷା ପରେ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ କୋର୍ସର ପ୍ରଚଳନ ଯୁବପିଢ଼ିକୁ ବେଶ୍ ଆକର୍ଷିତ କରିଛି । ଏହି ଇଣ୍ଟିଗ୍ରେଟେଡ୍ କୋର୍ସର ଆଭିମୁଖ୍ୟ ହେଉଛି : କ୍ୟାଚ୍ ଦେମ୍ ୟଙ୍ଗ୍ । ରେଭେନ୍ସା ୟୁନିଭର୍ସିଟି ଓ ବି.ଜେ.ବି., ଖଲିକୋଟ, ଗଙ୍ଗାଧର ମେହେର ପ୍ରଭୃତି କଲେଜରେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ମାଧ୍ୟମରେ ଏମ୍.ବି.ଏ., ବାୟୋଇନ୍‌ଫର୍‌ମେଟିକ୍ସ, ଇଲେକ୍‌ଟ୍ରୋନିକ୍ସ ପ୍ରଭୃତି ବିଷୟରେ ନୂତନ ପାଠ୍ୟକ୍ରମ ମାନ ଆରମ୍ଭ ହୋଇଛି । ଭବିଷ୍ୟତରେ ଏହି କାର୍ଯ୍ୟକ୍ରମ ଅନ୍ୟ ମହାବିଦ୍ୟାଳୟମାନଙ୍କୁ ପ୍ରସାରିତ ହେବ । ବିଶ୍ୱବିଦ୍ୟାଳୟମାନଙ୍କରେ ଉନ୍ନତମାନର ବୈଷୟିକ ଓ ବୈଜ୍ଞାନିକ ପାର୍କମାନ ପ୍ରତିଷ୍ଠା କରାଯିବାର ଯୋଜନା ଚାଲିଛି ।

୩. ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିବା ବିଷୟରେ ଚିନ୍ତା କରାଯାଉଛି । ଇତିମଧ୍ୟରେ କିଛି କଲେଜରେ ସେମେଷ୍ଟର ପଦ୍ଧତି ଲାଗୁ କରାଯାଇଛି । କ୍ରେଡ଼ିଟ୍ ସିଷ୍ଟମ୍ ଅନୁସୃତ ହେବା ବିଷୟରେ ଅଧିକ ଚର୍ଚ୍ଚାର ଆବଶ୍ୟକତା ରହିଛି ।

୪. ଯେତେବେଳେ ଶିକ୍ଷାର ଆନ୍ତର୍ଜାତିୟକରଣ ହୋଇ ଚାଲିଛି, ସେତେବେଳେ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଆନ୍ତର୍ଜାତୀୟସ୍ତରକୁ ଆଣିବାକୁ ପଡ଼ିବ । ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅମଲାତନ୍ତ୍ରର ଅତ୍ୟଧିକ ହସ୍ତକ୍ଷେପକୁ ରୋକାଗଲେ କୁଳପତି ଦକ୍ଷ ନେତୃତ୍ୱ ପ୍ରଦାନ କରିପାରିବେ । ନୂତନ ଶିକ୍ଷା ବିଷୟ, ଶିକ୍ଷା ଖସଡ଼ା ଓ ଗବେଷଣା ପ୍ରତି

ତାଙ୍କର ଗଠନମୂଳକ ଏବଂ ସକାରାତ୍ମକ ଦୃଷ୍ଟିଭଙ୍ଗୀ ରହିବା ବିଧେୟ ।

୫. ଅଧ୍ୟାପକ/ଅଧ୍ୟାପିକାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅତୀତରେ 'ଗୁରୁ' ଶବ୍ଦର ଅର୍ଥ ଗୁରୁତ୍ୱପୂର୍ଣ୍ଣ ଥିଲା । ଜ୍ଞାନକୌଶଳ ପଦ୍ଧତି ଭିତରେ ବ୍ୟବସାୟିକ ମନୋବୃତ୍ତି ନଥିଲା । ଗୁରୁ ନିଜର ନୈତିକତା, ଅମାପଜ୍ଞାନ, ଚରିତ୍ର ଶୁଦ୍ଧି ଓ ସର୍ବୋପରି କଠୋର ମନୋବଳ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରୁଥିଲେ । କିନ୍ତୁ ସମାଜର ଅଗ୍ରଗତି ସହିତ କେତେକ ଗୁରୁଙ୍କର ଚିନ୍ତାଧାରା କ୍ରମଶଃ ବସ୍ତୁବାଦ ସଭ୍ୟତା ଆଡ଼କୁ ଅଗ୍ରସର ହେଉଛି । ତେଣୁ ଶିକ୍ଷକ ମନରେ ନୈତିକ ପରିବର୍ତ୍ତନର ଆବଶ୍ୟକତା ରହିଛି ଏବଂ ଏହା ଆସିପାରିଲେ ଶିକ୍ଷା ପଦ୍ଧତିର ଉନ୍ନତି ହେବାସହ ଛାତ୍ର, ସମାଜ, ଦେଶ ଓ ଜାତିର ମଙ୍ଗଳ ସାଧିତ ହୋଇପାରିବ ।

୬. ବେସରକାରୀ ଅନୁଷ୍ଠାନମାନଙ୍କରେ ଦିଆଯାଉଥିବା ଶିକ୍ଷାର ଗୁଣାତ୍ମକ ଅନୁଧ୍ୟାନ ନିମନ୍ତେ ନିର୍ଦ୍ଦିଷ୍ଟ ବିଧି ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ସରକାର ଚିନ୍ତା କରୁଛନ୍ତି । ଯଦି ଏହି ଅନୁଷ୍ଠାନଗୁଡ଼ିକ ଶିକ୍ଷାର ଗୁଣାତ୍ମକ ବିକାଶ ନକରି କେବଳ ବ୍ୟବସାୟିକ ଭିତ୍ତିରେ ଚାଲୁଥାଏ ସେଗୁଡ଼ିକୁ ବନ୍ଦ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ।

୭. ଉଚ୍ଚଶିକ୍ଷା ପ୍ରଶାସନର ବିକେନ୍ଦ୍ରୀକରଣ ହେଲେ ଶିକ୍ଷା ସଂକ୍ରାନ୍ତୀୟ ସମସ୍ୟା ଅମଲାତାନ୍ତ୍ରିକ ନିୟନ୍ତ୍ରଣରୁ ମୁକ୍ତ ହେବ ।

୮. ଶିକ୍ଷାନୁଷ୍ଠାନମାନଙ୍କର ବଡ଼ ସମସ୍ୟା ହେଲା ଆବଶ୍ୟକୀୟ ଧନରାଶି ଅଭାବ । ବର୍ତ୍ତମାନ କୁହାଯାଉଛି : 'India will shine, when nine is mine.' ଏହାର ଅର୍ଥ ହେଲା ସମୁଦାୟ ଜିଡ଼ିପିର ଶତକଡ଼ା ୬ ଭାଗ ଶିକ୍ଷା ଓ ୩ ଭାଗ ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ କରାଗଲେ ଭାରତର ସମୃଦ୍ଧି ସାଧିତ ହେବ । ବର୍ତ୍ତମାନ ଓଡ଼ିଶା ସରକାର ଜି.ଡି.ପି.ର ଶତକଡ଼ା ୨ ଭାଗ ଉଚ୍ଚଶିକ୍ଷାପାଇଁ ବ୍ୟୟ କରୁଛନ୍ତି । ଏହି ହାରକୁ ବୃଦ୍ଧି କରିବାପାଇଁ ଓଡ଼ିଶା ସରକାର ଚିନ୍ତା କରୁଛନ୍ତି । ଏହାସହିତ ଶିକ୍ଷାନୁଷ୍ଠାନ ଓ ନିଯୁକ୍ତି ଯୋଗାଉଥିବା ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ ସହଯୋଗ ସମ୍ବନ୍ଧକୁ ସରକାର ଅଧିକ ଦୃଢ଼ କରିବା ଉଦ୍ୟମ ଅବ୍ୟାହତ ରଖିଛନ୍ତି ।

ମାନ୍ୟବର ଉଚ୍ଚଶିକ୍ଷା, ସାଧାରଣ ଅଭିଯୋଗ
ଓ ପେନ୍‌ସନ୍ ପ୍ରଶାସନ ମନ୍ତ୍ରୀ
ଓଡ଼ିଶା, ଭୁବନେଶ୍ୱର

ଏନ୍.ଆର୍.ଇ.ଜି.ଏସ୍. ହିତାଧିକାରୀମାନେ ଏଣିକି ପୋଷ୍ଟ ଅଫିସରୁ ପାରିଶ୍ରମିକ ନେବେ

- ପଞ୍ଚାୟତିରାଜ ବିଭାଗ

ରାଜ୍ୟରେ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନାରେ କାମ କରୁଥିବା ହିତାଧିକାରୀମାନେ ଏଣିକି ପୋଷ୍ଟ ଅଫିସ୍ ଜରିଆରେ ସେମାନଙ୍କର ମଜୁରୀ ପାଇବେ । ପୂର୍ବରୁ ହିତାଧିକାରୀମାନେ ପଞ୍ଚାୟତ ଜରିଆରେ ମଜୁରୀ ପାଉଥିଲେ । ଏଥିରେ ତ୍ରୁଟି ପରିଲକ୍ଷିତ ହେବାରୁ ଚେକ୍ ମାଧ୍ୟମରେ ମଧ୍ୟ ଭତ୍ତା ପ୍ରଦାନ କରାଯାଉଥିଲା । ମାତ୍ର ଏଣିକି ହିତାଧିକାରୀମାନେ ସିଧାସଳଖ ନିଜ ପୋଷ୍ଟ ଅଫିସ ଆକାଉଣ୍ଟରୁ ପାରିଶ୍ରମିକ ନେବେ ।

ରାଜ୍ୟ ସରକାର ଓ ଡାକ ବିଭାଗ ମଧ୍ୟରେ ଏ ନେଇ ଏକ ବୁଝାମଣାପତ୍ର ଅତିଶୀଘ୍ର ସ୍ୱାକ୍ଷରିତ ହେବାକୁ ଯାଉଛି । ମଜୁରୀ ପାଉଥିବା ପ୍ରତ୍ୟେକ ଜବ୍ କାର୍ଡ଼ଧାରୀଙ୍କୁ ନିକଟସ୍ଥ ଡାକଘରେ ୫୦ ଟଙ୍କା ଦେଇ ଏକ ଆକାଉଣ୍ଟ ଖୋଲିବାକୁ ହେବ । ରାଜ୍ୟର ୩୦ ଲକ୍ଷରୁ ଅଧିକ ହିତାଧିକାରୀ ଏହି ବୁଝାମଣାପତ୍ର ସ୍ୱାକ୍ଷର ହେଲେ ଉପକୃତ ହେବେ । ପଞ୍ଚାୟତିରାଜ ବିଭାଗ ସିଧାସଳଖ ଏନ୍.ଆର୍.ଇ.ଜି.ଏସ୍. ବାବଦ ଅର୍ଥକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀଙ୍କ ଜରିଆରେ ଡାକଘରେ ଜମା ଦେବେ । ଜବ୍ କାର୍ଡ଼ ଦେଖାଇ ଆକାଉଣ୍ଟ ଜରିଆରେ ହିତାଧିକାରୀମାନେ ସେମାନଙ୍କର ପ୍ରାପ୍ୟ ସଂଗ୍ରହ କରିବେ । ଡାକ ବିଭାଗ ପ୍ରତ୍ୟେକ ଆକାଉଣ୍ଟ ଖୋଲିବା ପାଇଁ ୧୩୦ ଟଙ୍କା ଆକାରରେ ରାଜ୍ୟ ସରକାରଙ୍କଠାରୁ କମିଶନ ପାଇବେ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି ।

ମୂଲ୍ୟବୋଧଭିତ୍ତିକ ଶିକ୍ଷା

ନିର୍ମଳା କୁମାରୀ ମହାପାତ୍ର

କାହାର ସହିତ ଆଳାପ କରେ
କାହାର ସହିତ ମେଳାପ କରେ
କାହାର ସହିତ ପ୍ରଳାପ କରେ
କାହାର ସହିତ ବିଳାପ କରେ
ଉଡ଼ି ବୁଲୁଥାଏ ଇଚ୍ଛାଚାରୀ,
କବି ହେବା ପାଇଁ ବାସନା ମୋର
ପ୍ରବଳ ଭାରିରେ ପ୍ରବଳ ଭାରି ।

ଗଡ଼ନାୟକ, ରାଧାମୋହନ/ଗଡ଼ନାୟକ ଗ୍ରନ୍ଥାବଳୀ
ପୃ.୧୨୪ - ୨୦୦୧ ସଂସ୍କରଣ

ମଣିଷ ଏକ ସାମାଜିକ ପ୍ରାଣୀ । ଶିକ୍ଷା ତା'ର ଜୀବନବ୍ୟାପୀ ପ୍ରକ୍ରିୟା । ସମାଜ, ପରିବେଶ, ବ୍ୟକ୍ତି ବା ଅନୁଷ୍ଠାନ ସହ କଲ୍ୟାଣକାରୀ କ୍ରିୟା-ପ୍ରତିକ୍ରିୟାରୁ ଜୀବନ ହୋଇଥାଏ କର୍ମମୁଖର । ଏଇ କ୍ରମରେ ଆସେ ରୁଚି-ଅଭିରୁଚିର ପ୍ରଶ୍ନ, ପସନ୍ଦ-ଅପସନ୍ଦର ବିଚାରବିମର୍ଷ । ରୁଚିରେ ପରିବର୍ତ୍ତନ । କରଣ ପଦ୍ଧତିରେ ଭିନ୍ନତା । ସମୂହ ବା ସମାଜ ପାଇଁ ଯାହା ଉତ୍କୃଷ୍ଟ, ତାକୁ ଜାରି ରଖିବାର ପ୍ରୟାସରୁ ଜନ୍ମ ନିଏ ଉତ୍ତମ ଅଭ୍ୟାସ । ତହିଁରୁ ଉତ୍ତମ ଚରିତ୍ର ଗଠିତ ହୁଏ । ଏହା ହେଉଛି ମୂଲ୍ୟବୋଧ ଶିକ୍ଷାର ଭିତ୍ତିଭୂମି ।

ମାନବ ଶିଶୁ କ୍ଷେତ୍ରରେ ସଂସ୍କାରର ପ୍ରଭାବ ଅତ୍ୟନ୍ତ ବଳଶାଳୀ । ଉଦାହରଣସ୍ୱରୂପ କୁହାଯାଇପାରେ - ବାଳକ ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ବିଶ୍ୱମାନବ ମହାତ୍ମା ଗାନ୍ଧୀ ସୃଷ୍ଟି ହେବା । ବାଲ୍ୟ କାଳରେ ହରିଶ୍ଚନ୍ଦ୍ର ନାଟକ ଓ ଶ୍ରବଣ କୁମାର ଉପାଖ୍ୟାନର ପ୍ରଭାବ ତାଙ୍କ ମନ ଉପରେ ପ୍ରତିକ୍ରିୟା ସୃଷ୍ଟି କରିଥିବାର ଜଣାଯାଏ । ଉତ୍ତମ ସଂସ୍କାର ଦେବା ପାଇଁ ପିତାମାତାଙ୍କ ମନରେ କି ବ୍ୟାକୁଳତା ! ତେଲ-ଲୁଣର ସଂସାରରେ ପିଲାପାଖରେ ଉତ୍ତମ ସଂସ୍କାରର ଦୃଷ୍ଟାନ୍ତ ଥୋଇବା ଏକ ଦୁଷ୍କର ବ୍ୟାପାର । ସେଥିପାଇଁ ଭିନ୍ନ ପରିସର କଥା ଚିନ୍ତା କରାଯାଇପାରେ । ସୁସଂସ୍କାର ପାଇଁ ପାଠଶାଳାକୁ ଏକ କର୍ମଶାଳା ବା ୱାର୍କ ସପ୍ ବୋଲି ସାଧାରଣତଃ ବିଶ୍ୱାସ କରାଯାଏ । ଏଠାରେ ସମବେତ ଆବୃତ୍ତି, ଦଳଗତ କ୍ରୀଡ଼ା, ସାମୂହିକ କାର୍ଯ୍ୟ, କଳାଶିଳ୍ପ ପ୍ରତି ସଂପ୍ରୀତିଭାବ, ମହାନ୍ ବ୍ୟକ୍ତିଙ୍କ ଜୀବନୀ ପାଠ, ଦୈନନ୍ଦିନ ଜୀବନରେ ବିଜ୍ଞାନ, ଅବକାଶର ଉତ୍ତମ ବିନିଯୋଗ ଆଦିର ଚର୍ଚ୍ଚା ହୁଏ । 'ପିତୃ ଦେବୋ ଭବ, ମାତୃ ଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ, ସତ୍ୟଂବଦ, ଧର୍ମଂଚର, ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍, ଭକ୍ତି ଜ୍ଞାନାୟ କଳ୍ପତେ ...' - ଆଦିର ଦୈନିକ ଆବୃତ୍ତି କର୍ମଶାଳାକୁ ଶୃଙ୍ଖଳିତ କରେ । ଏଠାରେ ସମୟାନୁବର୍ତ୍ତିତା, ଆତ୍ମନିର୍ଭରଶୀଳତା, ପାରସ୍ପରିକ ସହଯୋଗ, ସଦାଚାରର ଉଚ୍ଚ ମୂଲ୍ୟାୟନ ଓ ପ୍ରଶଂସାପତ୍ର ପିଲା ମନରେ ଅସ୍ତିବାଚକ ପ୍ରଭାବ ବିସ୍ତାର କରେ, ପିଲା ଆଶାବାଦୀ ହୁଏ ।

ମଣିଷ ମଧ୍ୟରେ ମୋର ବଞ୍ଚିବାର ଇଚ୍ଛା । (ରବୀନ୍ଦ୍ରନାଥ ଠାକୁର) ଏଇ ଚିନ୍ତାଧାରା ଜୀବନର ପରିସରକୁ ପ୍ରଶସ୍ତ କରେ । 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ । (କବିବର ରାଧାନାଥ) ପ୍ରୋକ୍ତ ରାଧାନାଥୀୟ ସୂକ୍ତିରେ ସୁନ୍ଦରତାର ମୂଲ୍ୟବୋଧ ଅବଧାରିତ ହୋଇଅଛି । 'କାହିଁ ବନ୍ଧୁତା, କାହିଁ ପ୍ରେମ ସୁନ୍ଦର । ଯା'ର ପ୍ରାପତି ଯୋଗୁଁ ଦେବତା ନର ।' (ମଧୁସୂଦନ ରାଓ) ଏଥିରେ ବନ୍ଧୁତ୍ୱ ଓ ସାମାଜିକତାର ଚୁମ୍ବକୀୟ ଶକ୍ତି ରହିଥିବାର ଅନୁଭବ ହୁଏ । ପାଠଶାଳା ବନାମ ପାଠର କର୍ମଶାଳାରେ ପ୍ରବେଶ କରୁଥିବା ଚପଳ ଶିଶୁଠାରେ ପଶୁ ପ୍ରବୃତ୍ତି ଥିବାର ଲକ୍ଷ୍ୟ କରାଯାଏ । ଏହାର ପରିମାର୍ଜନ କର୍ମଶାଳାରେ ହିଁ ହୁଏ ଭିନ୍ନ ଭିନ୍ନ ଶିକ୍ଷାରେ, କାର୍ଯ୍ୟରେ, ପରୀକ୍ଷଣରେ ତଥା ନିନ୍ଦା ବା ପ୍ରଶଂସାର ମନ୍ତବ୍ୟରେ । ପ୍ରୋକ୍ତ ବାକ୍ୟରେ ଆଧାରିତ କାର୍ଯ୍ୟାବଳୀକୁ ଚିକିତ୍ସା କହିବା । ଏହାର ପ୍ରୟୋଗ ଫଳରେ ପାଠାଶାଳାରେ ପିଲା ହୁଏ ଶାଳୀନ, ଉତ୍ତମ ସ୍ୱଭାବଯୁକ୍ତ ସୁବୋଧ ବାଳକ ଓ ବାଳିକା । ବିଦ୍ୟାଳୟ ନାମାନ୍ତରରେ ଏକ ଗୁରୁକୁଳ ଯାହା ସାଧାରଣ ମାନବ ଶିଶୁକୁ କରେ କୁଳୀନ । ସଦାଚାରରେ ବର୍ଦ୍ଧିତ, ସତ୍‌କୁଳାଚାରରେ ସୁଶିକ୍ଷିତ ସୁକନ୍ୟା ସର୍ବାଗ୍ରେ ଆଦୃତ ହେବାର ଆଶା ପରିଲକ୍ଷିତ ।

ଭଲ ଓ ମନ୍ଦ ଭିତରେ ଥିବା ପାର୍ଥକ୍ୟବୋଧକୁ ଉତ୍ତମ ରୂପେ ଜାଣିବାର ପରିବେଶ ବିଦ୍ୟାଳୟ ସୃଷ୍ଟି କରିଥାଏ । ସଦ୍‌ଭାବନାରୁ ସୁରୁଚି ଜନ୍ମ ନିଏ । ସଦ୍‌ବାକ୍ୟର ଉଚ୍ଚାରଣରୁ ମନ-ବଚନ-କର୍ମରେ ସଂସ୍କାର ଆସେ । ସର୍ବୋପରି ସଦାଚାରୀ ଆଚାର୍ଯ୍ୟଙ୍କର ସଂସ୍ପର୍ଶରେ ଆସିଲେ ଶିଶୁର ବିରାଟ ପରିବର୍ତ୍ତନ ଘଟେ । ପ୍ରବେଶକାଳୀନ ସ୍ୱଭାବ ଚରିତ୍ର ବଦଳିଯାଏ ମାନବଗଢ଼ା କାରଖାନାର ବାତାବରଣରେ । ଫଳତଃ ଦେବ ସୁଲଭ ଗୁଣାବଳୀର ଅଧିକାରୀ ହୋଇ ଦିବ୍ୟ ମାନବରେ ପରିଣତ କରିବାର ସୁକୌଶଳ ବିଦ୍ୟାଳୟର ରହିଛି ବୋଲି ସମାଜ

ସ୍ୱୀକାର କରେ । ବିଦ୍ୟାଳୟକୁ ସାଧୁବାଦ ଜଣାଏ । ଏ ସବୁର ସମାହାରକୁ କହିବା, ମୂଲ୍ୟବୋଧକୁ ଅବବୋଧ କରିବା, ମୂଲ୍ୟବୋଧକୁ ଉଚିତ ସମ୍ମାନ ଦେବା ।

ସର୍ବଜନ ଗୃହୀତ ମୂଲ୍ୟବୋଧ ହିଁ ଉନ୍ନତ ସମାଜ ଗଠନରେ ସହାୟକ ହୁଏ । ମୂଲ୍ୟବୋଧ ଏକ ମାନକ । ଏହା ହେଲା ଅନୁଭବର କଥା । ଅମୂର୍ତ୍ତ ଚିନ୍ତାଧାରାର ଦ୍ୟୋତକ । ଦେଶ-କାଳ-ପାତ୍ରକୁ ବିବେଚନା କରି ମୂଲ୍ୟବୋଧ ସ୍ଥିରୀକୃତ ହୁଏ । ଏହା ଜୀବନଧାରଣରେ ସହାୟକ, ମାନ ନିର୍ଣ୍ଣୟରେ ମାନକ, ଏକ ଷ୍ଟାଣ୍ଡାର୍ଡ଼ ସ୍କେଲ୍, ଏହା ବିଚାରଧାରାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ।

ଜାତୀୟ ପାଠ୍ୟକ୍ରମରେ ମୂଲ୍ୟବୋଧ ଶିକ୍ଷା ବ୍ୟବସ୍ଥା ସମ୍ବଳିତ ଉପାଦାନ ସନ୍ନିବେସିତ ହୋଇଅଛି । ଯେଉଁ ମୁଖ୍ୟ ଦଶଗୋଟି ଉପାଦାନ ଉପରେ ଗୁରୁତ୍ୱ ଦିଆଯାଇଅଛି - ସେଗୁଡ଼ିକ ହେଲା-

୧. ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ସ୍ମରଣ, ଅନୁଶୀଳନ ଓ ଅଧ୍ୟୟନ ।

୨. ସାମ୍ବିଧାନିକ କର୍ତ୍ତବ୍ୟବୋଧ ଓ ଦାୟିତ୍ୱ

୩. ଭାରତୀୟ ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା

୪. ଜାତୀୟତାବୋଧର ସୃଜନ ପାଇଁ ପ୍ରୟାସ

୫. ସାମ୍ୟ, ମୈତ୍ରୀ, ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତା

୬. ପରିବେଶୀୟ ସୁରକ୍ଷା

୭. ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ସମାନତା

୮. ସାମାଜିକ ପ୍ରତିବନ୍ଧକର ଦୂରୀକରଣ

୯. ଛୋଟ ପରିବାର ଗଠନ ନିମନ୍ତେ ସିଦ୍ଧାନ୍ତ ଗ୍ରହଣ

୧୦. ବୈଜ୍ଞାନିକ ମନୋବୃତ୍ତିର ସୃଷ୍ଟି

ଆମ ଦେଶର ଇତିହାସ ବହୁତ୍ୟାଗର ଉଦାହରଣରେ ଭରପୂର । ଆମ ସଂସ୍କୃତିରେ ରହିଛି ଅହିଂସା, ସତ୍ୟ, ଅସ୍ତେୟ (ଅଚୌର୍ଯ୍ୟ), ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ, ଶରୀରଶ୍ରମ, ଅସ୍ୱାଦ, ସର୍ବଧର୍ମରେ ସମାନତ୍ୱ, ନିର୍ଭୀକତା, ସ୍ୱଦେଶ-ପ୍ରୀତି ଓ ଅସ୍ପୃଶ୍ୟତା ନିବାରଣ । ପ୍ରୋକ୍ତ ଏଗାର ଗୋଟି ବ୍ରତର ସଂକଳ୍ପ । ଭୋଗ ବଦଳରେ ତ୍ୟାଗ ପ୍ରତି ରହିଛି ଆମର ସମ୍ମାନବୋଧ । ଆମର ସନ୍ଥକବି ଭୀମଭୋଇ କହନ୍ତି -

'ମୋ' ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।'

ସେ ପୁଣି ମଧ୍ୟ କହିଛନ୍ତି -

'ଯେସନେକ ଜଳ ପବନରେ ଭେଦ ନାହିଁ ।
ପୁରୁଷ ଯେଣିକ ଯିବ ସ୍ତ୍ରୀ ଯିବ ତହିଁ
ଯେସନେ ମାଟି ପଥର ସର୍ଜିଲା ଦଇବ
ଏମାନଙ୍କୁ ଭିନ୍ନାଭିନ୍ନ କରି କେ କହିବ ?
ଯେସନେକ କ୍ଷୁଧା-ତୃଷା ଛନ୍ତି ବେନି ମୂର୍ତ୍ତି
ଏକ ପାଖୁଡ଼ା ଗୋଟିକେ ହୃଦେ ଫଳିଛନ୍ତି ।
ସେହି ରୂପେ ପତିପତ୍ନୀ ଏକ ବ୍ରହ୍ମେ ଜାତ
ଭିନ୍ନାଭିନ୍ନ ଯେ କରିବ ସେ କୁଳଯିବ ହତ ।
ଗୁରୁଦୁଆରକୁ ସର୍ବେ ଅଟନ୍ତି ସମାନ
ସ୍ତ୍ରୀ ବା ପୁରୁଷ ତହିଁ ନାହିଁ ବଡ଼ସାନ ।'

ଏଇ ପରିପ୍ରେକ୍ଷୀରେ ଅନ୍ୟତମ ଶିକ୍ଷାବିତ୍ ତଥା ପଲ୍ଲିକବି ନନ୍ଦକିଶୋର ବଳଙ୍କର କବିତାରୁ ମନେପଡ଼େ । ଯଥା-

'ଉଠିଲେ ରମଣୀ ଉଠିବ ପୁରୁଷ
ସମାଜର ଚକ୍ରବେନି
ଉନ୍ନତି ସ୍ୟନ୍ଦନ ଚାଲିବ ନାହିଁଟି
ଏକ ନରଚକ୍ର ଘେନି ।'

ପୁଅ ଓ ଝିଅ ଉଭୟଙ୍କୁ ସମାନ ସୁବିଧା ସୁଯୋଗ ଦେବା ଦରକାର । ଶିଶୁକନ୍ୟାକୁ ହେୟ ମଣିବାର ଦୁର୍ବୁଦ୍ଧିକୁ ପରିହାର କରିବା ବିଧେୟ । କୁସଂସ୍କାରର ଇତି ପରେ ଏବେ ଆମର ସ୍ୱର ଉତ୍ତୋଳନ କରିବାର କଥା-

'ଝିଅ-ପୁଅରେ ନ ରହୁ ପାତର ଅନ୍ତର
ଝିଅ ହେଉ କି ପୁଅ ହେଉ ଏକ ଦରକାର ।'

ଛୋଟ ପରିବାର ଗଢ଼ିବାରେ ସୁବିଧା ଅନେକ । ସୃଜନଶୀଳ ପ୍ରତିଭାର ବିକାଶ ଘଟିବା ପାଇଁ ଏହା ସୁଯୋଗ ଦେଇଥାଏ ।

ପରିବେଶୀୟ ସନ୍ତୁଳନ ରକ୍ଷାରେ ସୁସ୍ଥ ଜୀବନ ସମ୍ଭବ ହୋଇଥାଏ । ପରିବେଶକୁ ହତାଦର କରିବାର ଅର୍ଥ ନିଜ ପାଦରେ କୁଠାର ଲଗାଇବା । ଶିକ୍ଷା ଓ ସାକ୍ଷରତା ହାରରେ ଅଭିବୃଦ୍ଧି ସୂଚାଇ ଦିଏ ଯେ ମୂଲ୍ୟବୋଧ କଥାଟିକୁ ବୁଝିବାରେ ଆମେ ପଛରେ ନାହୁଁ । ବରଂ ଅଛୁ ତାହାକୁ ନିଜ ନିଜ ଆଚରଣରେ ପ୍ରତିଫଳନ କରାଇବା କାମରେ । ଅପରାଧୀକରଣ, ଦୁର୍ନୀତିର ଶତକଡ଼ା ହାର ବଢ଼ିବାକୁ ଉପରୋକ୍ତ ଶିକ୍ଷାର ବାସ୍ତବ ପ୍ରତିଫଳନ ହୋଇ ନାହିଁ ବୋଲି ପ୍ରତୀତ ହୁଏ ।

ଆଚରଣରେ ମୂଲ୍ୟବୋଧକୁ ପ୍ରତିଫଳନ କରାଇବା ପାଇଁ ଆବଶ୍ୟକ ନିଷ୍ଠାପର ପ୍ରଚେଷ୍ଟା ଓ ଚିର ସଜାଗତା । ଅନବରତ ସତର୍କ ନ ରହିଲେ ସଦ୍‌ଗୁଣ ନଷ୍ଟ ହୋଇ ଯିବାର ଆଶଙ୍କାକୁ ଏଡ଼ାଇ ଦେଇ ହୁଏ ନାହିଁ । ଗଣତନ୍ତ୍ରର ସୁରକ୍ଷା ପାଇଁ ସାମ୍ବିଧାନିକ କର୍ତ୍ତବ୍ୟବୋଧ, ଦାୟିତ୍ୱ ନିର୍ବାହ, ଐତିହ୍ୟ-ସଂସ୍କୃତିକୁ ସୁରକ୍ଷା ଦେବାରେ ଅବିରତ ଉଦ୍ୟମ ଚିର ସତର୍କତା ଅବଧାରଣୀୟ ।

ନୀତିନିୟମ ମଧ୍ୟରୁ କିଛି ଲିଖିତ ହେଲାବେଳେ ଅନେକ କଥା ଅଲିଖିତ ଅଟଇ । ଲିଖିତ ନୀତିଠାରୁ ଅଲିଖିତ ଚଳଣୀ ଯେ ଅଧିକ ଶକ୍ତିଶାଳୀ - ଏଥିରେ ଦ୍ୱିମତ ହେବାର ନାହିଁ । ଆଗରୁ କୁହାଯାଇଛି

ଯେ ଦେଶ-କାଳ-ପାତ୍ରକୁ ନେଇ ମୂଲ୍ୟବୋଧ ସ୍ଥିରୀକୃତ ହୋଇଥାଏ । ସେଇ ନିୟମରେ ମୂଲ୍ୟବୋଧ ବଦଳେ । ଗୋଟିଏ ସ୍ଥାନର ମୂଲ୍ୟ ଅନ୍ୟ ସ୍ଥାନରେ ସମାନ ମର୍ଯ୍ୟାଦା ପାଏ ନାହିଁ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୀତି ନିୟମର ଧାରାକୁ ପରିବର୍ତ୍ତନ କରାଯିବା ଦରକାର ।

କେତେଗୋଟି ମୂଲ୍ୟବୋଧ ସର୍ବଦା, ସର୍ବଥା ଓ ସର୍ବଜନ ସ୍ୱୀକାର୍ଯ୍ୟ ଅଟଇ । ଯଥା-

'କର୍ମ ତୋହର ନିଜଗୁରୁ । ଉଦ୍ଧବ କେତେ ତୁ ପଚାରୁ।।
ଆପେ ଅର୍ଜିଲା କର୍ମମାନ । ଆଗୁଁ ହୋଇବ ସାବଧାନ ।।
ନିଜ ଅର୍ଜିତ କର୍ମଫଳେ । ଯାଚି ମୁଁ ଦେଉଥାଏ ବଳେ ।।
(ଜଗନ୍ନାଥ ଦାସ - ଶ୍ରୀମଦ୍ ଭାଗବତ)

ଏଥି ସହିତ- ଅହିଂସା, ଅସ୍ତେୟ, ସତ୍ୟ, କ୍ଷମା, ଦୟା, ଶାନ୍ତି ଅକ୍ରୋଧକୁ ଧର୍ମ ବୋଲି ଜ୍ଞାନୀଏ ବୋଲନ୍ତି ।

ହିନ୍ଦୁ ପୁରାଣର ଉପରୋକ୍ତ ମୁଖ୍ୟ ବିଷୟବସ୍ତୁ ଅନ୍ୟ ଧର୍ମରେ ମଧ୍ୟ ଦେଖିବାକୁ ମିଳେ । ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଧର୍ମଧାରଣର ଭିତ୍ତିଭୂମି ହେଉଛି ମୂଲ୍ୟବୋଧକୁ ଆଦରି ନେବା । ବସ୍ତୁମୟ ସଂସାରରେ ଉଚିତ କାର୍ଯ୍ୟ କରି ବସ୍ତୁ, ବିଧାନକୁ ସମ୍ମାନ ଦେବା । ସୃଜନକୁ ବିଶ୍ୱାସ କରିବା, ସମୂହ କଲ୍ୟାଣକୁ ଗ୍ରହଣ କରିବା, ଅପରାନ୍ତେ ଅକଲ୍ୟାଣକର ବା ଧ୍ୱଂସଧର୍ମୀ କାର୍ଯ୍ୟ ନକରିବା ।

ଏ କ୍ଷେତ୍ରରେ ନିଉଟନ୍‌ଙ୍କର ମତକୁ ବିଶ୍ଳେଷଣ କରାଯାଇପାରେ । ଈଶ୍ୱର/ଧର୍ମ ସଂପର୍କରେ ତାଙ୍କର ପରିଭାଷା ହେଲା- 'ମୁଁ ଈଶ୍ୱରଙ୍କ ସଂପର୍କରେ କୌଣସି ପରିକଳ୍ପନା କରିପାରିବି ନାହିଁ । ମୁଁ ଜଣେ ବୈଜ୍ଞାନିକ ଗ ଈଶ୍ୱରଙ୍କ ସଂପର୍କରେ ମୁଁ ଗବେଷଣା କରେ ନାହିଁ । ମୋର ଗବେଷଣା କ୍ଷେତ୍ର ହେଲା ତାଙ୍କର ଦୃଶ୍ୟମାନ ଜଗତ । ଏ ଜଗତ ଅନେକଗୁଡ଼ିକ ସୁସଂଗଠିତ ଓ ସାମଞ୍ଜସ୍ୟ ଥିବା ନିୟମକୁ ନେଇ ଗଠିତ ହୋଇଛି । ଏହାକୁ ବିଶ୍ୱାସ କଲେ, ଦୈବୀ ପ୍ରଭାବକୁ ବିଶ୍ୱାସ କରିବାକୁ ହେବ ।'

ଆଦି ବୈଦିକ, ଆଦି ଭୌତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ବିଚାର ଏଇ ମର୍ମରେ କରାଯାଇପାରେ । ମୂଲ୍ୟବୋଧ ତ ବସ୍ତୁ ନୁହେଁ, ତାହା ଅବସ୍ତୁ । ଅନୁଭବନୀୟ ବିଶ୍ୱାସ । ଦେଖି, ଶୁଣି ବା ଜାଣିବାରେ ଏହା ବ୍ୟକ୍ତିକୁ ସ୍ପର୍ଶ କରେ । ଆଚରଣରେ ଏହା ଦୃଢ଼ୀଭୂତ ହୁଏ । ଚରିତ୍ରରେ ଜଡ଼ିତ ହୋଇଗଲେ ବିଶ୍ୱାସରେ ପରିଣତ ହେବାକୁ ବିଳମ୍ବ ଲାଗେ ନାହିଁ । ଯଥା-

'ଈଶ୍ୱର ଆଲ୍ଲା ତେରେ ନାମ୍,
ସବ୍‌କୋ ସନ୍‌ମତି ଦେ ଭଗବାନ୍ ।
ଆଲ୍ଲା ମଜ୍‌ଦା ଜିହୋବା ରାମ
ଏକ୍ ହୀ ମାଲିକ ତୁଝେ ଭଗବାନ ।'

ପାରସ୍ୟର ଦେବତା ମଜ୍‌ଦା (ମଜ୍‌ଦ) ଅହୁର ଅଟନ୍ତି । ଅହୁର ଶବ୍ଦର ଅର୍ଥ ପରମେଶ୍ୱର । ମଜ୍‌ଦାର ଅର୍ଥ ମହନୀୟ । ଜିହେବା (ଜୁହେବା) ବା ୟହ୍ୱ ହେଉଛନ୍ତି ଇହୁଦୀମାନଙ୍କର ଆରାଧ୍ୟ ଦେବତା । ମୂଳତଃ ୟହ୍ୱ ଏକ ବୈଦିକ ଶବ୍ଦ । ପ୍ରୋକ୍ତ ସବୁନାମର ତତ୍ତ୍ୱ ସେଇ ଏକ ମାଲିକଙ୍କୁ ବୁଝାଏ, ଯାହାଙ୍କୁ ଜଗତ ନମସ୍କାର କରେ । ସର୍ବଧର୍ମରେ ସମନ୍ୱୟ ଚିନ୍ତା, ସର୍ବଧର୍ମରେ ବିଶ୍ୱାସ ଥରେ ଆସିଗଲେ ଧର୍ମ ନେଇ ବିଭେଦ ବା ବିକୃତି ରହେ ନାହିଁ ।

ସେହିପରି 'ପରୋପକାରାୟ ସ୍ୱର୍ଗାୟ', ଏଇ ତତ୍ତ୍ୱ ସବୁଧର୍ମରେ ଦେଖାଯାଏ । ମାନବ ସେବା ହେଲା ମାଧବଙ୍କର ସେବା । ଏଥିମଧ୍ୟ ଦେଇ ଉତ୍ତରଣ ଚେତନା ସମ୍ଭବ ହୋଇଛି । ବୌଦ୍ଧ ଜାତକମାଳାରେ ଏପରି ଅନେକ ଦୃଷ୍ଟାନ୍ତ ଭରି ରହିଅଛି ।

ସେ'ଦିନର ଶବର ଦେବତା ନୀଳମାଧବ ଆଜି ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ରୂପେ ପୂଜିତ । ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ହିନ୍ଦୁମାନଙ୍କର ନବମ ଅବତାର । ହରପ୍ପା ସଂସ୍କୃତିର ବୃଷଭ ଅଶୋକ ସ୍ତମ୍ଭ (ବୌଦ୍ଧ ଧର୍ମରେ) ସ୍ଥାନ ପାଇଅଛି । ବୃଷଭ ମଧ୍ୟ ଶୈବମାନଙ୍କର ଆରାଧ୍ୟ ଦେବତା । ସେ ସାମର୍ଥ୍ୟର ପ୍ରତୀକ । ଏହିପରି ଦେଖିଗଲେ ଅନୁଭୂତ ହେବ ଯେ ଆକବରଙ୍କର ଦୀନ୍-ଇ-ଇଲ୍ଲାହୀ, ଚୈତନ୍ୟଙ୍କର ପ୍ରେମଭାବ, କବୀରଙ୍କର ସହନଶୀଳତାରେ ଭରି ରହିଛି ଧର୍ମ ନିରପେକ୍ଷତାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆବେଦନ । ଆମ ଭାରତ ସମ୍ବିଧାନର ମୁଖବନ୍ଧରେ ଉଚ୍ଚ ମୂଲ୍ୟବୋଧର ସ୍ପଷ୍ଟ ସୂଚନା ମିଳେ ।

ଗଣତାନ୍ତ୍ରିକ ମୂଲ୍ୟବୋଧ, ସମାଜବାଦ, ଧର୍ମ ନିରପେକ୍ଷତା, ଭ୍ରାତୃତ୍ୱ ବାର୍ତ୍ତାର ଉଦ୍‌ଘୋଷଣ ଉପରୋକ୍ତ ପ୍ରାକ୍ କଥନରେ ଅନୁଭୂତ ହୁଏ । ଏହାର ସାକାର ରୂପରେଖରେ ନାରୀ ଓ ପୁରୁଷ ସମାନ ଅଧିକାର ପାଆନ୍ତି, ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଶୋଷଣହୀନ ସମାଜରେ ନ୍ୟାୟପ୍ରାପ୍ତିର ହକ୍‌ଦାର ଅଟନ୍ତି, ଶାନ୍ତି-ମୈତ୍ରୀ-ପ୍ରଗତିର ଯଜ୍ଞଚାରୁର ସୁବଣ୍ଟନରେ ବୈଷମ୍ୟର ସ୍ୱର ଉଠେ ନାହିଁ, ବରଂ ନିନାଦିତ ହୁଏ-

'ରାତ୍ରି ପ୍ରଭାତିଲ ଉଦିତ ରବି ଛବି ପୂର୍ବ ଉଦୟଗିରି ଭାଲେ
ଗାହେ ବିହଙ୍ଗମ, ପୁଣ୍ୟ ସମୀରଣ ନବଜୀବନ ରସ ଢାଳେ
ତବ କରୁଣାରୁଣ ରାଗେ
ନିଦ୍ରିତ ଭାରତ ଜାଗେ,
ତମ ଚରଣେ ନତ ମଥା
ଜୟ ଜୟ ଜୟ ହେ ରାଜେଶ୍ୱର ଭାରତ ଭାଗ୍ୟ ବିଧାତା
ଜୟ ହେ ଜୟ ହେ ଜୟ ହେ
ଜୟ ଜୟ ଜୟ ଜୟ ହେ ।'
(ରବୀନ୍ଦ୍ରନାଥ ଠାକୁର)

ଟିଚର ଏଡୁକେଟର
ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ
ଟିକାବାଲି, କନ୍ଧମାଳ - ୭୬୨୦୧୦

ଓଡ଼ିଶାରେ ଅକ୍ଷୟ ତୃତୀୟା

ବନିତା ପତ୍ରୀ

ଉକ୍କଳ ନଦୀ ମାତୃକା ଶୋଭିତା ନଦୀ ଜଳ ପ୍ରବାହିତ ଉର୍ବର ମୃତ୍ତିକାର ରାଜ୍ୟ । ଏହାର ପ୍ରାକୃତିକ ପରିବେଶ, ଗ୍ରୀଷ୍ମର ପ୍ରଚଣ୍ଡ ଖରା, ଧାରା ଶ୍ରାବଣ ବର୍ଷାର ଉଦ୍ଦଣ୍ଡ ନୃତ୍ୟ, ଶିରି ଶିରି ଶୀତର ମାଦକତା ଏ ସମସ୍ତ କୃଷି ପାଇଁ ଉପଯୋଗୀ । କୃଷି ହିଁ ଏ ରାଜ୍ୟର ପ୍ରାଣକେନ୍ଦ୍ର । ଏଣୁ କୃଷିର ଉପଯୋଗୀତା ଏବଂ ଜୀବନଧାରଣ ପାଇଁ ଖାଦ୍ୟର ଆବଶ୍ୟକତାକୁ ନେଇ କୁହାଯାଇଛି,

'ଅନ୍ନ ବିହୁନେ ହଂସ ହାନି
ଯୋଗ ସାଧିବୁ କାହା ଘେନି ।'

ଆବହମାନ କାଳରୁ ଓଡ଼ିଶାର ଲୋକ ଚଳଣିରେ କୃଷିକୁ ପ୍ରଧାନ ଭୂମିକା ଦିଆଯାଇଛି । ଦୈନନ୍ଦିନ ଜୀବନର ସାଥି, ପ୍ରତ୍ୟେକ ପ୍ରାଣୀଙ୍କର ଏକମାତ୍ର ଧାନ 'ଧାନ' ଯାହା ପକ୍ଷାନ୍ତରେ 'ଲକ୍ଷ୍ମୀ' ବୋଲି ବୁଝାଇଥାଏ । ସେହି ଧାନ ଚାଷର, ପ୍ରାରମ୍ଭ ଋତୁ ଗ୍ରୀଷ୍ମଋତୁ । ଓଡ଼ିଶାର ଜନମାନସରେ ପ୍ରତ୍ୟେକ କର୍ମର ଅନୁକୂଳ ଏକ ନିର୍ଦ୍ଦିଷ୍ଟ ତିଥି, ବାର ନକ୍ଷତ୍ରଙ୍କୁ ନେଇ ହୋଇଥାଏ । ଯାହାଫଳରେ ଏହାର ଶେଷଭାଗ ଅଥବା ନିଷ୍କର୍ଷ ଉତ୍ତମ ଫଳ ପ୍ରଦାନ କରିଥାଏ ବୋଲି କୁହାଯାଏ । ଓଡ଼ିଆ ପଞ୍ଜିକାରେ ଅକ୍ଷୟ ତୃତୀୟାର ପ୍ରାଧାନ୍ୟ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଏହି ଦିନର ଆଉ ଏକ ବିଶେଷତ୍ୱ ରହିଛି । ତାହା ହେଲା ଏହି ଦିନଠାରୁ ସତ୍ୟଯୁଗର ଆରମ୍ଭ ହୋଇଥିଲା । ଆହୁରି ମଧ୍ୟ ଏହା ଗଙ୍ଗାଙ୍କ ଧରାବତରଣ ଦିବସ ଓ ବିଷ୍ଣୁଙ୍କର ସତ୍ୟନାରାୟଣ ରୂପେ ଆବିର୍ଭାବର ଦିବସ ।

ଧର୍ମ, ନୀତିଶାସ୍ତ୍ର, ପୁରାଣର ଆଧାରରେ ଓଡ଼ିଆଙ୍କର ଦିବସ କଟେ । ଏଣୁ ଅକ୍ଷୟ ତୃତୀୟାର ସାମାଜିକ, ଆର୍ଥିକ ସ୍ତର ସମ୍ପର୍କୀୟ ଆଲୋଚନା ପୂର୍ବରୁ ପୌରାଣିକ ମତବାଦର କିଛି ଉଦାହରଣ ଦେବା ଏକାନ୍ତ ବିଧେୟ ।

ଆଗ୍ନେୟ ପୁରାଣ, ଭବିଷ୍ୟ ପୁରାଣ ଆଦିରେ ଏହି ଦିବସକୁ ଏକ ପ୍ରଶସ୍ତ ଶୁଭ ଦିନ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଦିନ ଦାନପୁଣ୍ୟ କଲେ ପୁଣ୍ୟଲାଭ ହୋଇଥାଏ ବୋଲି କୁହାଯାଏ । ପ୍ରଚଣ୍ଡ ଗ୍ରୀଷ୍ମର ପ୍ରବାହରେ ନଦୀ ପୋଖରୀ ଜଳ ଶୁଷ୍କ ପ୍ରାୟ ହୋଇଯାଏ । ଏଣୁ ପ୍ରଚଣ୍ଡ ଶୋଷରୁ ରକ୍ଷା କରିବା ପାଇଁ ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲିବା, ତୃଷାର୍ତ୍ତକୁ ଜଳଦାନ କରିବା ଫଳରେ ମନୁଷ୍ୟ ଅଶେଷ ପୁଣ୍ୟର ଅଧିକାରୀ ହୋଇଥାନ୍ତି ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି ।

ଏହିଦିନ କୃଷକମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି । ବିଶ୍ୱାସ ଅଛି, ଉପଯୁକ୍ତ ବିଧିବିଧାନରେ ଅକ୍ଷିମୁଠି ଅନୁକୂଳ କରିଥିଲେ, ତାହା କେବେ କ୍ଷୟ ହୁଏ ନାହିଁ । ଏଣୁ ଏହି ଦିନ ଉତ୍କଳର ସର୍ବତ୍ର ବୀଜବପନ କରାଯାଏ । ଅକ୍ଷୟ ତୃତୀୟା ଦିବସଟି କେବଳ କୃଷକମାନଙ୍କ ପାଇଁ ଯେତିକି ଆପଣାର କେତେକ ଜିଲ୍ଲାର ଘରେ ଘରେ ମଧ୍ୟ ଏହା ଏକ ବିଶେଷ ଦିନ ରୂପେ ପାଳନ କରାଯାଏ । ବିଶେଷ କରି ପୁରୀ ସହରର ସାତସାହି ବାସିନ୍ଦାମାନଙ୍କ ପାଇଁ ଏହାର ପ୍ରାଧାନ୍ୟ ଅନନ୍ୟ । ଭବିଷ୍ୟ ପୁରାଣରେ ନିର୍ଦ୍ଦେଶ ଅଛି -

ଏହି ଦିନ କୃଷକମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି । ବିଶ୍ୱାସ ଅଛି, ଉପଯୁକ୍ତ ବିଧିବିଧାନରେ ଅକ୍ଷିମୁଠି ଅନୁକୂଳ କରିଥିଲେ, ତାହା କେବେ କ୍ଷୟ ହୁଏ ନାହିଁ । ଏଣୁ ଏହି ଦିନ ଉତ୍କଳର ସର୍ବତ୍ର ବୀଜବପନ କରାଯାଏ ।

'ବୈଶାଖ ମାସି ଶୁକ୍ଳାୟାଂ ତୃତୀୟା ହି ଦ୍ୱିଜୋତ୍ତମେ ।
ଯୋ ଦଦାତି ନରଶ୍ରେଷ୍ଠ ତତ୍ତଦକ୍ଷୟ ମୁଶ୍ନୁତେ ।।'

ଯେହେତୁ ଏହି ଦିବସ ବିଷ୍ଣୁ ସତ୍ୟନାରାୟଣଙ୍କର ଧରାବତରଣ ଦିନ, ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ ପୂର୍ବକ ଗୃହର ସିମନ୍ତିନୀମାନେ ନିଷ୍ଠାପୂର୍ବକ ଘରଦ୍ୱାର ପରିଷ୍କାର କରି ଠାକୁର ଘର ଅଥବା ପ୍ରାଙ୍ଗଣରେ ଶ୍ରଦ୍ଧା ପୂର୍ବକ ଝୋଟି ବା ମୁରୁଜର ପଦ୍ମପାଦ ଅଙ୍କନ କରିଥାଆନ୍ତି । ପୂର୍ବରୁ ଛୋଟ ଛୋଟ ଘଡ଼ି ଏବଂ ପତୁଳିକୁ ଗୃହର ବଧୁ ଓ କନ୍ୟାମାନେ ରଙ୍ଗ ବେରଙ୍ଗ ହସ୍ତକର୍ମଦ୍ୱାରା ସୁଦୃଶ୍ୟ କରିଥାଆନ୍ତି । ଏହି ଘଡ଼ି ପତୁଳିଗୁଡ଼ିକୁ ବିଭିନ୍ନ ଭୋଗ, ଫଳ, ଗାମୁଛା, ଟଙ୍କା, ବହି ଆଦିଦ୍ୱାରା ପୂର୍ଣ୍ଣ କରି ସୁନ୍ଦର ଭାବରେ ସଜ୍ଜିତ କରାଯାଇ ଅଙ୍କିତ ପୁଷ୍ପ ଉପରେ ସ୍ଥାପନ କରାଯାଏ । ଗୃହର ବୟୋଜ୍ୟେଷ୍ଠ ମହିଳା ମହାଲକ୍ଷ୍ମୀ ନାମରେ ନୈବେଦ୍ୟ ଅର୍ପଣ କରିବା ପରେ ଗୃହର ମଙ୍ଗଳ ବିଧାନ, ଶିଶୁଗଣଙ୍କର ଶରୀର ନିରୋଗ ଏବଂ ଆୟୁ ବୃଦ୍ଧି, ସକଳ ରିଷ୍ଟ ଖଣ୍ଡନ ଲକ୍ଷ୍ୟରେ

ସତ୍ୟପୀରଙ୍କୁ ଭୋଗ ସମର୍ପଣ କରିଥାଆନ୍ତି । ଏହା ପରର ଦୃଶ୍ୟ ଅତୀବ ମନୋରମ ଏବଂ କୌତୁହଳୋଦ୍ଦୀପକ । ପ୍ରତିଘରକୁ ଘର ଏହି ଘଡ଼ି ପତୁଳି ସଂଗ୍ରହ ଆଶାରେ ବାଳକ ବାଳିକାମାନେ ଆସି ନିଜ ନିଜର ପସନ୍ଦ ଅନୁଯାୟୀ ଗୋଟିଏ ଲେଖାଏଁ ପୂର୍ଣ୍ଣ ଘଡ଼ି ଉଠାଇ ନିଅନ୍ତି । ଅନେକ ସ୍ଥାନରେ ବାଲ୍ୟଲୀଳା ମଧ୍ୟ କରାଯାଏ । ପ୍ରତ୍ୟେକ ବାଳକ ବାଳିକାମାନଙ୍କ ଓଠରୁ ସନ୍ତୋଷପୂର୍ଣ୍ଣ ହସ ଚେନାଏରେ ଅକ୍ଷୟ ତୃତୀୟାର ଶୁଭାରମ୍ଭ ହୋଇଥାଏ ।

କେବଳ ଘରେ ଘରେ ନୁହେଁ ମଠ, ମନ୍ଦିର ଆଦି ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ଏହାର ମହତ୍ୱ ଅନେକ ବେଶୀ । ବିଶେଷ କରି ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏହି ଦିନଠାରୁ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ । ପ୍ରଚଣ୍ଡ ଗ୍ରୀଷ୍ମର ଆଘାତରେ ଜର୍ଜରିତ ଜଗତର ନାଥ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଏବଂ ଭଗ୍ନୀ ସୁଭଦ୍ରା ଖୋଜନ୍ତି ଶୀତଳ ଜଳରେ ସ୍ନାନ । ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ଉଲ୍ଲେଖ ଅଛି-

ପ୍ରଲିପ୍ୟ ଚନ୍ଦନେନାଙ୍ଗ ମାଧବାନନ୍ଦପକ୍ଷକେ
ତୃତୀୟା ୟାଂ ଜଗନ୍ନାଥଂ ସ୍ତୁତିମେଣଂ ମୁଦା ଜଗୌ । ୪୪/୪୨

ଅର୍ଥାତ୍ ଏହି ଦିନ ଦକ୍ଷ ପ୍ରଜାପତି ଶ୍ରୀଜଗନ୍ନାଥଙ୍କ ସର୍ବାଙ୍ଗରେ ଚନ୍ଦନ ବିଲେପନ କରି ସ୍ତୁତି କରିଥିଲେ । ତେଣୁ ଏହି ଦିବସଠାରୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରାର ଶୁଭାରମ୍ଭ ହୋଇଅଛି ।

ସ୍ୱୟଂ ଜଗନ୍ନାଥ ଅକ୍ଷୟ ତୃତୀୟାର ମାହାତ୍ମ୍ୟ ବର୍ଣ୍ଣନା କରି କହିଅଛନ୍ତି, ସଂସାରର ଲୋକମାନେ ନାନାଦି କର୍ମରେ ଲିପ୍ତ ଥାଇ ଧର୍ମ ମାର୍ଗକୁ ଦୂରେଇ ଯାଆନ୍ତି । ଯଦି ସେମାନେ ଏହି ଦିନ ଆନନ୍ଦ ମନରେ ଭକ୍ତିର ସହିତ ଏହି ଅକ୍ଷୟ ଯାତ୍ରା ଦର୍ଶନ କରିବେ ଓ ଯାହା ମନରେ ଭାବିବେ । ତାହା ଅଚିରେ ପ୍ରାପ୍ତ ହେବେ । ଅକ୍ଷୟ ତୃତୀୟା ସହ ଯୋଡ଼ାଯାଏ ମହାପ୍ରଭୁଙ୍କ ରଥଯାତ୍ରାର ଆଦ୍ୟ ଦିବସକୁ । ରଥ ନିର୍ମାଣର ପ୍ରାରମ୍ଭ ଅର୍ଥାତ୍ ଅନୁକୂଳ ଏହି ଦିନ ହୋଇଥାଏ ।

ଅକ୍ଷୟ ତୃତୀୟା ସହ ଯୋଡ଼ାଯାଏ ମହାପ୍ରଭୁଙ୍କ ରଥଯାତ୍ରାର ଆଦ୍ୟ ଦିବସକୁ । ରଥ ନିର୍ମାଣର ପ୍ରାରମ୍ଭ ଅର୍ଥାତ୍ ଅନୁକୂଳ ଏହି ଦିନ ହୋଇଥାଏ ।

ଅକ୍ଷୟ ତୃତୀୟା ଧାର୍ମିକ ଦୃଷ୍ଟିରୁ କେବଳ ମହନୀୟ ନୁହେଁ, ବୀଜବପନ ନିମିତ୍ତ ଏକ ଆଧାର ମଧ୍ୟ । ଏଣୁ ଏସବୁକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟ ସରକାର କୃଷିର ଉନ୍ନତି କଳ୍ପେ ବିବିଧ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଏହି ଦିନ ଅକ୍ଷୟମୁଠି ଅନୁକୂଳ କରାଉଛନ୍ତି ।

ଓଡ଼ିଶାର କୃଷିଭୂମି ସର୍ବେକ୍ଷଣରୁ ଜଣାଯାଏ, ଜନସଂଖ୍ୟା ବୃଦ୍ଧି ଫଳରେ କୃଷିକ୍ଷେତ୍ର ଉପରେ ବାସଗୃହ ନିର୍ମାଣ କରାଗଲାଣି । ସୀମିତ କୃଷିକ୍ଷେତ୍ରରେ ସଘନ କୃଷି ପ୍ରଣାଳୀଦ୍ୱାରା ଉନ୍ନତ ଉତ୍ପାଦନର ଆବଶ୍ୟକତା ରହିଛି । ବର୍ତ୍ତମାନ ଦରକାର ପଡୁଛି କୃଷକମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତ ଧରଣର କୃଷି ପ୍ରଣାଳୀ ଶିକ୍ଷାଦେବା । ଆଧୁନିକ କୃଷି ପ୍ରଣାଳୀ ସହିତ କୃଷକମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ ପ୍ରତି ପଞ୍ଚାୟତ ସମିତିମାନଙ୍କରେ କୃଷି କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ଓଡ଼ିଶାରେ ସବୁଜ ବିପ୍ଳବର ସ୍ରୋତ ପ୍ରବାହିତ କରିବ ବୋଲି ଆଶା କରାଯାଏ ।

ଅକ୍ଷୟ ତୃତୀୟା - ଯାହା ଯୁଗ ଯୁଗ ଧରି ଉତ୍କଳରେ ଅକ୍ଷୟ କୀର୍ତ୍ତିର ଦୈତ୍ର ଉଡ଼ାଇ ଚାଲିଛି, ଧାର୍ମିକ, ପୌରାଣିକ, ଐତିହାସିକ ଅଥବା ଅଧୁନା ସାମାଜିକ କ୍ଷେତ୍ରରେ ସବୁଜ ଶ୍ରୀ ମଣ୍ଡିତ ଓଡ଼ିଶା ଭୂମିକୁ ସଦାସର୍ବଦା ମଧୁମୟ, ଅମ୍ଳାନ ଭାବାଧାରାରେ ପ୍ରତିଭାତ କରି ରଖିଥିବ, ଏହା ହିଁ ଏ ପବିତ୍ର ଦିବସରେ କାମନା ।

କ୍ୱା.ନଂ- ୨ ଆର୍.ବି./୧୭/୪
ୟୁନିଟ୍-୮, ଭୁବନେଶ୍ୱର-୧୨

ଅକ୍ଷୟ ତୃତୀୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅକ୍ଷିମୁଠି ଅନୁକୂଳ କରୁଛନ୍ତି ।

ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା

ଶିବସୁନ୍ଦର ପଟ୍ଟନାୟକ

କେଉଁ ପୁରାତନ ଯୁଗରୁ ଓଡ଼ିଶାର ପୁରପଲ୍ଲୀରେ ଅକ୍ଷୟ ତୃତୀୟାକୁ ଏକ ଉତ୍ସବ ରୂପେ ଗ୍ରହଣ କରାଯାଇଅଛି, ତାହା କହିହେବ ନାହିଁ । ମାତ୍ର କୃଷି ପ୍ରଧାନ ଓଡ଼ିଶାରେ ଏହା କୃଷକମାନଙ୍କ କୃଷିକାର୍ଯ୍ୟର ପ୍ରଥମ ତଥା ଆନନ୍ଦ ଉତ୍ସବ ଓ ଆଶା ଉଦ୍ଦୀପନାର ଦିନ ଏହା ସ୍ୱୀକାର କରିବାକୁ ହେବ । ତା'ଛଡ଼ା ଚନ୍ଦନ ଯାତ୍ରାର ପ୍ରଥମ ଦିନ, ରଥ ନିର୍ମାଣ ଲାଗି ଏହାର ଖ୍ୟାତି ଅଛି ।

ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମ ରୂପେ ଅବତାର ନେଇ ପିତୃ ସତ୍ୟ ପାଳନ ଲାଗି ବନବାସ କରୁଥିବାବେଳେ ପଞ୍ଚବଟୀରୁ (ଓଡ଼ିଶାର ଦକ୍ଷିଣ ଦଣ୍ଡକାରଣ୍ୟ ଅଞ୍ଚଳରୁ) ଲଙ୍କାପତି ରାବଣ ସୀତାଙ୍କୁ ଅପହରଣ କରି ନେଇଥିଲା । ସୀତାଙ୍କ ସନ୍ଧାନରେ ରଘୁବୀର ଶ୍ରୀରାମଚନ୍ଦ୍ର କିଷ୍କିନ୍ଧା ରାଜ୍ୟରେ ସୁଗ୍ରୀବ ସହ ମିତ୍ର ବସି ତା'ର ଭାଇ ବାଳିକୁ ବଧ କରି ସୁଗ୍ରୀବକୁ ସେଠାରେ ରାଜାଭିଷେକ କରାଇଥିଲେ । ସୁଗ୍ରୀବଙ୍କ ନିର୍ଦ୍ଦେଶରେ ଅଷ୍ଟବୀର ଦକ୍ଷିଣ ଦିଗକୁ ଯାଇ ପକ୍ଷୀରାଜ ସମ୍ପାଦିଠାରୁ ବାର୍ତ୍ତା ପାଇଲା ପରେ ହନୁମାନ ଆକାଶରେ ଉଡ଼ି ଲଙ୍କାରେ ମା' ସୀତାଙ୍କୁ ଅଶୋକ ବାଟିକାରେ ପାଇଥିଲା । ସେହି ଅଶୋକ ବାଟିକାରେ ହନୁମାନ ଫଳଖାଇ ଗଛ ଭଙ୍ଗାଭଙ୍ଗି କରିବାରୁ ରାବଣର ପୁଅ ଅକ୍ଷୟ ପ୍ରତିରୋଧ କରିଥିଲା ଏବଂ ହନୁମାନ ତାକୁ ମାରି ଦେଇଥିଲା । ସେ ଦିନ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ଥିଲା । ପରେ ଶ୍ରୀରାମଚନ୍ଦ୍ର ବାନର ସେନା ନେଇ ସମୁଦ୍ରରେ ସେତୁବନ୍ଧ ପକାଇ ଲଙ୍କାରେ ରାବଣକୁ ମାରି ମା' ସୀତା ଦେବୀଙ୍କୁ ଉଦ୍ଧାର କରିଥିଲେ । ସେହି ଅକ୍ଷୟ ଅସୁର ନିଧନ ଆନନ୍ଦ ଉପଭୋଗ ପାଇଁ ଆମ୍ଭେମାନେ ଅକ୍ଷୟ ତୃତୀୟାକୁ ଏକ ପର୍ବ ରୂପେ ପାଳନ କରି ଆସୁଛୁଁ ।

ଓଡ଼ିଶାର ନବବର୍ଷ ରୂପେ ଆମ୍ଭେମାନେ ପଣା ବା ମେଷ ସଂକ୍ରାନ୍ତିଠାରୁ ବର୍ଷ ଆରମ୍ଭ ରୂପେ ଗ୍ରହଣ କରି ଏହି ପ୍ରଥମ ଦିନରେ ନିଦାଘ ନିବାରଣାର୍ଥେ ମନ୍ଦିରମାନଙ୍କରେ ପଣା ଭୋଗ ଲଗାଇ ପ୍ରସାଦ ସେବନ କରିଥାଉଁ । ଏହା ଚୈତ୍ର ମାସର ଶେଷ ସମୟରେ ପଡ଼େ । ପଣା ସଂକ୍ରାନ୍ତି ପରେ ପରେ ଆମ୍ଭେମାନେ ଅକ୍ଷୟ ତୃତୀୟା ଉତ୍ସବ ପାଳନ କରୁ । ମେଷ (ପଣା) ସଂକ୍ରାନ୍ତିଠାରୁ ମିଥୁନ (ରଜ) ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଶାରେ ରୌଦ୍ରତାପର ପ୍ରଭାବ ବିଶେଷ ହୁଏ । ଆମ୍ଭେ ଏହାକୁ ଗ୍ରୀଷ୍ମଋତୁ କହିଥାଉଁ । ମିଥୁନ ସଂକ୍ରାନ୍ତିଠାରୁ ବର୍ଷାଋତୁ ଆରମ୍ଭ ହୁଏ । ଏହି ମିଥୁନ ସଂକ୍ରାନ୍ତିର ସାତ ଦିନ ବା ପନ୍ଦର ଦିନ ପୂର୍ବରୁ ଅର୍ଥାତ୍ ଇଂରାଜୀ ମେ ମାସ ଶେଷ ସପ୍ତାହ ବା ଜୁନ୍ ମାସ ପ୍ରଥମ ସପ୍ତାହରେ ଓଡ଼ିଶାରେ ବୃଷ୍ଟିପାତ ଆରମ୍ଭ ହୋଇଥାଏ । ଓଡ଼ିଶାର ଜନସାଧାରଣତଃ ଖରାଟିଆ ଚାଷ କରିଥାନ୍ତି । ଅର୍ଥାତ୍ ବର୍ଷାଋତୁ ଆରମ୍ଭ ପୂର୍ବରୁ ବିଲମାନଙ୍କରେ ଧାନବୁଣା କାର୍ଯ୍ୟ ସରିଥାଏ । ଆମ୍ଭେ ପୂର୍ବରୁ ଏକ ଓଡ଼ ବା ଦୁଇ ଓଡ଼ ଚାଷ କରି ମାଟିକୁ ନରମ ଓ ଫସ୍‌ଫସିଆ କରିଥାଉ । ମେଷ ସଂକ୍ରାନ୍ତି ପରେ ଓ ମିଥୁନ ସଂକ୍ରାନ୍ତି ପୂର୍ବରୁ ପଡୁଥିବା ଅକ୍ଷୟ ତୃତୀୟା ଦିନକୁ ଆମ୍ଭେମାନେ ଧାନ ବୁଣିବାର ଉପଯୁକ୍ତ ତିଥି ରୂପେ ଗ୍ରହଣ କରିଆସୁଅଛୁଁ । ଏହିଦିନ ପ୍ରଥମେ ଧାନବୁଣା ଆରମ୍ଭ ହୁଏ । ଖରାଟିଆ ଚାଷରେ କୃଷକମାନେ ଧାନ ବିଲରେ ବୁଣି ହଳ କରି ଘୋଡ଼ାଇ ଦେଇଥାନ୍ତି । ଫଳରେ ପକ୍ଷୀମାନେ ଖାଇ ପାରନ୍ତି ନାହିଁ ଓ ଧାନ ଖରା ତାତି ପାଇ ବର୍ଷାରେ ଏଥିରେ ଅଙ୍କୁରୋପଣ ହୋଇଥାଏ । ଅକ୍ଷୟ ତୃତୀୟା ତିଥିକୁ ମଧ୍ୟ 'ମୁଠି ଅନୁକୂଳ' କହିଥାନ୍ତି ।

ଅକ୍ଷୟ ତୃତୀୟାରୁ ପ୍ରତ୍ୟୁଷରୁ ଉତ୍କଳର ପ୍ରତ୍ୟେକ କୃଷକ ନରନାରୀ ସ୍ନାନ ପରେ ନବବସ୍ତ୍ର ପିନ୍ଧି ନୂତନ ଉଦ୍ଦୀପନାରେ ଉତ୍ତମ ଫସଲର ଆଶା ନେଇ ନିଜର ପ୍ରାଙ୍ଗଣରେ ତୁଳସୀ ଚଉରା ମୂଳେ ହଳ ଲଙ୍ଗଳ, ଜୁହାଳୀ, ଚାଷ ଲୁହା, ବାଡ଼ି ଓ ଧାନପୂର୍ଣ୍ଣ ନୂତନ ବୋଝ, ଗୌଣୀ ପୂଜା କରନ୍ତି । ସେଥିଲାଗି ପ୍ରାଙ୍ଗଣ ଗୋବରରେ ଲିପା ଯାଇଥାଏ ଓ ଝୋଟି ପଡ଼ିଥାଏ । ବୋଝ ଓ ଗୌଣୀ ମଧ୍ୟ ଗୋବରରେ ଲିପାଯାଇ ସେଥିରେ ମଧ୍ୟ ଝୋଟି ପଡ଼ିଥାଏ । ବୋଝରେ ବିହନ ଧାନ ବିଲରେ ବୁଣିବା ପାଇଁ ରଖାଯାଇଥାଏ । ତାହାର ସାମ୍ନାରେ ନାନା ଜାତୀୟ ପିଠାପଣା ରଖାଯାଇ ଧୂପଦୀପ, ଦୁବ, ବରକୋଳି ପତ୍ର, ଫୁଲ ନୈବେଦ୍ୟ ଦେଇ ପୂଜା କରାଯାଏ । ମଣ୍ଡା, ଚକୁଳି, କ୍ଷୀରି, ଗଇଁଠା ସାଥିକୁ ଆରିଷା ପିଠା ଭୋଗ ଲଗାଯାଏ । ଏହି ଆରିଷା ପିଠା ଓଡ଼ିଆ ଜାତିର ପ୍ରତୀକ ଅଟେ । ଆମର ସାଧବ ପୁଅମାନେ ଏହି ଆରିଷା ପିଠା ନେଇ ବୋଇତରେ ବାଣିଜ୍ୟ କରି ଯାଇ ଏହାର ଏତେ ପ୍ରଚାର ବିଦେଶରେ କରିଥିଲେ ଯେ, ଚାଉଳକୁ ଇଂରାଜୀରେ ରାଇସ୍, ଲାଟିନରେ ରାଇସିନ୍, ଗ୍ରୀକ୍‌ରେ ଓରିଜା, ଫ୍ରାନ୍ସରେ ଓରିଜିନ୍ ଓ ସ୍ପେନ୍‌ରେ ଓରିସିନ୍ କହନ୍ତି ।

ସବୁ ଜାଗାରେ ବ୍ରାହ୍ମଣ ବା ପୁରୁଷ ପୂଜା କରୁଥିବାବେଳେ ଓଡ଼ିଶାରେ ସେମାନଙ୍କର ଦରକାର ପଡ଼େ ନାହିଁ । ଅକ୍ଷୟ ତୃତୀୟାରେ

ସ୍ତ୍ରୀଲୋକମାନେ ହିଁ ପୂଜା କରନ୍ତି । ଧାନ ବୁଣିବାକୁ ଯିବାବେଳେ ସ୍ତ୍ରୀଲୋକମାନେ କେବଳ ପୂଜା କରନ୍ତି ନାହିଁ - ଧାନ ଫସଲ ଅମଳ ପରେ ଲକ୍ଷ୍ମୀ ବା ମାଣବସା ପୂଜା ମଧ୍ୟ ସ୍ତ୍ରୀଲୋକମାନେ କରନ୍ତି । ଓଡ଼ିଶାର ନାରୀ ଅବହେଳିତ ନୁହନ୍ତି ।

ଅକ୍ଷୟ ତୃତୀୟାରେ କେବଳ ମୁଠି ଅନୁକୂଳ ହୁଏ ନାହିଁ । ଏହି ଦିନ ସମସ୍ତ କାର୍ଯ୍ୟ ଅନୁକୂଳ କରାଯାଏ । ଜଳାଶୟ ଖନନ ଓ ପ୍ରତିଷ୍ଠା, ଗୃହାରମ୍ଭ ଓ ପ୍ରତିଷ୍ଠା, ନୌକା ନିର୍ମାଣ, ଅନ୍ନପ୍ରାଶନ, କର୍ଣ୍ଣବୋଧ ଓ ଦୀକ୍ଷା ଗ୍ରହଣ କାର୍ଯ୍ୟ କରାଯାଏ । ଶୁଭବାର ଅନୁକୂଳ ନିମନ୍ତେ ଓଡ଼ିଶାରେ ଅକ୍ଷୟ ତୃତୀୟା, ଦଶହରା ଦିନଗୁଡ଼ିକ ସର୍ବ ମଙ୍ଗଳମୟ ଧରାଯାଇଛି । ତା'ଛଡ଼ା ଏହି ଦିନ ପ୍ରଥମେ ରଥ ଗଢ଼ିବା କାର୍ଯ୍ୟ ଆରମ୍ଭ ହୁଏ । ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଧରି ଶ୍ରୀଜଗନ୍ନାଥଙ୍କ ପୁରୋହିତ ଶ୍ରୀମନ୍ଦିର ସାମ୍ନାରେ ରଥ ମେଖଳାରେ ରଥକାଠରେ ଆଜ୍ଞାମାଳ ଦେଇ ସେଠାରେ ହୋମ କରି ମୁଖ୍ୟ ବିଶ୍ୱକର୍ମା (ବଢ଼େଇ) ଶିରରେ ପାଟଶାଢ଼ୀ ବାନ୍ଧି ଥାନ୍ତି ଏବଂ ସେ ପ୍ରଥମେ କାଠ ବାରିଶିରେ ଛେଲିଥାନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥିରେ ଶ୍ରୀଜଗନ୍ନାଥ ସ୍ୱୟଂ ଭ୍ରାତୃଭଗ୍ନୀ ଗହଣରେ ରଥମାନଙ୍କରେ ବିଜେ କରି ଗୁଣ୍ଡିଚା ମନ୍ଦିରକୁ ନବଦିନ ଯାତ୍ରା କରିବାର ପୂର୍ବରୁ ତିନୋଟିଯାକ ରଥ ବିଶ୍ୱକର୍ମାମାନେ ନିର୍ମାଣ, ଚିତ୍ରିତ ଓ ବସ୍ତ୍ର ଆବରଣ କରାଇ ସିଂହଦ୍ୱାରରେ ସଜ୍ଜିତ କରାଇ ଦିଅନ୍ତି । ଏତଦ୍‌ବ୍ୟତୀତ ପ୍ରାୟ ଦ୍ୱାଦଶ ବର୍ଷରେ ପଡୁଥିବା ନବକଳେବର ପାଇଁ ଦଇତାମାନଙ୍କ ସାଥିରେ ବିଶ୍ୱକର୍ମାମାନେ ଯାଇ ଚାରି ଠାକୁର-ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପାଇଁ ଦାରୁ ସଂଗ୍ରହ କରି ଆଣି ଅକ୍ଷୟ ତୃତୀୟାରେ କାର୍ଯ୍ୟ ଆରମ୍ଭ କରି ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ପୂର୍ବରୁ ନୂତନ ମୂର୍ତ୍ତି ଗଢ଼ି ଦେଇଥାନ୍ତି । ଶ୍ରୀମନ୍ଦିର ସମ୍ପର୍କୀୟ ରଥ ଗଠନ ଓ ଶ୍ରୀଜୀଉଙ୍କ ଗଠନ ଛଡ଼ା ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରା ଆରମ୍ଭ ଲାଗି ଅକ୍ଷୟ ତୃତୀୟାର ପ୍ରସିଦ୍ଧି ଅଛି ।

ଭକ୍ତକବି ଶ୍ରୀଜୟଦେବ ଏହି ଅକ୍ଷୟ ତୃତୀୟା ତିଥିରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀଜୟଦେବଙ୍କର 'ଶ୍ରୀଗୀତଗୋବିନ୍ଦ' ଭାରତର ସାରସ୍ୱତ ଜଗତକୁ ଏକ ଅମୂଲ୍ୟ ଦାନ ଅଟେ । ଓଡ଼ିଶାରେ ସଂସ୍କୃତି ବିଭାଗ ମଧ୍ୟ ଜୟଦେବ ସମ୍ମାନ ଦେଇଥାଏ । ଓଡ଼ିଶାରେ କେବଳ ପ୍ରଥମ ଧାନବୁଣା ବା ମୁଠି ଅନୁକୂଳ ପାଇଁ ଅକ୍ଷୟ ତୃତୀୟା ପ୍ରସିଦ୍ଧି ଲାଭ କରି ନାହିଁ ଓଡ଼ିଶାର ଇଷ୍ଟଦେବ-ଜଗତର ନାଥ- ଶ୍ରୀଜଗନ୍ନାଥ ମହାପ୍ରଭୁ ରୌଦ୍ରତାପର ଲାଘବ ପାଇଁ ନରେନ୍ଦ୍ର ସରୋବରକୁ ଜଳକ୍ରୀଡ଼ା ପାଇଁ ବିଜେ କରନ୍ତି । ଶ୍ରୀଜଗନ୍ନାଥଙ୍କ ନୀତିରେ ପରିଚାଳିତ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଏହି ଦିନଠାରୁ ଚନ୍ଦନଯାତ୍ରା ଆରମ୍ଭ ହୁଏ । ରଥଯାତ୍ରା ଓ ସ୍ନାନଯାତ୍ରା ଛଡ଼ା ଶ୍ରୀଜଗନ୍ନାଥ ମହାପ୍ରଭୁ ନିଜ ମନ୍ଦିର ବାହାରକୁ ଆସନ୍ତି ନାହିଁ । ଦୋଳ ସମୟରେ ଶ୍ରୀଜୀଉଙ୍କର ବିଜେ ପ୍ରତିମା ଶ୍ରୀଦୋଳଗୋବିନ୍ଦ ବିଜେ କରନ୍ତି ଓ ଚାଚେରୀ ଭୋଗ ପାଇଁ ଶ୍ରୀସୁଦର୍ଶନ ବିଜେ କରନ୍ତି । ସେହିପରି ଚନ୍ଦନଯାତ୍ରା ଲାଗି ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀମଦନମୋହନ ଶ୍ରୀଜୀଉଙ୍କର ଆଜ୍ଞାମାଳ ପାଇ ଶ୍ରୀମନ୍ଦିରରୁ ବାହାରି ପଞ୍ଚମହାଦେବଙ୍କ (ଶ୍ରୀଲୋକନାଥ, ଶ୍ରୀଜମ୍ବେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠ) ଗହଣରେ ନିଜ ନିଜ ବିମାନ - ପାଲଙ୍କି ଓ ଚଉଦୋଳମାନଙ୍କରେ ନରେନ୍ଦ୍ର ସରୋବର ତଟକୁ ବିଜେ କରନ୍ତି । ଏହି ଯାତ୍ରାର ପଟୁଆରରେ ଆଲଟ, ଚାମର, ଛତ୍ରୀ, ଯୋଡ଼ି ମଶାଲ ଛଡ଼ା ଘଣ୍ଟ, ଘଣ୍ଟା, ଭେରୀ, ତୂରୀ, ପଖଜ, ଚେଙ୍ଗୁ ଓ ମର୍ଦ୍ଦଳ ବାଦ୍ୟର ତାଳେ ତାଳେ ବିମାନ ବାହକ ବା କାନ୍ଧିଆଳୀମାନେ ଶ୍ରୀଜୀଉଙ୍କ ସେବାୟତମାନଙ୍କ ଗହଣରେ ଶ୍ରୀଜୀଉମାନଙ୍କୁ ନରେନ୍ଦ୍ର ସରୋବର ନିକଟକୁ ଆଗେଇ ନିଅନ୍ତି । ବଡ଼ଦାଣ୍ଡରେ ଦେବତାମାନଙ୍କୁ ଛାୟା ପ୍ରଦାନ ତଥା ବିଶ୍ରାମ ନେବା ପାଇଁ ମଝିରେ ମଝିରେ ଡାଳପତ୍ରର (ପତୁରିଆର) ଛାମୁଡ଼ିଆ ହୋଇଥାଏ । ସେହି ଛାମୁଣ୍ଡିଆରେ ଆମ୍ବ ଇତ୍ୟାଦି ବିଭିନ୍ନ ଫଳ ଝୁଲା ଯାଇଥାଏ । ମୁଖ୍ୟ ଠାକୁର ଶ୍ରୀମଦନମୋହନଙ୍କ ପଟୁଆରରେ ପୁରୀ ଜାଗା ଘରମାନଙ୍କରୁ ବାହାର କରିଥିବା ହନୁମାନ ଲମ୍ଫ ଦେଇ ଫଳ ଛିଣ୍ଡାଇ ଆଣି ଖାଇବାର ଦୃଶ୍ୟ ଅତି ମନୋରମ ।

ନରେନ୍ଦ୍ର ପୁଷ୍କରିଣୀରେ ଦ୍ୱିପ୍ରହର ଚାପ ସାରି ଶ୍ରୀଜୀଉମାନେ ପୁଷ୍କରିଣୀ ମଧ୍ୟରେ ଥିବା ଚନ୍ଦନ ଘରେ ଚନ୍ଦନ ପଡ଼ିଥିବା ଜଳକୁଣ୍ଡରେ ବେକ ପର୍ଯ୍ୟନ୍ତ ବୁଡ଼ି ରହି ଜଳକ୍ରୀଡ଼ା କରନ୍ତି । ସନ୍ଧ୍ୟା ପରେ ଜଳରୁ ବାହାରି ବେଶଭୂଷଶ ହୁଅନ୍ତି ଓ ପରେ ରାତ୍ରୀ ଚାପରେ ବିଜେ କରି ନିଜ ନିଜ ବିମାନରେ ସେହିପରି ପଟୁଆରରେ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏହା କୋଡ଼ିଏ ଦିନ ଧରି ଚାଲେ । ଶେଷ ଦିନ ଭଉଁରୀ ହୁଏ ଏବଂ ବାଣ ଫୁଟାଯାଏ । ଓଡ଼ିଶାର ସମସ୍ତ ଗ୍ରାମରେ ଏହି ଉତ୍ସବ କୋଡ଼ିଏ ଦିନ ଧରି ଚାଲେ । ଅଳ୍ପ କେତେକ ଗ୍ରାମରେ ଅଧିକା ଗୋଟିଏ ଦିନ ହୁଏ ।

ଶ୍ରୀମଦନମୋହନ ଡଙ୍ଗାଗୁଡ଼ିକରେ ବସି ଚାପକେଳୀ କରୁଥିବାବେଳେ ଲହରୀର ତାଳେ ତାଳେ ବାଦ୍ୟଗୁଡ଼ିକ ତାଳ ଦେଇ ଶ୍ରୀଜୀଉମାନଙ୍କୁ ଆନନ୍ଦ ଦେବା ସଂଗେ ଭକ୍ତମାନଙ୍କୁ ଆନନ୍ଦ ଦେଇଥାନ୍ତି । ଶ୍ରୀମନ୍ଦିରର ସେବିକା ମାହାରୀମାନେ ଶ୍ରୀଜୀଉମାନଙ୍କ ସମ୍ମୁଖରେ ନୃତ୍ୟ ଓ ଗୀତ ପରିବେଷଣ କରି ପ୍ରଭୁଙ୍କ ମନୋରଞ୍ଜନ କରାନ୍ତି । ନିଷାର୍ଦ୍ଧରେ ପ୍ରଭୁଙ୍କର ଚାପକେଳୀ ସମାପନ ପରେ ଆହୁରି ଏକ ଉତ୍କଳୀୟ ସ୍ୱାତନ୍ତ୍ର୍ୟ ଦେଖିବାକୁ ମିଳିବ - ପ୍ରଭୁଙ୍କ ପ୍ରଧାନ ସେବକ ବଡ଼ପଣ୍ଡା ଓ ରାଜଗୁରୁ ପ୍ରଭୁଙ୍କର ମୁଖ୍ୟ ମାହାରୀଙ୍କ ପାଦ ଧରି ପ୍ରଣାମ କରନ୍ତି ।

ଓଡ଼ିଶା ବହୁ ପୁରାତନ କାଳରୁ ଶ୍ରୀଜଗନ୍ନାଥ ସଂସ୍କୃତିର ସାମ୍ୟବାଦ ଅନୁସରଣ କରି ଆସିଅଛି । ଏଠି ଉଚ୍ଚ, ନୀଚ ମଧ୍ୟରେ ପାର୍ଥକ୍ୟ ନାହିଁ । ଓଡ଼ିଶା କେବେ ସାଲବେଗ ଓ ଦାସିଆ ବାଉରୀକୁ ଅବହେଳା କରି ନଥିଲା । ସେହି ଆଦର୍ଶରେ ବଶବର୍ତ୍ତୀ ହୋଇ ଆମ୍ଭେମାନେ ଆମ୍ଭ ଓଡ଼ିଶାର ଶ୍ରେଷ୍ଠ ନୃତ୍ୟାଙ୍ଗନାମାନଙ୍କୁ ପ୍ରତିବର୍ଷ ମାହାରୀ ସମ୍ମାନରେ ଅଭିନନ୍ଦିତ କରୁଛେଁ ।

ଆଡ଼ଭୋକେଟ୍
ଜେଲ୍ ରୋଡ୍, ଖୋର୍ଦ୍ଧା

ରଜପର୍ବ

ଡକ୍ଟର କାଙ୍ଗାଳି ଚରଣ ନାୟକ

ଓଡ଼ିଶା ଏକ ପର୍ବପର୍ବାଣିର ରାଜ୍ୟ । ଏଥିରେ ବାରମାସରେ ତେର ପର୍ବ ପାଳନ କରାଯାଏ । ପୁନଶ୍ଚ, ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏଥିରେ ପାଳନ କରାଯାଉଥିବା ପର୍ବଗୁଡ଼ିକ ସାଧାରଣତଃ କୃଷିଭିତ୍ତିକ । ସେହି ପର୍ବଗୁଡ଼ିକ ମଧ୍ୟରୁ ରଜପର୍ବ ଅନ୍ୟତମ । ଏହା ଗ୍ରୀଷ୍ମଋତୁର ଶେଷରେ ଓ ବର୍ଷାଋତୁର ପ୍ରାରମ୍ଭରେ ପଡ଼େ । ପର୍ବପର୍ବାଣିର ଦେଶ ଓଡ଼ିଶାରେ ଏହି ପର୍ବକୁ ଆବାଳ-ବୃଦ୍ଧ-ବନିତା ଖେଳ କୌତୁକ, ହସ ଖୁସି ଓ ଆନନ୍ଦ ପ୍ରମୋଦରେ ପାଳନ କରିଥାନ୍ତି । ତେଣୁ ଏହାକୁ ଓଡ଼ିଶାର ଏକ ଅନ୍ୟତମ ଶ୍ରେଷ୍ଠ ପର୍ବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।



ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଏହାର ଶତକଡ଼ା ୮୦ ଭାଗ ଲୋକ କୃଷି କର୍ମ କରି ଜୀବିକା ନିର୍ବାହ କରନ୍ତି ଓ କୃଷି ପାଇଁ ପୁଣି ବୃଷ୍ଟିପାତ ଉପରେ ନିର୍ଭର କରିବାକୁ ପଡ଼େ । ବର୍ଷାଋତୁ ପୂର୍ବରୁ ପୃଥିବୀ ଦୀର୍ଘଦିନ ଧରି ଉତ୍ତପ୍ତ ରହିଥାଏ । ଗ୍ରୀଷ୍ମଋତୁରେ ପ୍ରବଳ ଗରମ ସହିତ ଜଳାଭାବ ଲୋକମାନଙ୍କ ଜୀବନ ଯାତ୍ରାରେ ଅତିଷ୍ଠ କରି ପକାଇଥାଏ । ତେଣୁ ବର୍ଷାଋତୁର ଆଗମନ ଅବସରରେ ସମସ୍ତଙ୍କ ମନ ଆନନ୍ଦ ହେବା ସ୍ୱାଭାବିକ କଥା ।

ଆମର ପୃଥିବୀକୁ ଆମେ ସ୍ୱାଭାବିକ ଭାବେ ମାଆ ରୂପେ ଧରି ନେଇଥାଉ । ମାତା ପରି ସେ ଆମ୍ଭମାନଙ୍କୁ ଲାଳନପାଳନ କରି ତା'ର ବକ୍ଷରେ ଧରିଥିବାରୁ ତାକୁ ଆମେ ପୃଥିବୀ ମାତା, ମା' ବସୁଧା, ମା' ଧରଣୀ ଓ ମାଟି ମାଆ ବୋଲି କହୁଁ । ପ୍ରଥମ ବର୍ଷାରେ ଧରଣୀରାଣୀ ରଜସ୍ୱଳା ହୋଇ କୃଷିକର୍ମ ପାଇଁ ପ୍ରଜନନକ୍ଷମ ହୁଏ । ଏହାକୁ ଆମେ ରଜପର୍ବ ଆକାରରେ ପାଳନ କରୁଁ ।

ଓଡ଼ିଶାରେ ସୂର୍ଯ୍ୟ ଓ ଚନ୍ଦ୍ର ମାସର ପ୍ରଚଳିତ ପର୍ବପର୍ବାଣି ସବୁ ପାଳନ କରାଯାଏ । ରଜ ସୂର୍ଯ୍ୟମାସର ଏକ ବିଶିଷ୍ଟ ପର୍ବ, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ବିଷୁବ ସଂକ୍ରାନ୍ତି ପରି ରଜ ସଂକ୍ରାନ୍ତିର ଓଡ଼ିଶାରେ ବେଶୀ ଖ୍ୟାତି ଅଛି । ସୂର୍ଯ୍ୟ ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କଲେ ପୃଥିବୀ ରଜସ୍ୱଳା ହୁଏ । ଏହା ସାଧାରଣତଃ ଗ୍ରୀଷ୍ମଋତୁର ଶେଷଦିନ ବା ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ପ୍ରଥମ ଦୁଇଦିନକୁ ନେଇ ତିନିଦିନ ଧରି ରଜପର୍ବ ପାଳନ କରାଯାଏ । ଏହି ତିନିଦିନ ମାଟି ଉପରେ କିଛି କାମ ନକରି ତାକୁ ବିଶ୍ରାମ ଦିଆଯାଏ । ତା'ପରେ ମାଟି ବା ପୃଥିବୀ ଉତ୍ପାଦନକ୍ଷମ ହୋଇଥାଏ ।

ରଜପର୍ବ ସାଧାରଣତଃ ତିନିଦିନ ଯଥା- ରଜର ପ୍ରଥମ ଦିନକୁ 'ପହିଲି ରଜ', ଦ୍ୱିତୀୟ ଦିନକୁ - 'ରଜ ସଂକ୍ରାନ୍ତି' ଓ ତୃତୀୟ ଦିନକୁ 'ରଜ' ବା 'ଭୂଇଁ ଦହଣ' ବା 'ଭୂମି ଦହଣ' ବୋଲି କୁହାଯାଏ । ରଜ ସଂକ୍ରାନ୍ତି ମିଥୁନ ମାସରେ ପଡୁଥିବାରୁ ଏହାକୁ ମଧ୍ୟ ମିଥୁନ ସଂକ୍ରାନ୍ତି ବୋଲି କହିଥାନ୍ତି । ପହିଲି ରଜର ପୂର୍ବଦିନକୁ 'ସଜବାଜ' ଅର୍ଥାତ୍ ରଜପର୍ବ ପାଳନ କରିବା ପାଇଁ ପ୍ରସ୍ତୁତି ଦିନ ବୋଲି କୁହାଯାଏ । ସେମିତି ରଜ ପରେ ମାଟି ମାଆକୁ ରଜସ୍ୱଳା ନାରୀ ପରି ହଳଦୀ ପାଣିରେ ଗାଧୋଇ ଦେଇ ସିନ୍ଦୁର, କଜ୍ଜଳ ଲଗାଇ ଦିଆଯାଏ । ଏହାକୁ 'ବସୁମତୀ ଗାଧୁଆ' ବୋଲି କୁହାଯାଏ ।

ଏମିତି ଦେଖିଲେ 'ସଜବାଜ' ଓ 'ବସୁମତୀ ଗାଧୁଆ' ଦୁଇଦିନକୁ ରଜର ତିନିଦିନ ସହିତ ମିଶାଇ ରଜପର୍ବ ପାଞ୍ଚଦିନ ଧରି ଚାଲେ । **ଓଡ଼ିଶାର କଟକ, ପୁରୀ, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରେ ଏହି ପର୍ବକୁ ଅତି ଜାକଜମକ ଭାବରେ ପାଳନ କରାଯାଏ । ଏପରିକି କଟକ ଓ ଭୁବନେଶ୍ୱର ସହରରେ ସରକାରୀ ଓ ବେସରକାରୀ ଅଫିସଗୁଡ଼ିକ ମଧ୍ୟ ବନ୍ଦ ରହେ ।** ରଜରେ ବିଦେଶରେ ରହୁଥିବା ଲୋକମାନେ ଗାଁକୁ ଫେରି ଆସିଥିବାରୁ ଗାଁଟା ଗହଳ ଚହଳରେ ପୂରି ଉଠେ । ଏହି **ଦିନମାନଙ୍କରେ ଲୋକମାନେ ବନ୍ଧୁବାନ୍ଧବଙ୍କ ଘରକୁ ବୁଲି ଯାଉଥିବାରୁ ଏହାକୁ ଏକ ବନ୍ଧୁମିଳନର ପର୍ବ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।**

ରଜପର୍ବ ପାଳନ କରିବା ପୂର୍ବରୁ ପ୍ରସ୍ତୁତିକରଣର ଆବଶ୍ୟକତା ପଡ଼େ । ତେଣୁ ସଜବାଜ ଦିନ ଲୁଗାପଟା ସଫା କରିବା, ବାଳକାଟିବା, କ୍ଷୌର ହେବା, ପନିପରିବା କାଟି ରଖିବା ସହିତ ଲଙ୍କା ହଳଦୀ ଓ ମସଲାକୁ ଗୁଣ୍ଡ କରି ରଖାଯାଏ । ପାନ ଭାଙ୍ଗିବା ସହ ପୋଡ଼ପିଠା ଓ ପିଠାପଣାର ପ୍ରସ୍ତୁତି କରାଯାଇଥାଏ । ଝିଅବୋହୂମାନେ ଗଛରେ ଦୋଳି ଖେଳନ୍ତି । ସେହିପରି ଯୁବକମାନେ ବାଗୁଡ଼ି, ଦାଣ୍ଡିଆ ପ୍ରଭୃତି ଖେଳ ପାଇଁ ମାଟିରେ ଆଗରୁ ଗାର କାଟିଥାନ୍ତି । ପିଲାମାନେ ଗୁଡ଼ି ଉଡ଼ାଇବା ପାଇଁ ଗୁଡ଼ି ତିଆରି କରିଥାନ୍ତି । ରଜରେ କିଛି କାମ ନଥିବାରୁ କୃଷକ ସମାଜରେ ସମସ୍ତେ ହସଖୁସି ଓ ଆନନ୍ଦ ଉଲ୍ଲାସରେ ସମୟ କଟାଇବା ସ୍ୱଭାବିକ କଥା । ଏହି ସମୟରେ ଗ୍ରାମମାନଙ୍କରେ ମାଛ ଓ ମାଂସ ପ୍ରଚୁର ଭାବରେ ମିଳୁଥିବାରୁ ରଜକୁ ମନ ଭରି ଉପଭୋଗ କରାଯାଏ । ରଜର ମିଠା, ଚୁଆ ଓ ଗନ୍ଧସୁଣ୍ଠି ଦିଆ ପାନର ବିଶେଷତ୍ୱ ମଧ୍ୟ ଦେଖିବାକୁ ମିଳେ ।

ରଜ ସଂକ୍ରାନ୍ତି ଦିନ ଝିଅ ବୋହୂମାନେ ମନ୍ଦିରକୁ ଭୋଗ କରିବାକୁ ଯାଆନ୍ତି । ପ୍ରାୟତଃ ଶିବ ମନ୍ଦିରକୁ ଯିବାର ଦେଖାଯାଏ । ରଜ ବା ଭୂମି ଦହନ ଦିନ ମାଟିରେ ଗାରଟିଏ ମଧ୍ୟ ପକାଯାଏ ନାହିଁ । ବସୁମତୀ ଗାଧୁଆ ଦିନ ଭୋରୁ ସ୍ତ୍ରୀଲୋକମାନେ ପିଢ଼ା ଉପରେ ବାରଣ ହୋଇଥିବା ଶିଳପୁଆ ଓ ଲଙ୍ଗଳର ଫାଳକୁ ଧୋଇ ରଜସ୍ୱଳା ପୃଥିବୀ ମାତାକୁ ହଳଦୀ ପାଣିରେ ଗାଧୋଇ ଦେଇ ସିନ୍ଦୂର ଓ କଜ୍ଜଳ ଲଗାଇ ଦେଇ ମାଟି ମାଆର ପୂଜା କରାଯାଏ । ପ୍ରତ୍ୟେକ ଘରେ ବସୁମତୀ ଗାଧୁଆ କରାଯାଉଥିବାରୁ ବେଳେ ବେଳେ କିଏ ଆଗ ଏହି ପୂଜା କରିବ ବୋଲି ସ୍ତ୍ରୀଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ ।

ରଜରେ ଯେଉଁ ନାରୀ ରଜୋବତୀ ହୁଏ କିମ୍ବା ଅନୁଢ଼ା କନ୍ୟାଟି ପୁଷ୍ପବତୀ ହୁଏ ସେମାନେ ରଜ ତିନିଦିନ ରଜ ଓଷା କରନ୍ତି । ସେମାନେ ଏହି ତିନିଦିନ କୌଣସି ପୁରୁଷର ମୁହଁ ଚାହାନ୍ତି ନାହିଁ । ଗାଧୋଇବେ ନାହିଁ ଓ ଭୂମିକୁ ସ୍ପର୍ଶ କରିବେ ନାହିଁ । ତେଣୁ ସେମାନେ କଦଳୀ ପଟୁଆ କିମ୍ବା ଗୁଆ ପଟୁଆରେ ଜୋତା ପରି ଖୋଳ କରି ଗୋଡ଼ରେ ପିନ୍ଧି ମାଟି ଉପରେ ଚାଲନ୍ତି । ସେମାନେ ଅଲଣା ଖାଇବା ସହିତ ପୂର୍ବରୁ ପ୍ରସ୍ତୁତ ପିଠା ଓ ବିଶେଷ କରି ଫଳମୂଳ ଖାଆନ୍ତି । ଏହିପରି ରଜ ଓଷା ବଡ଼ନିଷ୍ଠାର ସହ ପାଳନ କରାଯାଏ ।

ରଜରେ ପ୍ରାୟ ଆକାଶ ମେଘ ଆଚ୍ଛାଦିତ ହୋଇ ରହୁଥିବାରୁ ଖେଳ ପାଇଁ ଅନୁକୂଳ ହୁଏ । ଚନ୍ଦ୍ର ମାସର ତିଥି ନେଇ ରଜ କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷରେ ପଡ଼େ । ରଜରେ ଜହ୍ନରାତି ହେଲେ ତାହା ଖେଳ ପାଇଁ ବିଶେଷ ଉପଯୋଗୀ ହୁଏ । ରଜରେ ଅନୁଷ୍ଠିତ ହେଉଥିବା ଖେଳମାନଙ୍କ ମଧ୍ୟରେ ଝିଅବୋହୂମାନଙ୍କର ଦୋଳି ଓ ପୁଚି ଖେଳ, ଯୁବକମାନଙ୍କର ବାଗୁଡ଼ି, ଦାଣ୍ଡିଆ ଓ କ୍ରିକେଟ ମ୍ୟାଚ୍, ପିଲାମାନଙ୍କର ଗୁଡ଼ି ଭଡ଼ା, ଲୁଡୁ ଖେଳ, ବୋହୂଚୋରୀ, ଲୁଚକାଳି ଓ ବୟସ୍କମାନଙ୍କର ପଶା, ତାସ୍ ଖେଳ ପ୍ରଭୃତି ଅନ୍ୟତମ ।

ରଜରେ ଝିଅ ବୋହୂମାନେ ନୂଆ ଲୁଗା ପିନ୍ଧି ପିଠାପଣା ଖାଇ ରଜର ମିଠା ପାନ ପାଟିରେ ଦେଇ ଦିନରେ ଦୋଳି ଓ ରାତିରେ ପୁଚି ଖେଳି ଆନନ୍ଦରେ ସମୟ କଟାଇଥାନ୍ତି । ଦୋଳି ଖେଳିବା ବେଳେ ସେମାନେ ମନ ଆନନ୍ଦରେ ଗୀତ ବୋଲିଥାନ୍ତି, ଯଥା-

'ରଜ ଦୋଳି କଟମଟ ମୋ' ଭାଇ ମୁଣ୍ଡରେ ସୁନା ମୁକୁଟ...
ସୁନା ମୁକୁଟ ଲୋ ଦିଶୁଛନ୍ତି ଝଟ ଝଟ.....
ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ
ଆସିଛି ରଜରେ ହୋଇ ନୂଆ ସଜବାଜ ।'

ଏହି ଦୋଳି ଖେଳ ଏପରି ପ୍ରସିଦ୍ଧ ହୋଇ ଲୋକପ୍ରିୟ ହୋଇଥିଲା ଯେ ତାହା ଓଡ଼ିଆ ଚଳଚ୍ଚିତ୍ରମାନଙ୍କରେ ସ୍ଥାନ ପାଇଥିଲା । ସେହି ଦୋଳି ଗୀତର କିଛି ଅଂଶ ନିମ୍ନରେ ପ୍ରଦାନ କରାଗଲା -

୧. 'ଯା'ରେ ମନ ଦୋଳି ଉଡ଼ି ଯା....
ଯାଆତୁ ମେଘ ଛୁଇଁ ଫେରି ଆ.... ଆ.... ।'

୨. 'ଉଡ଼ି ଯା ମନ ମୋର ଉଡ଼ିଯା ଝୁଲି ଯା ରଜ ଦୋଳି ଝୁଲିଯା ।'

୩. 'ଆସ ବଉଳଲୋ ଆସ ସଙ୍ଗାତ ଗାଇ ରଜ ଦୋଳି ଗୀତ
ଗାଇ ରଜଦୋଳି ଗୀତ.... ।'

ରଜରେ ଦୋଳି ନ ଖେଳିଲେ କାଠ ବେଙ୍ଗ ହୋଇଯିବ ବୋଲି ଲୋକ କଥା ପ୍ରଚଳିତ ଅଛି । ତେଣୁ ଆଗେ ସମସ୍ତେ ଦୋଳି ଖେଳୁ ଥିଲେ । ଏବେ ଆଧୁନିକ ଯୁଗରେ ସେ ପ୍ରଥା ପ୍ରାୟ ଉଠିଗଲାଣି । ସେହିପରି ପୁଚି ଖେଳିବା ବେଳେ ମଧ୍ୟ ଗୀତ ବୋଲାଯାଏ-

୧. 'ପୁଚିଲୋ ଘୁଞ୍ଚିଯା କିଆବୁଦା ମୂଳେ ଲୁଚି ଯା.... ।'

୨. 'ଠିଆ ପୁଚି ନାରଙ୍ଗ ଗୋଡ଼ ଦିଇଟା ସାରଙ୍ଗ... ।'

ସେହିପରି ଗୁଡ଼ି ଉଡ଼ାଇବା ପିଲାମାନଙ୍କର ଏକ ସଉକ । ଗୁଡ଼ି ଉଡ଼ାରେ ଯାହାର ଗୁଡ଼ି ଉଚ୍ଚକୁ ଉଠିବ ସେ ଜିତିବ । ଏହି ଗୁଡ଼ି ଉଡ଼ା ଲୋକପ୍ରିୟତା ହାସଲ ତ କରି କଟକ ସହରକୁ ଏପରି ବ୍ୟାପି ଯାଇଛି ଯେ ଏବେ ମଧ୍ୟ ଗୁଡ଼ି ଉଡ଼ା ପ୍ରତିଯୋଗିତା ହେଉଛି ଓ ତାହା ଓଡ଼ିଆ କଥାଚିତ୍ରରେ ସ୍ଥାନ ପାଇଥିଲା । ଓଡ଼ିଆ ଚଳଚ୍ଚିତ୍ରରେ ପ୍ରସିଦ୍ଧ ଗାୟକ ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତି (ଖୋକା ଭାଇ) ଗୀତ ବୋଲିଛନ୍ତି -

'ଉଡ଼ି ଉଡ଼ି ଉଡ଼ି ଯାରେ ଉଡ଼ି ହେ ମୋର ଗୁଡ଼ି
ହେ ମୋର ଲଚକା ମଣି ... ହେ ମୋର ଲଚକା ମଣି... ।'

ବାଗୁଡ଼ି ଖେଳ ଅତି ପ୍ରାଚୀନ । ମହାଭାରତର ଝିମିଟି ଖେଳ ଓ ଆଧୁନିକ ଯୁଗର କବାଡ଼ି ପରି ଏହା ଖେଳାଯାଏ । ରଜରେ ଗୋଟିଏ ଗାଁର ଯୁବକ ଦଳ ସହିତ ଅନ୍ୟ ଗୋଟିଏ ଗାଁର ଯୁବକମାନଙ୍କର ଖେଳହୁଏ । ବେଳେ ବେଳେ ଏହା ବାଜିମରା ହୋଇ ପ୍ରତିଯୋଗିତା ହୁଏ । ଏବେ ଯୁବକମାନେ ବାଗୁଡ଼ି, ଦାଣ୍ଡିଆ ପ୍ରଭୃତି ପ୍ରାଚୀନ ଖେଳ

ପରିତ୍ୟାଗ କରି ତା' ପ୍ରତିବଦଳରେ କ୍ରିକେଟ୍ ମ୍ୟାଚ୍ କରାଯାଉଛି । ସେହିପରି ମଧ୍ୟ ଆଗେ ଝିଅ ବୋହୂଙ୍କର ଦୋଳି ଓ ପୁଚି ଖେଳରେ ଗାଁ ଫାଟି ପଡୁଥିଲା । ଏବେ ଆଧୁନିକ ଶିକ୍ଷିତା ଝିଅ ବୋହୂମାନେ ଏହାକୁ ପସନ୍ଦ କରୁନଥିବାରୁ ଏହା ଧୀରେ ଧୀରେ କମି ଗଲାଣି । ସମୟର ପରିବର୍ତ୍ତନ ନେଇ ଖେଳର ପରିବର୍ତ୍ତନ ଘଟିଥିଲେ ମଧ୍ୟ ମଉଜ ମଜଲିସ୍ ଓ ଆନନ୍ଦ ପ୍ରମୋଦ କମି ଯାଇ ନାହିଁ । ବର୍ଷକରେ ଥରେ ରଜପର୍ବ ପଡୁଥିବାରୁ ସମସ୍ତେ ଆଗ୍ରହର ସହିତ ଏହାକୁ ଚାତକ ପରି ଚାହିଁ ରହିଥାନ୍ତି ।

କୃଷି ପାଇଁ ଆମେ ପୃଥିବୀ ଉପରେ ନିର୍ଭର କରିଥାଉ । ରଜପର୍ବରେ ମାଟି ମାଆର ଉତ୍ପାଦନ କ୍ଷମତା ପ୍ରାପ୍ତିକୁ ନେଇ ପୂଜା କରାଯାଉଥିବାରୁ ଏହାକୁ ଏକ କୃଷିଭିତ୍ତିକ ପର୍ବରେ ପରିଗଣିତ କରାଯାଏ । ସେଥିପାଇଁ ବୋଧେ ଏହି ପର୍ବକୁ ଗ୍ରୀଷ୍ମଋତୁର ଶେଷରେ ଓ ବର୍ଷାଋତୁର ପ୍ରାରମ୍ଭ ପହିଲି ଆଷାଢ଼ରେ ପାଳନ କରାଯାଉଛି ।

ସର୍ବଶେଷରେ ଏତିକି କୁହାଯାଇପାରେ ଯେ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । କୃଷି ପାଇଁ ଆମେ ପୃଥିବୀ ଉପରେ ନିର୍ଭର କରିଥାଉ । ରଜପର୍ବରେ ମାଟି ମାଆର ଉତ୍ପାଦନ କ୍ଷମତା ପ୍ରାପ୍ତିକୁ ନେଇ ପୂଜା କରାଯାଉଥିବାରୁ ଏହାକୁ ଏକ କୃଷିଭିତ୍ତିକ ପର୍ବରେ ପରିଗଣିତ କରାଯାଏ । ସେଥିପାଇଁ ବୋଧେ ଏହି ପର୍ବକୁ ଗ୍ରୀଷ୍ମଋତୁର ଶେଷରେ ଓ ବର୍ଷାଋତୁର ପ୍ରାରମ୍ଭ ପହିଲି ଆଷାଢ଼ରେ ପାଳନ କରାଯାଉଛି । ଅତ୍ୟନ୍ତ ଆନନ୍ଦ ଓ ଉଦ୍ଦୀପନାର ସହିତ ରଜପର୍ବକୁ ପାଳନ କରାଯାଉଥିବାରୁ ଏହାକୁ ଓଡ଼ିଶାର ଏକ ଶ୍ରେଷ୍ଠ ପର୍ବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଆ ଅଧ୍ୟାପକ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମାର୍ଗ
କରାପଲ୍ଲୀ, ନାରାୟଣପୁର
ଗୋପାଳପୁର, ଗଞ୍ଜାମ

ଉପଭୋକ୍ତାଙ୍କ ଅବଗତି ନିମନ୍ତେ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପଦକ୍ଷେପ

ଉପଭୋକ୍ତାମାନେ ଯଦି ସେମାନଙ୍କର ଅଧିକାର ଓ ନୈତିକ ଦାୟିତ୍ୱ ବିଷୟରେ ସଚେତନ ହୋଇପାରିବେ, ତେବେ ବିଦ୍ୟୁତ୍ ସଂସ୍କାରର ଲାଭ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ । ଓଡ଼ିଶା ରାଜ୍ୟରେ ଅଧିକାଂଶ ଉପଭୋକ୍ତାମାନେ ଗ୍ରାମାଞ୍ଚଳରେ ରୁହନ୍ତି, ନିୟମ କାନୁନ ଓ ଅଭିଯୋଗ ପ୍ରତିବିଧାନ ବ୍ୟବସ୍ଥା ସଂପର୍କରେ ଅବଗତ ନୁହନ୍ତି । ବିଦ୍ୟୁତ୍ ଗ୍ରାହକମାନେ ନିଜର ଦାୟିତ୍ୱ ଓ ଅଧିକାର ତଥା କମ୍ପାନୀମାନଙ୍କର କର୍ତ୍ତବ୍ୟ ବିଷୟରେ ଅବଗତ ହେଲେ ବିଦ୍ୟୁତ୍ ବ୍ୟବସ୍ଥାର ଉନ୍ନତି ହୋଇପାରିବ ।

ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର୍.ସି.) ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ହିତ ପାଇଁ ବିଭିନ୍ନ ସମୟରେ ନିୟମ କାନୁନ୍, ଆଦେଶନାମା ଜାରି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆୟୋଗ ଉପଭୋକ୍ତା ଓ ବିଦ୍ୟୁତ୍ ବଣ୍ଟନ କମ୍ପାନୀର କର୍ମଚାରୀଙ୍କ ନିକଟରେ ବିଦ୍ୟୁତ୍ ସମ୍ବନ୍ଧୀୟ ନିୟମାବଳୀ ଓ ଆଦେଶନାମା ପହଞ୍ଚିବା ପାଇଁ ବିବିଧ ପଦକ୍ଷେପ ନେଇଛନ୍ତି । ଏ ସଂକ୍ରାନ୍ତରେ ଆୟୋଗ ଏକ ସ୍ୱୟଂ ସହାୟକ ପୁସ୍ତିକା ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିଛନ୍ତି । ଏହି ପୁସ୍ତିକା ପ୍ରତ୍ୟେକ ବଣ୍ଟନ କମ୍ପାନୀମାନଙ୍କର କର୍ମଚାରୀ, ଗ୍ରାମପଞ୍ଚାୟତ, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏନ୍.ଜି.ଓ.ମାନଙ୍କ ନିକଟରେ ପହଞ୍ଚିବାର ବ୍ୟବସ୍ଥା କରୁଛନ୍ତି । ଆୟୋଗ ମଧ୍ୟ ବିଭିନ୍ନ ସମୟରେ ବିଦ୍ୟୁତ୍ ସମ୍ବନ୍ଧୀୟ ଆବଶ୍ୟକ ସୂଚନା ଓଡ଼ିଆ ଏବଂ ଇଂରାଜୀ ଖବରକାଗଜ ମାଧ୍ୟମରେ ପ୍ରକାଶ କରୁଛନ୍ତି । ଅନ୍ୟ ପଦକ୍ଷେପ ସ୍ୱରୂପ ଆୟୋଗ ବିଭିନ୍ନ ସମୟରେ ମାଧ୍ୟମରେ ଫୋନ୍-ଇନ୍ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ଏହାଦ୍ୱାରା ଗ୍ରାମାଞ୍ଚଳରେ ଥିବା ସାଧାରଣ ବିଦ୍ୟୁତ୍ ଉପଭୋକ୍ତାମାନେ ସେମାନଙ୍କର ଅଭିଯୋଗ ଉପସ୍ଥାପନା କରିବା ସହିତ ତାହାର ପ୍ରତିକାର ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି ।

ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୀଘ୍ର ଓ ସୂଚାରୁରୂପେ ସମାଧାନ କରିବା ପାଇଁ ଆୟୋଗ ସମଗ୍ର ରାଜ୍ୟରେ ୧୨ଟି ଅଭିଯୋଗ ପ୍ରତିବିଧାନ ବିଚାରପୀଠ ଏବଂ ୨ଟି ବିଦ୍ୟୁତ୍ ଲୋକପାଳ ପ୍ରତିଷ୍ଠା କରିଛନ୍ତି । ଏହାର କାର୍ଯ୍ୟକାରିତା ଓ ଭୂମିକା ସଂପର୍କରେ ମଧ୍ୟ ବହୁଳ ଭାବରେ ପ୍ରସାରଣ କରାଯାଉଅଛି । ଆୟୋଗ ମଧ୍ୟ ଜନସାଧାରଣଙ୍କ ନିକଟରେ ବିଭିନ୍ନ ଆବଶ୍ୟକ ସୂଚନା ପହଞ୍ଚାଇବା ପାଇଁ ଏକ ୱେବ୍‌ସାଇଟ୍ (www.orierc.org) ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଇଚ୍ଛୁକ ଉପଭୋକ୍ତାମାନେ ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ ସୂଚନା ଅତି ସହଜରେ ପାଇପାରିବେ ।

ପଶ୍ଚିମ ଓଡ଼ିଶାର ପ୍ରାଚୀନ ବୌଦ୍ଧପୀଠ ଓ ବୌଦ୍ଧ ସଂସ୍କୃତି

ପବିତ୍ର ମୋହନ ବାରିକ

ବୌଦ୍ଧ ଧର୍ମ ଓ ସଂସ୍କୃତି ପ୍ରତି ପଶ୍ଚିମ ଓଡ଼ିଶାର ଅବଦାନ ଅତୁଳନୀୟ । ଅନେକ ପ୍ରାଚୀନ ବୌଦ୍ଧପୀଠ ଓ ଉପାସନାସ୍ଥଳୀ ସେ ଅଞ୍ଚଳରେ ଦେଖାଯାଏ, ଯାହା ବୌଦ୍ଧ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇଥିଲା । ପଶ୍ଚିମ ଓଡ଼ିଶାର ଜନଜୀବନ ଗଭୀର ଭାବରେ ବୌଦ୍ଧ ସଂସ୍କୃତି ଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ । ବୌଦ୍ଧ ଧର୍ମକୁ ଶକ୍ତିଶାଳୀ ଗଣଧର୍ମରେ ରୂପାନ୍ତରିତ କରିବା ଦିଗରେ ଏ ଅଞ୍ଚଳର ସାର୍ଥକ ଯୋଗଦାନ ସର୍ବଦା ସ୍ମରଣୀୟ । ପରିମଳଗିରି ବା ଆଧୁନିକ ଗନ୍ଧମାର୍ଦ୍ଦନ ପର୍ବତ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ଏକ ସୁପ୍ରସିଦ୍ଧ ବୌଦ୍ଧ ବିହାର ରୂପେ ଖ୍ୟାତି ଅର୍ଜନ କରିଥିଲା । ପରିମଳଗିରି ସଂଘାରାମ ହରିଶଙ୍କର-ନୃସିଂହନାଥ ପର୍ବତମାଳାରେ ଅବସ୍ଥିତ ଥିବାର ପ୍ରଖ୍ୟାତ ଐତିହାସିକ ସ୍ୱର୍ଗତ ନବୀନ କୁମାର ସାହୁ ବର୍ଣ୍ଣନା କରିଛନ୍ତି । ପରିମଳଗିରି ଆଧୁନିକ ବରଗଡ଼, ବଲାଙ୍ଗୀର ପଶ୍ଚିମପଟ ସୀମାରେଖା ସଦୃଶ୍ୟ ଉଭୟ ଜିଲ୍ଲା ମଧ୍ୟରେ ଅବସ୍ଥିତ । ଏହି ପର୍ବତର ଦୈର୍ଘ୍ୟ ପଚିଶ କିଲୋମିଟର ଓ ପ୍ରସ୍ଥ ପ୍ରାୟ ଦଶ କିଲୋମିଟର ଏବଂ ଏହାର ଉଚ୍ଚତା ୨୯୦୦ ଫୁଟ ଅଟେ ।

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ମହାଯାନ ବୌଦ୍ଧ ଧର୍ମର ସୁପ୍ରସିଦ୍ଧ ଦାର୍ଶନିକ ନାଗାର୍ଜୁନ ସାତବାହନ ସମ୍ରାଟ ଗୌତମୀ ପୁତ୍ରଙ୍କର ପୃଷ୍ଠପୋଷକତା ଲାଭ କରି ପରିମଳଗିରିଠାରେ ଏକ ବୃହତ୍ ବିହାର ସ୍ଥାପନ କରିଥିଲେ । ବର୍ତ୍ତମାନର ଗନ୍ଧମାର୍ଦ୍ଦନ ପର୍ବତ ତତ୍କାଳୀନ ପରିମଳଗିରି ଥିବାର ଡଃ ନବୀନ କୁମାର ସାହୁଙ୍କର ଯୁକ୍ତିଯୁକ୍ତ ମତକୁ ଚ୍ୟାରିସ୍ ଫେବ୍ରି ମଧ୍ୟ ସମର୍ଥନ କରିଛନ୍ତି । ସର୍ବେକ୍ଷଣରୁ ଅନେକ ବୌଦ୍ଧ ଯୁଗୀୟ ନିଦର୍ଶନର ସନ୍ଧାନ ମିଳିଛି । ମଧ୍ୟପ୍ରଦେଶର ଦକ୍ଷିଣ ପୂର୍ବାଂଶ ଓ ପଶ୍ଚିମ ଓଡ଼ିଶାରେ କୋଶଳ ରାଜ୍ୟ ଥିଲା । ସୁପ୍ରସିଦ୍ଧ ଚୀନ୍‌ର ପରିବ୍ରାଜକ ତଥା ବୌଦ୍ଧ ଧର୍ମର ସତୀର୍ଥ ସାଧକ ହୁଏନ୍‌ସାଂ ଏ ଅଞ୍ଚଳରେ ଏକଶତ ବୌଦ୍ଧ ବିହାର ଏବଂ ଏକ ହଜାର ମହାଯାନ ବୌଦ୍ଧ ସନ୍ନ୍ୟାସୀ ଥିବାର ଉଲ୍ଲେଖ କରିଛନ୍ତି । କୋଶଳ ରାଜ୍ୟ ପ୍ରତି ହୁଏନ୍‌ସାଂଙ୍କର ଅଧିକ ଆକର୍ଷଣ ଥିଲା । କାରଣ ସେ ନିଜେ ମହାଯାନ ଧର୍ମାବଲମ୍ବୀ ଥିଲେ ଏବଂ ଏହି ରାଜ୍ୟରେ ପ୍ରସିଦ୍ଧ ମହାଯାନ ଦାର୍ଶନିକ ନାଗାର୍ଜୁନଙ୍କ ବାସସ୍ଥଳୀ ଥିଲା । ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ, ପରିମଳଗିରି ବିହାର ପର୍ବତ ଦେହରେ ତଳୁ ଉପରକୁ ପାଞ୍ଚ ମହଲାରେ ନିର୍ମିତ ହୋଇଥିଲା । ପ୍ରତ୍ୟେକ ମହଲାରେ ଏକ ବଡ଼ଦଲାଣ, ଚାରୋଟି ଅଗଣା ଏବଂ ଅଗଣା ମଧ୍ୟରେ ବୁଦ୍ଧଙ୍କ ମନ୍ଦିର ପ୍ରତିଷ୍ଠିତ ଥିଲା । ମନ୍ଦିରରେ ବୁଦ୍ଧଙ୍କର ସ୍ୱର୍ଣ୍ଣ ନିର୍ମିତ ପ୍ରାୟ ଛଅଫୁଟ ଉଚ୍ଚତାର ମୂର୍ତ୍ତି ପୂଜା ପାଉଥିଲେ । ପର୍ବତର ଝରଣାରୁ ପ୍ରତ୍ୟେକ ମହଲାକୁ ଜଳ ଯୋଗାଣର ବ୍ୟବସ୍ଥା ଥିଲା । ବୋଧିସତ୍ତ୍ୱ ନାଗାର୍ଜୁନ ପରିମଳଗିରି ସାଂଘାରାମର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ । ଓଡ଼ିଶାରେ ମହାଯାନ ଧର୍ମର ଦୁଇ ମୁଖ୍ୟଧାରା ମାଧ୍ୟମିକ ଶୂନ୍ୟବାଦ ଓ ଯୋଗାଚାର ବିଜ୍ଞାନବାଦ ସୃଷ୍ଟି ହୋଇଥିଲା । ମହାମହିମ ବୌଦ୍ଧ ପଣ୍ଡିତ ନାଗାର୍ଜୁନ ମାଧ୍ୟମିକ ଶୂନ୍ୟବାଦ ଦର୍ଶନର ପ୍ରବର୍ତ୍ତକ ଥିଲେ । ତାଙ୍କର ରଚିତ ଅନେକ ଗ୍ରନ୍ଥ ଆବିଷ୍କୃତ ହୋଇଅଛି । ସେହି ଗ୍ରନ୍ଥମାନଙ୍କ ମଧ୍ୟରେ ପ୍ରଜ୍ଞା ପାରମିତା ଶାସ୍ତ୍ର, ପ୍ରଜ୍ଞା ପ୍ରଦୀପ ଶାସ୍ତ୍ରକାରିକା, ପ୍ରଜ୍ଞା ମୂଳଶାସ୍ତ୍ର ଟୀକା, ମୂଳ ମାଧ୍ୟମିକ ଶାସ୍ତ୍ର, ମଧ୍ୟନ୍ତାନୁଗମଶାସ୍ତ୍ର, ଦଶଭୂମି ବିଭାଷ ଶାସ୍ତ୍ର, ଦ୍ୱାଦଶ ନିକାୟ ପ୍ରଭୃତି ରହିଛି । ଖ୍ରୀଷ୍ଟ ଧର୍ମକୁ ଲୋକାଭିମୁଖୀ କରିବା ଦିଗରେ ସେଣ୍ଟପଲ ଯେଉଁ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ, ଅନୁରୂପ ଭାବରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ମହାଯାନ ବୌଦ୍ଧ ଧର୍ମର ଲୋକପ୍ରିୟତା ଆଣିବା ଦିଗରେ ସେହି ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ପଶ୍ଚିମ ଓଡ଼ିଶାର ବହୁ ଚର୍ଚ୍ଚିତ ବୌଦ୍ଧ ପୀଠ ପରିମଳଗିରିରେ ଶିକ୍ଷାଲାଭ କରିବା ନିମନ୍ତେ ପ୍ରାଚୀନ ସମୟରେ ଦୂରଦୂରାନ୍ତରୁ ଅନେକ ଛାତ୍ର ଓ ପଣ୍ଡିତମାନେ ଏଠାକୁ ଆସୁଥିଲେ । ସେମାନଙ୍କ ମଧ୍ୟରୁ କଳିଙ୍ଗର ରାଜଧାନୀ ସିଂହପୁରର ଅଧିବାସୀ ଆର୍ଯ୍ୟଦେବ ଥିଲେ ଅନ୍ୟତମ । ଆର୍ଯ୍ୟଦେବ ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଅନ୍ୟନାମ ଥିଲା କଣଦେବ ବା ନୀଳ ନେତ୍ର । ଆର୍ଯ୍ୟଦେବ ମାଧ୍ୟମିକ ଦର୍ଶନ ଶିକ୍ଷା କରିବା ନିମନ୍ତେ ପରିମଳଗିରିକୁ ଆସି ଏଠାରେ ବହୁ ସମୟ ପର୍ଯ୍ୟନ୍ତ ଗବେଷଣାରେ ଲିପ୍ତ ଥିଲେ । ସେ ନାଗାର୍ଜୁନଙ୍କର ପ୍ରିୟ ଶିଷ୍ୟ ଥିଲେ ଏବଂ ଗୁରୁଙ୍କ ଦେହାନ୍ତ ପରେ ପରିମଳଗିରି ବିହାରର କୁଳପତି ପଦରେ ପ୍ରତିଷ୍ଠିତ ହେଲେ । ସେ 'ଚତୁଃଶତକ' ଓ 'ଚିତ୍ତଶୁଦ୍ଧି' ପ୍ରକରଣ ନାମକ ଦୁଇଟି ଗ୍ରନ୍ଥ ରଚନା କରିଥିଲେ । 'ଚତୁଃଶତକ' ପରବର୍ତ୍ତୀ ସମୟରେ

ଜାପାନରେ ପ୍ରଚଳିତ ବୌଦ୍ଧ ଧର୍ମର ପ୍ରଧାନ ଉତ୍ସ ରୂପେ ଗୃହୀତ ହୋଇଥିଲା ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ଗଣିଆପାଲିଠାରେ ମୁଚଳିନ୍ଦ ବିହାର ପ୍ରତିଷ୍ଠାଲାଭ କରିଥିବା ବିଷୟ ଓଡ଼ିଶାର ସୁନାମଧନ୍ୟ ଐତିହାସିକ ସ୍ୱର୍ଗତ ନବୀନ କୁମାର ସାହୁଙ୍କର ଗଣିଆପାଲି ଭୂଖୋଦନରୁ ଜଣାଯାଏ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱର୍ଗୀୟ ସାହୁଙ୍କ ନେତୃତ୍ୱରେ ୧୯୭୮ ମସିହାରେ ଏହି ଐତିହାସିକ ଭୂଖୋଦନ କାର୍ଯ୍ୟ ଆରମ୍ଭ ହୋଇଥିଲା । ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଅଙ୍ଗ ଓ ମଗର ନଦୀର ଅବବାହିକା ଅଞ୍ଚଳରେ କ୍ଷୁଦ୍ରପଲ୍ଲୀ ଗଣିଆପାଲି ଅବସ୍ଥିତ । ଏହା ଏକ ମହାଯାନୀ ବୌଦ୍ଧ ବିହାର ଥିବାର ପ୍ରମାଣ ମିଳିଛି । ଇଟା ନିର୍ମିତ ବିହାର ସହିତ କେତୋଟି କ୍ଷୁଦ୍ର ପ୍ରକୋଷ୍ଠର ସନ୍ଧାନ ମିଳିଥିଲା । ସେହି ପ୍ରକୋଷ୍ଠଗୁଡ଼ିକ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଆଶ୍ରୟସ୍ଥଳୀ ଥିବାର ଜଣାଯାଏ । ଦେଢ଼ ଏକର ପରିମିତ ସ୍ଥାନରେ ଏହି ବୌଦ୍ଧ ବିହାର ଅବସ୍ଥିତ ଥିଲା । ଗଣିଆପାଲିରେ ଦୁଇଟି ମୁଚଳିନ୍ଦ ବୁଦ୍ଧ ମୂର୍ତ୍ତି ଅତି ନିଖୁଣ ଭାବରେ ଗଢ଼ା ହୋଇଛି । ନୂଆପଡ଼ା ଜିଲ୍ଲାର ମାରାଗୁଡ଼ାଠାରେ ଭୂଖନନରୁ ଏକ ବୁଦ୍ଧ ମୂର୍ତ୍ତି ମିଳିଛି । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏଠାରେ ଥିବା ଦେଉଳ ଢଙ୍ଗର ପାହାଡ଼ ଶିଖର ଦେଶକୁ ଭୂଖନନକରି ପୋଡ଼ା ଇଟା ନିର୍ମିତ ଏକ ବିରାଟ ସ୍ତୂପ ଲୋକଲୋଚନକୁ ଆଣିଛି । ହୁଏନ୍‌ସାଂଙ୍କ ବିବରଣୀରେ କୋଶଳ ରାଜ୍ୟର ରାଜଧାନୀର ଦକ୍ଷିଣ-ପଶ୍ଚିମ ଦିଗରେ ଏକ ସ୍ତୂପ ଥିବାର ଉଲ୍ଲେଖ ଅଛି । ମାରାଗୁଡ଼ା ଅବବାହିକା କୋଶଳ ରାଜ୍ୟର ରାଜଧାନୀ କୋଶଳ ନଗରୀ ରୂପେ ଚିହ୍ନିତ କରାଯାଇଛି । ଖନନରୁ ବାହାରିଥିବା ସ୍ତୂପକୁ ହୁଏନ୍‌ସାଂଙ୍କ ବର୍ଣ୍ଣିତ ସ୍ତୂପର ଧ୍ୱଂସାବଶେଷ ବୋଲି ଚିହ୍ନିତ କରାଯାଇପାରେ । ବଲାଙ୍ଗୀର ଜିଲ୍ଲାର ସଇଁତଳା, ସାଲେଭାଟ ଓ ରାଣୀପୁର ଝରିଆଲ ପ୍ରଭୃତି ବୌଦ୍ଧଧର୍ମ ସହିତ ସଂପୃକ୍ତ ଥିବା ସ୍ଥାନ ।

ସୋନପୁର ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରମୁଖ ସ୍ଥଳ ବୌଦ୍ଧଧର୍ମ ସହିତ ସଂପୃକ୍ତ । ଏହା ଅତୀତରେ ଆଦିବୁଦ୍ଧ ବିହାର ନାମରେ ପରିଚିତ ହେଲା । ସୋନପୁରରେ ଅନେକ ତାନ୍ତ୍ରିକ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ସାଧନାସ୍ଥଳୀ ଥିବାର ଗବେଷଣାରୁ ଜଣାପଡ଼େ । ସୋନପୁର ନିକଟସ୍ଥ ମହାନଦୀ ଗର୍ଭରେ ଥିବା ଏକ ପ୍ରସ୍ତରରେ ଜଣେ ଆଚାର୍ଯ୍ୟ ସିଦ୍ଧିଲାଭ କରିଥିବା ବିଶ୍ୱାସ କରାଯାଏ । ଏହା ବର୍ତ୍ତମାନ ଅପଭ୍ରଂଶ ହୋଇ ଦାରିପଥର ନାମରେ ପରିଚିତ । ସୋନପୁରର ଏକ ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ଏକ ରାଜକୁମାର ରାଜପଥ ପରିତ୍ୟାଗ କରି କଠୋର ସାଧନାରେ ନିମଗ୍ନ ରହି ସିଦ୍ଧିଲାଭ କରିଥିଲେ । ସମ୍ଭବତଃ ଏହି ରାଜକୁମାର ଥିଲେ ଦାରୀଙ୍କ ପାଦ । ସୋନପୁର ମହାନଦୀର ଏକ ଘାଟ ମତ୍ସ୍ୟେନ୍ଦ୍ରଘାଟ ନାମରେ ନାମିତ । ବିଶ୍ୱାସ କରାଯାଏ, ବୌଦ୍ଧ ଆଚାର୍ଯ୍ୟ ମତ୍ସ୍ୟେନ୍ଦ୍ରନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଘାଟ ନାମକରଣ କରାଯାଇଛି । ବିନିକା ନିକଟସ୍ଥ ତାରାପୁରଗଡ଼ର ଅଧିଷ୍ଠାତ୍ରୀ ଦେବୀ ବୌଦ୍ଧ ଧର୍ମର ଦେବୀ ରୂପେ ପରିଚିତ । ତାନ୍ତ୍ରିକ ବୌଦ୍ଧ ଧର୍ମର ମୁଖ୍ୟ ଶାଖା ବଜ୍ରଯାନ ଓ ସହଜ ଯାନ ସୃଷ୍ଟି ପଶ୍ଚିମ ଓଡ଼ିଶାର ସମ୍ବଲପୁର ଅଞ୍ଚଳରୁ । ବଜ୍ରଯାନର ପ୍ରବକ୍ତା ହେଉଛନ୍ତି - ସମ୍ବଲର ରାଜା ଇନ୍ଦ୍ରଭୂତ । ବୌଦ୍ଧ ଧର୍ମର ୮୪ ଜଣ ସିଦ୍ଧିଚାର୍ଯ୍ୟଙ୍କ ମଧ୍ୟରେ ଇନ୍ଦ୍ରଭୂତିଙ୍କର ଅସାଧାରଣ ସାଧନା ଥିଲା ଅନନ୍ୟ ଓ ଅନୁପମ । ବୌଦ୍ଧତନ୍ତ୍ର ଜଗତକୁ ତାଙ୍କର ଅବଦାନ ଓ କୃତିତ୍ୱ ବିରଳ । ପ୍ରଖ୍ୟାତ ପ୍ରାଚ୍ୟ ତତ୍ତ୍ୱବିଦ୍ ମହାପଣ୍ଡିତ ରାହୁଲ ସଂକୃତ୍ୟାୟନ ଆଧୁନିକ ସମ୍ବଲପୁରକୁ ତତ୍କାଳୀନ ସମ୍ବଲ ସହିତ ଚିହ୍ନିତ କରିଛନ୍ତି । ପଣ୍ଡିତ ତାରାନାଥଙ୍କ ମତାନୁସାରେ କାଳଚକ୍ର ତନ୍ତ୍ରର ପ୍ରବର୍ତ୍ତକ ଆଚାର୍ଯ୍ୟ ପିତୋପାଦ ବଜ୍ରପାଣିଙ୍କଦ୍ୱାରା ଆବିଷ୍ଟ ହୋଇ ଯାତ୍ରା କରିଥିଲେ ଏବଂ ସେଠାରୁ ବିଭିନ୍ନ ତନ୍ତ୍ର ସମ୍ବଳିତ ଜ୍ଞାନ ଓ ଶାସ୍ତ୍ରମାନ ଆଣି ବିଖ୍ୟାତ ବୌଦ୍ଧ ବିହାର ରତ୍ନଗିରିରେ ଛାତ୍ରମାନଙ୍କୁ ଶିକ୍ଷା ଦେଇଥିଲେ । ଇନ୍ଦ୍ରଭୂତି ଉଡ୍ଡୀୟାନସିଦ୍ଧ, ମହାଚାର୍ଯ୍ୟ, ଅବଧୂତ ଆଦି ଉପାଧିରେ ବିଭୂଷିତ ହୋଇଥିଲେ । 'ଚକ୍ର ସମ୍ବରତନ୍ତ୍ର' ଗ୍ରନ୍ଥ ଅନୁଯାୟୀ ତାନ୍ତ୍ରିକ ଗୁରୁ ପରମ୍ପରା କ୍ରମରେ ଯେଉଁ ଆଠଜଣ ଗୁରୁଙ୍କ ନାମୋଲ୍ଲେଖ ଅଛି ସେଥିରେ ରାଜା ଇନ୍ଦ୍ରଭୂତିଙ୍କ ନାମ ତୃତୀୟରେ ରହିଅଛି । ବିଦ୍ୱାନ ଓ ଗବେଷକମାନେ ଇନ୍ଦ୍ରଭୂତିଙ୍କ ସମୟକୁ ଖ୍ରୀ:୭୧୨କୁ ନିର୍ଦ୍ଧାରଣ କରିଛନ୍ତି । ଇନ୍ଦ୍ରଭୂତିଙ୍କ ପ୍ରଣୀତ ବଜ୍ରଯାନରେ ପଞ୍ଚଧ୍ୟାନୀ ବୁଦ୍ଧ ଓ ତାନ୍ତ୍ରିକ ଦେବ-ଦେବୀଙ୍କ ଆରାଧନା ମୁଖ୍ୟ ବିବେଚିତ ହେଉଥିଲେ । ଇନ୍ଦ୍ରଭୂତି ତାଙ୍କ ଜ୍ଞାନସିଦ୍ଧି ଗ୍ରନ୍ଥର ମଙ୍ଗଳାଚରଣରେ ଜଗନ୍ନାଥଙ୍କୁ ସ୍ତୁତିକରି ତାଙ୍କୁ ବୌଦ୍ଧ ଦେବତା ରୂପେ ପ୍ରକାଶ କରିଛନ୍ତି ।

ଇନ୍ଦ୍ରଭୂତିଙ୍କଦ୍ୱାରା ପ୍ରଣୀତ ବୌଦ୍ଧତନ୍ତ୍ର ବଜ୍ରଯାନ ସମଗ୍ର ଭାରତ, ନେପାଳ, ତିବ୍ବତ, ଜାପାନ ଓ ବର୍ମା ପ୍ରଭୃତି ଦେଶକୁ ବ୍ୟାପି ଯାଇଥିଲା । ଏହି ତନ୍ତ୍ର ଯାନ ପ୍ରସାର ଦିଗରେ ସମ୍ବଲପୁର ଏକ ସଫଳ ଭୂମିକା ଗ୍ରହଣ କରିଥିଲା । ବୌଦ୍ଧ ସିଦ୍ଧାଚାର୍ଯ୍ୟ ଇନ୍ଦ୍ରଭୂତିଙ୍କର ଗୁରୁଥିଲେ ଅନଙ୍ଗବଜ୍ର ଓ କମଳ ପାଦ । ସୋନପୁର ନିକଟସ୍ଥ କୋଟସମଲାଇ ପାହାଡ଼ର ଏକ ଗୁମ୍ଫାରେ ଶ୍ରୀଜଗନ୍ନାଥଙ୍କର ପ୍ରାଚୀନ ପୂଜା ସଂପର୍କୀୟ ପ୍ରତ୍ନତାତ୍ତ୍ୱିକ ଅବଶେଷମାନ ରହିଛି । କେତେକ ଗବେଷକ ବିଶ୍ୱାସ କରନ୍ତି ଏହା ଥିଲା ଇନ୍ଦ୍ରଭୂତିଙ୍କର ସାଧନାପୀଠ । ଇନ୍ଦ୍ରଭୂତିଙ୍କର ପାଳିତ ପୁତ୍ର ପଦ୍ମସମ୍ଭବ ଜାହୋର ଆଧୁନିକ କେନ୍ଦୁଝରର ରାଜକନ୍ୟାଙ୍କୁ ବିବାହ କରି ତାଙ୍କ ସହାୟତାରେ ତନ୍ତ୍ରରେ ସିଦ୍ଧିଲାଭ କରିଥିଲେ । ପଦ୍ମସମ୍ଭବ ନିଜ ଶାଳକ ଶାନ୍ତିରକ୍ଷିତଙ୍କ ସହାୟତାରେ ତିବ୍ବତ ଯାଇ ସେଠାରେ ଲାମା ଧର୍ମ ପ୍ରବର୍ତ୍ତନ କରି ସୁପରିଚିତ ହେଲେ । ଲାମା ଧର୍ମ ସହଜ ଯାନର ରୂପାନ୍ତର । ନେପାଳ, ସିକିମ୍, ଲଦାଖ ଓ ମଙ୍ଗୋଲିଆ ପ୍ରଭୃତି ଅଞ୍ଚଳରେ ଲାମା ଧର୍ମ ବିଶେଷ ଲୋକପ୍ରିୟତା ଅର୍ଜନ କରିଛି । ଇନ୍ଦ୍ରଭୂତି ୨୨ ଖଣ୍ଡ ପୁସ୍ତକର ପ୍ରଣେତା । ସେଗୁଡ଼ିକ ମଧ୍ୟରେ ଶ୍ରୀଚକ୍ର ସମ୍ଭାର ତନ୍ତ୍ର, ସିଦ୍ଧବଜ୍ର, ଯୋଗିନୀ ସାଧନା, ମହାମାୟା ସାଧନା, କୁରୁକୁଲ୍ଲା ସାଧନା

ଅନ୍ୟତମ । ଏହି ଗ୍ରନ୍ଥମାନଙ୍କରେ ବୌଦ୍ଧ ଦେବଦେବୀଙ୍କ ନାମ ସ୍ମରଣ, ସାଧନା, ମାର୍ଗ ଓ ସିଦ୍ଧିର ଉପାୟ ଇତ୍ୟାଦି ଉଲ୍ଲେଖ ଅଛି । ଇନ୍ଦ୍ରଭୂତିଙ୍କର ଆରାଧ୍ୟ ଦେବୀ ଥିଲେ ବଜ୍ର ବରାହି ଓ କୁରୁକୁଲ୍ଲା । ଇନ୍ଦ୍ରଭୂତିଙ୍କର ଭଗ୍ନି ତଥା ଶିଷ୍ୟା ଲକ୍ଷ୍ମୀଙ୍କର ଥିଲେ ବୌଦ୍ଧ ସହଜ ଯାନର ପ୍ରବର୍ତ୍ତିକା । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ ଏକମାତ୍ର ପ୍ରଭାବଶାଳୀ, ଜ୍ଞାନଦିପ୍ତା ଓ ପ୍ରଜ୍ଞାଶୀଳ ନାରୀ ସାଧିକା । ସେ ଥିଲେ ସୋନପୁରର ରାଜା ଜଳେନ୍ଦ୍ରଙ୍କର ପୁତ୍ରବଧୂ । ତାନ୍ତ୍ରିକ ବୌଦ୍ଧ ଧର୍ମରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଲକ୍ଷ୍ମୀଙ୍କର ସେ ଥିଲେ ଜଳେନ୍ଦ୍ର ପୀଠର ପ୍ରତିଷ୍ଠାତା । ସେ ନେପାଳ, ତିବ୍ଦତ ଆଦି ଅଞ୍ଚଳରେ ମଧ୍ୟ ପ୍ରସିଦ୍ଧା ଥିଲେ । ପରବର୍ତ୍ତୀ ସମୟରେ ସେ ବଜ୍ରଯାନର ମାର୍ଗ ପରିହାର କରି ଏକ ନୂତନ ସାଧନାର ମାର୍ଗ ପ୍ରବର୍ତ୍ତନ କଲେ ।

ପଞ୍ଚଧ୍ୟାନୀ ବୁଦ୍ଧ, ବୋଧିସତ୍ତ୍ୱ ଓ ବୋଧି ଶକ୍ତି ଆଦିଙ୍କ ପୂଜା ଓ ଧ୍ୟାନରେ ମୋକ୍ଷ ବା ମୁକ୍ତି ମିଳିପାରିବ, ଏଥିରେ ସେ ସମର୍ଥନ କଲେ ନାହିଁ । ସେ ଏକ ନୂତନ ମାର୍ଗର ସନ୍ଧାନ ଦେଲେ, ଯାହାଥିଲା ସହଜଯାନ । ମନୁଷ୍ୟ ଶରୀର ହିଁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପ୍ରତୀକ । ଶରୀର ମଧ୍ୟରେ ହିଁ ପଞ୍ଚଧ୍ୟାନୀ ବୁଦ୍ଧ ଓ ଅନ୍ୟାନ୍ୟ ଦେବଦେବୀ ଅଧିଷ୍ଠିତ । କାୟ ସାଧନା ବା ଦେହ ପୂଜାର ମାଧ୍ୟମରେ ମୋକ୍ଷପ୍ରାପ୍ତି ମିଳିବାର ଆଶା ରଖିଥିଲେ ଲକ୍ଷ୍ମୀଙ୍କର । ସେ ଥିଲେ ନାରୀ ସ୍ୱାଧୀନତା ଓ ବିପ୍ଳବର ପ୍ରତୀକ । ପରମ୍ପରା ଓ କୁଳଚାର ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ । ତତ୍କାଳୀନ ଧର୍ମ ଓ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ତାଙ୍କର ମତବାଦ ଉଦ୍ଦିଷ୍ଟ ଥିଲା । ମନୁଷ୍ୟ ଜନ୍ମଗ୍ରହଣ ସମୟରେ ଯେଉଁ ଗୁଣ ଓ ପ୍ରବୃତ୍ତିକୁ ସଙ୍ଗରେ ଧରି ପୃଥିବୀକୁ ଆସେ ତାହା ସହଜ । ସେହି ସ୍ୱାଭାବିକ ଗୁଣ ଓ ପ୍ରବୃତ୍ତିକୁ ଦମନ ନକରି ତାହାର ଅଭିବୃଦ୍ଧି ଓ ସମ୍ଭୋଗରେ ସିଦ୍ଧିଲାଭ କରିବାର ପନ୍ଥା ସହଜଯାନ । ତେଣୁ ଶରୀରର ଆବଶ୍ୟକତା ପୂରଣ କରିବା ଏକାନ୍ତ ବିଧେୟ । ଦୈହିକ ସୁଖ, ଶାନ୍ତି ପାଇଁ ଯୌନଚର୍ଯ୍ୟା ଆବଶ୍ୟକ । ସହଜ ଯାନ ସାହିତ୍ୟରେ ନାରୀ ଶକ୍ତିକୁ ସହଜ ସୁନ୍ଦରୀ, ଯୋଗିନୀ, ଶବରୀ, କୁଆଁରୀ ଓ ଚାଣ୍ଡାଳି ଆଦି ଆଖ୍ୟା ଦିଆଯାଇଛି । ପଶ୍ଚିମ ଓଡ଼ିଶାର ଅନେକ ଗ୍ରାମର ଗ୍ରାମଦେବତୀମାନଙ୍କୁ ଏସବୁ ନାମରେ ନାମିତ କରାଯାଇଅଛି । ବଲାଙ୍ଗୀର ଜିଲ୍ଲାର ରାଣୀପୁର-ଝରିଆଲଠାରେ ସହଜ ଯାନ ବିଶେଷ ଗ୍ରହଣୀୟ ହୋଇଥିବାର ଜଣାଯାଏ । ସେ ଅଞ୍ଚଳରେ ପ୍ରଚଳିତ ଥିବା ତଥା ବର୍ତ୍ତମାନ ଲୁପ୍ତ ଅବସ୍ଥାରେ ଆସିଯାଇଥିବା ଝାପ ନୃତ୍ୟରେ ସହଜ ଯାନ ସାଧନାର ଚିତ୍ର ଦେଖିବାକୁ ମିଳେ । ଏଠାରେ ଥିବା ଲେହାରି ଗୁଡ଼ି (ମନ୍ଦିର) ଯୋଗିନୀ ଲହୁରୁଣୀ ପାଇଁ ଉତ୍ସର୍ଗୀକୃତ ହୋଇଛି । ଭଗବତୀ ଲକ୍ଷ୍ମୀଙ୍କର ଦୃଷ୍ଟିରେ ଶକ୍ତି ହେଉଛି ସ୍ୱୟଂ ପ୍ରଜ୍ଞାପରମିତା ଓ ସେ ନାରୀ ରୂପ ଧାରଣ କରି ସର୍ବତ୍ର ବିରାଜିତ । ନାରୀଶକ୍ତି ସହଚର୍ଯ୍ୟାରେ ସହଜ ଯୋଗ ସାଧନାରୁ ଯେଉଁ ଅନିର୍ବଚନୀୟ ଉଲ୍ଲାସ ଜନ୍ମେ, ତାହା କ୍ରମୋନ୍ନତ ପ୍ରକ୍ରିୟାରେ ଚାରି ପ୍ରକାର ଯଥା- ଆନନ୍ଦ, ପରମାନନ୍ଦ, କରମାନନ୍ଦ ଓ ସହଜାନନ୍ଦ । ସହଜାନନ୍ଦ ପ୍ରାପ୍ତିର ପରିଣତ ହେଉଛି ମହାସୁଖ ଓ ସହଜସିଦ୍ଧି । ଲକ୍ଷ୍ମୀଙ୍କର ପ୍ରଦର୍ଶିତ ମାର୍ଗ ଚିନ୍ତାଧାରା ଅନୁସରଣ କରି ବୌଦ୍ଧ ସିଦ୍ଧଗଣ ସହଜିଆ ସାହିତ୍ୟ ଓ ଦର୍ଶନ ସୃଷ୍ଟି କଲେ । ସହଜ ଯାନର ପ୍ରଧାନ ପ୍ରଚାରକ ଥିଲେ କାଳନ୍ଧରୀପା । ତାଙ୍କର ଦୁଇଜଣ ଶିଷ୍ୟ ଥିଲେ ଆଚାର୍ଯ୍ୟ ବିରୂପା ଓ କୃଷ୍ଣାଚାର୍ଯ୍ୟ । ସମ୍ବଲପୁର, ବଲାଙ୍ଗୀର, ସୋନପୁର ଅଞ୍ଚଳର ବହୁ କୁମାରୀ କନ୍ୟା ଲକ୍ଷ୍ମୀକରାଙ୍କ ପଦାଙ୍କ ଅନୁସରଣ କରି ତନ୍ତ୍ର ସାଧନାରେ ସୁନିପୁଣା ଥିଲେ । ଜ୍ଞାନଦେଇ ମାଲୁଣୀ, ନିତେଇ ଧୋବଣୀ, ଲୁହକୁଟୀ ଲହୁରିଣୀ, ସୁକୁଟି ଚମାରୁଣୀ, ଶୁଆ ତେଲୁଣୀ, ଗାଙ୍ଗୀ ଗଉଡୁଣୀ, ପତରପିନ୍ଧା ସଉତୁଣୀ, ସାତଜଣ ତାନ୍ତ୍ରିକ କନ୍ୟା, ସହଜ ଯୋଗରେ ସିଦ୍ଧିଲାଭ କରିଥିବାର ଜଣାଯାଏ । ସେହି ସପ୍ତ କୁମାରୀମାନଙ୍କର ପୂଜା ଏବେ ମଧ୍ୟ ସାତ ବହନ ପୂଜା ରୂପେ ପଶ୍ଚିମ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ । ଏହି ସପ୍ତକୁମାରୀମାନଙ୍କ ପାଇଁ ବଲାଙ୍ଗୀର ଅତୀତରେ କୁମାରୀପାଟଣା ବା କାଉଁରୀ ପାଟଣା ନାମରେ ସୁବିଦିତ ଥିଲା । ଏବେ ମଧ୍ୟ ସପ୍ତ କୁମାରୀମାନଙ୍କର ରଚିତ ମନ୍ତ୍ର ତାନ୍ତ୍ରିକମାନଙ୍କ ଦ୍ୱାରା ସାଧନା କରାଯାଉଛି । ନିତେଇ ଧୋବଣୀ ସହାୟତାରେ ଚୋଡ଼ଗଙ୍ଗଦେବ ଓଡ଼ିଶା ଅଧିକାର କରିଥିବା କଥା ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ଚୋଡ଼ଗଙ୍ଗ ଦେବ ନିତେଇ ଧୋବଣୀଙ୍କୁ ନିଜର ଗୁରୁ ରୂପେ ଗ୍ରହଣ କରିଥିଲେ । ପୁରୀର ଚୁଡ଼ଙ୍ଗ ସାହିରେ ତନ୍ତ୍ର କୁମାରୀ ପିତେଇ ଧୋବଣୀଙ୍କ ପୂଜା କରାଯାଉଛି । ସୋନପୁର ରାଜଦରବାରର ସପ୍ତଦଶ ଶତାବ୍ଦୀର କବି ପ୍ରତାପ ରାଏ ସ୍ୱରଚିତ ଶଶି ସେଣା କାବ୍ୟରେ ଜ୍ଞାନଦେଇ ମାଲୁଣୀର ଆଶ୍ଚର୍ଯ୍ୟ କ୍ରିୟାକଳାପ ବର୍ଣ୍ଣନା କରିଛନ୍ତି । ପୂର୍ବତନ ଆଦିବାସୀଙ୍କ ଦ୍ୱାରା ଏବେ ମଧ୍ୟ ପତରପିନ୍ଧି ସଉତୁଣୀ ପୂଜିତା । ବୌଦ୍ଧଧର୍ମ, ସଂସ୍କୃତି ଓ ପରମ୍ପରା ପଶ୍ଚିମ ଓଡ଼ିଶାରେ ସୁଦୂର ପ୍ରସାରୀ ପ୍ରଭାବ ସୃଷ୍ଟି କରିପାରିଥିଲା । ବୌଦ୍ଧ ଧର୍ମର ବିକାଶ ଓ ସମୃଦ୍ଧିରେ ଏ ଅଞ୍ଚଳର ଯୁଗାନ୍ତକାରୀ ଯୋଗଦାନ ସର୍ବଦା ସ୍ମରଣୀୟ । ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ଜୀବନଚର୍ଯ୍ୟା, ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ବୌଦ୍ଧ ଧର୍ମ ଏକ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରିଛି ।

ଅଧ୍ୟାପକ, ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା

ବଣ୍ଡାଙ୍କ ପରବ 'ସୁମ୍‌ମେ - ଗେରିଲାକ୍'

ଡଃ ପ୍ରମୋଦିନୀ ହୋତା

ଆକାଶରେ ରୂପା ମେଘଖଣ୍ଡ, ପାହାଡ଼ୀ ଝରଣାର ଚଳଚଞ୍ଚଳ ଗତି । ଯେଉଁଠି ସନ୍ଧ୍ୟା ଆକାଶକୁ ଝଙ୍କୃତ କରେ 'ଚାଙ୍ଗୁ' ଓ 'ଡୁଙ୍ଗଡୁଙ୍ଗା'ର ଶବ୍ଦ ଯେଉଁ ସଂସ୍କୃତିରେ ଉଚ୍ଚକୋଟୀର ସୂକ୍ଷ୍ମ ମାନବିକ ମୂଲ୍ୟବୋଧ, ଉଦାରତା, ସ୍ୱାଧୀନତା ମନୋଭାବାପନ୍ନ, ମାନବବାଦ ଓ ସାମ୍ୟବାଦର ଦର୍ଶନ ଭରପୂର ହୋଇ ରହିଛି । ମଣିଷ ଯେଉଁଠି ହାତ ପାହାନ୍ତାରେ ମେଘକୁ ଛୁଇଁ ପାରେ । ମାଲ୍ୟାବନ୍ତଗିରି ପୃଷ୍ଠରେ ଦିନେ ସୀତାଙ୍କ ବିରହରେ ମ୍ରିୟମାଣ ହୋଇ ପଡ଼ିଥିବା ଶ୍ରୀରାମଚନ୍ଦ୍ରଙ୍କ ହୃଦୟ ଯନ୍ତ୍ରଣାକୁ ଉପଶମ କରିଥିଲା କଳାମେଘ ବର୍ଷା ।

ବଣ୍ଡା ଆଜିମଧ୍ୟ ଦାବିକରେ ନିଜକୁ 'ରେମୋ' ବା ଭଗବାନଙ୍କର ସୃଷ୍ଟିର ପ୍ରଥମ ମଣିଷ ବୋଲି । ସମୁଦ୍ର ପତ୍ତନଠାରୁ ୩୦୦୦ରୁ ୫୦୦୦ ଫୁଟ ଉପରେ ବଣ୍ଡା ମଣିଷର ଦେଶ ବେରିୟାର ଏଲଓ୍ୱିନଙ୍କ ଭାଷାରେ 'ବଣ୍ଡୋ ହାଇଲେଣ୍ଡସି' ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତର ଖଇରପୁଟ ବ୍ଲକ୍ ଆଗରେ ୧୫ କି.ମି. ରାସ୍ତା ପର୍ବତାରୋହଣ ପରେ ପଡ଼ିବ ଅନେକ ଛୋଟ ବଡ଼ ପାହାଡ଼ । ଆଗରେ ରହିଛି ଖାଲି ପାହାଡ଼ ଆଉ ପାହାଡ଼ ଏବଂ ଅନେକ ଅଙ୍କାବଙ୍କା ରାସ୍ତା ପରେ ପଡ଼ିବ ବଣ୍ଡା ପାଚେରୀ । ସେହି ପାହାଡ଼ ଉପରେ ପଡ଼ିବ ୧୫୦ କି.ମି. ଆୟତନ ବିଶିଷ୍ଟ ଭୂମି 'ବାରଜାଙ୍ଗର ଦେଶ' ବା ବଣ୍ଡା ରାଇଜ । ସେ ରାଜ୍ୟ କେବଳ ବଣ୍ଡା ମଣିଷର । ରାଜ୍ୟ ଚାଲେ ସେମାନଙ୍କ ନୀତିନିୟମରେ । ପାହାଡ଼କୁ ଦେଖିଲେ ଜଣାଯାଏ ସତେ ଯେମିତି ନର୍ତ୍ତକୀମାନେ ପରସ୍ପର ହାତ ଛନ୍ଦାଛନ୍ଦି ହୋଇ ଅଭିନନ୍ଦନ ଜଣାଉଛନ୍ତି । ଏହି ସ୍ଥାନଟି ଘଞ୍ଚ ବନାନୀ ପରିବେଷ୍ଟିତ ବନ୍ୟଜନ୍ତୁ, ପକ୍ଷୀଙ୍କ ମିଳିତ ଗୁଞ୍ଜନର ମିଳନ ସ୍ଥଳ, ଅତି ଶୋଭା ବିମଣ୍ଡିତ ଓ ଚିତ୍ତାକର୍ଷକ । ବଣ୍ଡା ମଣିଷର ଦେଶ ହେଉଛି ମାଟି ଆଉ ଆକାଶକୁ ଯୋଡୁଥିବା ଶିଡ଼ିଟିଏ ପରି ।

ଚଇତ ମାସର ମନମତାଣିଆ ବସନ୍ତ ପବନ, ମହୁଲ ଗଛର ଫୁଲ, ସଲପ ଗଛର ରସ, ବଉଳ ଫୁଲର ମହକ ଆଣିଦିଏ ଅପୂର୍ବ ଶିହରଣ, ବଣ୍ଡା ଯୁବକ ଯୁବତୀ ମନରେ ଭରିଦିଏ ଅଜଣା ପୁଲକ । ବଣ୍ଡା ମଣିଷ ମନମତାଣିଆ ଗୀତଗାଇ, ଗାଁ ଦାଣ୍ଡରେ ବାଇଦ (ଢୋଲ)ର ତାଳେ ତାଳେ ନାଚି କୁଦି ମହୁଲି ନିଶାରେ ମସ୍‌ଗୁଲ ହୋଇ ଉଠେ ଏବଂ ଆଦିମରୁ ଆଦିମ ପାଲଟି ଯାଇ ସ୍ତ୍ରୀ ପୁରୁଷ, ସାନବଡ଼ ବୟସର ତାରତମ୍ୟ ଭୁଲି ଆତ୍ମ ବିସ୍ମୃତ ହୋଇ ପ୍ରକୃତି ସହ ଏକାକାର ହୋଇଯାଇ ପାଳନ କରେ ଆପଣାର ଜାତୀୟ ପର୍ବ 'ସୁମ୍‌ମେ-ଗେରିଲାକ' ପର୍ବ । ବଣ୍ଡା ଜନନୀ ମହାରାଣୀ ବଣ୍ଡା ମହାଦେଇଙ୍କ ପୁତ୍ର ଯୁବରାଜ ସୋମେଶ୍ୱରଙ୍କ ବିଜୟ ଉତ୍ସବକୁ ସେମାନେ ସୋମେଶ୍ୱର ବିଜୟ କିମ୍ବା ବଣ୍ଡା ଭାଷାରେ 'ସୋମେ-ଗେରିଲାକ' ପର୍ବ ଭାବରେ ପାଳନ କରିଥାନ୍ତି । ମହାରାଜା ଜଗଦ୍ଦେବ ଭୂଷଣଙ୍କୁ ସେମାନେ 'ବୁରୁସଙ୍କ' କିମ୍ବା ଭୁଷୁଙ୍ଗ ଦେବତା ଏବଂ ମହାରାଣୀ ବଣ୍ଡା ମହାଦେଇଙ୍କୁ ବୁଣ୍ଡି (ହୁଣ୍ଡୀ) ଠାକୁରାଣୀ ରୂପେ ପୂଜା କରିଥାନ୍ତି । ଏହି ପର୍ବକୁ ବଣ୍ଡା ପୁରୁଷ ଓ ସ୍ତ୍ରୀ ଉତ୍କଣ୍ଠା ହୋଇ ବର୍ଷସାରା ଅନେଇ ରହିଥାନ୍ତି । ଡଙ୍ଗରରେ ସୁଆଁ ଜହ୍ନା, ମକା ପାଚେ ଫସଲ ଅମଳ ଶେଷରେ ବଣ୍ଡା ମନରେ କିମିଆ ଲାଗେ ।

ଚଇତ ମାସର ଏକ ନିର୍ଦ୍ଧାରିତ ରବିବାରରେ ଆରମ୍ଭ ହୁଏ ବଣ୍ଡା ସମାଜର ଜାତୀୟ ପର୍ବ 'ସୁମ୍‌ମେ-ଗେରିଲାକ' । ଏହା ରବିବାର ଦିନଠାରୁ ଆରମ୍ଭ ହୋଇ ଦଶଦିନ ପର୍ଯ୍ୟନ୍ତ ଚାଲେ । ଏହି ପର୍ବ ବଣ୍ଡାକୁ ଆଣିଦିଏ ପୂର୍ଣ୍ଣ ସ୍ୱାଧୀନତା, ଆବାଳ-ବୃଦ୍ଧ-ବନିତା ସମସ୍ତେ ପରସ୍ପର ପାର୍ଥ୍ୟକ ନରଖି ଲଜ୍ଜା ଭୁଲି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ନିର୍ଦ୍ଧାରିତ ଦିନ ଆସିଲେ ଗାଁ ଦାଣ୍ଡରେ 'କିଡ଼ିଙ୍ଗ ସାଗର' (ଢୋଲ) ବାଜେ । ଗାଁର ସୀସା (ପୂଜାରୀ) 'ସିନ୍ଧିବର' ଉପରକୁ ଆସି 'କିଡ଼ିଙ୍ଗ ସାଗର' (ଢୋଲ) ବଜାଇ ପର୍ବ ଆରମ୍ଭର ବାର୍ତ୍ତା ଜଣାଏ । ବଣ୍ଡା ବସ୍ତିର ଘରେ ଘରେ ଖେଳିଯାଏ ଆନନ୍ଦ ଉଲ୍ଲାସ । ପ୍ରଥମ ଦିନ ପୂଜା କରାଯାଏ 'ବୁରୁସୁଙ୍ଗ' ଦେବତାଙ୍କୁ ତା'ପରେ ପୂଜା ପାଆନ୍ତି ବୁଣ୍ଡୀ ଦେବୀ (ବୁଣ୍ଡୀ ଠାକୁରାଣୀ) । ବଣ୍ଡାବସ୍ତିର ବୁଢ଼ାବୁଢ଼ୀଠାରୁ ଆରମ୍ଭ କରି ଛୋଟ ଛୋଟ ପିଲା ଏକତ୍ର ହୁଅନ୍ତି 'କିଡ଼ିଙ୍ଗ ସାଗର'ର ତାଳେ ତାଳେ ପାଦରେ ପାଦ ମିଳାଇ ଉଚ୍ଚତା ଅନୁସାରେ ଧାଡ଼ି ବାନ୍ଧି ହାତରେ

ମୟୂର ପୁଚ୍ଛ ଧରି ନୃତ୍ୟ କରନ୍ତି । ନୃତ୍ୟର ଉଦ୍ଦାମତା ଓ ସଙ୍ଗୀତ ଲହରୀରେ ଆତ୍ମବିଭୋର ହୋଇ ସବୁ କିଛି ଭୁଲି ପ୍ରଗଲ୍‌ଭ ହୋଇ ନାଚିଥାନ୍ତି । ଯୁବକ ଯୁବତୀମାନେ ନୃତ୍ୟଗୀତ ଭିତରେ ରଙ୍ଗରସରେ ମାତି ଯାଆନ୍ତି । ନାଚୁ ନାଚୁ ସେମାନେ ପାଲଟି ଯାଆନ୍ତି ଆଦାମ୍ ଓ ଇଭ୍ । ସଂପୂର୍ଣ୍ଣ ନିର୍ବିକାରତ୍ୱ ରାଜୁତି କରୁଥାଏ ସେଠାରେ । ଏମିତି ନୃତ୍ୟଗୀତ ପ୍ରାୟ ତିନିଦିନ ଧରି ଚାଲେ । ଏହି ସମୟରେ ଅନ୍ୟ ଢୋଲିଆମାନେ ମଧ୍ୟ ସେମାନଙ୍କର ଢୋଲ ଧରି ଏକତ୍ର ହୁଅନ୍ତି ଗ ଚତୁର୍ଥ ଦିନ ସୀସା (ପୂଜାରୀ) ବଣକୁ ଯାଇ 'କେରଙ୍ଗ' ଡାଳ କାଟି ଆଣେ । ଏହାଦ୍ୱାରା ପର୍ବକୁ ମଜବୁତ୍ କରାଯାଏ ଏବଂ ଆରମ୍ଭ ହୁଏ ସମର ନୃତ୍ୟ । ଏହି ନୃତ୍ୟ ଚତୁର୍ଥଦିନଠାରୁ ଦଶମ ଦିନ ପର୍ଯ୍ୟନ୍ତ ଲାଗି ରହେ । ଅବିରାମ ଗତିରେ କିଡ଼ିଙ୍ଗ ସାଗର ବାଜୁଥାଏ ଏବଂ ନୃତ୍ୟ ଚାଲିଥାଏ । ଏହି ନୃତ୍ୟ ପ୍ରଥମେ ଛୋଟ ଛୋଟ ପିଲାମାନଙ୍କଠାରୁ ଆରମ୍ଭ ହୁଏ । ପିଲାମାନେ ସଲପ ଗଛର ଡାଳଧରି ଆସନ୍ତି । ଉଦ୍ଦାମ ବେଗରେ ବାଜି ଉଠେ ଢୋଲ (କିଡ଼ିଙ୍ଗ ସାଗର) । ସେମାନେ ରଣହୁଙ୍କାର ସହିତ ପିଟାପିଟି ପର୍ବ ଆରମ୍ଭ କରନ୍ତି । ସଲପ ଗଛର ଡାଳରେ ପିଟାପିଟି ସମର ନୃତ୍ୟ ଆରମ୍ଭ ହୁଏ, **ଢୋଲ ଶବ୍ଦ ଯେତେ ତୀବ୍ର ହୁଏ ସମର ନୃତ୍ୟ ସେତେ ଭୟଙ୍କର ହୁଏ । ବାଦ୍ୟର ବେଗ କମି ଗଲେ ସମର ନୃତ୍ୟ ବନ୍ଦ ହୋଇଯାଏ । ସେତେବେଳେ ଅନେକ ପିଲା ଜଖମ ହୋଇଥାନ୍ତି ଦେହରେ କ୍ଷତ ଯୋଗୁଁ ରକ୍ତ ବାହାରୁ ଥାଏ ।** କିନ୍ତୁ ସେମାନଙ୍କ ମଧ୍ୟରେ ସାମାନ୍ୟ ପ୍ରତିକ୍ରିୟା ଦେଖାଯାଏ ନାହିଁ । ଶାନ୍ତଶିଷ୍ଟ ଭାବରେ ପରସ୍ପର ପରସ୍ପରକୁ ଆଲିଙ୍ଗନ କରିଥାନ୍ତି । ମାଡ଼ଖାଇ ପିଲାମାନେ ଘରକୁ ଗଲେ ମା'ମାନେ ସେହି କ୍ଷତ ସ୍ଥାନରେ ତେଲ ଲଗାଇ ଦେଇଥାନ୍ତି । କିଛି ସମୟ ପରେ ସେମାନେ ଏକତ୍ର ସୀସା ପାଖକୁ ଆସନ୍ତି । ସୀସା (ପୂଜାରୀ) ପିଲାମାନଙ୍କୁ ପିଠା ବାଣ୍ଟେ, କିରିମ୍‌ତର (ପିଠା) ଖାଇବା ପରେ ପିଲାମାନେ ଖୁସିରେ ଘରକୁ ଯାଇଥାନ୍ତି ।



ତା'ପର ଦିନ ସନ୍ଧ୍ୟାରେ ବଡ଼ମାନଙ୍କର ସମର ପର୍ବ ଆରମ୍ଭ ହୁଏ ଅନୁରୂପ ସଂଗ୍ରାମର ନୃତ୍ୟ ସଲପ ଗଛ ଡାଳରେ ପରସ୍ପର ପିଟାପିଟି ପର୍ବ । ଢୋଲ ବାଜିବା ସଂଗେସଂଗେ ପର୍ବଟି ମାରାତ୍ମକ ହୋଇଥାଏ । ପିଟାପିଟି ବେଶୀ ହେଲେ ସୀସା (ପୂଜାରୀ) ଢୋଲ ବଜାଇବା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ । ସୀସା, ପର୍ବ ସମାପ୍ତିର ଘୋଷଣା ପରେ ନୃତ୍ୟ ବାଦ୍ୟ ବନ୍ଦ ହୁଏ । ଶାନ୍ତ ହେଲା ପରେ ଜଣେ ବଣ୍ଡା ଅନ୍ୟ ବଣ୍ଡାର ପାଦ ଛୁଇଁ ପରସ୍ପର ପରସ୍ପରକୁ ଆଲିଙ୍ଗନ କରିଥାନ୍ତି । ଦେହରେ କ୍ଷତ ହୋଇ ରକ୍ତାକ୍ତ ହୋଇଥିଲେ ମଧ୍ୟ କାହାପ୍ରତି କାହାର ବିଦ୍ୱେଷ ଭାବ ନଥାଏ । ସୀସା (ପୂଜାରୀ) ସମସ୍ତଙ୍କୁ ପିଠା ବାଣ୍ଟେ । ସମସ୍ତଙ୍କୁ ଶାନ୍ତଶିଷ୍ଟ ଭାବେ ମିଳିମିଶି ଚଳିବାକୁ ଉପଦେଶ ଦେଇଥାଏ ।

ଏହି ସମର ପର୍ବରେ ଜାତିର ଚିହ୍ନ ସ୍ୱରୂପ ଆଣ୍ଠୁରେ ଘଣ୍ଟି, ଛାତିରେ, ଝୁଲୁ ଥିବା ଦର୍ପଣ, ଅଣ୍ଟାରେ ପାନିଆ, କାନ୍ଧରେ ଟାଙ୍ଗୀ, ହାତରେ ଧନୁଶର, ବାଁ ପାଖ ଅଣ୍ଟାସୂତାରେ ବାରହା ଦାନ୍ତ ବେଣ୍ଟଥିବା ଛୁରୀ, ଡାହାଣ କାନ୍ଧରେ ଝୁଲୁଥିବା ପୋଢ଼ କିମ୍ବା ଗୟଳ ଶିଙ୍ଗର ଶିଙ୍ଗା, ପିତଳ ଘଣ୍ଟି, ଅଣ୍ଟାରେ ଗୁଡ଼ାଇ ରଖାଯାଇଥାଏ ଗାର ଗାରିଆ - ଲେଙ୍ଗୁଠି ଏବଂ ମୁଣ୍ଡରେ ମୟୂରପୁଚ୍ଛ ଲାଗିଥିବା ପାଗ ଭିଡ଼ା ଯାଇଥାଏ । ବଣ୍ଡା ରମଣୀ ଅନେକ ଅଳଙ୍କାର ପିନ୍ଧିଥାନ୍ତି । ଲାଖ, କାଚ, ଗୁଞ୍ଜମାଳି, କଉଡ଼ି ଆଦିରେ ନିର୍ମିତ ବହୁରଙ୍ଗର ମାଳି ସ୍ତର ସ୍ତରରେ ଦେହରେ ପିନ୍ଧିଥାନ୍ତି । ବେକଠାରୁ ଆରମ୍ଭ ହୋଇଥାଏ ମାଳି ଲଣ୍ଡିତ ମସ୍ତକରେ ଦୁଇ ପ୍ରକାର ମୁଣ୍ଡଫିତା 'କୁର୍‌ତବ' ଏବଂ 'ଲୋବେଡ଼ା' ପିନ୍ଧିଥାନ୍ତି ଏବଂ 'କେରଙ୍ଗ' ତନ୍ତୁରେ ନିର୍ମିତ 'ରିଙ୍ଗା' ପିନ୍ଧିଥାନ୍ତି । ଗାଁ ଦାଣ୍ଡରେ ବାଇଦର ତାଳେ ତାଳେ ମହୁଲି ନିଶାରେ ମସ୍‌ଗୁଲ ହୋଇ ନାଚି ବଣ୍ଡାମାନେ ସେମାନଙ୍କ ଜାତୀୟ ପର୍ବକୁ ପାଳନ କରିଥାନ୍ତି । ଏହି ନୃତ୍ୟରେ ଯିଏ ଅଧିକ ଆଘାତ ପାଇ ରକ୍ତାକ୍ତ ହେବ ଆଗାମୀ ବର୍ଷରେ ସେ ଅଧିକ ଫସଲ ଆମଦାନୀ କରି ସୁଖୀ ହୋଇ ପାରିବ ବୋଲି ବଣ୍ଡାମାନଙ୍କ ବିଶ୍ୱାସ ।

ପ୍ରକୃତି ସହିତ ସଂଗ୍ରାମ କରି ବଞ୍ଚିବାର ରାସ୍ତା ଏହି ପର୍ବଟି ବଣ୍ଡାମାନଙ୍କୁ ବତାଇ ଦିଏ, ବଣ୍ଡାମାନେ ସରଳ ବିଶ୍ୱାସୀ କଷ୍ଟ ସହିଷ୍ଣୁ ସଂଗ୍ରାମୀ ଆଦିବାସୀ । ସେମାନଙ୍କ ମଧ୍ୟରେ ଗୋଟିଏ ଶୃଙ୍ଖଳିତ ପରମ୍ପରା ରହିଛି, ଯାହା ସେମାନେ ପ୍ରକୃତିର ନିୟମରୁ ହିଁ ଅନୁକରଣ କରି ନିଜ ଗୋଷ୍ଠୀ ଜୀବନର ଉନ୍ନତି ପାଇଁ ପରମ୍ପରାକୁ ମାନି ନେଇଥାନ୍ତି । ସମୟର ଯାହା ପରିବର୍ତ୍ତନ ହେଉ ନା କାହିଁକି ବଣ୍ଡାମାନେ ସେମାନଙ୍କର ସ୍ୱତନ୍ତ୍ରତା ରକ୍ଷା କରିବାକୁ ଭୁଲନ୍ତି ନାହିଁ । ବଣ୍ଡା ଜନନୀ ବଣ୍ଡା ମହାଦେଇ ଏବଂ ତାଙ୍କର ସ୍ୱାମୀ ଜଗଦ୍ଦେଶ ଭୂଷଣ ମହାରାଜାଙ୍କୁ ସମ୍ମାନ ଦେଖାଇବା ଭୁଲନ୍ତି ନାହିଁ ।

ସମର ନୃତ୍ୟ ସେମାନଙ୍କୁ ଧୈର୍ଯ୍ୟ ଦୃଢ଼ତା, ସହନଶୀଳତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଶିକ୍ଷା ଦେଇଥାଏ । ବଣ୍ଡା ନିଜ ଭିତରେ ଏସବୁ ସାଇତି ରଖି ବଣ, ପାହାଡ଼, ଝଡ଼ବର୍ଷାର ହିଂସ୍ରଜନ୍ତୁ ତଥା ବିଭିନ୍ନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ତା'ର ମୁକାବିଲା କରିବା ପାଇଁ ପନ୍ଥା ନିର୍ଣ୍ଣୟ କରିଥାଏ । ତେଣୁ 'ସୁମ୍‌ମେ-ଗେରିଲାକ୍' ପର୍ବରେ ସେ ମାତାଲ ହୋଇ ଆନନ୍ଦଉଲ୍ଲାସରେ ଦିଗ୍‌ବିଜୟୀ ହେଲାଭଳି ନାଚିଥାଏ । ବଣ୍ଡାମାନେ ଗୋଷ୍ଠୀ ଜୀବନ, ସାମୂହିକ ଶକ୍ତିର ବିକାଶ, ଐକଶକ୍ତି ବଳରେ ନିଜକୁ ସୁରକ୍ଷିତ କରି ନିର୍ଭୀକ ଭାବରେ ଜୀବନ ବିତାଇଥାନ୍ତି ଏବଂ ନୃତ୍ୟଗୀତ ମାଧ୍ୟମରେ ଜୀବନକୁ ଉପଭୋଗ କରିଥାନ୍ତି ।

ପ୍ରାଧ୍ୟାପିକା
ବିଭାଗୀୟ ମୁଖ୍ୟ, ଶିକ୍ଷା ବିଭାଗ
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର

ଜୀବଜଗତ ଓ ଜଳବାୟୁ ପରିବର୍ତ୍ତନ

ବସନ୍ତ କୁମାର ଦାସ

କୌଣସି ଅଞ୍ଚଳରେ ବହୁବର୍ଷ ବ୍ୟାପି ପ୍ରାୟ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସବୁ ଋତୁରେ ପାଗର ହାରାହାରି ଅବସ୍ଥାକୁ ସେହି ଅଞ୍ଚଳର ଜଳବାୟୁ କୁହାଯାଏ ।

ପୃଥିବୀରେ ଜନସଂଖ୍ୟା ବୃଦ୍ଧି ହେତୁ ଆଜି ମର୍ତ୍ତ୍ୟର ନନ୍ଦନକାନନରେ ଝଡ଼, ତୋଫାନ, ମରୁଡ଼ି, ତାପମାତ୍ରାର ଅତ୍ୟଧିକ ବୃଦ୍ଧି ସଙ୍ଗେସଙ୍ଗେ ଜଳବାୟୁର ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ପୃଥିବୀ, ଭାରତ ଓ ଓଡ଼ିଶା କଥା ଛାଡ଼ନ୍ତୁ, ଆପଣମାନେ କ'ଣ ବିଗତ ଦଶ ବର୍ଷ ଭିତରେ ଏଇ କୋରାପୁଟ ଜିଲ୍ଲାର ଜଳବାୟୁରେ କିଛି ପରିବର୍ତ୍ତନ ଦେଖୁନାହାନ୍ତି ? ହଁ, ନିଶ୍ଚୟ, ଆପଣମାନେ ଏହାର ଜଳବାୟୁରେ କିଛି ନା କିଛି ପରିବର୍ତ୍ତନ ଦେଖୁଥିବେ । ପଞ୍ଚପଙ୍ଗମାଳୀ ପର୍ବତ ଶିଖରରେ ବସବାସ କରୁଥିବା ଲୋକମାନେ ୧୯୮୦ ମସିହା ପୂର୍ବରୁ ମେ' ମାସରେ ସ୍ୱେଟର ପିନ୍ଧି କାମ କରୁଥିଲେ । କିନ୍ତୁ ବର୍ତ୍ତମାନ ମେ' ମାସରେ ସେପରି ଶୀତ ନାହିଁ କିମ୍ବା ସ୍ୱେଟର ପିନ୍ଧିବାର ଆବଶ୍ୟକତା ନାହିଁ । ଅତୀତର ଜଳବାୟୁ ବର୍ତ୍ତମାନ ନାହିଁ ଓ ବର୍ତ୍ତମାନର ଜଳବାୟୁ ମଧ୍ୟ ଭବିଷ୍ୟତରେ ଅନୁଭୂତ ହୋଇନପାରେ ।

ତାପମାତ୍ରା, ଆର୍ଦ୍ରତା, ବୃଷ୍ଟିପାତ, ବାୟୁପ୍ରବାହ ଓ ବାୟୁଚାପ ଜଳବାୟୁର ମୁଖ୍ୟ ଉପାଦାନ ଅଟନ୍ତି । ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ, ସୁଖସ୍ୱାଚ୍ଛନ୍ଦ୍ୟ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ଜଳବାୟୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥାଏ । ଗତବର୍ଷ ଜୁନମାସ ୩ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ରାଜଧାନୀ 'ରିଓଡିଜେନେରୋ'ଠାରେ ଯେଉଁ 'ଧରିତ୍ରୀ ଶିଖର ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି ତାହାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟବସ୍ତୁ 'ଜଳବାୟୁ ପରିବର୍ତ୍ତନ ଓ ଏହାର ଆବଶ୍ୟକୀୟ ନିୟନ୍ତ୍ରଣ' ଏହି ସମ୍ମିଳନୀରେ ପୃଥିବୀର ୧୭୬ଟି ଦେଶର ୪୦ରୁ ୫୦ ହଜାର ପ୍ରତିନିଧିଙ୍କ ସମେତ ୪୬ଟି ରାଷ୍ଟ୍ରର ମୁଖ୍ୟ ଏହି ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ପାଇଁ ଦୃଢ଼ ପଦକ୍ଷେପ ନେଇଥିବାରୁ ଏହାକୁ 'ମଣିଷ ସମାଜର ଶେଷ ଆଶା' ସମ୍ମିଳନୀ କୁହାଯାଉଛି ।

ଯଦି ସେମାନଙ୍କ ପ୍ରଚେଷ୍ଟା ଦ୍ୱାରା 'ଜଳବାୟୁ ପରିବର୍ତ୍ତନ', ଯାହାକି ସମଗ୍ର ବିଶ୍ୱ ନିମନ୍ତେ ବର୍ତ୍ତମାନ ଏକ ପ୍ରମୁଖ ସମସ୍ୟା ତାହା ଯଦି ସମାଧାନ ନହୁଏ, ତେବେ ସମଗ୍ର ବିଶ୍ୱଜନତାଙ୍କର ଆଶା ଆଶାରେ ହିଁ ରହିଯିବ । ତେବେ ଏହି ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ସବୁ କ'ଣ ? ଆପଣ କ'ଣ କେବେ ଚିନ୍ତା କରିଛନ୍ତି ଯେ ଜନସଂଖ୍ୟା ବୃଦ୍ଧି, ଦାରିଦ୍ର୍ୟ, କଳକାରଖାନାମାନଙ୍କ ସଂଖ୍ୟା ବୃଦ୍ଧି, ଯାନବାହନଗୁଡ଼ିକର ସଂଖ୍ୟା ବୃଦ୍ଧି, ଆଣବିକ ବିସ୍ଫୋରଣ, ବ୍ୟାପକ ଜଙ୍ଗଲ କ୍ଷୟ, ଅଙ୍ଗାରକାମ୍ଳ (CO_2), ଯବକ୍ଷାରଜାନ (NO_2), ଡାଇଅକ୍ସାଇଡ଼, ମିଥେନ (CH_4), କ୍ଲୋରୋଫ୍ଲୋରୋକାର୍ବନ (CFC) ପ୍ରଭୃତି ସବୁଜଗୃହ ପ୍ରଭାବ (Green house effect) ନିମନ୍ତେ ଦାୟୀ ବାଷ୍ପଗୁଡ଼ିକର ପରିମାଣ ବୃଦ୍ଧି ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ଅଟନ୍ତି ।

ପୃଥିବୀରେ ପ୍ରତିବର୍ଷ ୧୨୦ ଲକ୍ଷ ହେକ୍ଟର ଜମିରୁ ଜଙ୍ଗଲ ନଷ୍ଟ କରାଯାଏ । ଯାହାର ଆୟତନ ଇଂଲଣ୍ଡ ଭଳି ଏକ ବିକଶିତ ରାଷ୍ଟ୍ରର ଆୟତନ ସଙ୍ଗେ ସମାନ । ଏହି ଜଙ୍ଗଲ କ୍ଷୟ ଯୋଗୁଁ ବାୟୁମଣ୍ଡଳରେ ବାର୍ଷିକ ୧୦୦ କୋଟିରୁ ୨୬୦ କୋଟି ଟନ ବାୟୁ ମଣ୍ଡଳରେ ମିଶୁଛି ।

'World watch' ସଂଗଠନର ବରିଷ୍ଠ ବୈଜ୍ଞାନିକ ଡ. ହାଷ୍ଟର ବ୍ରାଉନ ଯେ କି ବିଶ୍ୱର ସର୍ବଶ୍ରେଷ୍ଠ ପରିବେଶ ବିଜ୍ଞାନୀ ରୂପେ ପରିଚିତ, ଏବେ ମତପୋଷଣ କରିଛନ୍ତି ଯେ ୨୧୦୦ ମସିହାର ମଧ୍ୟଭାଗ ବେଳକୁ ପୃଥିବୀର ତାପମାତ୍ରା ଏବେଠାରୁ ୩° ସେଣ୍ଟିଗ୍ରେଡ୍ ବଢ଼ିଯିବ । ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଘଟି ଭୂଭାଗର ଜନବସତି ଜଳମଗ୍ନ ହେବ ଏବଂ ପ୍ରବଳ ଭୂମିକମ୍ପ ହେବାର ସମ୍ଭାବନା ମଧ୍ୟ ଯଥେଷ୍ଟ । ଯଦି ଏହାର ପ୍ରତିକାର କରାନଯାଏ ତେବେ ନେଡ଼ି ଗୁଡ଼ ନିଶ୍ଚୟ କହୁଣୀକୁ ବୋହିଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ସୂର୍ଯ୍ୟଙ୍କ ପ୍ରଖର ରଶ୍ମି ଫଳରେ ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହୋଇ ଓ ପ୍ରଦୂଷଣ ଘଟି ଏହି ପରିବର୍ତ୍ତନ ସୃଷ୍ଟିର ସମ୍ଭାବନା ରହିଛି । ଏହା ଫଳରେ ମେରୁ ଅଞ୍ଚଳରେ ପ୍ରବଳ ତୁଷାରପାତ ସହିତ ସମୁଦ୍ର ଜଳପତନ ପ୍ରାୟ ୧ ମିଟର ବଢ଼ିଯିବ ।

ଫଳରେ ଆଗାମୀ ଦିନମାନଙ୍କରେ ଥାଇଲାଣ୍ଡ, ନେଦରଲ୍ୟାଣ୍ଡ, ଶ୍ରୀଲଙ୍କା, ବଙ୍ଗଳାଦେଶ, ମାଳଦ୍ୱୀପ ଓ ମରିସସ୍ ପ୍ରଭୃତି ଦେଶ ଜଳମଗ୍ନ

ହେବ । ଏବେ ପ୍ରଶାନ୍ତ ମହାସାଗର ସ୍ଥିତ 'ଟାଭାଲୁ' ନାମକ ଦ୍ୱୀପ ଯାହାର ୩୦,୦୦୦ ଲୋକସଂଖ୍ୟା ଓ ଆୟତନ ୨୪ ବର୍ଗ କିଲୋମିଟର ତାହା ଏବେ ଜଳମଗ୍ନ ହେବା ଆରମ୍ଭ ହୋଇଗଲାଣି । ଏହି ଦ୍ୱୀପର ୩୦,୦୦୦ ଲୋକଙ୍କ ମଧ୍ୟରୁ ୧୦,୦୦୦ ଲୋକ ବସବାସ କରୁଥିବା ଅଞ୍ଚଳ ବୁଡ଼ି ଗଲାଣି ବୋଲି ସେହି ଦ୍ୱୀପର ରାଷ୍ଟ୍ରମୁଖ୍ୟ ଏବେ ପ୍ରକାଶ କରିଛନ୍ତି ।

ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ବିଶ୍ୱରେ ଥିବା ୬୦୦ ଆଗ୍ନେୟଗିରି ମଧ୍ୟରେ ଅନେକଗୁଡ଼ିକରୁ ବନ୍ଦ ଥିବା ସତ୍ତ୍ୱେ ଅଗ୍ନି ଉଦ୍‌ଗୀରଣ ଏବେ ପୁଣି ନୂଆକରି ଦେଖାଗଲାଣି ଯାହାକି ପ୍ରଶାନ୍ତ ମହାସାଗର ଅଞ୍ଚଳର ଉତ୍ତାପ ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ । ଏହି ଉଦ୍‌ଗୀରଣ ଫଳରେ ୨ ନିୟୁତଟନ ଗରମବାଷ୍ପ ଆକାଶମଣ୍ଡଳରେ ମିଶିଛି ବୋଲି ବୈଜ୍ଞାନିକମାନଙ୍କର ମତ । **ୱାର୍ଲଡ଼୍ ୱାଚ ସଂଗଠନର ବିବରଣୀରୁ ପ୍ରକାଶ ଯେ, ପୃଥିବୀରେ ପ୍ରାୟ ଛଅ ନିୟୁତ ହେକ୍ଟର ଜମିରେ ଚାଷ ହୋଇପାରୁନାହିଁ ଓ ତାହା ମରୁଭୂମି ଆଡ଼କୁ ଗତି କରୁଛି । ଜଳବାୟୁର ଏହି ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଅନେକ ଜାତିର ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ଲୋପ ପାଇଯାଉଛନ୍ତି ।** ଯଥା-

୧୬୦୦ରୁ ୧୯୦୦ ମସିହା ମଧ୍ୟରେ ପ୍ରତି ୪ ବର୍ଷରେ ଗୋଟିଏ ଜାତିର ଜୀବ ଲୋପ ପାଉଥିଲେ ।

୧୯୦୦ ମସିହା ପରଠାରୁ ପ୍ରତିବର୍ଷ ଗୋଟିଏ ଜାତିର ଜୀବ ଲୋପ ପାଇଗଲେ ।

୧୯୯୨ ମସିହା ପରଠାରୁ ପ୍ରତିଦିନ ଗୋଟିଏ ଜାତିର ଜୀବ ଲୋପ ପାଉଛନ୍ତି ।

ଖାଲି ସେତିକି ନୁହେଁ ପ୍ରାୟ ୨୦ ନିୟୁତଟନ ହେକ୍ଟର ଜମିରେ ଘାସ କଅଁଳୁ ନାହିଁ । ଅର୍ଥାତ୍ ସବୁର ଗତି ମରୁଡ଼ି ଆଡ଼କୁ ।

ଗତ ୩ ବର୍ଷ ତଳେ ଜଣେ ଜାପାନୀ ବୈଜ୍ଞାନିକ ଭବିଷ୍ୟତ ବାଣୀ ଦେଇ କହିଛନ୍ତି ଯେ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ଯେପରି ଜଙ୍ଗଲ କଟା ଚାଲିଛି, ଭବିଷ୍ୟତରେ ତାହା ମରୁଭୂମିରେ ପରିଣତ ହେବାର ସମ୍ଭାବନା ଅଛି ।

ଆଫ୍ରିକାର ସାହାରା, ରାଜସ୍ଥାନର ଥର ମରୁଭୂମି ଓ ଓଡ଼ିଶା ଏକ ତୃତୀୟାଂଶ ଉପରେ ଅବସ୍ଥିତ । କିନ୍ତୁ ଓଡ଼ିଶା ସେମାନଙ୍କ ଭଳି ମରୁଭୂମି ନହେବାର କାରଣ 'ଶିମିଳିପାଳ ପର୍ବତମାଳା' ବୋଲି (ବୈଜ୍ଞାନିକ) ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।

ଖାଲି ସେତିକି ନୁହେଁ ଶିମିଳିପାଳ ପର୍ବତମାଳା ଯୋଗୁଁ ଓଡ଼ିଶା, ବିହାର, ବଙ୍ଗ ଓ ମଧ୍ୟପ୍ରଦେଶ ଭଳି ଚାରୋଟି ରାଜ୍ୟର ପରିବେଶ ନିୟନ୍ତ୍ରଣ ହେଉଛି । ଏହା ହିମାଳୟଠାରୁ ଅଧିକ ପୁରାତନ ଓ ବହୁ ବଡ଼ ବଡ଼ ନଦୀକୁ ଜଳଯୋଗାଣ କରିଥାଏ । ପୂର୍ବଘାଟ ପର୍ବତମାଳାରୁ ଶିମିଳିପାଳ ମଧ୍ୟରେ ଥିବା ଓଡ଼ିଶାର କୋରାପୁଟଠାରୁ କେନ୍ଦୁଝର ପର୍ଯ୍ୟନ୍ତ ଜିଲ୍ଲାଗୁଡ଼ିକରେ ଥିବା ଜଙ୍ଗଲଗୁଡ଼ିକୁ ସଂଯୋଗ କଲେ ଭାରତର ପୂର୍ବାଞ୍ଚଳ ସମେତ ମଧ୍ୟଭାଗ ଅଞ୍ଚଳଗୁଡ଼ିକରେ ଥିବା ୭ଟି ରାଜ୍ୟର ପରିବେଶ ନିୟନ୍ତ୍ରିତ ହୋଇପାରିବ । ଗତ ଜାନୁଆରୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ 'ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେବାର ସୁଯୋଗ ମୋତେ ମିଳିଥିଲା । ସେଠାରେ ବିଶେଷଜ୍ଞମାନେ କହିଲେ ଯେ ୨୦୩୦ ମସିହା ସୁଦ୍ଧା ଉତ୍ତର ଆମେରିକାର କେନ୍ଦ୍ରାଞ୍ଚଳ ଦକ୍ଷିଣ ଏସିଆ, ସାହେଲ, ଦକ୍ଷିଣ ୟୁରୋପ ଓ ଅଷ୍ଟ୍ରେଲିଆ ପ୍ରଭୃତି ଅଞ୍ଚଳର ତାପମାତ୍ରା ବୃଦ୍ଧି ପାଇବ । ବୈଜ୍ଞାନିକମାନେ ଅଷ୍ଟ୍ରେଲିଆର ଟାସ୍‌ମାନ ସାଗରରେ ତାପମାତ୍ରା ବୃଦ୍ଧି ଓ ଜଳପତ୍ତନ ବୃଦ୍ଧି ପାଇବାର ଲକ୍ଷ୍ୟ କରିଛନ୍ତି । ସବୁଜ ଗୃହ ପ୍ରଭାବ ଯୋଗୁଁ ତାପମାତ୍ରା ବଢ଼ିବାର ଏହା ଅନ୍ୟତମ ଉଦାହରଣ । ଅଷ୍ଟ୍ରେଲିଆର ଜାତୀୟ ବୈଜ୍ଞାନିକ ସଂସ୍ଥା କହିଛନ୍ତି ଯେ ଦକ୍ଷିଣ ଗୋଲାର୍ଦ୍ଧରେ ଗଭୀର ସମୁଦ୍ରରେ ତାପମାତ୍ରା ବୃଦ୍ଧି ପାଇବାର ଏହା ପ୍ରଥମ ଘଟଣା ।

ଗତ ୨୨ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଥିବା ଏହି ସାଗରର ତାପମାତ୍ରା ୫ କିଲୋମିଟର ଗଭୀରତା ପର୍ଯ୍ୟନ୍ତ ୦.୦୩° ସେଣ୍ଟିଗ୍ରେଡ଼୍‌ରୁ ୦.୦୪° ସେଣ୍ଟିଗ୍ରେଡ଼ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଯଦିଓ ତାପମାତ୍ରା ବୃଦ୍ଧିର ପରିମାଣ କମ୍ । ତଥାପି ଏହା ସାଗର ଜଳର ଘନତ୍ୱ ହ୍ରାସ କରିଛି ଓ ସମୁଦ୍ର ପତ୍ତନ ୨ ସେଣ୍ଟିମିଟରରୁ ୩ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି କରିବାରେ ସାହାଯ୍ୟ କରିଛି, ୭-୧୦ ସେଣ୍ଟିଗ୍ରେଡ୍ ବିଶିଷ୍ଟ ସାଗର ଜଳର ଲବଣତାର ମାତ୍ରାରେ ହ୍ରାସ ଘଟିଛି ବୋଲି ଡକ୍ଟର ନାଥନ ବିଣ୍ଡୋଫ ଓ ଡକ୍ଟର ଜନ ଚର୍ଚ୍ଚ 'ନେଚର' ପତ୍ରିକାରେ ଏବେ ପ୍ରକାଶ କରିଛନ୍ତି ।

୨୦୦୦ ମସିହା ଶେଷ ବେଳକୁ ବର୍ତ୍ତମାନ ହାରରେ ଜଙ୍ଗଲ କ୍ଷୟ ଚାଲିଲେ ମୋଟ ଜଙ୍ଗଲ ପରିମାଣ ଭୂଭାଗର ମୋଟ ମାତ୍ର ଚାରି ଶତାଂଶରେ ପରିଣତ ହେବ ।

ଆମ ଦେଶର ହିମାଳୟ ପର୍ବତ ଓ ଏହାର ତଳ ଅଞ୍ଚଳ, ଉତ୍ତର ପ୍ରଦେଶରେ ଅତିମାତ୍ରାରେ ଜଙ୍ଗଲ ନଷ୍ଟ ହେଉଥିବାରୁ ପ୍ରତିବର୍ଷ ବ୍ରହ୍ମପୁତ୍ର ନଦୀରେ ପ୍ରାୟ ୪ କୋଟିରୁ ଅଧିକ ବିଲିଅନ ଟନ ମାଟି ଧୋଇ ଆସି ସମୁଦ୍ର ମୁହାଣ ପୋତି ହୋଇଯାଉଛି । ଯାହାଫଳରେ କି ଆସାମ ଓ ବଙ୍ଗଳାଦେଶରେ ପ୍ରବଳବନ୍ୟା ଦେଖାଦେଉଛି ।

ଆମ ରାଜ୍ୟରେ ଏବେ ଜଙ୍ଗଲକ୍ଷୟ ଯୋଗୁଁ ବର୍ଷା ହେବା ପରେ ହଠାତ୍ ବନ୍ୟା ଦେଖା ଦେଉଛି । ଏ ପ୍ରକାର ବନ୍ୟା ପୂର୍ବରୁ ଆଦୌ ନଥିଲା । ବର୍ତ୍ତମାନ ବର୍ଷାର ମାତ୍ରା ମଧ୍ୟ କମିଛି ।

୧୯୬୭ ମସିହାରେ ଜୁନ ମାସରେ କୋରାପୁଟ ଜିଲ୍ଲାର ହାରାହାରି ବୃଷ୍ଟିପାତ ୩୧୯.୮୩୨ ମି.ମି. ଥିଲାବେଳେ, ୧୯୯୦ ମସିହା ଜୁନ୍ ମାସକୁ ୧୯୪.୯ ମି.ମି. ଓ ୧୯୯୧ ମସିହା ଜୁନ

ମାସକୁ ତାହା ୧୪୮.୨ ମି.ମି.କୁ ଖସି ଆସିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ।

ଭବିଷ୍ୟତରେ ଯଦି ପ୍ରକୃତି ଉପରେ ଏପରି ଅତ୍ୟାଚାର କରାଯାଏ, ତେବେ ଶ୍ୟାମଳ ଗ୍ରହ ବୋଲାଉଥିବା ଏହି ପୃଥିବୀରେ ବୁନ୍ଦାଏ ବର୍ଷା ମାଟିରେ ପଡ଼ିବା ସ୍ୱପ୍ନ ହେବ ଏଥିରେ ଦ୍ୱିମତ ନାହିଁ । ବୈଜ୍ଞାନିକମାନଙ୍କ ମତରେ ହୀରାକୁଦ ବନ୍ଧ ଯୋଗୁଁ ସମ୍ବଲପୁର ଅଞ୍ଚଳର ଜଳବାୟୁରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଆଣ୍ଟାର୍କଟିକା ନିକଟବର୍ତ୍ତୀ ଚିଲି ଦେଶରେ କେତେକ ଅଞ୍ଚଳରେ ଅତିବାଇଗଣୀ ରଶ୍ମି ବିକିରଣ ଫଳରେ ଲୋକମାନଙ୍କର ରୋଗ ନିରୋଧ ଶକ୍ତି କମିଯାଉଛି । ପିଲାମାନେ ପଦାକୁ ବାହାରିଲେ ସେମାନଙ୍କ ମୁହଁ ହାତ ପୋଡ଼ିଗଲା ଭଳି ଲାଗୁଛି । ସେଠାରେ ଆଖି ଫୁଲିଯିବା ଓ ଆଖି କୁଣ୍ଡେଇ ହେବା ଏବେ ଏକ ସାଧାରଣ ଘଟଣା ହୋଇପଡ଼ିଛି ।

ଏପରି ପରିସ୍ଥିତି ଯଦି ଏଠାରେ ଲାଗି ରହେ ତେବେ ସେଠାକାର ଲୋକମାନେ ଆଗାମୀ ଦିନମାନଙ୍କରେ ଅନ୍ଧ ହୋଇ ଯାଇଥିବେ । ପିଲାମାନେ ବୟସ୍କଙ୍କଠାରୁ ବେଶୀ ଶାରୀରିକ ପରିଶ୍ରମ କରନ୍ତି । ବର୍ତ୍ତମାନ ଯେପରି ଜଳବାୟୁ ପରିବର୍ତ୍ତିତ ହେଉଛି, ଏହାର ହାର ଯଦି ବଢ଼ି ବଢ଼ି ଚାଲେ ତେବେ ପୃଥିବୀରେ ବୟସ୍କଙ୍କ ଅପେକ୍ଷା ପିଲାମାନଙ୍କର ସ୍ନାୟବିକ ଦ୍ରୌବଲ୍ୟ, ବ୍ରୋଙ୍କାଇଟିସ୍, ଚର୍ମକର୍କଟ, ଫୁସ୍‌ଫୁସ୍ କର୍କଟ ଓ ଟ୍ୟୁମର ସମେତ ଅନେକ ନୂଆ ନୂଆ ରୋଗ ହେବାର ସମ୍ଭାବନା ପ୍ରକାଶ ପାଇଛି ।

ଖାଲି ମଣିଷ ସମାଜ ନୁହେଁ ଉଦ୍ଭିଦ ଜଗତ ଉପରେ ଜଳବାୟୁ ପରିବର୍ତ୍ତନର ଗଭୀର ପ୍ରଭାବ ପଡ଼ିବ । ଭବିଷ୍ୟତରେ ଆଳୁରେ ପୋକ ଲାଗିବାର ସମ୍ଭାବନା ବଢ଼ିଯିବ, ନିମ୍ବମାନର ଫଳ ଫଳିବ, ସାମୁଦ୍ରିକ ସ୍ରୋତର ଦିଗ ପରିବର୍ତ୍ତନ ଯୋଗୁଁ ମାଛ ସମ୍ବଳ ପରେ ପ୍ରଭାବ ପଡ଼ିବ । ସାମୁଦ୍ରିକ ଜଳର ଉତ୍ତାପ ବଢ଼ିବା ଯୋଗୁଁ ଅନେକ ଜଳରେ ପ୍ରାଣୀ ସବୁଦିନ ପାଇଁ ପୃଥିବୀରୁ ନିପାତ ହୋଇଯିବେ, ତୁନ୍ଦ୍ରାଞ୍ଚଳ ଓ ମେରୁ ଅଞ୍ଚଳରେ କୃଷିକାର୍ଯ୍ୟ ସହଜସାଧ୍ୟ ହେବ । ଚିଲିକା ଓ ଭିତରକନିକା ପ୍ରଭୃତି ଅଞ୍ଚଳରେ ଶୀତଦିନେ ବିଦେଶରୁ ପକ୍ଷୀ ବା ଅଲିଭ୍ ରିଡ୍‌ଲେଙ୍କର ଆଗମନ ହେବନି କିମ୍ବା ଦାରିଙ୍ଗିବାଡ଼ି, ଓଡ଼ିଶାର କାଶ୍ମୀର ବୋଲାଉଥିବା ଫୁଲବାଣୀର ଏହି ଅଞ୍ଚଳରେ ଶୀତଦିନେ ପ୍ରବଳ ଥଣ୍ଡା ଅନୁଭୂତ ହେବ ନାହିଁ ।

ଏଣୁ ଏପରି ବିପର୍ଯ୍ୟୟରୁ ସମଗ୍ର ବିଶ୍ୱକୁ ରକ୍ଷା କରିବାକୁ ହେଲେ ସମସ୍ତେ ମିଳିମିଶି ଜଙ୍ଗଲ ସୁରକ୍ଷା, ଜନସଚେତନତା ଶକ୍ତି ଅପଚୟ ନ କରିବା, ଧନୀ ରାଷ୍ଟ୍ରମାନ ପ୍ରଦୂଷଣ ରୋକିବା, ଦେଶ ଦେଶ ମଧ୍ୟରେ ପ୍ରଦୂଷଣ ସମ୍ବନ୍ଧୀୟ ବୈଷୟିକ ଜ୍ଞାନର ଅଦଳବଦଳ କରିବା, ନିଷ୍ପାପର ଭାବେ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ରଖିବା, କ୍ଲୋରୋଫ୍ଲୋରୋକାର୍ବନର ବ୍ୟବହାର କମେଇବା, ଦୀର୍ଘସ୍ଥାୟୀ ବିକାଶକୁ ଉତ୍ସାହିତ କରିବା, ସବୁଜ ଗୃହ ପ୍ରଭାବ ସୃଷ୍ଟି କରୁଥିବା ବାଷ୍ପର ପରିମାଣ ହ୍ରାସ କରିବା, ସରକାରଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିବା, ୟୁନାଇଟେଡ୍ ନେସନ୍ସ ଏନ୍‌ଭାରନ୍‌ମେଣ୍ଟ ପ୍ରୋଗ୍ରାମ ଓ ୱାର୍ଲଡ଼ ମେଟ୍ରୋଲୋଜିକାଲ ଅର୍‌ଗାନାଇଜେସନ୍‌ର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆନ୍ତର୍ଜାତୀୟ ପରିବେଶ ପାଣ୍ଠି ଗଠନ କରିବା, ବିହନ ବ୍ୟାଙ୍କ୍ ଗ୍ରାମରେ ଖୋଲିବା, ପ୍ରତ୍ୟେକ ଗ୍ରାମରେ ସବୁଜ ପ୍ରାଚୀର ସୃଷ୍ଟି କରିବା, ପ୍ରାଥମିକ ଶିକ୍ଷାର ଆରମ୍ଭରୁ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପାଠ୍ୟକ୍ରମ ପ୍ରଚଳନ କରିବା । ଦାରିଦ୍ର୍ୟ, କ୍ଷୁଧା, ନିରକ୍ଷରତା ନିବାରଣ କରିବା ଓ ଜଙ୍ଗଲ ସଂପଦର ସଂରକ୍ଷଣର ଦାୟିତ୍ୱ ଛାତ୍ରଛାତ୍ରୀଙ୍କ ହାତରେ ନ୍ୟସ୍ତ କରିବା ପ୍ରଭୃତି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଇପାରିଲେ ନିଶ୍ଚିତ ଭାବେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରାଯାଇପାରିବ ।

କ୍ୱା.ନଂ.- ବି/୧୧୩, ସେକ୍ଟର-୧
ନାଲ୍‌କୋ ଟାଉନ୍‌ସିପ୍, ଦାମନଯୋଡ଼ି-୭୬୩୦୦୮
କୋରାପୁଟ

ନିଖିଳ ଓଡ଼ିଶା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସଂଘର ୩୨ତମ ତିନିଦିନିଆ ବାର୍ଷିକୋତ୍ସବ ପୂର୍ବମ୍, ୨୦୦୮କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସନାତନ ବିଶି ଉଦ୍‌ଘାଟନ କରୁଛନ୍ତି । ୩.୦୫.୦୮

ସ୍ୱର୍ଗୀୟ ଫକୀରମୋହନ

ଗୋପାଳ ଚନ୍ଦ୍ର ପ୍ରହରାଜ

ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ରଚିତ 'ଆମ ଘରର ହାଲଚାଲ' ଲେଖା ଯାହା 'ଉତ୍କଳ ସାହିତ୍ୟ' ପତ୍ରିକାର ୨୨ ଭାଗ ୪ର୍ଥ ସଂଖ୍ୟା ୧୩୨୫ ସାଲ ଶ୍ରାବଣ ସଂଖ୍ୟାରେ ପ୍ରକାଶିତ ହୋଇଥିଲା, ଆବଶ୍ୟକତା ଦୃଷ୍ଟିରୁ ଫକୀରମୋହନଙ୍କ ଶ୍ରାଦ୍ଧମାସରେ ଆମେ, ଏଠାରେ ତାହାକୁ ସ୍ଥାନିତ କରୁଛୁଁ : ମୁଖ୍ୟ ସଂପାଦକ

ଉତ୍କଳର ବ୍ୟାସ-ବାଲ୍ମିକୀ ଓ ଉତ୍କଳ ସରସ୍ୱତୀଙ୍କ ବରପୁତ୍ର ଫକୀରମୋହନ ସେନାପତି ଇହସଂସାରରୁ ବିଦାୟ ଘେନି ଅମରଧାମକୁ ଚାଲି ଯାଇଅଛନ୍ତି । ଗତ କେତେକ ବର୍ଷ ମଧ୍ୟରେ ଉତ୍କଳ-ଜନନୀ ଆଧୁନିକ ଉତ୍କଳ ସାହିତ୍ୟକ୍ଷେତ୍ରରୁ କେତେଗୁଡ଼ିଏ ରଥୀ ଅର୍ଥାତ୍ ରାଧାନାଥ, ମଧୁସୂଦନ ଓ ଗୌରୀଶଙ୍କରଙ୍କୁ ହରାଇ ସୁଦ୍ଧା ଫକୀରମୋହନଙ୍କ ଯୋଗୁଁ ସେ ଅଭାବ ଦୃଢ଼ ରୂପେ ଅନୁଭବ କରି ନଥିଲେ । ଆଜି ଫକୀରମୋହନଙ୍କୁ ହରାଇବାଦ୍ୱାରା ଉତ୍କଳ-ସାହିତ୍ୟାକାଶ ଶୂନ୍ୟ ହୋଇଅଛି ବୋଲିବାକୁ ହେବ । ଚାରିଜଣଙ୍କର ନିଷ୍ଠାପର ସାହିତ୍ୟସେବା ଓ ସାହିତ୍ୟକ୍ଷେତ୍ରରେ ସାଧନା ଉତ୍କଳରେ ଦୁର୍ଲଭ । ସାହିତ୍ୟ ଓ ମାତୃଭାଷାର ସେବା କରିବା ବେଳେ ଏମାନେ ସମସ୍ତ ଅଭାବ, ସମସ୍ତ ସାଂସାରିକ ଓ ଶାରୀରିକ ଦୁଃଖ ଓ ବାର୍ଦ୍ଧକ୍ୟର କଷ୍ଟ ଓ ଅସୁବିଧାକୁ ତୁଚ୍ଛ ମଣି ନିଜ ନିଜ ଜୀବନକୁ ସରସ୍ୱତୀଙ୍କ ଆରାଧନାରେ ଉତ୍ସର୍ଗ କରିଥିଲେ । ଆଧୁନିକ ଉତ୍କଳ-ସାହିତ୍ୟ-ଯୁଗରେ ଏ ଚାରିଜଣଙ୍କର ସ୍ଥାନ ସ୍ୱତନ୍ତ୍ର ଓ ଅତ୍ୟୁଚ୍ଚ, ଏହା ଉତ୍କଳ ସାହିତ୍ୟର ଇତିହାସ ଲେଖକ କଳନା କରିବେ । ଉତ୍କଳ ସାହିତ୍ୟର କାବ୍ୟଯୁଗ ବା ଉପେନ୍ଦ୍ର ଭଞ୍ଜ ଯୁଗର ଏବଂ ଆଧୁନିକ ଯୁଗର ସନ୍ଧିସ୍ଥଳରେ ଏମାନେ ଆବିର୍ଭୂତ ହୋଇ ଅଳଙ୍କାର ଜଡ଼ିତ ସାହିତ୍ୟକୁ ସୁରୁଚିପୂର୍ଣ୍ଣ ଓ ସ୍ୱାଭାବିକ ପରିଚ୍ଛଦଦ୍ୱାରା ପରିପାଟୀ କରି ଯାଇଅଛନ୍ତି । ଉତ୍କଳଦୀପିକାର ପରିଚାଳନାଦ୍ୱାରା ଗୌରୀଶଙ୍କର ଯେଉଁ ଏକନିଷ୍ଠତା ଦେଖାଇ ଯାଇଅଛନ୍ତି ଓ ଆଧୁନିକ ଉତ୍କଳ ଭାଷା ଗଠନ ପକ୍ଷରେ ଯେଉଁ ସାହାଯ୍ୟ କରିଅଛନ୍ତି, ତାହାର ମୂଲ୍ୟ ନିରୂପଣ କରିବା ସହଜ ନୁହେଁ ।



ଉପରୋକ୍ତ ଚାରିଜଣଙ୍କୁ ଆଧୁନିକ ସାହିତ୍ୟ ଓ ଭାଷାକ୍ଷେତ୍ରରୁ ବାଦ ଦେଲେ ଆଧୁନିକ ଉତ୍କଳ ସାହିତ୍ୟରେ ଗର୍ବ କରିବାର ବସ୍ତୁ ଅତି ଅଳ୍ପ ରହିଯିବ ।

ନବ୍ୟ ଯୁଗର ପୂର୍ବବର୍ତ୍ତୀ ଯୁଗରେ ଉତ୍କଳ ସାହିତ୍ୟର କେବଳମାତ୍ର ସମ୍ବଳ ଥିଲା ପଦ୍ୟ ବା କାବ୍ୟ । ବ୍ରିଟିଶ ଜାତିର ଓଡ଼ିଶା ଅଧିକାର ସଙ୍ଗେ ସଙ୍ଗେ ଓଡ଼ିଶାବାସୀମାନେ ଯେପରି ବିଦେଶୀୟ ଭାବର ସଂସ୍ରବରେ ଆସିଥିଲେ, ସେହିପରି ଉତ୍କଳ ଭାଷା ଓ ସାହିତ୍ୟ ମଧ୍ୟ ବିଦେଶୀୟ ଓ ବିଶେଷତଃ ବଙ୍ଗୀୟ ସାହିତ୍ୟ ଓ ଭାଷାର ସଂସ୍ରବରେ ଆସି ପୁଷ୍ଟିଲାଭ କରିବାକୁ ଲାଗିଲା । ଯାହାହେଉ ଏସବୁ ବିଷୟ ଆଲୋଚନା କରିବା ସାହିତ୍ୟର ଇତିହାସ ଲେଖକଙ୍କର ସୀମା । ସେ ସୀମା ମଧ୍ୟକୁ ପ୍ରବେଶ କରିବା ପାଇଁ ମୋର ବିଦ୍ୟା ବୁଦ୍ଧି ଓ ଶକ୍ତି ନାହିଁ । ରାଧାନାଥ ଉତ୍କଳର ପ୍ରାକୃତିକ ଦୃଶ୍ୟ ଗୌରବମୟ ଅତୀତକୁ ଯେଉଁ ଭାବରେ ଚିତ୍ରିତ କରି ଯାଇଅଛନ୍ତି, ତଦ୍ୱାରା ଭାବୁକ ଚକ୍ଷୁରେ ଉତ୍କଳର ପ୍ରତ୍ୟେକ ଲୋଷ୍ଟ୍ରଖଣ୍ଡ ଓ ପ୍ରତ୍ୟେକ ଧୂଳିକଣା ସ୍ୱର୍ଣ୍ଣରେଣୁ ରୂପେ ଉଭାସିତ ହୋଇଅଛି । ଉତ୍କଳ-ପ୍ରକୃତିର ପ୍ରଚ୍ଛନ୍ନ-ମାଧୁରୀକୁ ରାଧାନାଥ ଆଣି ଆମ୍ଭମାନଙ୍କ ଆଗରେ ରଖି ସେମାନଙ୍କ ଚିତ୍ରକରର ତୂଳିକାଦ୍ୱାରା ମଧୁମୟ ଓ ବିଚିତ୍ର କରି ଯାଇଅଛନ୍ତି । ପ୍ରତିବେଶୀ ସାହିତ୍ୟମାନଙ୍କର ଭାବ ଓ ଛଟାକୁ ସେ ଆହରଣ କରି ଆଧୁନିକ ଉତ୍କଳ ସାହିତ୍ୟକୁ ଚିରକାଳ ପାଇଁ ପରିପୁଷ୍ଟ କରି ଯାଇଅଛନ୍ତି ।

ସାହିତ୍ୟରେ ସାହିତ୍ୟିକ ଗଦ୍ୟ ଲେଖା ମଧୁସୂଦନଙ୍କଠାରୁ ଆରମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରବନ୍ଧମାଳାର ଶବ୍ଦ ବିନ୍ୟାସ, ବାକ୍ୟ ରଚନା, ପଦଯୋଜନାମାନ ପ୍ରତ୍ୟେକ ପାଠକର ହୃଦୟକନ୍ଦରକୁ ଝଙ୍କାରିତ କରି ଦିଏ । ଉତ୍କଳ ଭାଷାର ଏହି ଓଜସ୍ୱିତା ପୂର୍ବେ କେହି ଉପଲବ୍ଧି କରି ନଥିଲା । ମଧୁସୂଦନ ଭାଷାର ଏହି ଅଚିନ୍ତନୀୟ କ୍ଷମତା-ଉତ୍ସକୁ ପ୍ରବନ୍ଧମାଳାଦ୍ୱାରା ଉଦ୍‌ଘାଟିତ କରିଥିଲେ । ଛାନ୍ଦମାଳାରେ ଷଡ଼୍‌ଋତୁଚିତ୍ର ଓ ପଲ୍ଲୀଶୋଭା ପ୍ରତି ପ୍ରଥମେ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷିତ ହୋଇଥିଲା । ଲୋକେ ସଭ୍ୟ, ଶିକ୍ଷିତ ଓ ମାର୍ଜିତ ହେବା ମାତ୍ରକେ ରାଜଧାନୀ ଓ ସହର ପ୍ରତି ସେମାନଙ୍କର ମମତା ବଢୁଥିଲା । କିନ୍ତୁ 'ଛାଡ଼ି ବନ୍ଧୁ ନଗର ଚହଳ, ଯିବା ଚାଲ ଯେଉଁ ସ୍ଥାନେ ଗୋପାଳ କୃଷକମାନେ ଆନନ୍ଦେ କାଟନ୍ତି ଦିନ' ଏ କଥା ମଧୁସୂଦନ ଆମ୍ଭମାନଙ୍କୁ ଶିଖାଇଲେ । ଫଳତଃ କବିତା ମଧୁସୂଦନଙ୍କର କ୍ଷେତ୍ର ଥିଲା - ପ୍ରଥମେ ପ୍ରଥମେ ପ୍ରତ୍ୟେକ କବିତାର ଶେଷରେ ପାଠକର ମନକୁ ଲୀଳାମୟ ବିଭୁଙ୍କ ଆଡ଼କୁ କବି ଆକର୍ଷଣ କରୁ କରୁ ଶେଷରେ କବି ନିଜେ ବିଭୁ ପ୍ରେମରେ ଏପରି ମତ୍ତ ହୋଇ ଯାଇଥିଲେ ଯେ, ତାଙ୍କର ପ୍ରତ୍ୟେକ କବିତାରୁ ଭକ୍ତି-ପ୍ରସ୍ରବଣ ବହି ପାଠକ ମନକୁ ପ୍ରେମରେ ବିଭୋର କରି ପକାଉଥିଲା । ମଧୁସୂଦନ ଜାତୀୟ ଭାବୋଦ୍ଦୀପକ ପଦ୍ୟ ଓ ସ୍ୱଦେଶ-ପ୍ରେମୋଦ୍ଦୀପକ କବିତାଦ୍ୱାରା ମଧ୍ୟ ଉତ୍କଳ-ସାହିତ୍ୟ-କୁଞ୍ଜକୁ ଝଙ୍କାରିତ କରି ଯାଇଅଛନ୍ତି । ମଧୁସୂଦନଙ୍କ ଲେଖାରେ ଭାଷାର ମାଧୁରୀ, ଭାବର ପବିତ୍ରତା ଓ ହୃଦୟର ସରଳ ବିଶ୍ୱାସ ପ୍ରତିଫୁଟିଷ୍ଠାରେ ଉଛୁଳି ପଡ଼ିଅଛି ଓ ଉତ୍କଳ ତାଙ୍କୁ ଭକ୍ତକବି ଆଖ୍ୟାଦ୍ୱାରା ସମ୍ମାନିତ କରିଅଛି ।

ଭାଷାରୁ ଏହିସବୁ ପ୍ରାଦେଶିକତା ଦୂର କରି ସମଗ୍ର ଉତ୍କଳରେ ଗୋଟିଏ ସାଧାରଣ ଭାଷା ପ୍ରବର୍ତ୍ତାଇବା ବିଷୟରେ ଉତ୍କଳଦୀପିକା ଯେଉଁ କାର୍ଯ୍ୟ କରିଅଛି, ତହିଁରୁ ମୂଲ୍ୟ ନିରୂପଣ କରିବା ସହଜ ନୁହେଁ ।

ଗୌରୀଶଙ୍କର ସମ୍ବାଦପତ୍ରର ସମ୍ପାଦକରୂପେ ଅବତୀର୍ଣ୍ଣ ହେବା ପୂର୍ବେ ଉତ୍କଳରେ ଗୋଟିଏ ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଉପାୟରେ ଉତ୍କଳୀୟମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେଉ ନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣ ଥିଲା, ଏମନ୍ତ କି, ଉତ୍କଳ ଭାଷୀ ଗୋଟିଏ ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳରେ ଲୋକେ ବୁଝିପାରୁ ନଥିଲେ । ଭାଷାରୁ ଏହିସବୁ ପ୍ରାଦେଶିକତା ଦୂର କରି ସମଗ୍ର ଉତ୍କଳରେ ଗୋଟିଏ ସାଧାରଣ ଭାଷା ପ୍ରବର୍ତ୍ତାଇବା ବିଷୟରେ ଉତ୍କଳଦୀପିକା ଯେଉଁ କାର୍ଯ୍ୟ କରିଅଛି, ତହିଁରୁ ମୂଲ୍ୟ ନିରୂପଣ କରିବା ସହଜ ନୁହେଁ ।

ଉପରେ ଯେଉଁ ତିନିଜଣ ମହାତ୍ମାଙ୍କର ନାମ ଉଲ୍ଲେଖ କରିଅଛି, ସେମାନେ ଉତ୍କଳ-ସାହିତ୍ୟର ଗୋଟିଏ ଗୋଟିଏ ବିଭାଗକୁ ଅବଲମ୍ବନ କରି ଉତ୍କଳ ସାହିତ୍ୟକୁ ମାର୍ଜିତ ଉନ୍ନତ ଓ ପରିପୂତ କରି ଯାଇଅଛନ୍ତି । କିନ୍ତୁ ଫକୀରମୋହନଙ୍କଠାରେ ଏ ତିନିଜଣଙ୍କ କାର୍ଯ୍ୟର ସମନ୍ୱୟ ଦେଖାଯାଉଥିଲା । କି ଗଦ୍ୟ, କି ପଦ୍ୟ, କି ପାଠ୍ୟପୁସ୍ତକ, କି ଧର୍ମଶାସ୍ତ୍ର, କି ଉପନିଷଦ, କି ଦର୍ଶନ, କି ଉପନ୍ୟାସ, କି ବ୍ୟଙ୍ଗୋକ୍ତି, ସବୁଥିରେ ସେ ସିଦ୍ଧହସ୍ତ ଥିଲେ । ବାଲ୍ୟକାଳରୁ ନାନା ବୈଷୟିକ ଅବସ୍ଥାରେ ଓ ସୁଖରେ ଦୁଃଖରେ ପଡ଼ି ସଂସାର ସଙ୍ଗେ ତାଙ୍କର ଏତେଦୂର ପରିଚୟ ହୋଇଥିଲା ଓ ମନୁଷ୍ୟ-ପ୍ରକୃତିକୁ ପର୍ଯ୍ୟବେକ୍ଷଣ କରିବାରେ ସେ ଏପରି ପଟୁ ଥିଲେ ଯେ, ସେ ଯେତେବେଳେ ଯେଉଁ ରୂପ ପଢ଼ିବାକୁ ଚେଷ୍ଟା କରିଅଛନ୍ତି ଓ ଯେତେବେଳେ ପାଠକ ମନରେ ଯେଉଁ ରସ ଢାଳିବା ନିମନ୍ତେ ଇଚ୍ଛା କରିଅଛନ୍ତି, ତାହା ସେ ଅକ୍ଳେଶରେ କରି ପାରିଅଛନ୍ତି । ଓଡ଼ିଶାର କନ୍ଦିବିକନ୍ଦି ଓ ଓଡ଼ିଆଙ୍କର ହାଲଚାଲ କିଛି ତାଙ୍କୁ ଅଜଣା ନଥିଲା-ଚରିତ୍ରଚିତ୍ରଣ ବିଷୟରେ ସେ ସିଦ୍ଧହସ୍ତ ଥିଲେ । ଏମନ୍ତ କି, ତାଙ୍କର କଳ୍ପିତ ଚିତ୍ର ଓ ମନୁଷ୍ୟମାନଙ୍କ ବିଷୟ ପାଠ କଲାବେଳେ ପାଠକ ବାସ୍ତବ ରାଜ୍ୟରେ ଅଛି, କି କଳ୍ପନାରାଜ୍ୟରେ ଅଛି, ଏହା ବେଳେବେଳେ ଠଉରାଇ ହୁଏ ନାହିଁ । ଏହାଙ୍କ ପୂର୍ବରେ ଓଡ଼ିଶାରେ ଦୁଇଟା ଭାଷା ପ୍ରଚଳିତ ଥିଲା । ୧-ପୁସ୍ତକଗତ ଭାଷା, ୨-କଥିତ ଭାଷା । ପୁସ୍ତକଗତ ଭାଷାରେ ପାଣ୍ଡିତ୍ୟ, ଅଳଙ୍କାର, ଶବ୍ଦାଡ଼ମ୍ବର ଓ ସଂସ୍କୃତମୂଳକ ଶବ୍ଦମାନ ପୂର୍ଣ୍ଣ ଥିଲା ଓ କଥିତ ଭାଷାକୁ ସାହିତ୍ୟିକମାାନେ ଅତି ହେୟ ବୋଲି ମନେ କରୁଥିଲେ । ମୁଁ ଯେତେବେଳେ ଶୈଶବାବସ୍ଥାରେ ଅଖ୍ୟାନମଞ୍ଜରୀ ଓ ଛାନ୍ଦମାଳା ଆଦି ସ୍କୁଲରେ ପଢୁଥିଲି, ଗୋଟିଏ ଗୋଟିଏ ସ୍ଥାନ ଓ ବିଷୟ ମତେ ଏତେ ଭଲ ଲାଗୁଥିଲା ଯେ ମୁଁ ସ୍କୁଲରୁ ଛୁଟି ପାଇଲେ ଘରକୁ ଯାଇ ସେହି କଥାମାନ ବୋଉ (ମାତା), ନାନୀ (ଜ୍ୟେଷ୍ଠ ଭଗିନୀ) ଆଦିଙ୍କୁ କହିବି ବୋଲି ଉଚ୍ଛନ୍ନ ହେଉଥିଲି । କିନ୍ତୁ ଘରକୁ ଯାଇ ସେମାନଙ୍କ ଆଗରେ ସେ କଥାମାନ କହିବାକୁ ବସି ଦେଖେଁ ଯେ, ପୁସ୍ତକସ୍ଥ ସମସ୍ତ ଭାବ ମୁହଁରେ ବ୍ୟକ୍ତ କରିପାରିବାର କ୍ଷମତା ମୋର ସେତେବେଳେ ହୋଇ ନଥିଲା । ଅତଏବ ଅଗତ୍ୟା ପାଠ୍ୟପୁସ୍ତକ ଖଣ୍ଡିମାନ ଆଣି ସ୍ତ୍ରୀଲୋକମାନଙ୍କ ଆଗରେ ଧରି ପଢ଼ି ବସୁଥିଲି । କିନ୍ତୁ ସେ ଭାଷା ଘରୋଇ ଭାଷା ନ ଥିବାରୁ ମୁଁ ପାଠ୍ୟପୁସ୍ତକ ଗଦ୍ୟ ବା ପଦ୍ୟାଂଶମାନ ଆବୃତ୍ତି କଲାବେଳେ ଶ୍ରୋତ୍ରୀମଣ୍ଡଳୀ ସେ ଭାଷା ବୁଝି ନପାରି ମୋ' ମୁହଁକୁ ବଲ ବଲ କରି ଚାହିଁଥାନ୍ତି ! ମୋ' ପିଲାଦିନେ (ଆଜକୁ ୩୫ ବରଷ ତଳେ) ଓଡ଼ିଆ ଭାଷାର ଏ ଅବସ୍ଥା ଥିଲା । ଭାଷାଟା ଯେତିକି ସାଳଙ୍କାର, ସାଡ଼ମ୍ବର, ସସଂସ୍କୃତ ହେଉଥିଲା, ତାହା ସେତିକି ସାହିତ୍ୟିକ ଭାଷା ବୋଲି ଆଦୃତ ହେଉଥିଲା । ମୁଖ ପ୍ରଚଳିତ ଭାଷାକୁ ସାହିତ୍ୟ କ୍ଷେତ୍ରରେ ପ୍ରବେଶାଧିକାର ନିଷେଧ ଥିଲା । ଅନ୍ୟାନ୍ୟ ଉନ୍ନତ ସାହିତ୍ୟମାନଙ୍କରେ ଦେଖା ଯାଇଅଛି ଯେ, ଯେଉଁ ସାହିତ୍ୟରେ କଥିତଭାଷା ଓ ଲିଖିତଭାଷା ମଧ୍ୟରେ ପାର୍ଥକ୍ୟ ଅଳ୍ପ, ସେ ଭାଷା ସେତିକି ଉନ୍ନତ । ଇଂରାଜୀରେ ମଧ୍ୟ ଉପଦେଶ ଅଛି- 'Write as you speak' କିନ୍ତୁ ଆମ ଦେଶରେ ୪୦ ବର୍ଷ ପୂର୍ବେ ଥିଲା - 'Write as you do not speak' ବର୍ତ୍ତମାନ ପ୍ରସଙ୍ଗରେ ଏ ସବୁ କଥା

ଆଲୋଚନା କରିବାର ଅବସର ନୁହେଁ । ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ, କି ଗଦ୍ୟରେ, ପଦ୍ୟରେ, କଥିତ ଭାଷା ଓ ଲିଖିତ ଭାଷାକୁ ପରସ୍ପରର ନିକଟକୁ ଆସି ଗୋଟିଏ ସର୍ବଜନବୋଧ ଭାଷା ସୃଷ୍ଟି କରିବାରେ ଫକୀରମୋହନଙ୍କର ଦୃଢ଼ ଚେଷ୍ଟା ଫଳବତୀ ହୋଇଥିଲା । ସେ ଉତ୍କଳ ସାହିତ୍ୟକୁ ଆପାମର ସାଧାରଣଙ୍କ ସମ୍ପତ୍ତି କରି ଯାଇଅଛନ୍ତି-ମୋର ଯେତେଦୂର ମନେ ହେଉଅଛି, ଫକୀରମୋହନଙ୍କ 'ଉପହାର' ଓ 'ପୁଷ୍ପମାଳା' ପଢ଼ିବା ପୂର୍ବରୁ ଆଦ୍ୟପ୍ରାନ୍ତ ଏପରି ସରଳ ଓ ପ୍ରାକୃତିକ ଭାଷା ଆଧୁନିକ ସାହିତ୍ୟରେ ମୁଁ ପଢ଼ି ନଥିଲି । ହୃଦୟର ଆବେଗ ଓ ପ୍ରାକୃତିକ ଚିତ୍ରକୁ ସର୍ବଜନବୋଧ ଘରୋଇ ଭାଷାରେ ପଦ୍ୟାକାରରେ ଉପସ୍ଥାପିତ କରିବାର ମାର୍ଗ ଫକୀରମୋହନ ପ୍ରଥମେ ଆଧୁନିକ ଉତ୍କଳ ସାହିତ୍ୟକୁ ଦେଖାଇଥିବାର ମୋର ଧାରଣା । ତହିଁ ପରେ ଉତ୍କଳ ସାହିତ୍ୟରେ 'ପଲ୍ଲୀ ଚିତ୍ର' ଆଦି ସରଳ ପଦ୍ୟମାନ ମୋର ଦୃଷ୍ଟିଗୋଚର ହୋଇଥିଲା । ମୁଁ ମଧ୍ୟ କେତେକ ସରଳପଦ୍ୟ ଲେଖିବାକୁ ଚେଷ୍ଟା କରିଥିଲି, କିନ୍ତୁ କୃତକାର୍ଯ୍ୟ ହୋଇ ପାରିଲି ନାହିଁ । **ଫକୀରମୋହନ ଉତ୍କଳରେ ଗଦ୍ୟକୁ ଯେଉଁ ଭାଷା ଦେଇ ଯାଇଅଛନ୍ତି, ସେ ଭାଷା ତତ୍‌ପୂର୍ବେ ସାହିତ୍ୟ କ୍ଷେତ୍ରରେ ପ୍ରଚଳିତ ନଥିଲା ବୋଲି କହିଲେ ଚଳେ ।** କି ଭାଷାର ଗ୍ରାମ୍ୟ ମାଧୁରୀ, କି ସମାଜଚିତ୍ର ଚିତ୍ରଣ, କି ମାନବପ୍ରକୃତି ବର୍ଣ୍ଣନ, କି ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନ, ସବୁଥିରେ 'ଛ' ମାଣ ଆଠ ଗୁଣ୍ଠ' ଉତ୍କଳ ସାହିତ୍ୟରେ ଗଦ୍ୟ ବିଭାଗରେ ଗୋଟିଏ ନବଯୁଗର ସୂଚନା କରିଥିଲା । ଖାଣ୍ଟି ଓଡ଼ିଆ ଭାଷା ଫକୀରମୋହନଙ୍କ ଲେଖାର ପ୍ରତି ଛତ୍ରରେ ପୂର୍ଣ୍ଣ । ସେ ନିଜେ ଅନେକ ଥର କଥାପ୍ରସଙ୍ଗରେ ପ୍ରକାଶ କରିଥିଲେ ଯେ, ତାଙ୍କର ବାଲ୍ୟକାଳରେ ଓଡ଼ିଆ ପୁସ୍ତକର ସଂଖ୍ୟା ଅଙ୍ଗୁଠି ଅଗରେ ଗଣତି ହେଉଥିଲା କିନ୍ତୁ ତାଙ୍କରି ଜୀବଦ୍ଦଶାରେ ସେ ଉତ୍କଳ ସାହିତ୍ୟ ଓ ଭାଷାର ବିଶେଷ ପୁଷ୍ଟି ଓ ଉନ୍ନତି ଦେଖି କୃତାର୍ଥ ହୋଇଥିଲେ । ଗଦ୍ୟରେ ମୁଁ ମୋ' କ୍ଷୁଦ୍ର ଶକ୍ତି ଅନୁସାରେ ତାଙ୍କର ଖାଣ୍ଟି ସରଳ ଘରୋଇ ଓଡ଼ିଆ ଭାଷାକୁ ଅନୁକରଣ କରିଥିଲି ଓ ସେ ଚେଷ୍ଟାରେ ମୁଁ କେତେଦୂର କୃତକାର୍ଯ୍ୟ ହୋଇଅଛି, ତାହାର ମୀମାଂସା ଉତ୍କଳୀୟ ପାଠକ ସାଧାରଣଙ୍କଠାରେ । ଫକୀରମୋହନ କେତେ ଥର ମୋର ଖାଣ୍ଟି ଓଡ଼ିଆ ଲେଖା ଯୋଗୁଁ ଏତେ ଧନ୍ୟବାଦ ଦେବାକୁ ଆସି 'ମୋର ଆଦର୍ଶ କିଏ' - ଏ ପ୍ରଶ୍ନର ଉତ୍ତରରେ 'ମୋ ଲେଖା ଆପଣଙ୍କ ଲିଖନଭଙ୍ଗୀ ଓ ଭାଷା ଛଟାର ବିକୃତ ଅନୁକରଣ ମାତ୍ର' ଶୁଣି ପ୍ରେମରେ ଗଦ୍‌ଗଦ୍ ହୋଇଥିବାର ମୁଁ ନିଜେ ଅନୁଭବ କରିଅଛି । ମୋର କୌଣସି ପ୍ରବନ୍ଧ ବା ପୁସ୍ତକ ପ୍ରକାଶିତ ହେବା ମାତ୍ରକେ ଯେଉଁ ବ୍ୟକ୍ତିମାନେ ମତେ ଉତ୍ସାହିତ କରିଥିଲେ, ସେମାନଙ୍କ ମଧ୍ୟରେ ଫକୀରମୋହନଙ୍କ ନାମ ଅଗ୍ରେ ଉଲ୍ଲେଖଯୋଗ୍ୟ । ଉତ୍କଳ-ସାହିତ୍ୟର ସମସ୍ତ କ୍ଷେତ୍ର ତାଙ୍କର ପ୍ରତିଭାଦ୍ୱାରା ଅଳଙ୍କୃତ ହୋଇଥିଲା ଓ ଆଧୁନିକ ଉତ୍କଳ ସାହିତ୍ୟରେ ତାଙ୍କର ପ୍ରଭା ପ୍ରତିଫଳିତ ହୋଇଅଛି । ବୃଦ୍ଧ ବୟସରେ ଖିଳ ହରିବଂଶ, ଉପନିଷଦ୍ ଆଦି ବିରାଟ ଗ୍ରନ୍ଥମାନ ଅନୁବାଦ କରିବାରେ ଏବଂ ନବ ନବ ଗଳ୍ପ ଉପନ୍ୟାସ ସୃଷ୍ଟି କରିବାରେ ସେ ଯେଉଁ ଅଧ୍ୟବସାୟ ଓ ସାହିତ୍ୟସେବାର ଦୃଷ୍ଟାନ୍ତ ଦେଖାଇଅଛନ୍ତି, ତାହା ଆମ ଦେଶରେ ବିରଳ । ସାମାଜିକ ଚିତ୍ର ଚିତ୍ରଣରେ ସେ ଯେଉଁ କୃତିତ୍ୱ ଦେଖାଇଅଛନ୍ତି, ତାହା ଓଡ଼ିଆ ସାହିତ୍ୟର ଅନ୍ୟତ୍ର ଦୁର୍ଲଭ ବୋଲି ମୋର ଧାରଣା । ଗାଁର ପୋଖରି ତୁଠାରୁ ଜମିଦାରଙ୍କ ଅଛଃପୁର ପର୍ଯ୍ୟନ୍ତ, ଅଦାଲତ ମିସଲଠାରୁ ତନ୍ତିର ଦାଣ୍ଡଘର ପର୍ଯ୍ୟନ୍ତ, ସେ ଯେଉଁଠାକୁ ଯାଇଅଛନ୍ତି, ସେ ସ୍ଥାନରେ ଅବିକଳ ଫଟୋଗ୍ରାଫ ଆଣି ପାଠକଙ୍କ ଆଗରେ ଥୋଇ ଦେଇଅଛନ୍ତି । ଇଂରାଜୀ କଥା ଅଛି, 'That is art which conceals art' ଯେଉଁ କୃତିତ୍ୱ ଏପରି ପ୍ରାକୃତିକ ଯେ ସେଥିରେ କୃତିତ୍ୱ ଅଛି ବୋଲି ସାଧାରଣ ଜାଣି ପାରନ୍ତି ନାହିଁ, ତାହା ହିଁ କୃତିତ୍ୱ । କୃତିତ୍ୱ ଏହି ଶ୍ରେଣୀର ।

> ୧୯୧୫ ମସିହାରେ ବାମଣ୍ଡା ରାଜକୁମାରୀଙ୍କ ମଙ୍ଗଳକୃତ୍ୟ ଉପଲକ୍ଷରେ ଆମ୍ଭେମାନେ ନିମନ୍ତ୍ରିତ ହୋଇ ବାମଣ୍ଡା ଗଡ଼କୁ ଯାଇଥିଲୁ-ବାମଣ୍ଡାର ସ୍ୱର୍ଗୀୟ ରାଜାଙ୍କ ସଭାରେ ସେ 'ସରସ୍ୱତୀ' ଉପାଧି ପ୍ରାପ୍ତ ହୋଇଥିଲେ ।

ଆନନ୍ଦର ବିଷୟ ଯେ, ସେ ନିଜେ 'ଆତ୍ମ ଜୀବନୀ' ଫକୀରମୋହନଙ୍କର ଲିପିବଦ୍ଧ କରି ଯାଇଅଛନ୍ତି ଓ ଆଶା କରାଯାଏ ଯେ ତାଙ୍କର ସୁପୁତ୍ର ମୋହିନୀ ମୋହନ ପିତୃଦେବଙ୍କର ଅପ୍ରକାଶିତ, ଅମୁଦ୍ରିତ, ଅମୁଦ୍ରିତ ଗ୍ରନ୍ଥ ଓ ଲେଖାଗୁଡ଼ିକରୁ ଉତ୍କଳକୁ ବଞ୍ଚିତ କରିବେ ନାହିଁ ।

ଫକୀରମୋହନଙ୍କ ସଙ୍ଗେ ମୋର ପ୍ରଥମ ବ୍ୟକ୍ତିଗତ ଆଳପ ୧୯୦୩ ଏପ୍ରେଲ ମାସରେ ଗଞ୍ଜାମ ବ୍ରହ୍ମପୁରଠାରେ ଉତ୍କଳ ସାମାଜିକ କନଫରେନ୍ସ ସମୟରେ ଘଟିଥିଲା । ସେହି ସମୟରେ ରାଜନୈତିକ ଉତ୍କଳରୁ ଯେଉଁ କେତେକ ବ୍ୟକ୍ତି ନିମନ୍ତ୍ରିତ ହୋଇ ବ୍ରହ୍ମପୁରକୁ ଯାଇଥିଲେ, ତାଙ୍କ ସଙ୍ଗେ ମୁଁ ମଧ୍ୟ ଯାଇଥିଲି । ଏକ ସ୍ଥାନରେ ବସା କରି ଫକୀରମୋହନଙ୍କ ସାହଚର୍ଯ୍ୟରେ ଯେଉଁ ସୁଖ ଲାଭ କରିଥିଲି, ତାହା ପାସୋରି ହେବ ନାହିଁ । ଗତ (୧୯୧୮) ଏପ୍ରେଲ ମାସରେ ସୋନପୁର-ବୃହତ୍‌ଖେମୁଣ୍ଡି ବିବାହ ଉତ୍ସବରେ ଯୋଗ ଦେବା ନିମନ୍ତେ ଆମ୍ଭେମାନେ ବ୍ରହ୍ମପୁର ଯାଇଥିବା ସମୟରେ ବ୍ରହ୍ମପୁରଠାରେ ଫକୀରମୋହନଙ୍କ ସଙ୍ଗେ ମୋର ଶେଷ ସାକ୍ଷାତ୍ ହୋଇଥିଲା - ଏହି ପନ୍ଦର ବର୍ଷ ମଧ୍ୟରେ ଅନେକଥର ତାଙ୍କର ସାହଚର୍ଯ୍ୟ ଲାଭ କରି ତାଙ୍କର ସରଳ ବିଶ୍ୱାସରେ ମୁଁ ମୁଗ୍ଧ ହୋଇଥିଲି । ମୋ' ଲେଖା ଓ ପ୍ରବନ୍ଧ ପାଠ କରି ସେ ଅଯାଚିତ ଭାବରେ ମତେ ଯେଉଁ କେତେ ଖଣ୍ଡ ପତ୍ର ସମୟ ସମୟରେ ଲେଖିଥିଲେ, ତାହା ମୁଁ ମୋର ଅକିଞ୍ଚନ ସାହିତ୍ୟ ସେବାର ପୁରସ୍କାର ସ୍ୱରୂପ ବହୁ ଯତ୍ନରେ ସମ୍ପାଦି ରଖିଅଛି । ତାଙ୍କର ଜୀବନର ଗୋଟିଏ ସାମାନ୍ୟ ଘଟଣାରୁ ତାଙ୍କର ବାଳ-ସୁଲଭ ସରଳ ବିଶ୍ୱାସର ମାତ୍ରା ଅନୁମିତ ହେବ ।

୧୯୧୫ ମସିହାରେ ବାମଣ୍ଡା ରାଜକୁମାରୀଙ୍କ ମଙ୍ଗଳକୃତ୍ୟ ଉପଲକ୍ଷରେ ଆମ୍ଭେମାନେ ନିମନ୍ତ୍ରିତ ହୋଇ ବାମଣ୍ଡା ଗଡ଼କୁ ଯାଇଥିଲୁ-

ବାମଣ୍ଡାର ସ୍ୱର୍ଗୀୟ ରାଜାଙ୍କ ସଭାରେ ସେ 'ସରସ୍ୱତୀ' ଉପାଧି ପ୍ରାପ୍ତ ହୋଇଥିଲେ । ବାମଣ୍ଡା ଷ୍ଟେସନଠାରୁ ରେଳରୁ ଓହ୍ଲାଇ ସେ ଶ୍ରୀଯୁକ୍ତ ବିଶ୍ୱନାଥ କର ଓ ମୁଁ ଏକତ୍ର ଖଣ୍ଡେ ମଟର ଗାଡ଼ିରେ ବାମଣ୍ଡାକୁ ଯାଉଥିଲୁ । ବାଟରେ ଅନେକ ନଦୀ, ପର୍ବତ, ଅରଣ୍ୟ ଓ ଗ୍ରାମ ଆମ୍ଭେମାନେ ଅତିକ୍ରମ କରି ଯିବା ସମୟରେ ଫକୀରମୋହନ ଆମ ଦୁହିଁଙ୍କୁ ପ୍ରତ୍ୟେକ ବସ୍ତୁର ପରିଚୟ ପଚାରୁଥିଲେ । ପ୍ରଥମେ ମୁଁ କହିଥିଲି ଯେ, ଏ ସବୁର ନାମ ମୁଁ କହିପାରିବି ନାହିଁ । କିଛିକ୍ଷଣ ଗଲାରୁ ସେ ଏଥିରୁ ନିରସ୍ତ ନହୋଇ ପିଲାଙ୍କ ପରି ପୁନର୍ବାର ପଚାରନ୍ତି, 'ଏ ନଦୀଟିର ନାମ କ'ଣ ? ଏ ପର୍ବତଟିର ନାମ କ'ଣ ? ଏ ଗ୍ରାମଟିର ନାମ କ'ଣ ?' ମୁଁ ସଙ୍ଗେ ସଙ୍ଗେ ଗୋଟାଏ କିଛି ଉତ୍ତର ଦେଉଥାଏ । ଯଥା- ଏ ନଦୀର ନାମ ଖଣ୍ଡାଝରୀ, ଏ ପର୍ବତର ନାମ ସପ୍ତଶୃଙ୍ଗୀ, ଏ ଗ୍ରାମର ନାମ ମହୁରିଖଣ୍ଡି, ଇତ୍ୟାଦି, ଇତ୍ୟାଦି ବିଶ୍ୱନାଥ ବାବୁ ଏହା ଶୁଣି ମୋର ବାଚାଳତା ଓ ଚଗଲାପଣ ଦେଖି ମୁରୁକେଇ ମୁରୁକେଇ ହସୁଥାନ୍ତି, କିନ୍ତୁ ଫକୀରମୋହନ ମୋ' ଉତ୍ତରକୁ ସରଳ ଭାବରେ ବିଶ୍ୱାସ କରି ତତ୍ତତ୍ ନଦୀ, ପର୍ବତାଦିର ନାମ ନିଜର ନୋଟ୍ ବହିରେ ଲେଖି ନେବାକୁ ପ୍ରସ୍ତୁତ ! ଏହା ଦେଖି ମୁଁ ଓ ବିଶ୍ୱନାଥ ବାବୁ ହସି ହସି ତାଙ୍କୁ କହିଲୁଁ ଯେ, ଏ ସବୁ ନାମ କେବଳ ମୋର କଳ୍ପନାପ୍ରସୂତ । ବୃଦ୍ଧ କବିଙ୍କୁ ଏ କଥା ୨/୩ ଥର ଦୃଢ଼ ଭାବରେ କହିବା ପରେ ସେ ଉକ୍ତ ନାମମାନ ନୋଟ୍ ବହିରେ ଲେଖି ନେବାର ଚେଷ୍ଟାରୁ ବିରତ ହେଲେ ଓ ମୋର ଏ ବଗୁଲିଆପଣିଆ ଦେଖି ଉଚ୍ଚହାସ୍ୟ କଲେ ।

ଫକୀରମୋହନଙ୍କ ଜୀବନରେ ଆଉ ଗୋଟିଏ ଘଟଣା ଘଟିଥିବା ବିଷୟ ଏଠାରେ ଉଲ୍ଲେଖଯୋଗ୍ୟ । ପ୍ରଥମେ ଯେତେବେଳେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହେଲା, ସେହିଦିନଠାରୁ ଉକ୍ତ ସଭାରେ ସଭାପତି ପଦ କେବଳ ରାଜା ମହାରାଜା ଆଦିଙ୍କଦ୍ୱାରା ଅଳଙ୍କୃତ ହୋଇଆସୁଥିଲା । କଥା ପ୍ରସଙ୍ଗରେ କେହି କେହି ସମ୍ମିଳନୀର ଭାଗ୍ୟବିଧାତାଙ୍କ ମୁହଁରୁ ଶୁଣା ଯାଇଥିଲା ଯେ, ସାହିତ୍ୟ ସେବକ କବିତା ଲେଖକ ଓ ଖବରକାଗଜ ବାଲାଗୁଡ଼ିକ ନିକମା । ସେମାନଙ୍କ ହାତରେ ଶାଗ ସିଝେ ନାହିଁ । ଏଥିପାଇଁ ଉତ୍କଳରୁ ବଛାକବି ହୋଇ ଚୋଖା କାମିକା ବ୍ୟକ୍ତିମାନଙ୍କୁ ଆଜି ପର୍ଯ୍ୟନ୍ତ ଜାତୀୟ ସମ୍ମିଳନୀରେ ସଭାପତି କରାଯାଉଥିଲା । ଏ ବର୍ଷ ମଧ୍ୟ ପାରଳାର ଗଜପତିଙ୍କୁ ଉକ୍ତ ଆସନ ଅଳଙ୍କୃତ କରିବାକୁ ନିମନ୍ତ୍ରଣ ହୋଇଥିଲା । କିନ୍ତୁ ଭଗବାନଙ୍କ ବରାଦରୁ ରାଜା ମହୋଦୟ ସଭାପତିତ୍ୱ ଗ୍ରହଣ କରିବାକୁ ଅକ୍ଷମ ହେବାରୁ ଶେଷରେ ସେହି ନିକମା ଶ୍ରେଣୀର କବିତାବାଲା ବ୍ୟାସକବି ଫକୀରମୋହନଙ୍କ ଉପରେ ସମ୍ମିଳନୀର ଉଦ୍‌ଯୋକ୍ତାମାନଙ୍କର ନଜର ପଡ଼ିଲା ଓ ଫକୀରମୋହନଙ୍କ ବୃଦ୍ଧ ବୟସରେ ଉତ୍କଳର ଜାତୀୟ ମଣ୍ଡପରେ ନେତୃତ୍ୱ ପଦଦ୍ୱାରା ଗୌରାବାନ୍ୱିତ ହୋଇଥିଲେ । ତାଙ୍କର ମୃତ୍ୟୁର ଅଳ୍ପଦିନ ପୂର୍ବେ ସେ ଏ ଯେଉଁ ସମ୍ମାନ ପାଇଥିଲେ, ତଦ୍ୱାରା ସମଗ୍ର ଉତ୍କଳୀୟ ଜାତି ଗୌରବାନ୍ୱିତ ହୋଇଅଛି ଓ 'ପୂଜ୍ୟ-ପୂଜା-ବ୍ୟତିକ୍ରମ' କଳଙ୍କରୁ ଖଲାସ ପାଇଅଛି ।

ଫକୀରମୋହନଙ୍କର ଆଦ୍ୟ ଜୀବନ କର୍ମମୟ ଥିଲା ଓ ପ୍ରବୀଣତା ଲାଭ କରିବା ପରେ ସେ ଜାତୀୟ ସାହିତ୍ୟକୁ ନିଜର ଅଭିଜ୍ଞତା ଓ ଅନୁଭୂତି ଦ୍ୱାରା ଐଶ୍ୱର୍ଯ୍ୟଶାଳୀ କରି ଯାଇଅଛନ୍ତି । ତାଙ୍କର ଈଶ୍ୱର-ନିଷ୍ଠା ମଧ୍ୟ ତାଙ୍କର ଲେଖାବଳୀରେ ସୁସ୍ପଷ୍ଟ ପ୍ରତିଭାତ ହେଉଥିଲା । ତାଙ୍କୁ ହରାଇବାଦ୍ୱାରା ଉତ୍କଳ-ସାହିତ୍ୟ ଦରିଦ୍ର ହୋଇଅଛି ।

ମୁଁ ଏହି କଥା ଭାବୁ ଅଛି ଯେ, ଉତ୍କଳାକାଶରୁ ଗୋଟି ଗୋଟି ହୋଇ ଯେଉଁ ଜ୍ୟୋତିଷ୍କମାନେ ଖସି ପଡୁଅଛନ୍ତି, ତାଙ୍କ ସ୍ଥାନମାନ ପୂର୍ଣ୍ଣ ହେବା କ'ଣ ଭଗବାନଙ୍କର ଅଭିପ୍ରାୟ ନୁହେଁ ?

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠା ଅନ୍ତର୍ଗୃହ ୱାର୍ଡ଼ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ଶୀଘ୍ର ସଂପୂର୍ଣ୍ଣ ହେବ

– ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ ଏକ ମର୍ଯ୍ୟାଦାଜନକ ପ୍ରତିଷ୍ଠାନ । ପ୍ରତିଷ୍ଠାନର ଉନ୍ନତିକରଣ ସହ ଏଠାରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯିବା ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ବର୍ତ୍ତମାନ ଏହି ପ୍ରତିଷ୍ଠାନର ଅନ୍ତର୍ଗୃହ ୱାର୍ଡ଼ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି । ଏଥିପାଇଁ ସରକାର ୬୨ ଲକ୍ଷ ୯ ହଜାର ୩୦୦ ଟଙ୍କା ଯୋଗାଇ ଦେଇଛନ୍ତି । ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ସଂପୂର୍ଣ୍ଣ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ସନାତନ ବିଶି କହିଛନ୍ତି ।

ପ୍ରକାଶ ଥାଉକି ଏହି ପ୍ରତିଷ୍ଠାନ ଦେଶର ୨୯ତମ ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ର । ୧୯୮୧ ମସିହା ଫେବୃଆରୀ ମାସରେ ପ୍ରତିଷ୍ଠା ହୋଇଥିବା ଏହି ପ୍ରତିଷ୍ଠାନ ୧୯୮୪ ମସିହା ଅପ୍ରେଲ ମାସରେ ଏକ ସ୍ୱୟଂଶାସିତ ସଂସ୍ଥାରେ ପରିଣତ ହୋଇଥିଲା । ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜ ଓ ହସ୍‌ପିଟାଲର କର୍କଟ ବିଭାଗ (ରେଡ଼ିଓ ଥେରାପି)କୁ ଉନ୍ନିତ କରାଯାଇ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ ଭାବେ ପରିଣତ କରାଯାଇ କର୍କଟ ରୋଗର ଗବେଷଣା, ପରୀକ୍ଷା, ଆରମ୍ଭରୁ ଚିହ୍ନଟ, ଜନ ସଚେତନତା ଏବଂ ଚିକିତ୍ସା ପାଇଁ ଏହାକୁ ଏକ ପୂର୍ଣ୍ଣାଙ୍ଗ କମ୍ପ୍ଲେକ୍‌ସ କରାଯାଇଛି । ଏହି ପ୍ରତିଷ୍ଠାନ ସମଗ୍ର ଓଡ଼ିଶାର କର୍କଟ ରୋଗୀଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ସମୀପବର୍ତ୍ତୀ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ରୋଗୀଙ୍କୁ ମଧ୍ୟ ଚିକିତ୍ସା ଯୋଗାଇ ଦେଉଛି । ରାଜ୍ୟରେ ଥିବା ମେଡ଼ିକାଲ କଲେଜ ସହଯୋଗରେ କର୍କଟ ରୋଗୀଙ୍କୁ ଆଧୁନିକ ଆଗୁଆ କ୍ଲିନିକାଲ ଚିକିତ୍ସା ସେବା ପ୍ରଦାନର ବ୍ୟବସ୍ଥା କରାଯାଉଛି । ଏହି ପ୍ରତିଷ୍ଠାନର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଉଦ୍ୟମ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବିଶି ପ୍ରକାଶ କରିଛନ୍ତି ।

ଗାଁ ଗାଁରେ ଗାନ୍ଧୀ

(ସ୍ୱାଧୀନତା ସଂଗ୍ରାମୀ କ୍ଷେତ୍ରମୋହନ କାନୁନ୍‌ଗୋଙ୍କ ଜନ୍ମ ଶତବାର୍ଷିକର ଶ୍ରଦ୍ଧାଞ୍ଜଳି)

ଡଃ ପ୍ରତିଭା ରାୟ

ଗୁଜରାଟ ଗାଁରେ ଜନ୍ମି ଥିଲେ ଜଣେ ମୋହନ ଯିଏ ହୋଇଗଲେ ପରାଧୀନତାର ଅନ୍ଧାରୀ ଭାରତର ଘରେ ଘରେ ଗାନ୍ଧୀ । ପୁରଣ ଗାଁରେ ଜନ୍ମି ଥିଲେ ଆଉ ଜଣେ ମୋହନ ଯିଏ ହୋଇଗଲେ ଗାନ୍ଧୀଙ୍କ ଚେଲା । ଗୁଜରାଟ ଗାଁର ମୋହନ ଦାସ କରମଚାନ୍ଦ ଗାନ୍ଧୀ ପୁରଣ ଗାଁର ଗାନ୍ଧୀ ଚେଲା କ୍ଷେତ୍ରମୋହନ କାନୁନ୍‌ଗୋଙ୍କ ଭଳି କେତେ କେତେ ଗାନ୍ଧୀ ଚେଲା ଗଢ଼ିଲେ ଭାରତର ଗାଁ'ରେ ଗାଁ'ରେ । ମୋହନ ଦାସ କରମଚାନ୍ଦ ଗାନ୍ଧୀ ଯଦି ସ୍ୱାଧୀନତା ସଂଗ୍ରାମର ସେନାପତି ହୁଅନ୍ତି କ୍ଷେତ୍ରମୋହନଙ୍କ ଭଳି ଗାନ୍ଧୀ ଚେଲାମାନେ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମର ସେନା । ଜଣେ ଗାନ୍ଧୀ କେବେହେଲେ ଭାରତର ସ୍ୱାଧୀନତା ଆଣିବାରେ ସଫଳ ହୋଇନଥାନ୍ତେ ଯଦି ଗାଁରେ ଗାଁରେ ଜଣେ ଜଣେ ଗାନ୍ଧୀ ବାହାରି ନଥାନ୍ତେ ! **ଗାନ୍ଧୀଙ୍କୁ ଜଗତ ଜାଣିଲା, ସେ ହେଲେ ମହାତ୍ମା, କିନ୍ତୁ କ୍ଷେତ୍ରମୋହନଙ୍କ ଭଳି ଗାଁର ଗାନ୍ଧୀମାନଙ୍କୁ ଜଗତ ପଛକେ ନ ଜାଣୁ ଗାଁ ଲୋକେ ଜାଣନ୍ତି । କିନ୍ତୁ ସେମାନଙ୍କର ଦେଶପ୍ରେମ, ତ୍ୟାଗ ଓ ଉତ୍ସର୍ଗୀକୃତ ସଂଗ୍ରାମୀ ଜୀବନର ଗାଥା ବହୁଭାବରେ ଅକୁହା, ଅଶୁଣା ରହିଛି ।** ତାଙ୍କ ନିଃସ୍ୱାର୍ଥ ସଂଗ୍ରାମର ଯଥାର୍ଥ ପୂଜା ଅର୍ଘ୍ୟ ଏ ଦେଶ ତାଙ୍କୁ ଦେଇନାହିଁ । ସେଥିପାଇଁ ସେହି ଗାନ୍ଧୀମାନେ କିମ୍ବା ନମସ୍ୟ ପିତୃପ୍ରତିମ କ୍ଷେତ୍ରମୋହନ କେବେ ତାଙ୍କର ସଂଗ୍ରାମ ବ୍ୟର୍ଥ ହେଲା ବୋଲି ଭାବି ନାହାନ୍ତି । କାରଣ ସେମାନେ କେବଳ ସ୍ୱାଧୀନତା ଛଡ଼ା ଆଉ କୌଣସି ପ୍ରତ୍ୟାଶା ରଖି ସଂଗ୍ରାମ କରିନଥିଲେ ।

ମହାତ୍ମା ଗାନ୍ଧୀଙ୍କୁ ଦେଖିବାର ସୁଯୋଗ ଏହି ଲେଖିକାର ଭାଗ୍ୟରେ ସମ୍ଭବ ହୋଇନଥିଲା । କିନ୍ତୁ ପୁରଣ ଗାଁର ଗାନ୍ଧୀ କ୍ଷେତ୍ରମୋହନଙ୍କୁ ଅତି ନିକଟରୁ ଅତି ଅନ୍ତରଙ୍ଗ ଭାବରେ ଦେଖିବାର ସୌଭାଗ୍ୟ ହୋଇଥିଲା ବାଲ୍ୟ ଏବଂ କୈଶୋରରୁ । ଏହି ଲେଖିକାର ଆଖିକୁ ସେ ଦିଶୁଥିଲେ ଗାନ୍ଧିଜୀଙ୍କ ଭଳି । ଅବିଭକ୍ତ କଟକ ଜିଲ୍ଲାର ଜଗତସିଂହପୁର ଅନ୍ତର୍ଗତ ବାଲିକୁଦା ଥାନାର ପୁରଣ ଗାଁରେ ୧୯୦୮ ମସିହା ଅପ୍ରେଲ ମାସରେ କ୍ଷେତ୍ରମୋହନ କାନୁନ୍‌ଗୋଙ୍କର ଜନ୍ମ । ପିତା ଶ୍ରୀନାଥ କାନୁନ୍‌ଗୋ ଓ ମାତା ଶ୍ରୀମତୀ ମୋତି ଦେଈ । ଆଜକୁ ଠିକ୍ ଶହେ ବର୍ଷ ତଳେ ଅନ୍ଧାର ଭିତରେ ଏହି ଜ୍ୟୋତିଶିଖା ଜଳି ଉଠିଥିଲା ଈଶ୍ୱରଙ୍କର ଏକ ମହତ୍ତର ଉଦ୍ଦେଶ୍ୟ ସାଧନ ପାଇଁ । ସେ କାଳରେ କଟକ ବନ୍ଦୋବସ୍ତ କାର୍ଯ୍ୟାଳୟରେ ଇଂରେଜ ଅମଳରେ ଗୋଟିଏ ଚାକିରି କେତେ ଜଣଙ୍କୁ ବା ମିଳିଥିଲା । ସେହି ଚାକିରି ମୋହରେ ତ କେତେ କେତେ ବାବୁଘର ପୁଅ ଇଂରେଜ ସରକାରଙ୍କ ପଦଲେହନ କରୁଥିଲେ । କିନ୍ତୁ ଅଳ୍ପ ବୟସରେ ସରକାରୀ ଚାକିରି ପାଇଥିବା କ୍ଷେତ୍ରମୋହନ ଅର୍ଥ ଓ ସାମାଜିକ ପ୍ରତିଷ୍ଠାର ମୋହକୁ ତ୍ୟାଗ କରି ସରକାରୀ ଚାକିରି ଛାଡ଼ି ଦେଇଥିଲେ ଏବଂ ଗାନ୍ଧିଜୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଏଥିପାଇଁ ତାଙ୍କ ହାତ ଧରି କେହି ଟାଣି ନେଇ ନଥିଲା, ସେ ଆପେ ଆପେ ଟାଣି ହୋଇଯାଇଥିଲେ । ପହଞ୍ଚି ଥିଲେ ଯାଇ ଗାନ୍ଧୀଙ୍କର ଆଉ ଜଣେ ବଡ଼ ଚେଲା ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ କଟକର ଗଣେଶଘାଟସ୍ଥିତ ବାସଭବନରେ । ତା'ପରଠାରୁ ଆଉ ସେ ପଛକୁ ଫେରି ଚାହିଁ ନଥିଲେ ।

୧୯୩୦ ମସିହାରେ ଲୁଣମରା ଆନ୍ଦୋଳନର ଆରମ୍ଭ । କ୍ଷେତ୍ରମୋହନଙ୍କର ସଂଗ୍ରାମୀ ଜୀବନର ସାହସିକତା ଓ ପୋଲିସର ଅକଥନୀୟ ନିର୍ଯ୍ୟାତନାର ଆରମ୍ଭ ମଧ୍ୟ ସେହିଠାରୁ । ଦାରଦିଆ ସମେତ କାଳିଆଘାଟ ଓ ପାରାଦ୍ୱୀପର ଲୁଣମରା ଆନ୍ଦୋଳନର ସେ ଥିଲେ ସେନାପତି । ସେଥିପାଇଁ ପୁଲିସ ତାଙ୍କର ମୁଣ୍ଡ ଫଟାଇଥିଲା, ହାତ ଭାଙ୍ଗି ଦେଇଥିଲା କିନ୍ତୁ ସେନାପତି ଆଗେଇ ଚାଲିଥିଲେ ଲୁଣମରା ଆନ୍ଦୋଳନକୁ ଅଧିକ ତେଜି ଦେଇ । କ୍ଷେତ୍ରମୋହନ ବିଭିନ୍ନ ସ୍ୱାଧୀନତା ସଂଗ୍ରାମର କ୍ୟାମ୍ପମାନଙ୍କରେ ରହି ଆନ୍ଦୋଳନକୁ ଚଳାଇଲେ । ରମାଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ବାଲେଶ୍ୱରର ଗୌରଗୋପାଳ ଦାସ ଓ ଅନ୍ୟମାନଙ୍କ ସହ ମିଶି କ୍ଷେତ୍ରମୋହନ ଗାଁ

ଗାଁରେ ବୁଲି ଚୌକିଦାରୀ ଟିକସ ବନ୍ଦ କରିବା ପାଇଁ ଆନ୍ଦୋଳନ ଚଳାଇଲେ । କ୍ଷେତ୍ରମୋହନ ବାଲେଶ୍ୱରରେ ଧରାହୋଇ ସେହି ବାଲେଶ୍ୱର ଜେଲ୍‌ରେ ତିନିମାସ ରହିଲେ । ଜେଲ୍‌ରୁ ଖଲାସ ହେବା ଦିନ ପୁଣି ଥରେ ଧରା ହୋଇ କଟକ ଜେଲରେ ରହିଲେ । କ୍ଷେତ୍ରମୋହନ ବିଦେଶୀ ଲୁଗା ବର୍ଜନର ଆନ୍ଦୋଳନ ସମୟରେ ସତ୍ୟାଗ୍ରହ କରିବା ବେଳେ ପୁଲିସ୍ ତାଙ୍କୁ ମାଡ଼ ଦେଇ ପ୍ରତିଦିନ କୌଣସି ଏକ ଜଙ୍ଗଲରେ ଛାଡ଼ି ଦେଇ ଆସୁଥିଲେ । ଉପାସ ଭୋକରେ ଚାଲି ଚାଲି ତା' ପରଦିନ ଆସି ପହଞ୍ଚି ଯାଉଥିଲେ ଏବଂ ପୁଲିସର ମୁଣ୍ଡବ୍ୟଥାର କାରଣ ହେଉଥିଲେ । ବିଭିନ୍ନ ମିଥ୍ୟା ମୋକଦ୍ଦମାରେ ଜଡ଼ିତ କରି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିଲେ । ବାଲେଶ୍ୱର ଜେଲ୍‌ଠାରୁ ଆରମ୍ଭ କରି ପାଟନା ଜେଲ୍ ପର୍ଯ୍ୟନ୍ତ ଜେଲ୍ ଭୋଗିଛନ୍ତି ଏବଂ ସେଥିପାଇଁ ସଂଗ୍ରାମରୁ ପଛୁଘୁଞ୍ଚା ଦେଇନାହାନ୍ତି । ସ୍ୱାଧୀନତା ସଂଗ୍ରାମର ଘଡ଼ିସନ୍ଧି ମୁହୂର୍ତ୍ତରେ କ୍ଷେତ୍ରମୋହନ କଟକ ଜିଲ୍ଲାର କଂଗ୍ରେସର ସଭାପତି ମନୋନୀତ ହୋଇଥିଲେ । ଏହି ସମୟରେ ମଧ୍ୟ ତାଙ୍କର ଓଜସ୍ୱିନୀ ଉଦ୍‌ବୋଧନ ଯୋଗୁଁ ତାଙ୍କୁ ନଅମାସ ପାଇଁ ଜେଲ୍ ଦଣ୍ଡ ଦିଆଗଲା । ସାତଦିନ କାଳ ଅନ୍ଧାରି ସେଲ୍‌ରେ ରଖି ଅକଥନୀୟ ନିର୍ଯ୍ୟାତନା ଦିଆଗଲା । ୧୯୩୪ ମସିହାରେ ସେ ଜେଲ୍‌ରୁ ଖଲାସ ହୋଇ କଟକର ସ୍ୱରାଜ୍ୟ ଆଶ୍ରମରେ ରହି ଆନ୍ଦୋଳନ ଚଳାଇଲେ । ସେପର୍ଯ୍ୟନ୍ତ ସେ ବିବାହ କରିନଥିଲେ ।

୧୯୩୭ ମସିହା ନିର୍ବାଚନରେ କଂଗ୍ରେସ ଦଳ ପାଇଁ ଜଗତସିଂହପୁର ଓ ବାଲିକୁଦା ଅଞ୍ଚଳ ପାଇଁ ସେ ପ୍ରତିନିଧିତ୍ୱ କରୁଥିଲେ । ସେ ହେଲେ ପ୍ରଦେଶ କଂଗ୍ରେସ କମିଟି ଓ ଜିଲ୍ଲା କଂଗ୍ରେସ କମିଟିର ସଦସ୍ୟ । ସେ ସମୟରେ ଏହା ଥିଲା ଏକ ସମ୍ମାନଜନକ ପଦ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ସେ ପୁନର୍ବାର ହେଲେ ସକ୍ରିୟ ଏବଂ ଭୋଗିଲେ ଜେଲ୍ ଦଣ୍ଡ । ଜେଲ୍ ଜୋରିମାନା, ଘର କୋରକି କ'ଣ ବା ନ ସହିଛନ୍ତି ସେ ଦେଶପ୍ରୀତି ପାଇଁ । କ୍ଷେତ୍ରମୋହନଙ୍କର ଜୀବନର କାରାଦଣ୍ଡର କାହାଣୀ ଏକ ଚାଞ୍ଚଲ୍ୟକର ଉପନ୍ୟାସ ହୁଅନ୍ତା । ରସଲକୋଣ୍ଡା ଜେଲରେ ଥିବାବେଳେ ତାଙ୍କର ପାଞ୍ଚବର୍ଷର କନ୍ୟାର ଦେହାନ୍ତର ଖବର ତାଙ୍କୁ ମିଳିଥିଲା । ସ୍ୱାଧୀନତା ତ ଆସିଲା କିନ୍ତୁ କ୍ଷେତ୍ରମୋହନଙ୍କର ସଂଗ୍ରାମର ଅନ୍ତ ହେଲା ନାହିଁ । ନିଜ ଅଞ୍ଚଳର ଶିକ୍ଷାର ପ୍ରସାର ପାଇଁ କ୍ଷେତ୍ରମୋହନ ଆଉ ଏକ ସଂଗ୍ରାମ ଆରମ୍ଭ କଲେ । ସମ୍ଭବତଃ ସେହି କାରଣରୁ ମୋର ପ୍ରଧାନଶିକ୍ଷକ ବାପା ପରଶୁରାମ ଦାସଙ୍କ ସହ ତାଙ୍କର ଅଭେଦ୍ୟ ପ୍ରୀତି ଗଢ଼ି ଉଠିଥିଲା । ଯାଆଁଳା ଭଉଣୀ ଭଳି ଅଳାବୋଳ ଓ ପୁରଣ କାନ୍ଥକୁ କାନ୍ଥ ଲାଗି ଦୁଇଟି ଦେଶପ୍ରେମୀ ଗାଁ । ତେଣୁ ଅଳାବୋଳ ଗାଁର ମୋ' ବାପା, ବଡ଼ବାପା ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଦାସ, ନାଗପୁର ଗାଁରେ ଜନ୍ମିଥିବା ବାଲିକୁଦା ଗାନ୍ଧୀ ହରି ବିଶ୍ୱାଳ ଓ କ୍ଷେତ୍ରମୋହନ ଚାରି ମୂର୍ତ୍ତିଙ୍କୁ ମୁଁ ଆମ ଘରେ ବାରମ୍ବାର ଆଳାପ ଆଲୋଚନାରେ ମଗ୍ନ ଥିବାର ମୁଁ ଦେଖିଛି । ସେତେବେଳକୁ ସ୍ୱାଧୀନ ଭାରତ କିନ୍ତୁ ଅଶିକ୍ଷା କୁ-ସଂସ୍କାର ଏବଂ ସବର୍ଣ୍ଣମାନଙ୍କ ଅସବର୍ଣ୍ଣମାନଙ୍କ ଉପରେ ବହୁଭାବରେ ଅତ୍ୟାଚାର ପରାଧୀନ ମଣିଷ ଉପରେ । ସେମାନେ ସେହିସବୁ ପରାଧୀନତାରୁ ମଣିଷକୁ ମୁକ୍ତ କରିବାପାଇଁ ସଂଗ୍ରାମ ଜାରି ରଖିଥିଲେ । କିନ୍ତୁ ମୁଁ ଭାବୁଥିଲି ଏମାନେ ଯେହେତୁ ସ୍ୱାଧୀନତା ସଂଗ୍ରାମୀ ଆଉ ଏକ ସ୍ୱାଧୀନତା ପାଇଁ ସଂଗ୍ରାମର ଅଣ୍ଡରଗ୍ରାଉଣ୍ଡ ଯୋଜନାରେ ଲିପ୍ତ ଅଛନ୍ତି ।

ଥରେ ଟ୍ରେନ୍ ଯାତ୍ରା ସମୟରେ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ସହ ସାକ୍ଷାତ ହେଲା । ମୁଁ କେଉଁ ଅଞ୍ଚଳର ବୋଲି ପଚାରି ବାଲିକୁଦା ଅଳାବୋଳର କଥା ଶୁଣି ଏହି ଚାରିଜଣଙ୍କର ନାମ ଶ୍ରଦ୍ଧାରେ ସ୍ମରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମକୁ ଜଗତସିଂହପୁର ବାଲିକୁଦା ଅଞ୍ଚଳର ଅବଦାନ ସଂପର୍କରେ ବିଧିବଧ ଭାବରେ କେହି ଗୌରବମୟ ଇତିହାସ ଲେଖି ନାହାନ୍ତି । ଦେଶ ଏମାନଙ୍କୁ ଉପଯୁକ୍ତ ପୂଜା ଅର୍ଘ୍ୟ ଦେଇନାହିଁ । କିନ୍ତୁ ଆମେ ଆଜି ଶହେ ବର୍ଷ ପରେ କ୍ଷେତ୍ରମୋହନଙ୍କୁ ଭକ୍ତିରେ ସ୍ମରଣ କରୁଛୁ । ଆଜି ମୁଁ ଭାବୁଛି ମହାତ୍ମା ଗାନ୍ଧୀଙ୍କୁ ନ ଦେଖିଲେ କ'ଣ ହେଲା, କ୍ଷେତ୍ରମୋହନଙ୍କୁ ତ ଦେଖିଛି । ମୋର ଜୀବନ ଧନ୍ୟ ହୋଇଛି । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଗଠନ ତରଫରୁ ବାଲିକୁଦା କ୍ଷେତ୍ରମୋହନ ଜନ୍ମ ଶତବାର୍ଷିକୀ କମିଟି ତାଙ୍କୁ ଯେଉଁ ପୂଜା ଅର୍ଘ୍ୟ ବାଢୁଛି, ତା'ଦ୍ୱାରା ଏହି ଉତ୍ତରାଧିକାରୀଗଣ ହିଁ ଗର୍ବିତ । ଏହି ଗର୍ବିତ ପରମ୍ପରା ଅନିର୍ବାଣ ରହୁ ଏତିକି କାମନା ।

ଆଖ୍ୟାୟିକା
୨୭, ଗଜପତିନଗର
ଭୁବନେଶ୍ୱର-୭୫୧୦୦୫

 କ୍ଷେତ୍ରମୋହନଙ୍କ ଜୀବନର କାରାଦଣ୍ଡର କାହାଣୀ ଏକ ଚାଞ୍ଚଲ୍ୟକର ଉପନ୍ୟାସ ହୁଅନ୍ତା... ସ୍ୱାଧୀନତା ତ ଆସିଲା କିନ୍ତୁ କ୍ଷେତ୍ରମୋହନଙ୍କ ସଂଗ୍ରାମର ଅନ୍ତ ହେଲା ନାହିଁ ।

ଆଦିବାସୀ ଅଞ୍ଚଳର ନାରୀ ସଂଗ୍ରାମୀ ସାଣ୍ଠି ଶବର

ଅଭୟ ମହାପାତ୍ର

ଓଡ଼ିଶାର ଆଦିବାସୀ ମହିଳାମାନେ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ସଉରା ସଂପ୍ରଦାୟରେ ଜନ୍ମଲାଭ କରିଥିବା ସାଣ୍ଠି ଶବରଙ୍କ ଅବଦାନ ଉଲ୍ଲେଖଯୋଗ୍ୟ ।

୧୯୪୨ ମସିହାରୁ ଚାରିବର୍ଷ କାଳ ଗୁଣପୁର ଅଞ୍ଚଳରେ ଆଦିବାସୀ ମହିଳାମାନଙ୍କୁ ଏକଜୁଟ କରି ଇଂରେଜ ଶାସନକୁ ନିସ୍ତେଜ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୪୨ ମସିହାର 'ଭାରତଛାଡ଼' ଆନ୍ଦୋଳନ ବେଳକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ସ୍ୱାଧୀନତା ପାଇଥିବା ରାଜା, ମଧ୍ୟସତ୍ତ୍ୱାଧିକାରୀ ଜମିଦାର ଏବଂ ବ୍ରିଟିଶ ସରକାରଙ୍କ କର୍ମଚାରୀମାନେ ନିଜ ନିଜ ପଦ୍ଧତିରେ ଶାସନ କରୁଥିଲେ । ଜୟପୁର ଜମିଦାରୀ ଅନ୍ତର୍ଭୁକ୍ତ ଗୁଣପୁର ତାଲୁକାର ଆଇନ ଶୃଙ୍ଖଳା ରକ୍ଷା କରିବାର ସମସ୍ତ ଅଧିକାର ବ୍ରିଟିଶ ଅଧୀନରେ ଥିଲା । ରାଜସ୍ୱ ଆଦାୟ କ୍ଷମତା ଜୟପୁର ରାଜାଙ୍କୁ ଦିଆଯାଇଥିଲା । ଗୁଣପୁର ପେଣ୍ଠକୁ 'ନ୍ୟାରୋଗଜ୍' ରେଳପଥ ଯାଇଥିଲା । ସେହି ଗ୍ରାମଠାରୁ ୭/୮ ମାଇଲ ଦୂରରେ କୁଜେନ୍ଦ୍ରୀ ଗ୍ରାମରେ ସାଣ୍ଠି ଶବର ୧୯୨୨ ମସିହା ପ୍ରଥମାର୍ଦ୍ଧରେ ଜନ୍ମ ହୋଇଥିଲେ । ତାଙ୍କ ବାପା ବାଇରୁଗମାଣ୍ଡ, ଭାଇ ନୀଳକଣ୍ଠ ଓ ସେ ନିଜେ ବିଭିନ୍ନ ଉପାୟରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ଚଳାଇ ରଖିଥିଲେ । ବାଇରୁ ଓ ସାଣ୍ଠି ଜେଲ ନଯାଇ ବିଦ୍ରୋହର ବାର୍ତ୍ତା ପ୍ରଚାର କରୁଥିଲେ । ନୀଳକଣ୍ଠ ଇଂରେଜ ସରକାରଙ୍କ କର୍ମଚାରୀ ଏବଂ ଅର୍ଥନୈତିକ ଶୋଷଣକାରୀମାନଙ୍କୁ ପ୍ରତିରୋଧ କରୁଥିଲେ । ସାଣ୍ଠି କୁଜେନ୍ଦ୍ରୀର ଆଖପାଖ କୋଡ଼ିଏରୁ ଅଧିକ ଗ୍ରାମରେ କନ୍ଧ ଓ ସଉରା ଝିଅବୋହୂଙ୍କୁ ସଂଗଠିତ କରିଥିଲେ । ସେମାନେ କପାଚାଷ, ସୂତାକଟା, ଲୁଗାବୁଣା, ଗ୍ରାମ ସଫାଇ ଓ ଗାନ୍ଧିବାଦୀ ସଂଗୀତ ଶିକ୍ଷା ଇତ୍ୟାଦି କାମ କରୁଥିଲେ । ଏହି ପରୋକ୍ଷ ବିଦ୍ରୋହ ସରକାରୀ କର୍ମଚାରୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଥିଲା । ଭାରତଛାଡ଼ ଆନ୍ଦୋଳନରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିଲେ ମଧ୍ୟ ୧୯୪୩ ମସିହାରୁ ଏମାନେ ଆନ୍ଦୋଳନରେ ସଂଶ୍ଳିଷ୍ଟ ନାହାନ୍ତି ବୋଲି ପ୍ରତୀୟମାନ ହେଉଥିଲା । କିନ୍ତୁ ଚରଖା ଓ ତନ୍ତ ଚାଲୁଥିବା ବେଳେ ଯେଉଁ ମିଳିତ ଶବ୍ଦ ବାହାରୁଥିଲା ତାହା ସତେ ଯେପରି ପାହାଡ଼ ପର୍ବତ ଡେଇଁ ସରକାରୀ କର୍ମଚାରୀ ଓ ଅଫିସ୍‌ରମାନଙ୍କ କାନରେ ବାଜି ଯାଉଥିଲା । ଏହାର ମୁକାବିଲା କେଉଁ ଆଇନରେ କରି ହେବ ତାହା ଚିନ୍ତାକରି ସେମାନଙ୍କ ଆଖିରୁ ନିଦ ହଜି ଯାଉଥିଲା ।

ସଉରା ସମାଜରେ ଜଣେ ଶିଶୁ କନ୍ୟାକୁ ସାଣ୍ଠି ନାମ ଦେବାରେ ବିଚିତ୍ରତା ନଥିଲା । ସାଣ୍ଠିଙ୍କୁ ପିଲାଦିନରୁ ଭୟ ସ୍ପର୍ଶ କରି ନଥିଲା । ସାଣ୍ଠିଙ୍କ ବଡ଼ପୁଅ ବାଳକୃଷ୍ଣ କହନ୍ତି ୧୯୪୦ ମସିହା ଫେବୃଆରୀ ଶେଷ ସପ୍ତାହରେ ଥରେ ସାଣ୍ଠି ସାଙ୍ଗ ଝିଅ ବୋହୂଙ୍କ ମେଳରେ ବଡ଼ିଭୋର୍‌ରୁ ମହୁଲ ଗୋଟାଇବାକୁ ଯାଇଥିଲେ । ଜଣ ଜଣ ହୋଇ ପାଖ ଆଖର ଗୋଟିଏ ଗୋଟିଏ ମହୁଲଗଛ ମୂଳକୁ ଚାଲିଗଲେ । ମୋ' ମାଆ ଯେଉଁ ଗଛମୂଳକୁ ଗଲେ ସେଠାରେ ଗୋଟାଏ ବିଶାଳକାୟ ଭାଲୁ ମହୁଲ ଖାଉଥିଲା । ମାଆକୁ ଦେଖି ଭୀଷଣ କ୍ରୋଧରେ ଧାଇଁ ଆସିଲା । ମାଆ ମଧ୍ୟ ତତ୍‌କ୍ଷଣାତ୍ ରଣକୌଶଳ ପ୍ରସ୍ତୁତ କରିନେଲେ । ମୁଁ ଯଦି ଏଠାରୁ ଧାଇଁ ପଳାଇ ବଞ୍ଚିଯିବା ପାଇଁ ଚେଷ୍ଟା କରେ ଭାଲୁ ହୁଏତ ଅଧା ବାଟରେ ମୋତେ ଧରି ପକାଇବ । କିନ୍ତୁ ଯଦି ମୁଁ ଭାଲୁକୁ ପ୍ରଥମେ ଆକ୍ରମଣ କରି ମରଣାନ୍ତକ ଯନ୍ତ୍ରଣା ଦିଏ ତା'ର ପରିଣାମରେ ମୁଁ ହାରି ଯାଇପାରେ, ମରି ଯାଇପାରେ କିମ୍ବା ଭାଲୁଟା ନିଜେ ପରାଜିତ ହୋଇ ପଳାଇଯାଇ ପାରେ । ମୁଁ ଲଢ଼େଇରେ ଜୟଲାଭ କରି ନିରାପଦରେ ଘରକୁ ଫେରିବି । ଆଖି ପଲକ ପଡ଼ିବା ପୂର୍ବରୁ ସେ ପୋଜିସନ୍ ନେଇ ନେଲେ । ପାଖରେ ପଡ଼ିଥିବା ୨୦ କିଲୋ ଓଜନର ଗୋଟାଏ ଶୁଖିଲା ଶାଳକାଠକୁ ଉଠାଇ ଆଣି ସେ ମହୁଲଗଛକୁ ପିଠି କରି ଭାଲୁକୁ ଆକ୍ରମଣ କଲେ । ମହୁଲ ନିଶାରେ ମସ୍‌ଗୁଲ ସେ ଭାଲୁଟି ମୁହଁରୁ ଅନ୍ୟ କେହି ଆହାର ଛଡ଼ାଇ ନେବ ! ଏହି କାରଣରୁ ଭାଲୁର କ୍ରୋଧ । ପାଟି ମେଲାଇ ଜିଭ ଲହ ଲହ କରି, ଆଗଗୋଡ଼ ଦୁଇଟିକୁ ମଣିଷ ହାତ ପରି ଉପରକୁ ଟେକି ମୃତ୍ୟୁର ଆଲିଙ୍ଗନ କରିବାକୁ ସେ

ମାଆଙ୍କୁ ପ୍ରତି ଆକ୍ରମଣ କଲା । ମାଆ ସେ କାଠ ବଲ୍‌ହାଟିକୁ ଶକ୍ତ ଭାବେ ଧରି ଭାଲୁ ମୁହଁରେ ଖେଞ୍ଚ ଦେଲେ । ଏହି ଭୟଙ୍କର ଆକ୍ରମଣ ପରେ ଭାଲୁ ସାମାନ୍ୟ ଆଗେଇଥିଲେ ତାହାର ଚାଲୁ ଫାଟି ଯାଇଥାଆନ୍ତା । ପଛଘୁଞ୍ଚା ଦେଇ ସେ ବୋବାଳି ପକାଇ ବଣକୁ ପଳାଇଲା ।

ସାଣ୍ଡି ଦଶବର୍ଷ ବୟସରୁ ଜୀବନ ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ । ସଉରା ଆଦିବାସୀମାନେ କେତେ ଶହ ବର୍ଷ ତଳୁ ଶିକାର ଓ ଫଳମୂଳ ସଂଗ୍ରହ କରିବା ସହ ସ୍ଥାୟୀ ଗ୍ରାମ ବସାଇ ଧାନ ଓ ଅନ୍ୟାନ୍ୟ ଫସଲ ଉପୁଜାଉଥିଲେ । ସାଣ୍ଡି ସେହି ରୂପେ ବାପା ମାଆଙ୍କ ସହ ନିଜର ଗାଈ, ଛେଳି, ମଇଁଷି ଓ ଘୁଷୁରୀ ଇତ୍ୟାଦି ନେଇ ବଣକୁ ଚରାଇବାକୁ ଯାଆନ୍ତି । ହିଂସ୍ର ଜନ୍ତୁମାନେ ଯେପରି ଆକ୍ରମଣ କରି ନପାରିବେ ସେଥିପାଇଁ ଗ୍ରାମର ଲୋକ ଗୋଷ୍ଠୀବଦ୍ଧ ଭାବେ ଦିନ ପରେ ଦିନ ଜଙ୍ଗଲର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରନ୍ତି । ଫେରିଲାବେଳକୁ ଜଙ୍ଗଲଜାତ ଦ୍ରବ୍ୟ ଓ ଜାଳକାଠ ସାଙ୍ଗରେ ଆଣନ୍ତି । ପାହାଡ଼ର ପାଦଦେଶରେ ଓ ପତରା ଜଙ୍ଗଲରେ ବର୍ଷାଋତୁ ପୂର୍ବରୁ ମକା, ଜନା, ସୁଆଁ, କୋଦୋ ଇତ୍ୟାଦି ବୁଣିବାରେ ସାହାଯ୍ୟ କରନ୍ତି । ଢିପ ଜମିରେ ମାଣ୍ଡିଆ, କାନ୍ଦୁଲ, କପା, କୋଳଥ ଓ ଝୋଲା ଜମିରେ ଧାନଚାଷରେ ଯଥାଶକ୍ତି ସାହାଯ୍ୟ କରନ୍ତି । ଆଦିବାସୀ ଗ୍ରାମ ଓ ଜଙ୍ଗଲ ବସତିରେ ବିଦ୍ୟାଳୟ ନଥିଲା, ତେଣୁ ପାଠର ପ୍ରଶ୍ନ ନଥିଲା । କିଶୋରୀ ବୟସରେ ସେ ଗୃହକାର୍ଯ୍ୟ ସହ ଗୋଷ୍ଠୀନୃତ୍ୟରେ ଅଂଶ ଗ୍ରହଣ କରୁଥିଲେ । ତାଙ୍କ ବାପା ସାନ କୁଜେନ୍ଦ୍ରୀ ସଉରା ଗୋଷ୍ଠୀର ଦଳପତି ବା ଗମାଙ୍ଗ ଥିଲେ ମଧ୍ୟ ସେଥିପାଇଁ ସେ ନିଜକୁ ସ୍ୱତନ୍ତ୍ର ମନେ କରୁନଥିଲେ । ସେ ସମୟରେ ଆଦିବାସୀ ମହିଳାମାନେ ମଦ୍ୟପାନ କରୁଥିଲେ ସୁଦ୍ଧା ସାଣ୍ଡି କେବେ ମଦ, ସଲପ କିମ୍ବା ଖଜୁରୀ ରସ ଖାଇ ନଥିଲେ । ସାମୂହିକ ନାଚ ଦଳରେ ସେ ସବୁଠାରୁ ଚଳଚଞ୍ଚଳ ଥିଲେ । ଆକର୍ଷଣୀୟ ଅଙ୍ଗ ଚାଳନା ଓ ସ୍ମିତହାସ୍ୟ ଯୋଗୁଁ ସେ ନାଚଦଳ ଭିତରେ ବାରି ହୋଇ ପଡୁଥିଲେ । ସେତେବେଳେ ସ୍ଥାନୀୟ ସଉରାମାନେ ଧନର ଅଭାବ ଓ ପାରମ୍ପରିକ ଚଳଣୀ ଯୋଗୁଁ ଖରା ଓ ବର୍ଷା ଦିନେ ଅଳ୍ପ ଲୁଗା ପିନ୍ଧୁଥିଲେ । ସେମାନଙ୍କର ପରଦା ପ୍ରଥା ନଥିଲା । ତତ୍କାଳୀନ ବ୍ରାହ୍ମଣ, କ୍ଷତ୍ରିୟ ମହିଳାଙ୍କଠାରୁ ଆଦିବାସୀ ମହିଳାମାନେ ଅନେକ ଅଧିକ ସାମାଜିକ ସ୍ୱାଧୀନତା ପାଉଥିଲେ । ଇଂରେଜମାନେ ରଙ୍ଗବେରଙ୍ଗ ଛିଟ ଶାଢ଼ୀ ମିଲ୍‌ରେ ତିଆରି କରି ଭାରତର ବିଭିନ୍ନ ବଜାରରେ ବିକ୍ରୀ କରୁଥିଲେ । କିନ୍ତୁ ଶତକଡ଼ା ୯୯ ଭାଗ ସଉରା ମହିଳା ସେହି ଶାଢ଼ୀ କିଣିବା ଅବସ୍ଥାରେ ନଥିଲେ । ସେମାନଙ୍କର ଝାଳବୁହା ଧନକୁ ତ ଶୋଷକମାନେ ଲୁଟି ନେଉଥିଲେ । ସଉରା ପୁରୁଷ ଓ ମହିଳା ନିମ୍ନାଙ୍ଗରେ ଅନ୍ତର୍ବାସ ବା ଘୁଷି ପିନ୍ଧି ତା' ଉପରେ ୨୭ ଇଞ୍ଚ ଚଉଡ଼ାର ତନ୍ତରେ ମୋଟା ମିଲ୍ ସୂତାର ତଉଲିଆ ବେଢ଼ାଉ ଥିଲେ ।

> ସେ ସମୟରେ ଆଦିବାସୀ ମହିଳାମାନେ ମଦ୍ୟପାନ କରୁଥିଲେ ସୁଦ୍ଧା ସାଣ୍ଡି କେବେ ମଦ, ସଲପ କିମ୍ବା ଖଜୁରୀ ରସ ଖାଇ ନଥିଲେ । ସାମୂହିକ ନାଚ ଦଳରେ ସେ ସବୁଠାରୁ ଚଳଚଞ୍ଚଳ ଥିଲେ ।

କିଶୋରୀ ବୟସରୁ ସେହିପରି ଏକ ତଉଲିଆ ସ୍ତ୍ରୀ ଲୋକମାନେ ବକ୍ଷ ଆବରଣ ରୂପେ ବ୍ୟବହାର କରୁଥିଲେ । ଏହି ତଉଲିଆକୁ ସ୍ଥାନୀୟ କୁଶଳୀ ହରିଜନମାନେ ବିଭିନ୍ନ ବଡ଼ ବଡ଼ ଗ୍ରାମରେ ବୁଣୁଥିଲେ । ପାଞ୍ଚଫୁଟ ତିନି ଇଞ୍ଚ ଉଚ୍ଚ କଳା ମୁଗୁନି ପଥରର ମୂର୍ତ୍ତି ପରି ଦେଖାଯାଉଥିବା ସାଣ୍ଡିର ବଳିଷ୍ଠ ଚେହେରାଟି ସ୍ୱଳ୍ପବସ୍ତ୍ରାବୃତ୍ତା ହୋଇ ସୁଦ୍ଧା ନିଜର ବ୍ୟକ୍ତିତ୍ୱ ପାଇଁ ବାରି ହୋଇପଡୁଥିଲା ।

୧୯୩୬ ମସିହାରେ ଜୟପୁର ଜମିଦାରୀ ମାଡ୍ରାସ ପ୍ରେସିଡ଼େନ୍‌ସିରୁ ଆସି ଓଡ଼ିଶାରେ ମିଶି କୋରାପୁଟ ଜିଲ୍ଲାରେ ରହିଲା । ଇଂରେଜ ସରକାର ୧୯୩୭ ମସିହାରେ ଭାରତର ବିଭିନ୍ନ ପ୍ରାଦେଶିକ ଆସେମ୍ବ୍ଲି ପାଇଁ ନିର୍ବାଚନ କରାଇଲେ । ଓଡ଼ିଶାରେ ଆଚାର୍ଯ୍ୟ ହରିହର ଦାସ ଓ ଗୋପବନ୍ଧୁ ଚୌଧୁରୀ ନିର୍ବାଚନ ରାଜନୀତି ମଧ୍ୟରେ ରହିଲେ ନାହିଁ । ବିଭିନ୍ନ ଜିଲ୍ଲାରେ ଗସ୍ତ କରି ରଚନାତ୍ମକ କର୍ମୀମାନଙ୍କୁ ଉତ୍ସାହିତ କରୁଥିଲେ । ପୂର୍ବଘାଟ ପର୍ବତମାଳାର ଅଧିବାସୀ ଜୟପୁର ଜମିଦାରୀର ପ୍ରଜାମାନେ ସ୍ୱାଧୀନତାର ନୂତନ ସୂର୍ଯ୍ୟୋଦୟ ଦେଖିବାପାଇଁ ଉଦ୍‌ଗ୍ରୀବ ହୋଇ ଉଠିଲେ । ଗୁଣପୁରଠାରୁ ନନ୍ଦପୁର, ଜୟପୁର, ମାତିଲି, ନବରଙ୍ଗପୁର ଓ ପାପଡ଼ାହାଣ୍ଡିର ଆଦିବାସୀ ପୁରୁଷ ଓ ମହିଳା ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ସ୍ୱାଧୀନତା ପାଇଁ ଦାବୀ କଲେ । ଗୁଣପୁର ଅଞ୍ଚଳର ବାଇରୁଗମାଙ୍କଙ୍କ ପୁଅଝିଅ ଗୋପବାବୁ ଓ ତାଙ୍କ ପତ୍ନୀ ରମାଦେବୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାକୁ ପ୍ରେରଣା ପାଇଥିଲେ ।

୧୯୪୧ ମସିହାରେ ପ୍ରହଲାଦ ପାଣିଗ୍ରାହୀ ଗୁଣପୁର ତାଲୁକ କଂଗ୍ରେସ କମିଟିର ସଭାପତି ଥାଆନ୍ତି । ସେ ଅଞ୍ଚଳରେ ସ୍ଥାନୀୟ ତୁର୍‌ତୁରିଆ ଜାତୀୟ କପାଚାଷ ପାରମ୍ପରିକ ଭାବେ ହେଉଥିଲା । ଗୋପବାବୁ ହିନ୍ଦୁସ୍ଥାନ ଚରଖା ସଂଘରୁ ଆର୍ଥିକ ସାହାଯ୍ୟ ଆଣି ସେଠାରେ ଉନ୍ନତ କିସମର ସଘନ କପାଚାଷ ଯୋଜନା କଲେ । ସେତେବେଳକୁ ବିଶ୍ୱନାଥ ପଟ୍ଟନାୟକ (ଆଙ୍କା ବୋଲି ଡକାଯାଏ) ଆଚାର୍ଯ୍ୟ ହରିହରଙ୍କ ସଂସ୍ପର୍ଶରେ ଆସି ୧୭ ବର୍ଷ ବୟସରେ ସନ୍ନ୍ୟାସବ୍ରତ ଅବଲମ୍ବନ କରିସାରିଥିଲେ । ବରୀ ଆଶ୍ରମରେ ଗୋପବାବୁଙ୍କଠାରୁ ପ୍ରତ୍ୟକ୍ଷ ତାଲିମ ପାଇ ବିଶ୍ୱନାଥ ଆଗଠାରୁ ଅଧିକ ଦୁଃସାହସୀ, ଅନମନୀୟ ଓ ଶୃଙ୍ଖଳିତ ହୋଇଥାଆନ୍ତି । ଗୁଣପୁରରେ କପାଚାଷ, ଖାଦୀବୁଣା, ଗ୍ରାମ ସଫେଇ ହରିଜନ ଆନ୍ଦୋଳନ, ଗଣଶିକ୍ଷା ଇତ୍ୟାଦି କାମର ପ୍ରସାର ପାଇଁ ପ୍ରିୟ ଶିଷ୍ୟ ବିଶ୍ୱନାଥ ଉପଯୁକ୍ତ ବୋଲି ଗୋପବାବୁ ବିବେଚନା କଲେ । ବିଶ୍ୱନାଥ ଗୁଣପୁର ଆସି ପ୍ରହଲାଦବାବୁଙ୍କ ପରାମର୍ଶରେ ପାହାଡ଼ ଘେରା ଅନେକ ଗ୍ରାମ ବୁଲି, ସେଠାରେ ଦିନେ ଦୁଇ ଦିନ ଲେଖାଏଁ ରହି ପରିସ୍ଥିତି ଅନୁଧ୍ୟାନ କଲେ । ସବୁଆଡ଼େ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି

ମିଳୁଥାଏ, କିନ୍ତୁ ରାଜା ଓ ପୋଲିସ୍‌ଙ୍କ ଭୟରେ କେହି ସ୍ଥାୟୀ କେନ୍ଦ୍ର ପାଇଁ ରାଜି ହେଉନଥାନ୍ତି ।

୧୯୪୧ ମସିହା ବେଳକୁ ଗ୍ରାମପୁଞ୍ଜଗୁଡ଼ିକର କେନ୍ଦ୍ର ପେଣ୍ଠସ୍ଥଳରେ ସାପ୍ତାହିକ ହାଟ ବସୁଥିଲା । ଗୁଣପୁର ହାଟକୁ ପାଖଆଖ ଦଶମାଇଲ ଅଞ୍ଚଳରୁ ଆସୁଥିବା କେତେଜଣ ଗ୍ରାମ ମୁଖିଆଙ୍କୁ ପ୍ରହଲାଦବାବୁ କଂଗ୍ରେସ ରଚନାତ୍ମକ କାର୍ଯ୍ୟର କେନ୍ଦ୍ର ଗୃହ ସ୍ଥାପନ କରିବାକୁ କହିଥାଆନ୍ତି । ତନ୍ମଧ୍ୟରୁ ସାନ କୁଜେନ୍ଦ୍ରୀ ଗାଁ ସଉରା ଆଦିବାସୀ ସଂପ୍ରଦାୟର ଦଳପତି ବାଇରୁ ଗମାଙ୍ଗ ଅନ୍ୟତମ । ବାଇରୁ ଘୋର ଜଙ୍ଗଲରେ ରହୁଥିଲେ ମଧ୍ୟ ଆଖପାଖ ବିଭିନ୍ନ ହାଟକୁ ଯାଇ ସବୁ ଖବର ଜାଣିବାକୁ ଚେଷ୍ଟା କରୁଥିଲେ । ଜୟପୁର ରାଜା ବେଠି ଭେଟି କରାଉଛି, ସୁଣ୍ଡି, ସାହୁକାର, ଦୋକାନୀ, ପୋଲିସ୍ ଓ ଜଙ୍ଗଲ କର୍ମଚାରୀ କାହିଁକି ଜୁଲୁମ୍ କରୁଛନ୍ତି ତାହା ସେ ଜାଣିଥିଲେ । ଗୋରା ସାହେବମାନଙ୍କ ପାଖେ ଭଲ ବନ୍ଧୁକ ଅଛି, ବଡ଼ ବୋମା ଅଛି, ଯଦି ଆଦିବାସୀ ଲୋକ ଏମାନଙ୍କୁ ହାଣି ଦେବେ ତେବେ ସେହି ବୋମା ଓ ବନ୍ଧୁକ ଆଣି କନ୍ଧ ଓ ସଉରାମାନଙ୍କୁ ଗୁଣପୁର ତାଲୁକ ମାଜିଷ୍ଟ୍ରେଟ୍ ଓ ପୋଲିସ୍ ଶହ ଶହ ସଂଖ୍ୟାରେ ମାରି ଦେବେ । ଏ ସମସ୍ତଙ୍କୁ ନିଷ୍କ୍ରିୟ କରିଦେବା ପାଇଁ ଗାନ୍ଧୀ ମହାତ୍ମା ପ୍ରହଲାଦକୁ କିଛି ମନ୍ତ୍ର ଶିଖାଇଛି । ତେଣୁ ସାଣ୍ଡି କହିଲା, ମୁଁ ସେହି ମନ୍ତ୍ର ଶିଖିବି ଓ ସଉରାମାନଙ୍କୁ ଶିଖାଇବି । ତା'ସଙ୍ଗେ ବେଶି ମିଳାମିଶା କଲେ ଅତି ଖରାପ ପରିସ୍ଥିତିରେ ପୁଲିସ୍ ମୋତେ ଥାନାକୁ ଡାକି ନେଇ ମାଡ଼ଦେବ । ତଥାପି ମୁଁ ପ୍ରହଲାଦ ସଙ୍ଗେ ମିଳାମିଶା କରିବି । ସେ ତ କହୁଛନ୍ତି ବିଶ୍ୱନାଥ ଭଲ ଲୋକ, ତାହା କଥା ମାନି ମୁଁ ବିଶ୍ୱନାଥଙ୍କୁ ସାନ କୁଜେନ୍ଦ୍ରୀକୁ ନେବି । ତା'ର ୧୫ ଦିନ ପରେ ଜାନୁଆରୀ ଶେଷ ରବିବାର ବାଇରୁଙ୍କ ସହ ବିଶ୍ୱନାଥ କୁଜେନ୍ଦ୍ରୀ ଆସିଲେ । ମାଘମାସର ଶୀତୁଆ ଅପରାହ୍ଣରେ ଦୁହେଁ ବାଇରୁଙ୍କ ସାହିରେ ପହଞ୍ଚିଲେ । ସଉରାମାନେ ଅତିଥି ସତ୍କାରରେ କୃପଣ ନୁହନ୍ତି । ନିଜେ ଉପାସ ରହି ଖୁଦ ଜାଉ ଘରେ ଥିଲେ ଅତିଥିଙ୍କୁ ଦିଅନ୍ତି । ସେ କାଳରେ, ଏପରି ପ୍ରଥା ପ୍ରଚଳିତ ଥିଲା ଯେ ଜଣେ ସଜ୍ଜନ ପ୍ରଥମ ଥର ଆସିଲାବେଳେ ଝିଅବୋହୂମାନେ ଝୁଣା ଧୂପ ଦେଇ ଆରତି କରନ୍ତି । ବାଇରୁଙ୍କ ଇଙ୍ଗିତରେ ସାଣ୍ଡି ଧାଇଁଯାଇ ସାହିର ମହିଳା ଓ କୁମାରୀମାନଙ୍କୁ ଡାକି ଆଣିଲା । ଯେଉଁ ମାଟି ଝୁଣା ଦାନୀରେ ଦେବତାଙ୍କୁ ଆରତି କରାଯାଏ, ସେଇଟିକୁ ଆଣି କାଠ ରଡ଼ରୁ ଜଳନ୍ତା ଅଙ୍ଗାର ୪/୬ ଖଣ୍ଡ ଗୋଟାଇ ରଖିଲା । ନିଜେ ଶାଳଗଛରୁ ଝରିଥିବା ଝୁଣା ସଂଗ୍ରହ କରି ରଖିଥିଲା । ଜଳନ୍ତା ଅଙ୍ଗାରରେ ସେହି ଝୁଣାଗୁଣ୍ଡ ପକାଇଲା । ସମସ୍ତେ ବିଶ୍ୱନାଥଙ୍କୁ ଆରତି କଲେ । ବାଇରୁ ଓ ଅତିଥିଟି ସାହିର ଅନ୍ୟ ସଉରା ବସ୍ତିକୁ ଗଲେ । ସେଠାରେ ମଧ୍ୟ ତଦ୍ରୂପ ସ୍ୱାଗତ । ସେତେବେଳକୁ ଗ୍ରାମବାସୀ ଜାଣି ଯାଇଥିଲେ ଯେ ଗମାଙ୍ଗ ସାଥିରେ ଜଣେ କିଏ ଭଲ ଲୋକ ଆସିଛି । ପୁଣି ଦୁଇଜଣ ଫେରିଲେ ବାଇରୁ କୁଡ଼ିଆ ଆଗକୁ । ସଞ୍ଜ ନଇଁ ଆସିଥାଏ । ସାଣ୍ଡି ଓ ନୀଳକଣ୍ଠ ବାପା ପାଖକୁ ଚାଲି ଆସିଲେ । ଆଉ ଦୁଇଟି ଛୋଟ ପିଲା ମାଆ ପାଖରେ କୁଡ଼ିଆ ଭିତରେ ପାଟିଗୋଳ କରୁଥାଆନ୍ତି । ବିଶ୍ୱନାଥ ଓ ବାଇରୁ ଖଣ୍ଡେ ଦଉଡ଼ିଆ ଖଟ ଉପରେ ବସିଲେ । ନିଆଁ ରଡ଼କୁ ଅଧିକ ତେଜିୟାନ୍ କରିବାକୁ ବାଇରୁଙ୍କ ସ୍ତ୍ରୀ ଲୁଜ୍‌ରୀ କାଠ ଗଡ଼ ଗୋଟାଏ ପକାଇଲା । ସମସ୍ତଙ୍କର ଅଧାପୁଙ୍ଗୁଳା ଦେହ, ରଡ଼ ନିଆଁର ଦିକ୍ ଦିକ୍ ଆଲୁଅ ସେହି କଳା କଳା ପାଞ୍ଚଜଣ ଲୋକଙ୍କ ଆଖିରେ ପ୍ରତିଫଳିତ ହୋଇ ଚକ୍ ଚକ୍ ଦେଖାଯାଉଥାଏ । ସେହି କ୍ଷୀଣ ଆଲୋକରେ ନୀଳକଣ୍ଠ ଓ ସାଣ୍ଡି ବିଶ୍ୱନାଥଙ୍କୁ ଆକଳନ କରୁଥାଆନ୍ତି । ସାଣ୍ଡି ଭାବୁଥାଆନ୍ତି ସତରେ କ'ଣ ଏଇ ଝାମ୍ପୁରା ମୁଣ୍ଡିଆ ଲୋକଟି ଲୋଭୀ ମଣିଷ ଦାଉରୁ ଆମ ସଉରା କୁଳକୁ ବଞ୍ଚାଇ ପାରିବ ? କେତେ କଷ୍ଟ କରି ଆମେ ଫସଲ କରୁଛୁ । ଫଳମୂଳ ସଂଗ୍ରହ କରୁଛୁ । ଦୂର ଝରଣାରୁ ମାଠିଆରେ ପାଣି ମୁଣ୍ଡାଇ ମୁଣ୍ଡାଇ ଘରକୁ ଆଣୁଛୁ । ତଥାପି ଆମର ଦୁଃଖ ଯାଉନାହିଁ । ଲୋକେ ବୁଢ଼ିଆଣୀ ଜାଲ ବିଛାଇଲା ପରି ନାନା ଫିକର କରି ଆମ ପରିଶ୍ରମର ଫଳ ନେଇଯାଉଛନ୍ତି । ହାଟକୁ ଗଲେ ଶୁଣ୍ଡି ପୁଅ ଡାକୁଛି, ଭଲ ମଦ, ଭଲ ମଦ, ଆସ, ଆସ କିଏ ଖାଇବ । ଡିଣ୍ଡାମାନେ (କିଶୋରୀମାନଙ୍କୁ ସ୍ଥାନୀୟ ଭାଷାରେ ଡିଣ୍ଡା କହନ୍ତି) ଖାଇସାରି ପଇସା ଦେଲେ ଦେବ, ନ ଦେଲେ ନଦେବ । ସବୁ ମୋ' ପାଇଁ ଭଲ । ସାହୁକାରର ବଡ଼ ପୁଅଟାତ ଆମ ସାହି ବାଟେ ଗଲାବେଳେ ଆମକୁ ଗଳି ଗଳି ଅନାଉଛି । ଧୋବ ଲୁଙ୍ଗି ପିନ୍ଧି କାନ୍ଧରେ ବିଦେଶୀ ତଉଲିଆ ପକାଇ ନିଶକୁ ବାରମ୍ବାର ମୋଡ଼ି କିସ କିସ ଇଙ୍ଗିତ ଦେଉଛି । କିନ୍ତୁ ଆମ ପରବରେ ଟଙ୍କା କରଜ ପାଇଁ ଗଲାବେଳେ ଆମ ବାପା ଭାଇଙ୍କ ରକ୍ତ ଶୋଷୁଛି । ଏମାନଙ୍କୁ କ'ଣ ଏହି ଲୋକଟି ଜବତ କରିପାରିବ ?

ବିଶ୍ୱନାଥ ଯୁବକ ଥିଲେ ମଧ୍ୟ ଯଥେଷ୍ଟ ସଂଜତ ଥିଲେ । ତାଙ୍କଠାରୁ କମ୍ ବୟସର ପୁଅଝିଅଙ୍କୁ କିପରି ଦେଶ ହିତ ପାଇଁ ନିୟୋଗ କରିବେ ଏହି ଚିନ୍ତାରେ ମଗ୍ନ ରହୁଥିଲେ । ତାଙ୍କ ଦୃଷ୍ଟିରେ ସାଣ୍ଡି କେବଳ ଏକ ଅରଣ୍ୟ କନ୍ୟା ନୁହେଁ, ସେ ଏକ ପାର୍ବତ୍ୟ ଜଳସ୍ରୋତ, ସେହିପରି ହଜାର ହଜାର ଜଳସ୍ରୋତର ସମ୍ମିଳିତ ପ୍ରବାହରେ ବ୍ରିଟିଶ୍ ଧଳାହାତୀ ଭାସି ଯାଇପାରେ ।

ବିଶ୍ୱନାଥ ଯୁବକ ଥିଲେ ମଧ୍ୟ ଯଥେଷ୍ଟ ସଂଜତ ଥିଲେ । ତାଙ୍କଠାରୁ କମ୍ ବୟସର ପୁଅଝିଅଙ୍କୁ କିପରି ଦେଶ ହିତ ପାଇଁ ନିୟୋଗ କରିବେ ଏହି ଚିନ୍ତାରେ ମଗ୍ନ ରହୁଥିଲେ । ତାଙ୍କ ଦୃଷ୍ଟିରେ ସାଣ୍ଡି କେବଳ ଏକ ଅରଣ୍ୟ କନ୍ୟା ନୁହେଁ, ସେ ଏକ ପାର୍ବତ୍ୟ ଜଳସ୍ରୋତ, ସେହିପରି ହଜାର ହଜାର ଜଳସ୍ରୋତର ସମ୍ମିଳିତ ପ୍ରବାହରେ ବ୍ରିଟିଶ୍ ଧଳାହାତୀ ଭାସି ଯାଇପାରେ । ସାଣ୍ଡିର କାର୍ଯ୍ୟକଳାପକୁ ଅଳ୍ପ ସମୟ ମଧ୍ୟରେ ଲକ୍ଷ୍ୟ କରି ସେ ସ୍ଥିର କଲେ ଯେ ତା'ର ଅଦମ୍ୟ ଆଗ୍ରହ ଓ ଶକ୍ତିକୁ ଭାରତର ସ୍ୱାଧୀନତା ସଂଗ୍ରାମରେ ବିନିଯୋଗ କରାଯିବ । ସଂଗ୍ରାମ

ପରେ ଏହି ଆଦରଣୀୟା ଝିଅଟି ଆଦର୍ଶ ଗୃହିଣୀ ଓ ଜନନୀ ହେବ । ଦଉଡ଼ିଆ ଖଟ ଉପରେ ବସି ଶବର ଦଳପତିଟି ଭାବୁଥାଏ, 'ଯଦି ଲୁଜ୍‌ରୀ, ନୀଳକଣ୍ଠ ଓ ସାଣ୍ଡି ରାଜି ହେବେ ତେବେ ଏ ଲୋକଟି ଆମ ବାରଣ୍ଡାରେ ଆଜି ରାତିଟା ବିଶ୍ରାମ ନେବ ।' ନୀରବତା ଭଙ୍ଗ କରି ବାଇରୁ କହିଲେ 'ଚାଉଳଖୁଦ ଜାଉ କରି ଦିଅ । ପତ୍ର ଖଲିରେ ବାଢ଼ି ଦେବ । ଇଏ ଶୁଖୁଆ ଖାଇବେ ନାହିଁ । ବିଶ୍ୱନାଥ ସେଇଠି ବସି ରହିଲେ । ବାପମା' ପୁଅଝିଅ ଘର ଭିତରକୁ ଗଲେ । ବାଇରୁ କହିଲେ, 'ଏ ଲୋକଟି ଆମ ଗାଁରେ ରହିବ, ପିଲାଙ୍କୁ ଦୁଇ ଅକ୍ଷର ଓଡ଼ିଆ ପାଠ ପଢ଼ାଇବ । କପାଚାଷ ଇତ୍ୟାଦି ଶିଖାଇବ । ହେଲେ ଆମ ସାହିରେ ସେ ରହିବ କେଉଁଠି ? ଲୁଜ୍‌ରୀ ବୁଝିପାରିଲା, ସ୍ୱାମୀ କି ପ୍ରଶ୍ନ ପଚାରୁଛି, ସେ ଉତ୍ତର ଦେଲା, 'ଏ ଘରେ ତ ଆମ ଠାକୁର ଅଛି, ମାଣ ଅଛି, ଯଦି ରହିବ ବାରଣ୍ଡାରେ ରହୁ ।' ନୀଳକଣ୍ଠ ଓ ସାଣ୍ଡି ବାପାକୁ କହିଲେ, 'ଭଲ ଲୋକଟା, ଏ ରହିଲେ ସଉରାମାନଙ୍କର ମଙ୍ଗଳ ହେବ ।' ସେହିଦିନୁ ବାଇରୁ ଗମାଙ୍ଗ ବାରଣ୍ଡାରେ ବିଶ୍ୱନାଥଙ୍କ ବିଛଣା ପଡ଼ିଲା । ନୀଳକଣ୍ଠ ଓ ସାଣ୍ଡି ଖଜୁରୀ ଡାଳଗୁଡ଼ିଏ ଆଣି ବାରଣ୍ଡାର ଦୁଇପାର୍ଶ୍ୱରେ କାନ୍ଥ ପରି ଟାଙ୍ଗି ଦେଲେ । ବିଶ୍ୱନାଥ ଜାଣିଗଲେ ଯେ ସଉରା ସମାଜର ମଙ୍ଗଳ ପାଇଁ ବାଇରୁଙ୍କ ପରିବାର ଚରମ ତ୍ୟାଗ କରିବେ ବୋଲି ମନେ ମନେ ସ୍ଥିର କରିଛନ୍ତି । ଏ ସମ୍ବାଦ ଗୋପବାବୁଙ୍କୁ ଜଣାଇଲେ । କପା ଚାଷଠାରୁ ଲୁଗାବୁଣା ଇତ୍ୟାଦି କାମ ପାଇଁ ଚରଖା ସଂଘରୁ ମାସିକ ପନ୍ଦର ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ଦିଆଗଲା । ବିଶ୍ୱନାଥଙ୍କ ଚେହେରା ମହାତ୍ମା ଗାନ୍ଧୀଙ୍କ ପରିବାର ଲୋକଙ୍କ ପରି ଦେଖାଯାଉଥିଲେ ମଧ୍ୟ ସେ ଅହିଂସ ସାମ୍ୟବାଦରେ ବିଶ୍ୱାସ କରନ୍ତି । ବ୍ରିଟିଶ୍ ସରକାର ଓଡ଼ିଶାର ବନବାସୀମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଶୋଷଣ କରୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ବ୍ରିଟିଶ୍ ବେଶୀ କପାଲୁଗା ଆବଶ୍ୟକ କରୁଛି । ଆମ କପାରେ ମିଲ୍ ଲୁଗା ହେଲେ ଇଂରେଜ ଶ୍ରମିକ କାମ ପାଇବେ, ଆମ ମହିଳାମାନେ ଲଜ୍ଜା ନିବାରଣ ପାଇଁ ଏଠାରେ ଲୁଗା ପାଇବେ ନାହିଁ । ୟୁନିଅନ୍ ପ୍ରେସିଡ଼େଣ୍ଟ ଓ ତାଲୁକ ମାଜିଷ୍ଟ୍ରେଟ୍ ଅଫିସ୍‌ରୁ ଲୁଗା କଣ୍ଟ୍ରୋଲ କରାଯିବ, ଏ ନିୟମ ଠିକ୍ ନୁହେଁ । ଆମେ ନିଜେ ଅଧିକ କପା ଉତ୍ପାଦନ କରିବା, ଅରଟରେ ସୂତା କାଟିବା ଓ ଭଲ ତନ୍ତରେ ଲୁଗା ବୁଣିବା । ଏ କାମରେ କୁଜେନ୍ଦ୍ରୀ ଗାଁର ସଉରାମାନେ ବିଶ୍ୱନାଥଙ୍କ ପରାମର୍ଶ ଓ ନୀଳକଣ୍ଠ ତଥା ସାଣ୍ଡିଙ୍କର ସହଯୋଗରେ ଆଗେଇ ଚାଲିଲେ ।

କଟକ ସହର ଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ମଧୁ ବାରିଷ୍ଟରଙ୍କ କୋଠିରେ କୁଟୀର ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଥମେ ନୀଳକଣ୍ଠ ତାଲିମ ନେଲେ । ରମାଦେବୀ ଏହା ଦେଖି ଜଣେ ବନବାସୀ ନାରୀ ସ୍ୱେଚ୍ଛାସେବିକାଙ୍କୁ ବରୀରେ ତାଙ୍କ ପାଖରେ ପହଞ୍ଚାଇବାକୁ ବିଶ୍ୱନାଥଙ୍କୁ କହିଲେ । ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରେ ଇଂରେଜମାନେ ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କ ଭିତରେ ବିଭେଦକୁ ଏପରି ଉତ୍ସାହିତ କରିଥିଲେ ଯେ ଆଦିବାସୀ ଓ ହରିଜନମାନେ ସମାଜର ମୁଖ୍ୟ ସ୍ରୋତରେ ମିଶିବାକୁ ସଂକୋଚ କରୁଥିଲେ । ୧୯୪୧ ମସିହାରେ ଗୋପବାବୁ ଓ ରମାଦେବୀ ଓ୍ୱାର୍ଦ୍ଧା ଗଲାବେଳେ ନୌପଡ଼ା ଗୁଣପୁର ହୋଇ କୁଜେନ୍ଦ୍ରୀ ଗ୍ରାମକୁ ଶଗଡ଼ରେ ଆସିଥିଲେ । କୁଜେନ୍ଦ୍ରୀ ଲୋକମାନଙ୍କର ଏକତା ଓ ସ୍ୱାଧୀନତା ପାଇଁ ଆକାଂକ୍ଷା ଦେଖିଲେ । ସେମାନେ ପୁଣି ଶଗଡ଼ରେ ବିଷମ କଟକ ବାଟେ ଓ୍ୱାର୍ଦ୍ଧାକୁ ରେଳଗାଡ଼ି ଧରିଲେ । ପ୍ରାଣକୃଷ୍ଣ ପଢ଼ିଆରୀ ଓ ପଣ୍ଡିତ କୃପାସିନ୍ଧୁ ହେତା ତାହାର ଅଳ୍ପଦିନ ପରେ ଆସିଲେ । ବିଶ୍ୱନାଥ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରକୁ ହରିଜନ, ଆଦିବାସୀ, ସବର୍ଣ୍ଣ ନରନାରୀଙ୍କୁ ଧରି ପଢ଼ିଆରୀ ଓ ହୋତା ମହାଶୟଙ୍କ ସହ ଦେବପୂଜା ପାଇଁ ଗଲେ । ସାଣ୍ଡି ସବୁ ଜାତିର ଝିଅବୋହୂଙ୍କୁ ଏକାଠି କରି ମନ୍ଦିରକୁ ଯିବାପାଇଁ ଦାୟିତ୍ୱ ନେଲା । ଆଦିବାସୀ ମହିଳାମାନଙ୍କ ମଧ୍ୟରେ ଜାଗରଣ ଆଣିବା ପାଇଁ ଉଭୟ ରମାଦେବୀ ଓ ବିଶ୍ୱନାଥ ସାଣ୍ଡିକୁ ଅଗ୍ରଦୂତ ଭାବେ ବାଛିଲେ । ବାଇରୁଙ୍କୁ ସେ ପ୍ରସ୍ତାବ ଦିଆଗଲା । ସାଣ୍ଡି କହିଲା, 'ହଁ, ମୁଁ ପାହାଡ଼ ପର୍ବତରୁ ବାହାରି ବଜାର ଦେଶକୁ ଯିବି ।' ତା'ର ସାଙ୍ଗ ଝିଅବୋହୂମାନେ ହସି ହସି ଥଟ୍ଟା ମଜାରେ କହିଲେ, 'ଏ ଭେଣ୍ଡିଆ ତ ତୋ' ବାପାକୁ ଟଙ୍କା ଦେଇ ସାରିଲାଣି, ଏବେ ତାଙ୍କ ଦେଶକୁ ସବୁଦିନ ପାଇଁ ନେଇଯିବ ।' ସାଣ୍ଡିର ଦୃଢ଼ ସିଦ୍ଧାନ୍ତ, ଏ ଯୁବକ ସେହିପରି କାଣ୍ଡ କରିବ ନାହିଁ । ହିମାଳୟ କନ୍ୟା ବେଗବତୀ ଗଙ୍ଗା ସମତଳ ଅଞ୍ଚଳକୁ ଆସିଲା ପରି ସାଣ୍ଡି କୌପୀନ ଉପରେ ଆଠହାତ ଲମ୍ବ ଖଦଡ଼ ଲୁଗା ପିନ୍ଧି କୁଜେନ୍ଦ୍ରୀରୁ ଗୁଣପୁର ବାହାରିଲା । ଖଣ୍ଡିଏ ସତରଞ୍ଜିରେ ସ୍ୱଳ୍ପ ସାମଗ୍ରୀ ଧରି ବିଶ୍ୱନାଥଙ୍କ ସଙ୍ଗେ ଯାଜପୁରର ନିପଟ ଗାଁ ବରୀ ଆଶ୍ରମକୁ ଚାଲିଲା । ଗୁଲୁମୁଣ୍ଡା ଗାଁର ଭଗବାନ ସେନାପତି ଦୁଇଟଙ୍କା ମୂଲ୍ୟରେ ସତରଞ୍ଜିଟି କିଣି ଦେଇଥିଲେ । ଗୁଣପୁରରୁ ରେଳଯୋଗେ ନୌପଡ଼ା ଓ ସେଠାରୁ ରେଳରେ ହରିଦାସପୁର ଯାଇ ସୂର୍ଯ୍ୟାସ୍ତ ସମୟରେ ପହଞ୍ଚିଲେ । ତୃତୀୟ ଶ୍ରେଣୀ ରେଳଡ଼ବାରୁ ବିଶ୍ୱନାଥ ଓ ସାଣ୍ଡି କାନ୍ଧୁଲ ଚାରି ପୁଟୁଳା ଧରି ଓହ୍ଲାଇ ପଡ଼ିଲେ । ଜଣେ ନାରୀ ଓ ଜଣେ ବ୍ରହ୍ମଚାରୀ, ଭାରତବର୍ଷର ଶେଷ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରସ୍ତୁତ ହୋଇ ଆସିଛନ୍ତି । ସାଣ୍ଡି ସ୍ଥିର କରିସାରିଛି, 'ସାହୁକାର ପୁଅର ଆଖିଠାର ଓ ରକ୍ତଶୋଷକମାନଙ୍କର ତାଜା ମାଉଁସପ୍ରତି ଲୋଭରେ ସାଣ୍ଡି ମରିବ ନାହିଁ । ତାଙ୍କ ସାଙ୍ଗେ ଲଢ଼େଇ କରି ମରିଗଲେ ଦେବତା ହୋଇଯିବ ।' ସାଙ୍ଗରେ ଆଣିଥିବା ଖୁଦ ଭଜାରୁ ମୁଠାଏ ମୁଠାଏ ଖାଇ ଦେଇ ହରିଦାସପୁର ରେଳ ଷ୍ଟେସନ୍ ଯାତ୍ରୀ ବିଶ୍ରାମାଗାର ପାଖରେ ଥିବା କୂଅରୁ ପାଣି ପିଇଲେ । 'ନା, ଏହି ସନ୍ଧ୍ୟାରେ ନବାଗତା ଆଦିବାସୀ ଯୁବତୀଟିକୁ ସାପ ବେଙ୍ଗ ହେଟା ବିଲୁଆ ଥିବା ବେଣାପାଟ ଭିତରେ ନେଇ ବରୀ ଯାଏଁ ପାଦରେ ଚାଲି ଚାଲି ଯିବା ଠିକ୍ ହେବ ନାହିଁ । ଏହି ବିଶ୍ରାମ ଗୃହରେ ବିଛଣା ପାରିବା ।'

୧୯୪୨ ମସିହାରେ ଅନୁନ୍ନତ ଓଡ଼ିଶା ପ୍ରଦେଶର ଏକ ଗ୍ରାମ୍ୟ ରେଳ ଷ୍ଟେସନ୍‌ରେ ଆଉ କେହି ଯାତ୍ରୀ ନାହାନ୍ତି । ଟିକେଟ୍ କାଉଣ୍ଟର ପାଖରେ ଷ୍ଟେସନ୍ ମାଷ୍ଟର ଓ ପତାକା ଦେଖାଇବାକୁ ଥିବା ରେଳ

କର୍ମଚାରୀ । ସେହି ଝରକା ଆଗରେ ଛୋଟ ଲଣ୍ଠନ ଆଲୁଅରେ ସାଣ୍ଡି ନୂଆ ସତରଞ୍ଜି ଖଣ୍ଡିକ ନିଜ ପାଇଁ ବିଛାଇ ଶୋଇଗଲା । ସେଠାରୁ ୨୦ ଫୁଟ ଦୂରରେ ବିଶ୍ୱନାଥ ମାଙ୍କଡ଼ାପଥର ବେଞ୍ଚ ଉପରେ ଦେହଟାକୁ ଲମ୍ବାଇ ଦେଲେ । କିନ୍ତୁ ସଦା ଜାଗ୍ରତ ରହିଥାଆନ୍ତି । ବନବାସୀଙ୍କ ସରଳ ବିଶ୍ୱାସରେ ବିଷ ନ ମିଶୁ । ଯିଏ ତିନି ବର୍ଷ ତଳେ ଡେଲାଙ୍ଗ ବେରବୋଇରେ ମହାତ୍ମା ଗାନ୍ଧୀଙ୍କ ଶୋଇବା କୁଡ଼ିଆର ରାତ୍ରି ପ୍ରହରୀ ଭାବେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ, ତାଙ୍କ ପାଇଁ ଏପରି ପହରା ଦେବାରେ ବିଚିତ୍ରତା ନଥିଲା । ପ୍ରତ୍ୟୁଷରୁ ଦୁହେଁ ଦ୍ରୁତ ପଦକ୍ଷେପରେ ନେଉଳପୁର ବାଟେ ବରୀ ଚାଲିଲେ । ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ସ୍ନେହ ଶ୍ରଦ୍ଧା ଯୋଗୁଁ ସାଣ୍ଡି ଛଅମାସରେ ତାଲିମ ଶେଷ କଲା । ଅହିଂସ ସଂଗ୍ରାମର ମୂଳମନ୍ତ୍ରଟିକୁ ଶିଖି ନେଲା ଯେ ପ୍ରଥମେ ନିର୍ଭୟ ହେବାକୁ ପଡ଼ିବ, ସେଥିପାଇଁ ସ୍ୱାବଲମ୍ବୀ ହେବାକୁ ପଡ଼ିବ । କୁଜେନ୍ଦ୍ରୀ ଫେରି ସେ ସଉରା ଝିଅବୋହୂଙ୍କୁ ସୂତାକଟା ଶିଖାଇଲା । ପୂର୍ବରୁ ପୁରୁଣା ଢଙ୍ଗରେ ସୂତାକଟା ଓ ଲୁଗାବୁଣା ହେଉଥିଲା । କିନ୍ତୁ ଏଥର ଚରଖା ସଂଘର ଅଳ୍ପ କିଛି ଅର୍ଥ ସାହାଯ୍ୟ ଓ ପାଖଆଖ ଦଶଖଣ୍ଡ ଗାଁର ସ୍ୱାଧୀନ ଭାରତ ସ୍ୱପ୍ନ ଦେଖୁଥିବା ଲୋକଙ୍କ ଶ୍ରମଦାନରେ କୁଜେନ୍ଦ୍ରୀ ସଉରା ସାହିରେ ନୂଆ ଧରଣର ସୂତାକଟା କେନ୍ଦ୍ର ପ୍ରତିଷ୍ଠା ହେଲା । ସାଣ୍ଡିର ନୂଆ ସୂତାକଟା ପଦ୍ଧତି ଦେଖି ଅନ୍ୟ ସଉରା ସ୍ତ୍ରୀଲୋକ ସେହିପରି ସୂତା କାଟିଲେ । ଅବସର ସମୟ ଓ ସନ୍ଧ୍ୟାବେଳେ ସମୟ ନଷ୍ଟ କରନ୍ତି ନାହିଁ । ଜଙ୍ଗଲରୁ ଫଳମୂଳ ଇତ୍ୟାଦି ସଂଗ୍ରହ କରି ପୂର୍ବାହ୍ନରେ ଫେରି ଆସନ୍ତି ଓ ବଳକା ସମୟରେ କପାଚାଷ ଓ ସୂତାକଟାରେ ବ୍ୟସ୍ତ ରହନ୍ତି । ମର୍ତ୍ତ୍ୟରେ କେହି ସାଧକ ତପସ୍ୟା କଲେ ଇନ୍ଦ୍ରକୁ ସ୍ୱର୍ଗ ରାଜ୍ୟରେ ସବୁଠାରୁ ଅଧିକ ଭୟ ହୁଏ, ମୋ' ଇନ୍ଦ୍ରପଦଟା ନେଇଯିବାପାଇଁ ଏ ଲୋକ କଠୋର ତପସ୍ୟା କରୁଛି । ବାଇରୁ ଗମାଙ୍ଗ ଓ ତା'ର ପୁଅ ଝିଅଙ୍କ କାମ ଗୁଣପୁର ତାଲୁକ ଅଫିସର ଓ ରାୟଗଡ଼ା ଆର୍.ଡି.ଓ.ଙ୍କ ମନରେ ସେହିପରି ଭୟ ସୃଷ୍ଟି କଲା । ସେ ଅଞ୍ଚଳର ଧନୀ ଶୋଷକ ଶ୍ରେଣୀ ବିଚାର କଲେ ।

କୁଜେନ୍ଦ୍ରୀ ସଉରା ପନ୍‌ଝାକ ବଡ଼ ମେଳିଆ । ସକାଳ ନ ପାହୁଣ ଅରଟ ମାର୍କା ପତାକା ଉଡ଼ାଉଛନ୍ତି । ସଞ୍ଜ ହେଲେ ଟୋଲ ତେଲ ଦୀପଜାଳି ସୂତା କାଟୁଛନ୍ତି । ଓଡ଼ିଆ କଥା ବୁଝି ପାରୁଛନ୍ତି । ଏମାନେ ଆମ ପାଦକୁ କଣ୍ଟା, ନିଶ୍ଚେ ମେଳବାନ୍ଧି ଆମ ଧନ ଜୁରି ନେବେ । ଗ୍ରାମର ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ପତାକା ବେଦୀ କରାଯାଇଥାଏ ।

ଇଂରେଜ ସରକାରଙ୍କ ୟୁନିଅନ୍ ଜ୍ୟାକ୍ ବଦଳରେ ସେଠାରେ କଂଗ୍ରେସ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ପାଇଁ ପ୍ରତ୍ୟୁଷରୁ ଗ୍ରାମର ଅଧିକାଂଶ ସଉରା ପୁରୁଷ, ସ୍ତ୍ରୀ, ବାଳକ ଓ ବାଳିକା ଏକାଠି ହୁଅନ୍ତି । ବିଶ୍ୱନାଥ ଓ ସାଣ୍ଡି ସେମାନଙ୍କୁ ପତାକା ସଂଗୀତ ଶିଖାଇ ଥାଆନ୍ତି । ପତାକାଟି ବାଉଁଶ ଉପରକୁ ଉଠିଗଲା ପରେ ସମସ୍ତେ ମିଳିତ ଭାବେ ସେହି ଗୀତ ଗାଇ ନିଜ ନିଜ କାମକୁ ଯାଆନ୍ତି । ସୂର୍ଯ୍ୟାସ୍ତ ବେଳକୁ ଘଣ୍ଟା ପିଟାଗଲେ କାମରୁ ଫେରିଥିବା ଲୋକେ ଏକାଠି ହୋଇ ପତାକା ଅବତରଣ କରନ୍ତି । ବଣର ହାତୀ ଛୁଆ ଯେପରି ଖୁବ୍ ଅଧିକ ଓଜନ ଉଠାଇବା ପାଇଁ ଆଗ୍ରହ ଦେଖାଏ, ସେହିପରି ସାଣ୍ଡି କଷ୍ଟସାଧ୍ୟ ମନେ ହେଉଥିବା ଦେଶ କାମଗୁଡ଼ିକୁ ହସିଖେଳି ପ୍ରତ୍ୟୁଷରୁ ସନ୍ଧ୍ୟାଯାଏ କରିଚାଲେ । ମାଆ ଲୁଇ୍‌ରୀ ଚାଉଳ ଖୁଦ ଓ ମାଣ୍ଡିଆ ଚୂନାର ଜାଉ ରାନ୍ଧି ଦିଏ ତାକୁ ଲୁଣ, ମରିଚ ଓ ତେନ୍ତୁଳି ସହ ଖାଇ ଦେଇ ଝିଅଟି ଘରକାମ, ପତାକାକୁ ଜଗିବା ଓ ଖଦୀ କାମରେ ଲାଗିଯାଏ । କପା କିଣା ହୋଇ ଆସିଲା ପରେ ସାଣ୍ଡି ଘର ଘର ବୁଲି କପା ଖାଇ ରଖିଥିବା ସ୍ତ୍ରୀ ଲୋକଙ୍କୁ କପା ମଞ୍ଜି କାଢ଼ିବାକୁ ଦିଏ । ପଶୁମାନଙ୍କ ଅନ୍ତନାଡ଼ରେ ତୂଳାଭିଣା ଧନୁର ଗୁଣ ତିଆରି କରେ । ବାସି ପେଜ ତୋରାଣୀରେ ଖଦଡ଼ ସୂତାକୁ ପାଗ କରେ । ଚାରି ହାତ, ଛଅ ହାତ ଲମ୍ବର ଖଦୀ ବୁଣା ହୋଇଗଲେ ତାକୁ ସାଇତି ରଖେ । ବାଇରୁଙ୍କ ବାରଣ୍ଡାରେ, ଖଣ୍ଡିଆ ସାହି ଧର୍ମଶାଳା ପାଖରେ ଓ ବାଇରୁଙ୍କ କୁଟୁମ୍ବଭାଇ ବିଶା ଶବରଙ୍କ କୁଡ଼ିଆ ସମ୍ମୁଖରେ ସମସ୍ତେ ମିଶି ତାକୁଡ଼ି ଓ ଅରଟରେ ସୂତା କାଟନ୍ତି, ସାଣ୍ଡି ନୂଆ ସୂତା କଟାଳୀଙ୍କୁ ତାଲିମ ଦିଏ ଓ ନିଜେ ସୂତା କାଟେ । ତା'ର ଏ ସବୁ ପରିବର୍ତ୍ତନ ଓ ବଳିଷ୍ଠ ଚେହେରାରେ ଗ୍ରାମର ଜଣେ ପ୍ରୌଢ଼ ସାହୁକାର ମୁଗ୍ଧ ହୋଇଗଲେ । ତାଙ୍କରି କିଶୋର ପୁତ୍ରଟି ମଧ୍ୟ ସାଣ୍ଡିଙ୍କୁ ବାହା ହେବାକୁ ଅଧା ପାଗଳ । କିଶୋରଟିର ସଂକୋଚ ଅଛି, କିନ୍ତୁ ତା' ବାପା ତ ଶୋଷଣ କରିବାରେ ଅଭିଜ୍ଞ ତେଣୁ ସେ ସାଣ୍ଡିଙ୍କୁ ପ୍ରଥମେ ବିବାହର ପ୍ରସ୍ତାବ ଦେଲେ । ମୋର ତୁ ନୂଆ ସ୍ତ୍ରୀ ହେବୁ । ମୁଁ ତୋତେ ରାଣୀ ପରି ରଖିବି । ସାଣ୍ଡି ଯେ ମଣିଷ ସୁଲଭ ସ୍ନେହ ପ୍ରେମର ଊର୍ଦ୍ଧ୍ୱରେ ଥିଲେ ତା ନୁହେଁ । କିନ୍ତୁ ସାହୁକାରର କେବଳ ବ୍ୟବସାୟ ଯେ ବାପମାଆ, ବ୍ୟବସାୟ ତା'ର ସ୍ତ୍ରୀ, ଶୋଷଣ ତା'ର ଅସ୍ତ୍ର, ମୁଁ ତାକୁ କାହିଁକି ବାହା ହେବି ? ଦୁର୍ଦ୍ଦାନ୍ତ ହାତୀ ଛୁଆ ପରି ପ୍ରତିବାଦ ଭଙ୍ଗୀରେ କହିଲେ 'ନାହିଁ, ସାହୁକାର ନାହିଁ, ତୋ' ଧନକୁ ଆମେ ସରି ସମାନ ହେବୁ କି ? ତୋର ବେଶୀ ଧନ ଅଛି, ଆଉ ଦୁଇଜଣ ବ୍ରାହ୍ମଣ ଘର ଝିଅ ନେଇ ଆସୁ ନାହୁଁ ?' ବାଇରୁ ମଧ୍ୟ ସାଣ୍ଡି ଏ ସବୁକଥା କହିଦେଲେ । ବାଇରୁ ଚାଲିଲା ସାହୁକାରର କୋଠା ଆଡ଼େ, ସାହୁକାରକୁ କଠୋର ଭାଷାରେ ବୁଝାଇ ଦେଲା, ଯଦି ସାହୁକାର, ତୁ ଆମ ଗାଁରେ ରହିବୁ, ତେବେ ଆମ ଝିଅବୋହୂଙ୍କ ଉପରେ ଖରାପ ନଜର ପକାଇବା ଉଚିତ ହେବ ନାହିଁ । ଆମ କୁଡ଼ିଆ ଘର ଆମକୁ ଶାନ୍ତି ଦେବ । ତୋ' କୋଠାଘର ଓ ଅଧିକ ଧନ ମୋ' ଝିଅର ପସନ୍ଦ ନାହିଁ ।

୧୯୪୨ ମସିହା ଆରମ୍ଭରେ ପୂର୍ବବର୍ଷ ଅପେକ୍ଷା କପା ଦେଢ଼ଗୁଣ ଅମଳ ହୋଇଥିଲା । ଗୋପବାବୁ ଚରଖା ସଂଘ ଟଙ୍କାରେ ଅନୁଗୁଳ ଓ ଗୁଣପୁର ଅଞ୍ଚଳରୁ ସବୁ କପା କିଣି ନେଲେ । କପାଚାଷୀମାନେ ଦୁଇ ପଇସା ଅଧିକ ପାଇଲେ । ଲୋକେ ବିଶ୍ୱନାଥ ଆଜ୍ଞା ଉପରେ ସଂପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖିଲେ ପ୍ରଜାମାନଙ୍କର ଲାଭ

ହେବ । ସେତିକି ବେଳେ ଉପଯୁକ୍ତ ସମୟ ଆସିଛି ଜାଣି ବିଶ୍ୱନାଥ ବୁଝାଇ ଦେଲେ ନିର୍ଭୟ ରହିଲେ ରଜାର ଅମୀନ, ସରକାରର ପୋଲିସ୍ ଓ ମାଜିଷ୍ଟ୍ରେଟ କିଛି କ୍ଷତି କରିପାରିବେ ନାହିଁ । ବାଇରୁ ତ ଆଗରୁ କହୁଥିଲେ, କେତେ ଏମାନଙ୍କୁ ଡରି ମରିବୁ, ଥରେ ମାଡ଼ଖାଇ ମରିବୁ ସିନା ମାଡ଼ ଭୟରେ ସବୁଦିନେ ହଇରାଣ ହେବୁ ନାହିଁ । ସାଣ୍ଡି ବରୀରୁ ତାଲିମ ନେଇ ଆସିବାପରେ ସଂକଳ୍ପ କରି ନେଇଥିଲେ ଯେ ସରକାର ସଉରା ସ୍ତ୍ରୀଲୋକମାନଙ୍କୁ ଯେତେ ପ୍ରକାର ଅତ୍ୟାଚାର କଲେ ମଧ୍ୟ ସେହି କର୍ମଚାରୀମାନଙ୍କର ମୁକାବିଲା କରାଯିବ । ସଉରାମାନେ ଶରଣ ବତ୍ସଳ ଜାତି ବୋଲି ସୁଖ୍ୟାତି ଥିଲା । ସେ ବୁଝି ସାରିଥିଲେ କଂଗ୍ରେସ ଲୋକେ ସ୍ୱାଧୀନତା ପାଇଁ କପାଚାଷ କଥା କହୁଛନ୍ତି । ସେଥିରେ ବିଶ୍ୱନାଥ କିମ୍ବା ବାଇରୁର କିଛି ଲାଭ ନାହିଁ, ଓଲଟା ସରକାର ଓ ରାଜା ରାଗିଗଲେ ତାଙ୍କୁ ସିଧା ନଳିରେ ଲାଛି ଦେବେ । ବିଶ୍ୱନାଥ ସରକାରଙ୍କ ମାଡ଼ରେ ମରିଗଲେ ସଉରା କୁଳକୁ କଳଙ୍କ ହେବ, ସେଥିରେ ପୁଣି ଜଙ୍ଗଲ ଭିତରେ ବାଘ, ଭାଲୁ, ହାତୀ, ଅଜଗର ସାପ ଇତ୍ୟାଦିର ଭୟ ଅଛି । ତେଣୁ ଗାଁକୁ ଗାଁ ବୁଲି ଲୋକଙ୍କୁ ଦେଶ ସ୍ୱାଧୀନ ହେବା ବିଷୟରେ ବୁଝାଇବାକୁ ଦଳବଦ୍ଧ ହୋଇଯାଆନ୍ତି ସେମାନେ । ୧୯୪୨ ମସିହା ଜୁଲାଇ ମାସ ବେଳକୁ ଗୁଣପୁରର ପ୍ରାୟ ୫୦ଟି ସଉରା ଓ କନ୍ଧ ଜନବସତିରେ ଖଦୀକାମ ଶିଖିଥିବା ଲୋକେ କପା ଅର୍ଥନୀତିରେ ଆସ୍ଥା ରଖି କଂଗ୍ରେସ ଦଳକୁ ଓ ମହାତ୍ମା ଗାନ୍ଧୀଙ୍କୁ ସମର୍ଥନ କରୁଥାଆନ୍ତି । ସାଣ୍ଡି ଲମ୍ବ ଲୁଗାପିନ୍ଧି ପାଖ ହାଟମାନଙ୍କୁ ବୁଲି ଯିବା ଆଳରେ ଖଦୀ କଥା କହେ । ଯୁବକ ଯୁବତୀମାନେ ପଚାରନ୍ତି ତୁମର ଏ ଝିଅ ଦଳଟା କେଉଁ ଗାଁରୁ ଆସିଛ କି ? ସାଣ୍ଡି ଓ ତାଙ୍କ ଝିଅ ସାଙ୍ଗମାନେ ମଜା କରିବାକୁ କହନ୍ତି, ଆମେ ଗୁଣପୁର ଝିଅ । କିନ୍ତୁ ଟୋକାଏ ସବୁକଥା ଜାଣିଥାଆନ୍ତି, ଉତ୍ତରରେ କହନ୍ତି, କୁଜେନ୍ଦ୍ରୀ ମାଟିର ବଳ ବହୁତ, ପାଣି ମଧ୍ୟ ବଡ଼ ସୁଆଦିଆ, ତୁମେ ତ ସେହି ଗାଁର ଖଦୀ ପିନ୍ଧିଛ । ଚୋରଣୀଗୁଡ଼ାକ ଆମକୁ ଲୁଚାଉଛ କାହିଁକି, ଆମେ କ'ଣ ତୁମକୁ ଜୋର୍ ଜବରଦସ୍ତିରେ ନେଇଯିବୁ ? ଓଡ଼ିଶାର ଆଦିବାସୀ ସମାଜରେ ଯେଉଁ ନିଷ୍କଳଙ୍କ ଅନାବିଳ ମଧୁର ସଂପର୍କ ଯୁବକ ଯୁବତୀମାନଙ୍କ ମଧ୍ୟରେ ଥିଲା, ତା'ର ପଟାନ୍ତର ନାହିଁ । ପଞ୍ଚଷଠି ବର୍ଷ ତଳର ଏହି ନିଖୁଣ ଚିତ୍ର କୁଜେନ୍ଦ୍ରୀ ଗ୍ରାମରେ ମାସ ମାସ ରହି ଏ ଲେଖକ ଛଟା, ଶାରଙ୍ଗ ଓ ଅଳ୍ପ କେତେଜଣ ବୁଢ଼ାବୁଢ଼ୀଙ୍କଠାରୁ ସଂଗ୍ରହ କରିଛି । ଆଦିବାସୀଙ୍କ ଘରେ ଖାଇବାକୁ ଥିଲେ, ଜଙ୍ଗଲରେ ଫଳମୂଳ ଥିଲେ ପରବ ଲାଗିଯାଏ । କାନ୍ଦୁଲ ପାଚି, ଆମ୍ବ ନୂଆ, ଚଇତ ପରବ ଇତ୍ୟାଦିକୁ ବାହା ସାଦିକୁ ପୁଅ ଝିଅ ଗୋଷ୍ଠୀ ଗୋଷ୍ଠୀ ହୋଇ ଗ୍ରାମକୁ ଗ୍ରାମ ଯାଆନ୍ତି । କୁଜେନ୍ଦ୍ରୀ ଯୁବତୀମାନେ ନିରାଭରଣ ହୋଇଥିଲେ ମଧ୍ୟ ଅଳ୍ପଲୁଗା, ଅଳ୍ପ ଅଳଙ୍କାରରେ ମଦ, ପିକା ଇତ୍ୟାଦି ନଖାଇ କାଠପାନିଆ, ଗୁଞ୍ଜମାଳ ଓ ପରିଷ୍କାର ଖଦଡ଼ ଲୁଗାରେ ଅନ୍ୟ ଗାଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ସେତିକିବେଳେ ସାଣ୍ଡି ତା'ର ଗପ ପେଡ଼ି ଖୋଲିଦିଏ । ଏ ଗୁଣପୁର ଗାଁରେ ତ ଅତି ଛୋଟ ରେଳଗାଡ଼ି ସେଥିରେ ପାହାଡ଼ ପର୍ବତ ପାରି ହୋଇ ମୁଁ ବଡ଼ ରେଳଗାଡ଼ିରେ ଯାଇ ସହର ବଜାର ଦେଖି ଆସିଛି । ସେ ଦେଶର ଭେଣ୍ଡିଆମାନେ ଆମ ଲୋକଙ୍କଠାରୁ କମ୍ କାମ କରନ୍ତି । ଖାଲି ଆମେ ଯଦି ଗାନ୍ଧୀ କଥା ମାନନ୍ତେ, ଆମ ଧନ ଅନ୍ୟ ଲୋକ ଭଣ୍ଡି ଖାଇ ପାରନ୍ତେ ନାହିଁ । ସାମାଜିକ ଉତ୍ସବ ଓ ନାଚଗୀତମାନଙ୍କରେ ସାଣ୍ଡି ଦୁଇ ଚାରିପଦ ଗାନ୍ଧୀ ଗୀତ ମିଶାଇ ଦିଏ । କ୍ରମେ ଗାଁ ଝିଅବୋହୂ ସାହି ଭିତରେ ଝାଡ଼ା ଫେରାଇବା ଓ ନିଜେ ଝାଡ଼ା ଫେରିବା ବନ୍ଦ କଲେ, ଅଳିଆସବୁ ଖାଲଜାଗାରେ ଫିଙ୍ଗିଲେ । ସାଣ୍ଡି ଓ ତା'ର ସାଙ୍ଗମାନେ ବୁଝାନ୍ତି ରାସ୍ତାରେ ଓ ପୋଖରୀ କୂଳରେ ଠାକୁର ନାହାନ୍ତି କି ? ଯଦି ସେ ସବୁ ସ୍ଥାନରେ ଅଳିଆ ଅସନା କରିବ ଦେବତା ରାଗିଯାଇ ଲୋକମାନଙ୍କୁ ମାରିଦେବ । ଏ ସବୁ କାର୍ଯ୍ୟ ଦେଖି ଅନ୍ୟ ଲୋକେ କ'ଣ ଭାବୁଛନ୍ତି ସେଥିକି ଯୁବତୀ ଝିଅବୋହୂ ନଜର ପକାନ୍ତି ନାହିଁ । ବାଇରୁ ଏତେ କଥା ବୁଝନ୍ତି ନାହିଁ, ବିଶ୍ୱନାଥ ଆଜ୍ଞା ଯାହା କହୁଛି ତାହା କରିବି । ନୀଳକଣ୍ଠ କିନ୍ତୁ ରୁଦ୍ର ରୂପ ଧାରଣ କରନ୍ତି, ଗାଁମାନଙ୍କରେ ଆଦିବାସୀ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ତାଙ୍କର ଅବ୍ୟର୍ଥ ଅସ୍ତ୍ର ଥାଏ, ସେ ଚେରମୂଳି ଔଷଧ ଦିଅନ୍ତି । ଯିଏ ଔଷଧ ପାଇଁ ଆସେ, ତାକୁ ବୁଝାନ୍ତି, ତୁମେ ଜେଲ୍ ଯିବା ପାଇଁ ପ୍ରସ୍ତୁତ ହୋଇପଡ଼ । ଆମେ ଗାଁରୁ ଲୁଚି ଜଙ୍ଗଲକୁ ଚାଲିଗଲେ ସାହେବ ଆମକୁ ପର୍ବତ ଗୁମ୍ଫାରୁ ମଧ୍ୟ ଘୋଷାରି ଆଣିବ । ଆମେ ଗାନ୍ଧୀ ରାସ୍ତାରେ ଯାଇ ନିଜେ କିଆ ଧରା ହୋଇଯିବା ନାହିଁ ? ସାଣ୍ଡି ସ୍ୱାଧୀନତାର ଦିବ୍ୟ ସ୍ୱପ୍ନରେ ଉନ୍ମତ୍ତ, ସୂତା କାଟିବାବେଳେ ସେ ସ୍ଥିତପ୍ରଜ୍ଞ ପରି ବସି ଚରଖାଠାରେ ଦେହ, ମନ, ପ୍ରାଣ ସତେ ଯେପରି ସମର୍ପି ଦେଇଥାଏ । ନିଜ ସାଙ୍ଗସାଥିମାନଙ୍କୁ ବୁଝାଏ ଗାଁର ଅନ୍ୟସ୍ଥାନରେ ନାଚଗୀତ କରିବା ଅପେକ୍ଷା ପତାକା ସ୍ତମ୍ଭ ପାଖରେ ଆମୋଦପ୍ରମୋଦ କରିବା ଭଲ । ନାଚସାଙ୍ଗରେ ଓଡ଼ିଆ ଗୀତ ଗାଇଲେ ଆହୁରି ଭଲ ହେବ ।

ତାଙ୍କ କଥାରେ ଅନ୍ୟ ଝିଅବୋହୂମାନେ ଏକମତ ହୁଅନ୍ତି । ପତାକା ସ୍ତମ୍ଭ ଚାରିପଟରେ ବୃତ୍ତାକାରରେ ଉଦ୍ଦଣ୍ଡ ନୃତ୍ୟ କରନ୍ତି । କିଏ କ'ଣ ଭାବୁଚି ସେଥିକି ନଜର ନଥାଏ । ଅନ୍ୟପକ୍ଷରେ ରାଜା ଓ ସରକାରର ଚର ଖବର ଦେଇସାରିଲାଣି କଂସକୁ ହତ୍ୟା କରିବାକୁ ଦୁର୍ଗା ଓ କୃଷ୍ଣ ଜାଲ ବିଛାଇ ସାରିଲେଣି । ଗୁଣପୁର ତାଲୁକ ମାଜିଷ୍ଟ୍ରେଟ ଓ ରାୟଗଡ଼ାର ଡିଭିଜନାଲ ମାଜିଷ୍ଟ୍ରେଟ ନିଜେ କୁଜେନ୍ଦ୍ରୀରେ ପହଞ୍ଚି କୋରାପୁଟ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ପ୍ରକୃତ ଅବସ୍ଥା ଓ ତା'ର ପ୍ରତିକାର ବିଷୟରେ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଗଲା । ଇତିମଧ୍ୟରେ ବମ୍ବେଠାରେ କଂଗ୍ରେସ ଅଧିବେଶନ ବସି 'ଭାରତଛାଡ଼' ବୋଲି ବ୍ରିଟିଶ୍‌କୁ ଚେତାବନି ଦିଆଗଲା । ରାଧାକୃଷ୍ଣ ବିଶ୍ୱାସରାୟ ଗୁଣପୁରକୁ ଚିଠି ପଠାଇଲେ ଯେ, ନିଜ ପରିସ୍ଥିତିକୁ ସୁହାଇଲା ପରି ବ୍ରିଟିଶ୍ ବିରୁଦ୍ଧରେ ସ୍ୱର ଉତ୍ତୋଳନ କର । ଜିଲ୍ଲାର ଅଳ୍ପ କେତେକ ମେଳିଆ ଗୋଷ୍ଠୀ ତାଲିକାରେ କୁଜେନ୍ଦ୍ରୀ ସଉରାଙ୍କ ଦଳ ଥିବାରୁ ଜିଲ୍ଲା ମାଜିଷ୍ଟ୍ରେଟ ନିଜେ

କୁଜେନ୍ଦ୍ରୀ ଆସିଲେ । ତାଙ୍କ ରଣକୌଶଳ ଥିଲା ବାମୁଣୀ ହାଟଠାରୁ ଗୋଟାଏ ବଡ଼ପଟୁଆର ସହ ସେ ଚାଲି ଚାଲି ଓ ଘୋଡ଼ାରେ ବସି ଆସିଲେ କନ୍ଧ ଓ ସଉରା ଲୋକେ ଡରି ଯିବେ । କୋକୁଆ ଭୟ ହୋଇଯିବ । କିନ୍ତୁ ସ୍ୱାଧୀନତା ପ୍ରେମୀମାନଙ୍କର ରଣକୌଶଳ ଥିଲା ଯେ ବିଶ୍ୱନାଥ ସେ ଦିନ କୁଜେନ୍ଦ୍ରୀରେ ରହିବେ ନାହିଁ । ବାଇରୁ, ନୀଳକଣ୍ଠ ଓ ସାଣ୍ଡି ସେଦିନ ମୁଖ୍ୟ ଭୂମିକା ଗ୍ରହଣ କଲେ । ପାଖଆଖ ଜନବସତିର ଶତାଧିକ ସଉରା ପୁରୁଷ ନାରୀ ତାଙ୍କୁ ସହଯୋଗ କଲେ । ସାହେବଙ୍କ ପଟୁଆରରେ ଥିଲେ କେତେ ଗୋଟି ବିଦେଶୀ ଘୋଡ଼ା, ବନ୍ଧୁକ ଓ ଲମ୍ବା ଲାଠିଧାରୀ କିଛି ପୁଲିସ୍ ଓ ଜଙ୍ଗଲ କର୍ମଚାରୀ, କିଛି ସାହୁକାର, ରାଜବଂଶର ଲୋକ, ଋଣ ଦେଇଥିବା ଲୋକ, ଅଣଆଦିବାସୀ ବଡ଼ଚାଷୀ ଓ ତାଙ୍କ ଖମାରୀ ଇତ୍ୟାଦି । ହାତ ଓ ପାଦର ଆଙ୍ଗୁଠିଗୁଡ଼ିକର ସୁରକ୍ଷା ପାଇଁ ଯେପରି ନଖ କାମ କରେ ବ୍ରିଟିଶ ଶାସନକୁ ଶୋଷକ ଗୋଷ୍ଠୀ ସେହିପରି ସୁରକ୍ଷିତ କରନ୍ତି । ଏହି କୁଚକ୍ରୀମାନଙ୍କର ଅଭେଦ୍ୟ ସଂପର୍କକୁ ଗୁଣପୁର ଅଞ୍ଚଳର କଂଗ୍ରେସ କର୍ମୀମାନେ ନଖମାଉଁସ ପ୍ରୀତି ବୋଲି ଆଖ୍ୟା ଦେଇଥିଲେ ।

ତାଲୁକ ମାଜିଷ୍ଟ୍ରେଟ କୁଜେନ୍ଦ୍ରୀ ଖଦୀ କେନ୍ଦ୍ର ଉପରେ ନିଘା ରଖିବା ଦିନଠାରୁ ପାଖଆଖର ସଉରାମାନଙ୍କର ମଧ୍ୟ ଏକତା ବଢ଼ିଗଲା । ଆମ ବାଇରୁ କ'ଣ ଚୋର ନା ମଣିଷମାରୁ ? କୋରାପୁଟରୁ ସାହେବ ଆସୁଛି ଖବର କ୍ଷଣକମାତ୍ରେ ନିକଟବର୍ତ୍ତୀ ପାହାଡ଼ିଆ କନ୍ଧ ଓ ସଉରା ବସତିକୁ ପହଞ୍ଚିଗଲା । ଜଙ୍ଗଲର ଲୋକେ ହିଂସା ଅହିଂସାର ଅର୍ଥ ବୁଝନ୍ତି ନାହିଁ । କ୍ଷୁଧା ନିବାରଣ ପାଇଁ ସେମାନେ ଜୀବ ବଧ କରୁଥିଲେ ସୁଦ୍ଧା ସାମାଜିକ ବ୍ୟବହାରରେ ପକ୍ଷପାତ ଓ ଅନ୍ୟାନ୍ୟ କାର୍ଯ୍ୟକୁ ସମର୍ଥନ କରନ୍ତି ନାହିଁ । ସେମାନେ ଭାବନ୍ତି ହିଂସାର ଜବାବ ହିଂସାରେ ହିଁ ଦେବାକୁ ହେବ । ପିମ୍ପୁଡ଼ିମାନେ ନିଜ ଧାଡ଼ିରେ ଶାନ୍ତ ହୋଇ ଚାଲୁ ଥାଆନ୍ତି । କିନ୍ତୁ ଯଦି ଏ ମଣିଷ ଜାଣତରେ ହେଉ ବା ଅଜାଣତରେ ହେଉ, ସେ ଧାଡ଼ିରେ ପାଦ ପକାଇ ଦେବ, ପିମ୍ପୁଡ଼ି ଦଳ କ'ଣ ଛାଡ଼ି ଦେବେ ? ନିଜର ଆତ୍ମରକ୍ଷା ପାଇଁ ଲୋକଟିର ପାଦକୁ କାମୁଡ଼ିବେ, କାମୁଡ଼ି ଧରିବେ, ନିଜେ ମଲାଯାଏ କାମୁଡ଼ି ଧରିଥିବେ । ଦଳେ ପିମ୍ପୁଡ଼ି ଯଦି ମରିବାକୁ ପ୍ରସ୍ତୁତ ନହେବେ, ତେବେ ପିମ୍ପୁଡ଼ି ଜାତି ଲୋପ ପାଇଯିବ । ଯଦି ଗୋରା ସାହେବ ଆମ ଲୋକଙ୍କୁ ବାନ୍ଧି ନିଏ, ମାଡ଼ ଦିଏ, ଝିଅବୋହୂଙ୍କୁ ଅତ୍ୟାଚାର କରେ, ତେବେ ଆମେ ହିଂସାର ଉତ୍ତର ହିଂସାରେ ଦେବୁ । ବ୍ରିଟିଶ୍ ପଚାଶ ଜଣ ଲୋକଙ୍କୁ ମାରି ଦେଲେ, ଆମେ ବିଷକାଣ୍ଡ ମାରି ଜଣେ ସରକାରୀ ଲୋକକୁ ତ ମାରିଦେବୁ ।

ସାନ କୁଜେନ୍ଦ୍ରୀ ଖଣ୍ଡିଆ ସାହିର ଗୋଟିଏ ମୁଣ୍ଡରେ ସାହେବର ପଟୁଆର ଠିଆ ହେଲା । ଆଗରେ ପତାକାସ୍ତମ୍ଭ ଚାରିପଟେ କୋଡ଼ିଏରୁ ଅଧିକ ସ୍ୱଳ୍ପବସ୍ତ୍ର ପରିହିତା ସଉରା ଯୁବତୀ ଝିଅବୋହୂ ହାତକୁ ହାତ ଧରି ଛିଡ଼ା ହୋଇଛନ୍ତି । ଗୋଟିଏ ଅତି ଉଚ୍ଚ ଓ ମୋଟା ବାଉଁଶର ଗଣ୍ଠିଗୁଡ଼ିକ ନିଖୁଣ ଭାବେ କାଟି ଦିଆଯାଇଥାଏ । ଛଣପଟ ରଶିରେ ପତାକା ତଳୁ ଉପରକୁ ଓ ଉପରୁ ତଳକୁ ନିଆଯାଏ । ସେହି ପତାକା ସ୍ତମ୍ଭଠାରୁ ପଚାଶ ଫୁଟ ଦୂରରେ ଗୋଟିଏ ଉଚ୍ଚମଣ୍ଡପ ଥାଏ । ଗେଣ୍ଡୁଟି ପୋଡ଼ି ସଉରାମାନେ ସେଥିରେ କେନ୍ଦୁ, କଇଥ, ବେଲ ଗୁଡ଼ ଓ ପତଳା ବାଲି ମିଶାଇ ୨୪ ଘଣ୍ଟା ଘୋଟିଲା ପରେ ସିମେଣ୍ଟ କରନ୍ତି ଓ ସେଥିରେ ଗ୍ରାନାଇଟ୍ ପଥର ଯୋଡ଼ାଇ କରି ସେ ମଣ୍ଡପଟି ନିଜ ସାମାଜିକ ସମସ୍ୟାର ବିଚାର ପାଇଁ ତିଆରି କରିଥାଆନ୍ତି । ଖଣ୍ଡିଆ ସାହିରେ ଆଉ ଜଣେ ବାଇରୁ ଶବରଥାଏ । ଛଅଫୁଟ ଉଚ୍ଚ, ବଳିଷ୍ଠ ଚେହେରା, ଚଉଡ଼ା ଛାତିକୁ ପତଳା କମର, ଗୋରା ରଙ୍ଗର ଏହି ପଞ୍ଚ ତିରିଶ ବର୍ଷର ଲୋକଟି ଯେ କୌଣସି କଂଗ୍ରେସ ସଭା ଓ ଶୋଭାଯାତ୍ରାରେ ଦଶଫୁଟ ଉଚ୍ଚ ଠେଙ୍ଗାଟିରେ ବଡ଼ ଅରଟ ମାର୍କା ପତାକା ଲଗାଇ ଅଗ୍ରଗାମୀ ହୋଇଥାଏ । ମରଣକୁ ତା'ର ଡର ନଥାଏ । ସେଦିନ ମଧ୍ୟ ମଣ୍ଡପ ଉପରେ ନିଶ୍ଚଳ ଭାବେ ସେ ପତାକାଟି ଧରି ଠିଆ ହୋଇଥାଏ । ସାହେବ ପତାକା ଦୁଇଟି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଗର୍ଜନ କରି ଉଠିଲା, ଏ କନାଗୁଡ଼ାକ ଛିଣ୍ଡାଇ ଦିଅ । ଗୁଣପୁର ସର୍କଲ ଇନ୍ସପେକ୍ଟର ଗୋଡ଼ ଯୋଡ଼ି ସଲାମ କଲେ, ଆହୁରି ଜୋରରେ ଚିତ୍କାର କଲେ, ଜଲଦି କର । ସେତିକି ବେଳେ ଶହେ ଗଜ ଦୂରରୁ ଡୁମ୍ବା ଦଣ୍ଡାସୀ ଚିତ୍କାର କଲା, ସର୍କଲ କଥା ମାନ ନାହିଁ । ସେ ଆସୁ ଆମ ସାଙ୍ଗରେ ଲଢ଼ାଇ କରୁ । ଦୋଦୁଲ୍ୟମାନ ପରିସ୍ଥିତିରେ ପଡ଼ି ସରକାରୀ କର୍ମଚାରୀମାନେ ଦେଖିଲେ ଉଚ୍ଚଜାତିର ମହିଳାଙ୍କ ପରି ଲୁଗା ପିନ୍ଧି ଥିବା ଯୁବତୀ ଅନ୍ୟମାନଙ୍କୁ କିଛି ସଂକେତ ଦେଉଛି ଓ ଅତ୍ୟନ୍ତ ନିମ୍ନ ସ୍ୱରରେ ସାଙ୍ଗ ଝିଅଙ୍କୁ କ'ଣ କହୁଛି । ସଙ୍ଗେ ସଙ୍ଗେ ଦେଖଣାହାରୀଙ୍କ ଭିତରୁ ତିରିଶରୁ ଅଧିକ ବୁଢ଼ୀ ଦରବୁଢ଼ୀ ପତାକାକୁ କେନ୍ଦ୍ର କରି ଅନ୍ୟ ଏକ ବଳୟରେ ଯୁବତୀମାନଙ୍କୁ ଘେରିଗଲେ । ଗାଁ ଲୋକଙ୍କ ମୁହଁରେ ନିର୍ଭୀକତା ଓ ପ୍ରତିହିଂସାର ଭାବ ଫୁଟି ଉଠିଲା । ଆମେ ଯେଉଁ ପତାକାକୁ ଦେବତାର ପତାକା ଭଳି ମାନୁଛୁ, ତାକୁ କାହିଁକି ତଳକୁ ଖସାଇ ଦେବୁ ? ସାଣ୍ଡି ଓ ତା'ର ସାଙ୍ଗମାନେ ପତାକା ଗୀତ ଆରମ୍ଭ କରି ଦେଲେ । ଚମ୍ପା, ସୀତା, ଜାନିଲକ୍ଷ୍ମୀ, ମଝିସାହି ଲାକି, ନୀଳକଣ୍ଠଙ୍କ ସ୍ତ୍ରୀ, ଚଇତନ ଶବର ଘରର ତିନିଜଣ ମହିଳା, ଖଣ୍ଡିଆ ସାହିର ଜାଙ୍ଗି, ସୋମ୍ବାରୀ ଓ ଇନ୍ଦୁ ଇତ୍ୟାଦି ସେହି ନାଚ ଗୀତରେ ଥିଲେ, ଅନ୍ୟ କେତେଜଣ ସାହସୀ ଯୁବତୀ ମଧ୍ୟ ଥିଲେ । ବିହାରରେ ଏହି ପତାକାର ସମ୍ମାନରକ୍ଷା କରିବାକୁ ଯୁବକ ଛାତ୍ରମାନେ ସେହି ସପ୍ତାହରେ ଗୁଳିମାଡ଼ରେ ଟଳି ପଡ଼ିଥାଆନ୍ତି । କୁଜେନ୍ଦ୍ରୀରେ ସେଦିନ ସ୍ତ୍ରୀଲୋକମାନଙ୍କର ବନ୍ଧୁକ, ଲାଠି ଆଉ ଘୋଡ଼ାକୁ ଖାତର ନଥାଏ, ସେମାନେ ବେପରୁଆ ହୋଇଯାଇଥାଆନ୍ତି । ସାଣ୍ଡି ଓ ତା'ର ସାଙ୍ଗମାନଙ୍କୁ ଦେବତା ଲାଗିଲା ପରି ଭାବାବେଶ ଆସି ଯାଇଥାଏ । ସହଜେ ତ ସେହି ଦଳରେ ଜଣେ ଜାନି ରହିଛି । ଗୀତ ବୋଲା ସାଙ୍ଗକୁ ନାଚ ଆରମ୍ଭ ହେଲା । କ୍ରମେ ନାଚ ପ୍ରଚଣ୍ଡ ହେଲା । ଅର୍ଦ୍ଧମୁକୁଳିତ କେଶ ଗୁଚ୍ଛ, ଅର୍ଦ୍ଧଆବୃତ୍ତ ଶରୀର, ଅର୍ଦ୍ଧ ଉନ୍ମୀଳିତ ଚକ୍ଷୁ ରାଜି, ଝଡ଼ର ଏକ ସ୍ପଷ୍ଟ ସଙ୍କେତ 'ସାଣ୍ଡିକୁ ହଟାଇ ନ ଦେଲେ ତୁ ପତାକା ଛିଣ୍ଡାଇ ପାରିବୁ ନାହିଁ । ସାଣ୍ଡି ପାଖକୁ ଯିବାକୁ ହେଲେ ତୁ

ଆମର ଚକ୍ରବ୍ୟୂହ ଭେଦ କରିବାକୁ ହେବ, ଥରେ ପରୀକ୍ଷା କରି ଦେଖ ସାହେବ ! ଆମ ପିଣ୍ଡରେ ପ୍ରାଣ ଥିବାଯାଏ ତୁ ସାଣ୍ଡି ଦେହରେ ହାତ ଦେଇ ପାରିବୁ କି ନାହିଁ !

ଜିଲ୍ଲା ମାଜିଷ୍ଟ୍ରେଟ ଉତ୍ତ୍ୟକ୍ତ ଜନତାର ମନୋଭାବ ଚଟାପଟ ବୁଝିଗଲେ । ଦୁଇଶହ ଲୋକଙ୍କ ଭିତରୁ ନୀଳକଣ୍ଠ ଓ ବାଇରୁ ବାରି ହୋଇ ପଡୁଥିଲେ । ଏଇ ଦୁଇଟା ତେବେ ରିଙ୍ଗ ମାଷ୍ଟର, ସ୍ତ୍ରୀଲୋକମାନଙ୍କୁ ଟିହାଇ ଦେଇ ଦେଖଣାହାରୀ ସାଜିଛନ୍ତି । ହିନ୍ଦୁମାନଙ୍କ ଚଣ୍ଡୀ ବହିର ଟ୍ରାନ୍ସଲେସନ୍ ମୁଁ ପଢ଼ିଛି । ଚଣ୍ଡୀ ଚାମୁଣ୍ଡା କହିଲେ ବୋଦେ ଏମିତି ଗୁଡ଼ାଏ ଉନ୍ମତ୍ତ ସ୍ତ୍ରୀଲୋକ, ଏଠି ନଳି, ଗୁଳି, ଲାଠିମାଡ଼, ଘୋଡ଼ା କୁଦାଇବା ଇତ୍ୟାଦି ଭଲ ଫଳ ନ ଦେଇପାରେ । କିଛି ଦିନ ଅପେକ୍ଷା କରିଯିବା । ସାଣ୍ଡିର ମାଡ଼, ଅତ୍ୟାଚାର ଓ ଗୁଳିମାଡ଼ ପ୍ରତି ଭୟ ଭାଙ୍ଗି ଯାଇଥାଏ । ମରିଗଲେ ଦେବତା ହୋଇଯିବି କିନ୍ତୁ ପତାକା ଖୁଣ୍ଟ ପାଖକୁ କାହାରିକୁ ଛାଡ଼ିବି ନାହିଁ, କିଏ ବଳ ପ୍ରୟୋଗ କଲେ କାମୁଡ଼ି ପକାଇବି । ନାଚ ଚାଲୁଥାଉ, ତୁଣ୍ଡରୁ 'ଝଣ୍ଡା ଉଚ୍ଚା ରହେ ହମାରା' ଗୀତ ବାହାରୁଥାଉ । ଆଷାଢ଼ମାସ ସରିଛି । ମଧ୍ୟାହ୍ନର ରୌଦ୍ର ତାପରେ ପ୍ରାଣମୂର୍ଚ୍ଛା ଘିର ଘିର ବୁଲା ଥମୁ ନାହିଁ । ସାହେବ ଦେଖିଲା ଯେତେଶୀଘ୍ର ବୀରତ୍ୱର ସହ ପଛୁଘୁଞ୍ଚା ଦେଇ ଚାଲିଯିବି, ସେତେ ଭଲ । ଏକା ମାଘକେ ଶୀତ ସରି ଯାଏ ନାହିଁ, ମାସକ ଭିତରେ ଏ ବର୍ବର ଗୁଡ଼ାଙ୍କୁ ବାନ୍ଧି ବାଡ଼େଇ ନେଇ ଜେଲ ଦଣ୍ଡ ଦେବି । ସାହେବଙ୍କ ଇଙ୍ଗିତରେ ପଲଟଣର ଲୋକେ କୁଜେନ୍ଦ୍ରୀ ପ୍ରାଥମିକ ବିଦ୍ୟାଳୟକୁ ଗଲେ । ବଡ଼ ସାହୁକାର ସମସ୍ତଙ୍କୁ ଦୁଧ, ଦହି ଓ ଛେନା ଇତ୍ୟାଦି ଦେଇ ସତ୍କାର କଲା । ସାହେବ ଗାଁରୁ ଚାଲିଯିବା ପରେ ପତାକା ପାଖରେ ଥିବା ସ୍ତ୍ରୀଲୋକମାନେ ପାଖ କୁଡ଼ିଆରେ ପେଜପାଣି ପିଇ ହାଲିଆ ମାରିଲେ । ସଉରା ଝିଅ ଏତେ କର୍ମଠ ଯେ ଏତିକି ନାଚରେ ହାଲିଆ ହୋଇଯିବ ନାହିଁ, କିନ୍ତୁ ସେହି ପରିବେଶରେ ମୃତ୍ୟୁ ନିଶ୍ଚିତ ଭାବେ ଆସିପାରେ, ଏହି ଭାବନା ମନର ଦୃଢ଼ତାକୁ କେତେକାଂଶରେ ଦୋହଲାଇ ଦିଏ । ଦେଶୀ ନଳିରେ ଜିଆଦ ଓ ସମ୍ବରକୁ ମାଡ଼ ହେଲେ ସେ ଯଦି ନିଜ ଦେହର ରକ୍ତସ୍ରାବକୁ ଗୌଣ କରି ପ୍ରବଳ ବେଗରେ ଦୌଡୁଥାଏ, ଆମ ଦେହରେ ବିଦେଶୀ ବନ୍ଧୁକରୁ ଗୁଳି ବାଜି ରକ୍ତସ୍ରାବ ହେଲେ ଆମେ କାହିଁକି ନାଚ ବନ୍ଦ କରିବୁ ? ମେରିଆ ବଳି ପାଇଁ ନିଆଯାଉଥିବା ପୋଢ଼ ପୋଚ ପିଇବା ପରେ ଉଗ୍ରତା ହରାଏ, ଆମେ ସ୍ୱାଧୀନ ଭାରତର ସ୍ୱପ୍ନରେ ବିଭୋର ହୋଇ କିଆଁ ଆମର ମରଣ ଚିନ୍ତା ଛାଡ଼ି ପାରିବୁ ନାହିଁ ? ଭାରତର ସ୍ୱାଧୀନତା ସଂଗ୍ରାମ କେବଳ କେତେଜଣ ସ୍ୱାର୍ଥସର୍ବସ୍ୱ ରାଜନୈତିକ ନେତାଙ୍କ ଇତିହାସ ନୁହେଁ, ସାଣ୍ଡି ପରି ହଜାର ହଜାର ଦୃଢ଼ମନା ଯୁବକଯୁବତୀଙ୍କ ଅଲିଖିତ ତ୍ୟାଗ ଓ ତପସ୍ୟାର ସ୍ତୁପୀକୃତ ଫଳଶ୍ରୁତି । ବ୍ୟକ୍ତିଗତ ଲାଭ କଥା ଚିନ୍ତା ନକରି ଏହି ସାଧାରଣ ଜନତା ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲା ।

ଗୋରା ସାହେବର ସ୍ୱପ୍ନ ସତ୍ୟ ହେଲା । ମାସକ ଭିତରେ ଭାରତଛାଡ଼ ଆନ୍ଦୋଳନରେ କୁଜେନ୍ଦ୍ରୀ ଲୋକେ ଗୁଣପୁର ଅଞ୍ଚଳରେ ନେତୃତ୍ୱ ନେଲେ । ବର୍ଷାଋତୁରେ ସତୁରୀ ବର୍ଷ ତଳେ ଗୁଣପୁର ତାଲୁକର ଜଙ୍ଗଲ ଓ ଝରଣା ନିଜ କାୟା ବିସ୍ତାର କରୁଥିଲେ । ତଥାପି କୁଜେନ୍ଦ୍ରୀର ପତାକା ସ୍ତମ୍ଭ ପାଖରେ ନାରାୟଣୀ ଗୁଣ, ବଡ଼ କୁଜେନ୍ଦ୍ରୀ ଓ କଇଠପଦର କୁଡ଼ିଆ ଓ ପାଖ ଜଙ୍ଗଲ କୁଡ଼ିଆମାନଙ୍କରେ ରହୁଥିବା ଲୋକେ ଆସି ଠୁଳ ହେଲେ । ବଡ଼ ବଡ଼ ମାଟି ହାଣ୍ଡିରେ ପେଜ ରନ୍ଧା ହେଲା । କୋଦୁଅ, ମାଣ୍ଡିଆ, ଖୁଦ, କୋଳଥ ଯିଏ ଯାହା ପାଇଲା, ତାହା ଆଣିଥିଲେ । ସବୁ ଶିଝାଇ ଖାଦ୍ୟ ପ୍ରସ୍ତୁତ ହେଲା । ସକାଳ ଦଶଟାକୁ ସମସ୍ତଙ୍କୁ ବୁଝାଇ ଦିଆଗଲା, ଏହି ଶୋଭାଯାତ୍ରା କେଉଁ ଗାଁକୁ ଯିବ ଠିକଣା ନାହିଁ, ଏଥିରେ ଯିଏ ଯିବ, ସେ ଘରକୁ ଫେରିପାରେ, ଫେରିନପାରେ, ବାଘ ମୁହଁରେ ଯାଇପାରେ, ନଈରେ ଭାସି ଯାଇପାରେ, ସରକାର ମାରି ଦେଇପାରେ, ବାନ୍ଧି ନେଇ ପୁରୁଷ ଓ ମହିଳା ସମସ୍ତଙ୍କୁ ଜେଲରେ ରଖି ଦେଇପାରେ । ଶୋଭାଯାତ୍ରାରେ ପ୍ରାୟ ଦୁଇଶହ ପୁରୁଷ ଓ ପଚାଶ ଜଣ ମହିଳା ଯିବା ପାଇଁ ଆଗ୍ରହୀ ହେଲେ । କେତେ ଜଣ ସ୍ତ୍ରୀ ଲୋକ ସାଣ୍ଡିକୁ ପଚାରିଲେ ଜେଲ କି ଜିନିଷ ?

ସାଣ୍ଡି ବୁଝାଇ ଦେଲା, ମୁଁ କଟକ ସହରରେ ଜେଲ୍ ଦେଖିଛି, ଭଲ ପକ୍କା ଘର, ଭାତ ଖାଇବାକୁ ମିଳିବ । କିନ୍ତୁ ଆମେ ଯେମିତି ଛେଳି, ମେଣ୍ଢା ଓ ମଇଁଷିକୁ ଖୁଆଡ଼ରେ ପୁରାଇ ଦେଉଛୁ, ସେମିତି ଆମକୁ ଛୋଟ ଘର ଭିତରେ ବାନ୍ଧି ରଖିବେ, ବହୁତ କାମ କରିବାକୁ ହେବ, କାମ ନକଲେ ଖୁବ୍ ପିଟିବେ । ସ୍ତ୍ରୀ ଲୋକମାନଙ୍କ ଇଜତ ନେବେ । ଯଦି ତୁମର ଏ ସବୁକୁ ଭୟ ନାହିଁ, ତେବେ ଆମ ସାଙ୍ଗରେ ଆସ, ଯାହାର ଅସୁବିଧା ଅଛି, ଡର ଅଛି, ସେମାନେ କୁଡ଼ିଆକୁ ଫେରିଯାଅ । ପାଞ୍ଚ ଦଶ ଜଣ ସ୍ତ୍ରୀଲୋକ ଫେରିଗଲେ । ଅନ୍ୟ ଝିଅବୋହୂମାନେ ଘର ଲୋକଙ୍କୁ କହିଆସିଲେ ବାଘ ନେଇଗଲା ବୋଲି ଭାବି ନିଅ, ନହେଲେ ଧରି ନିଅ ଜ୍ୱର କିମ୍ବା ଝାଡ଼ାରେ ମରିଗଲା । ଏ ପ୍ରବନ୍ଧର ପାଠକମାନେ ଜାଣିଥିବେ ଯେ ଭାରତସାରା ଅନେକ ଗାଁରୁ ସ୍ତ୍ରୀଲୋକମାନେ ଘରକୋଣରୁ ରାଜରାସ୍ତାକୁ ଏହିପରି ଓହ୍ଲାଇଆସି ବ୍ରିଟିଶ ବିରୋଧରେ ସ୍ୱାଧୀନତା ସମରକୁ ଅଧିକ ଶକ୍ତିଶାଳୀ କରିଥିଲେ । ବିଶ୍ୱନାଥ ଶାନ୍ତିପୂର୍ଣ୍ଣ ପ୍ରଣାଳୀରେ ଶୋଭାଯାତ୍ରାକୁ ନେବାପାଇଁ ଚେଷ୍ଟା କରୁଥିଲେ । ଖଣ୍ଡିଆ ସାହିର ବାଇରୁ ନିଜର ଦୀର୍ଘ ଶରୀର ଯୋଗୁଁ ଶୋଭାଯାତ୍ରା ସମ୍ମୁଖରେ ରହିଥିଲା । ଗ୍ରାମରେ ଦୁଇ ଜଣ ବାଇରୁ ଥିବାରୁ ଏହି ପତାକାଧାରୀଙ୍କୁ ତା'ପରେ ଲୋକେ ଝଣ୍ଡା ବାଇରୁ ବୋଲି ଡାକୁଥିଲେ । ସାଣ୍ଡି ଶୋଭାଯାତ୍ରାରେ ଯାଉଥିବା ମହିଳାମାନଙ୍କ ଆଗରେ ପତାକା ଧରି ଚାଲୁଥିଲେ । ଚାରି ମାସ ପୂର୍ବେ ବିଶ୍ୱନାଥ ବ୍ରହ୍ମପୁର ଓ କଟକର କଂଗ୍ରେସ ଅଫିସରୁ ଶହେଟି ପନ୍ଦର ଇଞ୍ଚ ଲମ୍ବ ବିଶିଷ୍ଟ ଖଦଡ଼ ପତାକା ଆଣି ରଖିଥିଲେ । ଖଣ୍ଡିଏ ଖଣ୍ଡିଏ ପତଳା ବାଉଁଶ ଅଗରେ ସେଗୁଡ଼ିକ ଝୁଲାଇ ଲୋକେ କଇଠପଦର କୁଡ଼ିଆ, ବଡ଼ କୁଜେନ୍ଦ୍ରୀ ଲାଛପା, ଚାଲୁମୁଣ୍ଡା

ପାଆକା ଓ ପଣସଗୁଡ଼ା ଇତ୍ୟାଦି ଜନବସତିକୁ ଗଲେ । କୁଜେନ୍ଦ୍ରୀର ଅଧିକାଂଶ ଜମି ଅଣଆଦିବାସୀ ଲୋକଙ୍କ ଅଧୀନରେ ଥିଲା । ସେମାନଙ୍କ ମଧ୍ୟରେ ସବୁଠାରୁ ଧନୀ ସାହୁକାର ସବୁଦିନେ କହୁଥିଲେ ଗମାଙ୍ଗ ଘରର ଝିଅ କେଉଁ ଦିନ କଂଗ୍ରେସ ଲୋକଙ୍କ ସାଙ୍ଗରେ କଟକ ଆଡ଼େ ପଳାଇଯିବ ନହେଲେ ପୁଲିସ୍ ହାତରେ ଧରାପଡ଼ି ଜେଲକୁ ଯାଇ ତେଲ ଘଣା ପେଲିବ । ଶୋଭାଯାତ୍ରା ପ୍ରସ୍ତୁତି ବେଳେ ସେ ଧାଉଡ଼ିଆ ହାତରେ ଚିଠି ଦେଇ ଗୁଣପୁର ଥାନାକୁ ଜଣାଇଦେଲେ ଯେ ଗମାଙ୍ଗ ଘରର ସବୁ ପୁରୁଷ ଓ ମହିଳା ବିଶ୍ୱନାଥଙ୍କ ନେତୃତ୍ୱରେ ଅନ୍ୟ ଗାଁ ଲୋକଙ୍କୁ ସରକାର ବିରୋଧରେ ମତାଉଛନ୍ତି । ସେମାନେ ଶହ ଶହ ମେଳିଆଙ୍କୁ ନେଇ ଗୁଣପୁର ଯିବେ । ଗଣ୍ଡଗୋଳ ବି କରିପାରନ୍ତି । ଉପରୋକ୍ତ ପାଞ୍ଚଟି ଜନବସତିରୁ ପ୍ରାୟ ଏକଶହ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ମିଶିଲେ । ଗୁଣପୁର ଯିବା ରାସ୍ତା ସେତେ ବେଳେ ବିକ୍ରମପୁର ବାଟେ ଯାଇଥିଲା । ସେହିଠାରେ ବଂଶଧାରା ନଦୀ ପାର ହେଲେ ବଜାର ଆରମ୍ଭ ହୋଇଯାଏ । ବିକ୍ରମପୁର ଅଣଆଦିବାସୀ ଲୋକେ ମଧ୍ୟ ଶୋଭାଯାତ୍ରାରେ ମିଶିଲେ । କନ୍ଧ ଓ ସଉରା ଗାଁରେ ସାଧାରଣତଃ ସକାଳୁ ସବୁ କାର୍ଯ୍ୟକ୍ଷମ ଲୋକ ଜନବସତି ବାହାରକୁ ଚାଲି ଯାଇଥାଆନ୍ତି । କିନ୍ତୁ ସେଦିନ ଅନେକ ଲୋକ ରହିଥିଲେ ବିଶ୍ୱନାଥ ଆଜ୍ଞା, ବାଇରୁ ଗମାଙ୍ଗ ଓ ନୀଳକଣ୍ଠ ପରା ଆମ ଗାଁକୁ ଆସି ଆମ ସାହାଯ୍ୟ ମାଗିଛନ୍ତି ଦେଶକାମ କରିବାକୁ ଗମାଙ୍ଗର ଝିଅ ବାହା ନହୋଇ ଦେଶକାମ ପାଇଁ ଆଜି ଗାଁକୁ ଗାଁ ବୁଲୁଛି । ଆମ ବସ୍ତିକୁ ଆସିବାବେଳକୁ ଆମେ ଗାଁରେ ନଥିଲେ ନିନ୍ଦା ପାଇବା ନାହିଁ ! ବେଶୀ ଭୂମି ଥିବା ସମର୍ଥକମାନେ ଖଜା ପିଠା ଦୁଇଟା କରି ରଖିଥାଆନ୍ତି, ଆଉ କିଏ ଅବା ଜାଉ, ପେଜ ମୁନ୍ଦେ ରଖିଥାଆନ୍ତି । ଗାଁ ଭିତରେ ସାଣ୍ଡି ଓ ଅନ୍ୟ ସ୍ତ୍ରୀଲୋକମାନେ ଚିତ୍କାର କରି ଓଡ଼ିଆ ଓ ସଉରା ଭାଷାରେ କହୁଥାଆନ୍ତି ରାଜା, ସରକାର, ସୁଣ୍ଠି, ସାହୁକାର ଆମକୁ ଜୁରିଭଣ୍ଡି ଖାଇଲେ, ଗରିବ କଲେ, ମଦ ଖାଇବା ବନ୍ଦକର, କାହାକୁ ନାହିଁ ଆମର ଡର । ସାଣ୍ଡିକୁ ଦେବତା ଲାଗିବା ପରି ଦେଖାଯାଉଥାଏ, କେତେବେଳେ କାନ୍ଦି ପକାଇ କ'ଣ କହୁଥାଏ, ଅବା ଜୋର୍‌ରେ ହସି କେଉଁ ଅଜଣା ଶତ୍ରୁକୁ ଧିକ୍କାର କରୁଥାଏ, କଣ୍ଠ ଫଟାଇ ସ୍ଲୋଗାନ ଦେଉଥାଏ । ଏ ସବୁର ପ୍ରଭାବ ମଧ୍ୟ ସେହି ଗାଁର ଝିଅ ବୋହୂଙ୍କ ଉପରେ ପଡ଼େ । ପ୍ରତି ଗାଁରୁ ୫/୧୦ ଜଣ ମହିଳା ସାଣ୍ଡି ସହ କଥାବାର୍ତ୍ତା ହୁଅନ୍ତି, ଘଡ଼ିକ ଭିତରେ ଜେଲ୍ ଯିବା ପାଇଁ ପ୍ରସ୍ତୁତ ହୋଇ ଘରୁ ଚାଲି ଆସନ୍ତି । ସଉରା ଓ କନ୍ଧ ସମାଜରେ ନାରୀମାନଙ୍କର ଅନେକ କ୍ଷେତ୍ରରେ ସ୍ୱାଧୀନତା ଥିଲା । ବଂଶଧାରା ଡଙ୍ଗାଘାଟରେ ବିଭିନ୍ନ ଗାଁରେ ମହିଳା ଶୋଭାଯାତ୍ରାରେ ଥିଲେ । ଘାଟ ନିଲାମ ନେଇଥିବା ଲୋକଙ୍କ ବିରୋଧ ସତ୍ତ୍ୱେ ବିକ୍ରମପୁର ଓ ଅନ୍ୟଗ୍ରାମର ଶୋଭାଯାତ୍ରାକାରୀଙ୍କ ସାମୂହିକ ଚାପର ସମ୍ମୁଖୀନ ହୋଇ ୩ଟି ଯାକ ଡଙ୍ଗାର ନାଉରିଆ ନଇପାର କଲେ । ଶୋଭାଯାତ୍ରା ଗୁଣପୁରର ରାସ୍ତାଘାଟ ପରିକ୍ରମା କରିବ ବୋଲି ପ୍ରହଲାଦବାବୁ ଓ ଶ୍ରୀକୃଷ୍ଣଚନ୍ଦ୍ର ବକ୍ସିପାତ୍ର ଜୋର୍‌ଦାର ପ୍ରଚାର କରି ଦେଇଥିଲେ । ଆହୁରି ମଧ୍ୟ ସେଠାକାର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ପାରିଥିଲେ ଯେ ହିଂସାର ଆଶ୍ରୟ ନନେଲେ ପୋଲିସ ବାଡ଼େଇବ ନାହିଁ ଲୋକେ ଅନେକ ଅତିରଞ୍ଜିତ କଥା ଗୁଜବ ଆକାରରେ ଶୁଣିଥିଲେ । ସ୍ତ୍ରୀଲୋକଙ୍କ ଜରିଆରେ ଏହି ଗୁଜବ ପ୍ରତି ଘରେ ବ୍ୟାପି ଯାଇଥିଲା । ପର୍ବତ ଖୋଲ ଓ ଜଙ୍ଗଲରୁ ଶହ ଶହ ଦେଶିଆ ଲୋକ ଗାନ୍ଧୀ କଥା କହି ପାଞ୍ଚକୋଣରୁ ଆସିଲେଣି । ମୁଁ ପରା ଭଲ କରି ଜାଣିଛି ଶହେ ସରିକି ମାଇକିନିଆ ଜାନି ଓ ବେଜୁଣି ସେ ଦଳରେ ଅଛନ୍ତି । ସେମାନେ ମେରିଆ ଗଜପୋଢ଼ ବଳି ଦେଇ, ସେଇ ରକ୍ତକୁ ମନ୍ତ୍ରରାଇଛନ୍ତି । ରକ୍ତ ଭିଜା କନା ପତାକା କରି ଧରିଛନ୍ତି, ମୁଣ୍ଡରେ ସେହି ରକ୍ତଟୀକା ଲଗାଇଛନ୍ତି । ପୋଲିସ୍‌ର ମାଡ଼ ତାଙ୍କ ଦେହରେ ବାଜିବ ନାହିଁ, ନଳି କାମ କରିବ ନାହିଁ । ବିଦେଶୀ ବନ୍ଧୁକ ଗୁଳି ତାଙ୍କ ଦେହରେ ନବାଜି ଫାଟିଯିବ (ଲକ୍ଷ୍ୟ ଭ୍ରଷ୍ଟ ହେବ) । ଯେଉଁ ବେଜୁଣୀ ଏ ମନ୍ତ୍ର କରିଛି, ସେ କୁଆଁରୀ କନ୍ୟା, ଶଉରୁଣୀ ଝିଅ ନା ! ପିତେଇ ଶଉରୁଣୀର ସବୁ ପଦ ତାକୁ ପ୍ରାପ୍ତ ହୋଇଛି । ଦେହ ମୁହଁରେ କଜଳ ସିନ୍ଦୂର ମାଖି ମୁଣ୍ଡ ବାଳ ମୁକୁଳା କରି ସେଗୁଡ଼ାକ ଅସୁରୁଣୀ ପରି ନାଚ କରୁଛନ୍ତି, ତାଙ୍କୁ ଦେଖି ପୁଲିସ୍ ଡରି ଗଲାଣି । ଚାଲ ଆମେ ଏ ଆଶ୍ଚର୍ଯ୍ୟ କଥା ସବୁ ଦେଖିବା । ଆଜି ଦିନଟା ଗଞ୍ଜପା ଖେଳ ବନ୍ଦକର, ସେମାନଙ୍କୁ ଦେଖି ଆସିଲେ ରାତି ପାଇଁ ରୋଷେଇ କରିବା । ୧୯୪୨ ମସିହା ଶ୍ରାବଣ ମାସରେ ଗୁଣପୁର ପେଣ୍ଠର ପାଞ୍ଚ ହଜାର ଲୋକଙ୍କ ଭିତରୁ ଏକ ଚତୁର୍ଥାଂଶଙ୍କ ମନରେ ଏହି ଦେଶିଆ ଲୋକ ଓ ବେଜୁଣୀମାନଙ୍କ ପ୍ରତି ପରୋକ୍ଷ ସମର୍ଥନ ଥିବା ଜଣାପଡ଼ିଲା । ସେମାନେ ଘରୁ ଡଙ୍ଗାଘାଟ ଆଡ଼କୁ ଚାଲିଲେ । ଦେଖିଲେ ପ୍ରାୟ ତିନିଶହ ଲୋକ ଧାଡ଼ି ହୋଇ ଶାନ୍ତିପୂର୍ଣ୍ଣ ପରିବେଶରେ ରାଜା ଓ ବ୍ରିଟିଶ୍ ବିରୋଧୀ ଧ୍ୱନି ଦେଇ ଚାଲିଛନ୍ତି । ଦେଶିଆ ସ୍ତ୍ରୀ ଲୋକମାନେ ସତକୁ ସତ ବାଳ ମୁକୁଳା କରି ପତାକା ଧରି ସମତାଳରେ ଚାଲିଛନ୍ତି । ମନ୍ତ୍ରମୁଗ୍ଧ ହେବାପରି ଦେଖଣାହାରୀ ଦଳ ତାଙ୍କ ସାହି ଶେଷ ମୁଣ୍ଡ ଯାଏଁ ଯାଉଥିଲେ । ଲୋକଙ୍କ ଭାବନା ପ୍ରକାରେ କାହିଁକି କେଜାଣି ପୋଲିସ୍ ହିଂସ୍ର ହେଲା ନାହିଁ । ଶୋଭାଯାତ୍ରାରେ ଯେଉଁମାନେ ଡଙ୍ଗାପାର ହୋଇ ଆସିଥିଲେ, ସେମାନଙ୍କୁ ଥାନା ପାଖକୁ ଆଡ଼େଇ ନେଲା, ଅନ୍ୟମାନଙ୍କୁ ଘଉଡ଼ାଇ ଦେଲା । ତାଲୁକ ମାଜିଷ୍ଟ୍ରେଟ ୨/୩ ଘଣ୍ଟା ପରେ ସତ୍ୟାଗ୍ରହୀମାନଙ୍କୁ ମଧ୍ୟ ଥାନା ପାଖରୁ ଘଉଡ଼ାଇ ଦେଲେ । ସେତେବେଳକୁ ସୂର୍ଯ୍ୟ ବୁଡ଼ି ଗଲେଣି, ଗାଁଟି କ୍ରମେ ନିଶବ୍ଦ ହୋଇ ଆସିଲା । ଯୋଗକୁ ସେ ଦିନ ବର୍ଷା ହେଲା ନାହିଁ । ଅନେକ ନିମ୍ନ ମଧ୍ୟବିତ୍ତ ପରିବାର ସେମାନଙ୍କୁ ଖାଇବାକୁ ଦେଲେ । ଯେଉଁଠି ଖାଇବାକୁ ପାଇଲେ ସେହି ଲୋକଙ୍କ ଦାଣ୍ଡ ବାରଣ୍ଡାରେ ଶୋଇଗଲେ । ତା' ପରଦିନ ନାରୀ ପୁରୁଷ ଯେତେ

> ସଉରା ଓ କନ୍ଧ ସମାଜରେ ନାରୀମାନଙ୍କର ଅନେକ କ୍ଷେତ୍ରରେ ସ୍ୱାଧୀନତା ଥିଲା । ବଂଶଧାରା ଡଙ୍ଗାଘାଟରେ ବିଭିନ୍ନ ଗାଁରେ ମହିଳା ଶୋଭାଯାତ୍ରାରେ ଥିଲେ ।

ଲୋକ ନଈ ସେପଟରୁ ଆସିଥିଲେ, ସମସ୍ତେ ଗୁଣପୁରରୁ ଯାଇ ପାଖଆଖ ଗ୍ରାମରେ ସ୍ଲୋଗାନ ଦେଇ ଶୋଭାଯାତ୍ରା କଲେ । ସାଣ୍ଡି ଓ ଅନ୍ୟ ଆଦିବାସୀ ମହିଳାମାନଙ୍କ ସହ ସତ୍ୟାଗ୍ରହୀମାନେ ବାମୁଣୀ ହାଟରେ ପହଞ୍ଚିଲେ । ଭାରତ ସ୍ୱାଧୀନ ହେଲେ ଗୁଣପୁର ଅଞ୍ଚଳ ଗରିବ ଲୋକଙ୍କର କି ଲାଭ ହେବ, ସେ କଥା ହାଟକୁ ଆସିଥିବା ଲୋକଙ୍କୁ ବୁଝାଇଲେ । ସେଠାରୁ ନିଜ ନିଜ ଗାଁକୁ ଫେରିଗଲେ । ୪/୫ ଦିନ ପରେ କୁଜେନ୍ଦ୍ରୀରୁ ବିଶ୍ୱନାଥ ଓ ନୀଳକଣ୍ଠଙ୍କୁ ପୋଲିସ୍ ଧରି ନେଲା । ଆଉ ୨/୩ ଦିନ ଭିତରେ କୁଜେନ୍ଦ୍ରୀ ଗାଁରୁ ଅଠର ଜଣ ସ୍ତ୍ରୀ ଲୋକଙ୍କୁ ଗିରଫ କରି ଗୁଣପୁର ନେଇଗଲା । କିନ୍ତୁ ସାଣ୍ଡିଙ୍କୁ ଗିରଫ କଲା ନାହିଁ । ବାଇରୁଙ୍କ ପୁଅ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଖଟିଲେ । ସାଣ୍ଡି ଦେଖିଲେ ବିଶ୍ୱନାଥ ଓ ନୀଳକଣ୍ଠଙ୍କ ଅନୁପସ୍ଥିତିରେ କପାକାମ କରିବାକୁ ହେବ । ଗାଁର ୪/୫ ଜଣ ପ୍ରୌଢ଼ ଉନ୍ନତ ଧରଣର କପାମଞ୍ଜି ସଂଗ୍ରହଠାରୁ ଚଉଡ଼ା ତନ୍ତରେ ଲୁଗା ବୁଣିବା ଯାଏ ସବୁକାମ ଜାଣିଥିଲେ । ସେହି ଗୁରୁଜନମାନଙ୍କ ସାହାଯ୍ୟ ନେଇ ସାଣ୍ଡି ଓ ଅନ୍ୟାନ୍ୟ ଝିଅବୋହୂମାନେ ସାମୂହିକ ସୂତାକଟା ଚାଲୁ ରଖିଲେ । ପୂର୍ବବର୍ଷ କପାଚାଷୀମାନେ କପା ଦେଲା ମାତ୍ରେ ଟଙ୍କା ପାଇଯାଇଥିଲେ । ଏ ବର୍ଷ ଲୁଗା ବିକ୍ରୀ ହେବାପରେ ଟଙ୍କା ପାଇଲେ । ଦ୍ୱିତୀୟ ମହାଯୁଦ୍ଧ ଯୋଗୁଁ ମିଲ୍ ଲୁଗା ସହଜରେ ମିଳୁ ନଥିଲା । ତେଣୁ ଏମାନଙ୍କ ଖଦଡ଼ ଲୁଗା ଅଧିକ ଦର ହେଲେ ମଧ୍ୟ ବିକ୍ରୀ ହେଲା । କୁଜେନ୍ଦ୍ରୀ ଓ ପାଖଆଖ କେତେକ ପୁରୁଷ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଚୋରି, ଡକାୟତି, ରାଜଦ୍ରୋହ, ସରକାରୀ କର୍ମଚାରୀମାନଙ୍କୁ କର୍ତ୍ତବ୍ୟ ସଂପାଦନରେ ବାଧା ଇତ୍ୟାଦି ମିଥ୍ୟା ଅଭିଯୋଗରେ କେସ୍ ହୋଇ ଜେଲ୍ ଦଣ୍ଡ ଦିଆଗଲା । କିନ୍ତୁ ସ୍ତ୍ରୀଲୋକମାନଙ୍କ ଉପରେ ସରକାର ଶନିଦୃଷ୍ଟି ପକାଇବାରୁ ବିରତ ହେଲେ । ସେମାନେ ଭାବିଲେ କପାଚାଷ ଓ ଖଦଡ଼ ଲୁଗା ବୁଣିବା ସହ ରାଜନୈତିକ ଆନ୍ଦୋଳନର ସଂପର୍କ ନାହିଁ । ନୀଳାମ୍ବର, ନୀଳକଣ୍ଠ ଜେଲ ଚାଲିଗଲେ ମଧ୍ୟ ରିମାଣ୍ଡ ଓ ଜେଲ୍‌ପରେ ସ୍ତ୍ରୀଲୋକମାନେ ଆସି ସ୍ୱଦେଶୀ ଖଦି ତିଆରି କଲେ । ପତାକା ଆନ୍ଦୋଳନର ନେତ୍ରୀ ସାଣ୍ଡି ଶବର ଏବେ ସ୍ଥିର ଚିତ୍ତରେ ସୂତାକଟା ଓ ଲୁଗାବୁଣାର ମୁଖ୍ୟ ସଂଯୋଜକ ଭାବେ କାମକଲା, ଅରଟ ଚକ ଘୂରାଇ ଚାଲିଲା ।

ଗୁଣପୁର ତାଲୁକର ଲୋକମାନେ ଏବେ ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା କଲାବେଳେ କୁଜେନ୍ଦ୍ରୀ ଆଦିବାସୀଙ୍କ ଅବଦାନ ସଂପର୍କରେ କହନ୍ତି । ଆଜି ମଧ୍ୟ ଯେଉଁ କେତେଜଣ ବୁଢ଼ାବୁଢ଼ୀ ବଞ୍ଚିଛନ୍ତି, ଖୁବ୍ ଗର୍ବରେ କହନ୍ତି, ଆମ ସାଙ୍ଗସାଥିମାନେ ରାଜା ଆଉ ସରକାରକୁ ଡରି ନଥିଲେ । ସାଣ୍ଡି ଅପେକ୍ଷା କରିଥାଆନ୍ତି, କେଉଁ ଦିନ ତାଙ୍କ ଭାଇ ଜେଲ୍‌ରୁ ଆସିବେ, କ'ଣ ହେଲା ବିଶ୍ୱନାଥ ଆଜ୍ଞାଙ୍କର ? ସେମାନେ ଭଲରେ ଫେରିଆସନ୍ତୁ । ସଂଗ୍ରାମୀମାନଙ୍କ କଥା ମନେ ପକାଇ ଝିଅବୋହୂମାନେ ସ୍ଥିର ଆସନରେ ବସି କପା ବଳଣା ବଳି, ଗୁଣ୍ଡି ଗୁଣ୍ଡି କରି ନଟେଇରେ ମାପନ୍ତି । ସୂତାନଟି ସରେନା, କିନ୍ତୁ ଦିନ ସରିଯାଏ ।

୧୯୪୩ ମଧ୍ୟଭାଗରେ ବିଶ୍ୱନାଥ ଅଳ୍ପଦିନ ପାଇଁ ଜେଲ୍‌ରୁ ଆସିଥିଲେ । ସେ କୁଜେନ୍ଦ୍ରୀରେ ନାରୀ ଜାଗରଣ ଦେଖି ଖଦୀ କାର୍ଯ୍ୟରେ ହସ୍ତକ୍ଷେପ କଲେ ନାହିଁ । ସେହି ସମୟରେ ବଙ୍ଗଳା ଓ ଓଡ଼ିଶାରେ ଦୁର୍ଭିକ୍ଷ ହୋଇଥାଏ । କିନ୍ତୁ ବଡ଼ଚାଷୀମାନଙ୍କ ଅମାରରେ କିଛି ଖାଦ୍ୟ ଥାଏ । ଲୋକେ ଭୋକରେ ମରୁଥିବାରୁ ସ୍ଥାନୀୟ ଯୁବକମାନଙ୍କୁ ବିଶ୍ୱନାଥ ପରାମର୍ଶ ଦେଲେ, 'ଚାଲ, ବଡ଼ ଚାଷୀଙ୍କୁ ଖାଦ୍ୟ ଭିକ୍ଷା କରିବା । ଯଦି ଆମ ଗୁହାରି ସେମାନେ ନ ଶୁଣିବେ, ତେବେ ଅହିଂସ ଉପାୟରେ ସେ ଅମାରମାନଙ୍କରୁ ଖାଦ୍ୟ ଆଣିବା ।' ଏପରି ହେବାରୁ ପୁଣି ସଂଗ୍ରାମୀମାନଙ୍କୁ ଜେଲ୍ ଦଣ୍ଡ ହୋଇଗଲା । ଗୁରୁଙ୍କର ସ୍ୱଳ୍ପ ସମୟ ପାଇଁ ଆବିର୍ଭାବ ସାଣ୍ଡିକୁ ଦମ୍ଭ ଦେଲା । ନିଜର ବାପା ଦାଦା ଇତ୍ୟାଦିଙ୍କ ପ୍ରୋତ୍ସାହନ ସାଣ୍ଡିଙ୍କର ଭାବୋଚ୍ଛ୍ୱାସକୁ ଦ୍ୱିଗୁଣିତ କରିଥିଲା । ନାରାୟଣୀଗୁଡ଼ା ଓ ଅନ୍ୟାନ୍ୟ ପାଖ ଆଖ ଜନବସତିରୁ ଝିଅବୋହୂମାନେ କୌତୁହଳ ବଶତଃ କୁଜେନ୍ଦ୍ରୀ ଗ୍ରାମକୁ ଆସି ଖଦୀ କାମ ଦେଖନ୍ତି । ତାଙ୍କ ଭିତରୁ କେତେକ ଦରିଦ୍ର ଓ ବିକଳାଙ୍ଗ ଲୋକ ନିଜ ଆୟ ବଢ଼ାଇବାକୁ କପାଚାଷ, ମଞ୍ଜିକଢ଼ା ଓ ସୂତାକଟା କାମ କଲେ । ସାଣ୍ଡିଙ୍କୁ କେହି ବିବାହ ବିଷୟରେ ପଚାରିଲେ ଛୋଟ ଉତ୍ତରଟିଏ ମିଳେ 'ସେ ବେଳ ଆସିନାହିଁ ।' ୧୯୪୫ ମସିହା ସେପ୍ଟେମ୍ବର ତୃତୀୟ ସପ୍ତାହରେ ବିଶ୍ୱନାଥ ହଠାତ୍ ଦିନେ ଆସି କୁଜେନ୍ଦ୍ରୀରେ ପହଞ୍ଚିଲେ । କିଛି ଦିନ ପରେ ଭାଇ ନୀଳକଣ୍ଠ ମଧ୍ୟ ଆସିଲେ । କପା କାମରେ ଧାନଚାଷଠାରୁ ଅଧିକ ଲାଭ, ଢେପ ଜମିରେ ବି କପା ହେଉଛି, ଏ କଥା ତୁଣ୍ଡ ବାଇଦରେ ଗୁଡ଼ାରୀଠାରୁ ବିଷମ କଟକ ଯାଏ ବ୍ୟାପି ଯାଇଥିଲା । ଗରିବ ଲୋକେ ସତେ ଯେମିତି ଜେଲ୍ ଖଟିବା ଲୋକଙ୍କ ଫେରିବାକୁ ଅପେକ୍ଷା କରିଥିଲେ । କପାଚାଷ ଓ ଖଦୀ କାମ ଖୁବ ଜୋର୍‌ରେ ଚାଲିଲା । ସେଥିପାଇଁ ନୂଆ ଆଶ୍ରମ ଘର ତିଆରି ହେଲା । ୧୯୪୬ ମସିହା ପ୍ରଥମ ଭାଗରେ ଓଡ଼ିଶାରେ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ କଲେ । ଈଶ୍ୱରଲାଲ ବ୍ୟାସ ଓ କୋରାପୁଟ ଜିଲ୍ଲାରେ ବୁଝାଇଲେ ଯେ ଅଳ୍ପଦିନ ଭିତରେ ବ୍ରିଟିଶ ସରକାର ଭାରତରୁ ଚାଲିଯିବ । ଆଦିବାସୀ ମହିଳାମାନଙ୍କୁ ସାଣ୍ଡି ତାଙ୍କ ବୁଝିବା ଢଙ୍ଗରେ କହିଲା । ସ୍ୱାଧୀନ ହେଲେ ଆମକୁ ପୋଲିସ୍ ଓ ଜଙ୍ଗଲ କର୍ମଚାରୀ ହଇରାଣ କରିପାରିବେ ନାହିଁ । ଲୁଣ ଓ ଲୁଗା ଦର ଶସ୍ତା ହୋଇଯିବ । ପୋଡୁଚାଷ ବଦଳରେ ଭଲ ଜମି ସରକାର ଦେବ । ବଡ଼ ଲୋକମାନେ ଆମ ଜମିକୁ ଯେମିତି କିଣି ନେଉଛନ୍ତି ତାହା ସରକାର ବନ୍ଦ କରି ଦେବେ ଇତ୍ୟାଦି ଇତ୍ୟାଦି । ଆଶ୍ରମ କାମ କରିବାକୁ ସାଣ୍ଡି ସାଙ୍ଗକୁ ଆଉ କେତେଜଣ ସ୍ତ୍ରୀଲୋକ ଜୁଟିଲେ । ଗୁରୁଜନମାନଙ୍କ ପରାମର୍ଶ ଫଳରେ ସାଣ୍ଡି ବାହାହେବା ସପକ୍ଷରେ ନିଷ୍ପତ୍ତି ନେଲା । ସଉରା ସମାଜରେ ସେ କାଳରେ ମଧ୍ୟ ପତି ସ୍ଥିର କରିବାରେ କନ୍ୟାର ସ୍ୱାଧୀନତା ଅଧିକ । ତାଙ୍କର ଲୁଗାପିନ୍ଧା ଢଙ୍ଗ ଓ ଅନ୍ୟାନ୍ୟ ଚଳଣୀ ଦେଖି ଜଣେ ସଉରା ଯୁବକ ସାହସ କରି ବାହାହେବା ପ୍ରସ୍ତାବ ପକାଇବ କି ? ଯା' ହେଉ ବିଭିନ୍ନ ସଉରା ବସ୍ତିର ଲୋକେ ଜାଣିଲେ ଯେ ଯୋଗ୍ୟପାତ୍ର ମିଳିଲେ ପ୍ରସ୍ତାବ

ଆଗେଇବ । ଇତିମଧ୍ୟରେ ଆଶ୍ରମରେ ଆଦିବାସୀ ଲୋକେ ବେଶୀ ସଂଖ୍ୟାରେ କାଠ କପାଖାଇ ତିଆରି କଲେ । ବେଶୀ ସଂଖ୍ୟାରେ ୨୭ ଇଞ୍ଚ ଚଉଡ଼ା ଗାମୁଛା ତିଆରି ତନ୍ତ ଓ ୩୯ ଇଞ୍ଚ ଚଉଡ଼ା ତନ୍ତ ପଡ଼ିଲା । ସାଣ୍ଡି ବିଜୁଳି କନ୍ୟା ପରି ସବୁ କାମରେ ନିଜକୁ ସାମିଲ କଲେ । ପ୍ରତ୍ୟୁଷରୁ ଜଙ୍ଗଲକୁ ଯାଇ ଖାଦ୍ୟଦ୍ରବ୍ୟ ସଂଗ୍ରହ କରିବାଠାରୁ ଘରେ ବାପାମାଆ ଭାଇ ଭାଉଜ ସାନଭଉଣୀ ଇତ୍ୟାଦି ଦେଖା ଚାହାଁ କରି ଆଶ୍ରମକୁ ଆସନ୍ତି ଓ ବିଶା ଶବରଙ୍କ ସହ ମିଶି କର୍ମୀମାନଙ୍କ ପ୍ରାପ୍ୟ ଦିଏ । ସ୍ତ୍ରୀଲୋକମାନେ ଆଶ୍ରମକୁ ସକାଳୁ ଆସିବା ବେଳେ ଯିଏ ଯାହା ଖାଦ୍ୟ ଶସ୍ୟ ପାଇଲା ସାଙ୍ଗରେ ଆଣିଥାଆନ୍ତି । ଆଶ୍ରମରେ ଖାଦ୍ୟ ରାନ୍ଧିବାରେ ସାଣ୍ଡି ମୁଖ୍ୟ ଭୂମିକା ନିଅନ୍ତି । ସମସ୍ତେ ମଧ୍ୟାହ୍ନ ଭୋଜନ କରି ସନ୍ଧ୍ୟା ଯାଏଁ କାମ କରନ୍ତି ।

୧୯୪୬ ମସିହା ଶେଷବେଳକୁ ସାଣ୍ଡି ଶବରକୁ ବର ମିଳିଲା । ଗୁଣପୁର ତାଲୁକ ପଦ୍ମପୁର ନିକଟସ୍ଥ ଖିଲାପଦର ଗ୍ରାମର ମଧୁସୂଦନ ଶବର ନାମକ ଜଣେ ମେଧାବୀ ଯୁବକ ପ୍ରହଲାଦବାବୁଙ୍କ ପ୍ରେରଣାରେ ଗୁଣପୁର ହାଇସ୍କୁଲରୁ ମାଟ୍ରିକୁଲେସନ୍ ପାଶ୍ କରିଥିଲେ । ପ୍ରହଲାଦବାବୁ ନୂଆ ମନ୍ତ୍ରିମଣ୍ଡଳର ସଭ୍ୟଙ୍କୁ ଏହି ଯୁବକ ବିଷୟରେ ପ୍ରସ୍ତାବ ଦେବାରୁ ସରକାରଙ୍କ ନିର୍ମାଣ ବିଭାଗରେ ସେ ନବରଙ୍ଗପୁର ଅଫିସ୍‌ରେ ଚାକିରି ଦେଲେ । ପ୍ରହଲାଦବାବୁ ଉଭୟପକ୍ଷଙ୍କୁ ବିବାହ ପ୍ରସ୍ତାବ ଦେବାରୁ ବାଇରୁ ଓ ନୀଳକଣ୍ଠ ନବରଙ୍ଗପୁର ଯାଇ ମଧୁଙ୍କ ସହ କଥା ହେଲେ ଓ ତାଙ୍କ କାମ ବିଷୟରେ ଖବର ନେଲେ । ମଧୁ କୁଜେନ୍ଦ୍ରୀ ଆସି ସୂତାକଟା କେନ୍ଦ୍ରରେ ସାଣ୍ଡିଙ୍କ ସହ କଥାବାର୍ତ୍ତା ହେବା ପରେ ଜାନିଙ୍କ ଉପସ୍ଥିତିରେ ସଉରା ପରମ୍ପରା ଅନୁଯାୟୀ ବିବାହକାର୍ଯ୍ୟ ସମାପ୍ତ ହେଲା । ମଧୁ ଓ ସାଣ୍ଡି ନବରଙ୍ଗପୁର ଓ କୋରାପୁଟରେ ୧୯୫୧ ମସିହା ଶେଷ ପର୍ଯ୍ୟନ୍ତ ରହିଲେ । ସେମାନଙ୍କର ପ୍ରଥମ ସନ୍ତାନ ବାଳକୃଷ୍ଣ ସେହିଠାରେ ଜନ୍ମ ହୋଇଥିଲେ । ଭାରତର ପ୍ରଥମ ସାଧାରଣ ନିର୍ବାଚନରେ ଗୁଣପୁର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ପାଇଁ ପ୍ରାର୍ଥୀ ହୋଇ ମଧୁସୂଦନ ଚାକିରିରୁ ଇସ୍ତାଫା ଦେଲେ । କିନ୍ତୁ ନିର୍ବାଚିତ ହୋଇ ନପାରି ଗୁଣପୁରରେ ରହୁଥିବାବେଳେ ଶ୍ୱଶୁର ଓ ଅନ୍ୟମାନଙ୍କ ପରାମର୍ଶରେ ଶିକ୍ଷକତା ପାଇଁ ଦରଖାସ୍ତ କଲେ । ତାଙ୍କର ପୈତୃକ ସମ୍ପତ୍ତି କମ୍ ଥିବାରୁ କୁଜେନ୍ଦ୍ରୀରେ ଘର କଲେ ଓ ସେହି ଅଞ୍ଚଳରେ ଶିକ୍ଷକତା କଲେ ।

ସେ ସଉରା, ଓଡ଼ିଆ, ତେଲୁଗୁ ଓ ଇଂରାଜୀ ଭାଷା ଜାଣିଥିବାରୁ ସଉରା ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ପାଠ୍ୟପୁସ୍ତକ ପ୍ରାଞ୍ଜଳ ଭାବେ ବୁଝାଇପାରୁଥିଲେ । ୨୫ ବର୍ଷ ବୟସରେ ସାଣ୍ଡି ବିବାହ କରିଥିଲେ, ସେ ତାଙ୍କ ସ୍ୱାମୀଙ୍କଠାରୁ ଉଚ୍ଚା ଥିଲେ, ତାଙ୍କର ୭ ବର୍ଷର ସଂକ୍ଷିପ୍ତ ଦାମ୍ପତ୍ୟ ଜୀବନ ଅତ୍ୟନ୍ତ ସୁଖମୟ ଥିଲା । ୧୯୫୨ ମସିହାକୁ କୁଜେନ୍ଦ୍ରୀରେ ଗ୍ରାମ ସଂଗଠନ ପାଇଁ ରଚନାତ୍ମକ କର୍ମୀମାନଙ୍କୁ ତାଲିମ ଦିଆଯାଉଥିଲା । ରାଧାମଣି ସାହୁ, ମାଳତୀ ବିଶ୍ୱାଳ, ଅନ୍ନପୂର୍ଣ୍ଣ ସାମନ୍ତ ରାୟ, ଚିନ୍ମୟୀ ଓ କ୍ଷେତ୍ରମଣି ଇତ୍ୟାଦି କୁଜେନ୍ଦ୍ରୀରେ ରହୁଥିବା ବେଳେ ସାଣ୍ଡି ସେମାନଙ୍କୁ ସ୍ଥାନୀୟ ଲୋକ, ସେମାନଙ୍କ ସମସ୍ୟା ଓ ନିଜର ଅଭିଜ୍ଞତା ସଂପର୍କରେ କହନ୍ତି । ବାଇରୁ, ବିଶା ଓ ବିଶ୍ୱନାଥଙ୍କର ଯତ୍ କିଞ୍ଚିତ୍ ସେବା କରନ୍ତି । ପୁଅ ବାଳକୃଷ୍ଣ ସବୁବେଳେ ମାଆଙ୍କ ସାଙ୍ଗରେ ଥାଏ ।

୧୯୫୪ ମସିହା ଦ୍ୱିତୀୟାର୍ଦ୍ଧରେ ସାଣ୍ଡିଙ୍କର ଦ୍ୱିତୀୟ ସନ୍ତାନ ହେବ ବୋଲି ଜଣାଗଲା । ସେତେବେଳେ ସ୍ୱାଧୀନ ଭାରତର ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଜୋର୍‌ଦାର ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଆଜିପରି ମାତୃ ମଙ୍ଗଳ ବ୍ୟବସ୍ଥା ନଥିଲା । ପ୍ରସବ କାଳରେ ମାଆ ଓ ପିଲା ମରିଯିବାରେ ବିଚିତ୍ରତା ନଥିଲା । ବଳିଷ୍ଠ, ସ୍ୱାଧୀନ ଓ ସ୍ୱାବଲମ୍ବୀ ଭାରତବର୍ଷ ନିର୍ମାଣରେ ଗୁଣ୍ଡୁଚି ମୂଷା ପରି କାର୍ଯ୍ୟ କରିଥିବା ସାଣ୍ଡି ଶବର ପ୍ରସବକାଳୀନ ରୋଗରେ ମରିଥିଲେ । ନଭେମ୍ବର ୨୭ ତାରିଖ ପୂର୍ବାହ୍ନରେ ତାଙ୍କର ପୁଅଟିଏ ଜନ୍ମ ହେଲା । ସ୍ୱାମୀ ତା' ପରେ ପରେ ସ୍କୁଲ ଚାଲିଗଲେ । ବାଇରୁ, ଲୁଜ୍‌ରୀ ଓ ନୀଳକଣ୍ଠ ଦମ୍ପତି ସୁଶ୍ରୁଷା କରିବା ସତ୍ତ୍ୱେ ରକ୍ତସ୍ରାବ କମିଲା ନାହିଁ । ବିଶ୍ୱନାଥ ସରକାରୀ କର୍ମଚାରୀଙ୍କ ସହଯୋଗ ନେଇ ଗାଁକୁ ଗାଁ ବୁଲି ଆଦିବାସୀଙ୍କ ଜମି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଥିଲେ । ସେ ଦିନ ସେ ଗୁଣପୁରରେ ଆସି ପହଞ୍ଚିଥିଲେ । ସନ୍ଧ୍ୟାରେ ସେ ପ୍ରହଲାଦ ପାଣିଗ୍ରାହୀ ଓ ଜଗନ୍ନାଥ ବାବୁଙ୍କ ସହ କୁଜେନ୍ଦ୍ରୀ ଆସି ସାଣ୍ଡିଙ୍କ ଅସୁସ୍ଥତା ବିଷୟ ଜାଣିଲେ । ତା'ର ୧୦ ଘଣ୍ଟା ପରେ ରାତି ଚାରିଟାରୁ ପ୍ରହଲାଦବାବୁଙ୍କ ସହ ନୀଳକଣ୍ଠ ଡାକ୍ତର ଆଣିବା ପାଇଁ ବିଶ୍ୱନାଥ ଓ ମଧୁ ବ୍ୟବସ୍ଥା କଲେ । ଡାକ୍ତର ଘୋଡ଼ାଗାଡ଼ିରେ ଆସି ସକାଳ ଆଠଟାରେ ପହଞ୍ଚିଲେ । ବିଶ୍ୱନାଥ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମର ଜମି ସମସ୍ୟା ସମାଧାନ ପନ୍ଥା ବାହାର କରିବାକୁ ଚାଲିଗଲେ । ଡାକ୍ତର ଔଷଧ ଓ ଇଂରେଜକ୍‌ସନ୍ ପ୍ରୟୋଗ କରିବା ସତ୍ତ୍ୱେ ୨୮ ତାରିଖ ଅପରାହ୍ନରେ ସାଣ୍ଡିଙ୍କର ମୃତ୍ୟୁ ହେଲା । ଅବଶ୍ୟ ଗୁଣପୁର ଗାଁରେ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ନଥିଲା । ସ୍ରଷ୍ଟା ସେହିପରି ସାଣ୍ଡିଙ୍କୁ ନେଇଯିବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା । ଆମେ ତାଙ୍କର ସଦା ଚଞ୍ଚଳ ଓ ବଳିଷ୍ଠ ଚିତ୍ର ଦେଖିବା ଉଦ୍ଦେଶ୍ୟରେ ବୋଧହୁଏ ବିଧି ଏ ଆକସ୍ମିକ ମୃତ୍ୟୁର ବ୍ୟବସ୍ଥା କରିଥିଲା । ଘରସଂସାର ନଥିବା ବିଶ୍ୱନାଥ ବିଭିନ୍ନ ଗ୍ରାମ ବୁଲି ଡିସେମ୍ବର ପହିଲା ଦିନ ବିଷମ କଟକରେ ଏ ଦୁଃସମ୍ବାଦ ପାଇଲେ । କୁଜେନ୍ଦ୍ରୀ ଆସି ବାଇରୁ, ମଧୁସୂଦନ ଓ ନୀଳକଣ୍ଠଙ୍କୁ ନିଜ ଶକ୍ତି ମୁତାବକ ସାନ୍ତ୍ୱନା ଦେଲେ । ସେ ନିଜେ ଅନାସକ୍ତ ରହିବାର ବ୍ରତ କରିଥିଲେ ମଧ୍ୟ ଏ ଘଟଣା ପ୍ରବାହରେ ଅତ୍ୟନ୍ତ ଦୁଃଖିତ ହୋଇ ପଡ଼ିଥିଲେ । ଗମାଙ୍ଗ ତ ଆଦରଣୀୟା କନ୍ୟାର ମୃତ୍ୟୁରେ ଭାଙ୍ଗି ପଡ଼ିଲେ । ସାଣ୍ଡିଙ୍କ ନବଜାତ ପୁତ୍ରକୁ ନୀଳକଣ୍ଠଙ୍କ ସ୍ତ୍ରୀ ଓ ଅନ୍ୟ କେତେକ ମାଆ ସ୍ତନ୍ୟଦାନ କରି ବଞ୍ଚାଇଲେ । ତାହାର ନାମ ନନ୍ଦନ ରଖାଗଲା । କେତେ ମାସ ପରେ ମଧୁ ଦ୍ୱିତୀୟ ବିବାହ କଲେ, ପୁଅ ଦୁଇଟିଙ୍କର ଯତ୍‌ସାମାନ୍ୟ ଯତ୍ନ ନେଲେ । କିନ୍ତୁ ବାଇରୁ ଓ ବିଶ୍ୱନାଥ ଋଷି ଆଶ୍ରମର ଅନ୍ତେବାସୀଙ୍କ

ପରି ଶିଶୁ ଦୁଇଟିଙ୍କୁ ନିଜ ତତ୍ତ୍ୱାବଧାନରେ ରଖିଲେ ।

ଗୋପବନ୍ଧୁ ଦାସ ଯଥାର୍ଥରେ ଲେଖିଛନ୍ତି ଯେ ମନୁଷ୍ୟ ଜୀବନ କେବଳ ବର୍ଷ ମାସ ଦିନ ଦଣ୍ଡରେ ମପାଯାଏ ନାହିଁ । ସାଣ୍ଡିଙ୍କ ପାର୍ଥିବ ଶରୀର ମାତ୍ର ୩୩ ବର୍ଷ ବୟସରେ ନଷ୍ଟ ହୋଇଯାଇଥିଲେ ମଧ୍ୟ ସତ୍ କର୍ମ ଦ୍ୱାରା ସେ ଆଜି ସୁଦ୍ଧା ଯଶୋଦେହରେ ଜୀବନ୍ତ ରହିଛନ୍ତି । ଜୋଆନ୍ ଅଫ୍ ଆର୍କଙ୍କ ପରି ଏହି ଅରଣ୍ୟ କନ୍ୟା ମାତୃଭୂମିର ସେବା କରି ବନବାସୀ ସଉରା ମହିଳାମାନଙ୍କ ପାଇଁ ଗୌରବ ଆଣିଛନ୍ତି । ସ୍ୱାଧୀନତା ସଂଗ୍ରାମରେ ସେ ଜେଲ୍ ଯାଇନଥିଲେ, ପୋଲିସ୍‌ର ଅତ୍ୟାଚାର ସହି ନ ଥିଲେ, କିନ୍ତୁ ବ୍ରିଟିଶ୍‌ର ଗୁଳିଗୋଳା ସମ୍ମୁଖରେ ଗୋଷ୍ଠୀବଦ୍ଧ ଉଦ୍ଦାମ ନୃତ୍ୟ କରି, ତ୍ରିରଙ୍ଗା ପତାକାର ସମ୍ମାନ ରଖି ନିର୍ଭୀକତାର ପ୍ରତୀକ ହୋଇଥିଲେ । ୧୯୪୧ରୁ ୧୯୫୪ ମସିହା ପର୍ଯ୍ୟନ୍ତ କପାଚାଷ ଭିତ୍ତିକ ଅର୍ଥନୀତି ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ପତାକା ରକ୍ଷା ଦିନର ଅନୁଭୂତିକୁ ୧୯୫୪ ମସିହାରେ ସେ ମାଳତୀ ବିଶ୍ୱାଳଙ୍କୁ

ସାଣ୍ଡିଙ୍କ ପାର୍ଥିବ ଶରୀର ମାତ୍ର ୩୩ ବର୍ଷ ବୟସରେ ନଷ୍ଟ ହୋଇଯାଇଥିଲେ ମଧ୍ୟ ସତ୍ କର୍ମ ଦ୍ୱାରା ସେ ଆଜି ସୁଦ୍ଧା ଯଶୋଦେହରେ ଜୀବନ୍ତ ରହିଛନ୍ତି ।

କହୁଥିଲେ । 'ସାହେବ ଓ ତା'ର ଫୌଜକୁ ଦେଖିବାମାତ୍ରେ ମୁଁ ଭାବିନେଲି, ଯଦି ଏମାନେ ବନ୍ଧୁକ ଗୁଳିରେ ଲାଛି ଦେବେ ତେବେ କ୍ଷଣକ ଭିତରେ ମରିଯିବି, ଖରାପ କ'ଣ ହେବ ? ଯଦି ଗୁଳି ନ ଚଳାଇ ପୁଲିସ୍ ଅତ୍ୟାଚାର କରିବ, ହାତ, ଗୋଡ଼ ବାନ୍ଧିଦେବ, ତେବେ ପାଗଳା କୁକୁର ପରି କାମୁଡ଼ି ପକାଇବି । ମରିଯିବି ପଛେ ଦାନ୍ତ ଯାବ ଖୋଲିବି ନାହିଁ । ବେଜୁଣୀକୁ ଦେବତା ଲାଗିଲାବେଳେ ସେ ନିଜ କଷ୍ଟ ଜାଣି ପାରୁନାହିଁ । ପୁଲିସ୍ ମାଡ଼ ମୋତେ କାହିଁକି ବାଧିବ ?'

ଏହି ଦୀପ୍ତିମୟୀ ଯୁବତୀଙ୍କ ଶୋଷଣ ବିରୋଧୀ ସଫଳ ସଂଗ୍ରାମ ପାଇଁ ଓଡ଼ିଶାବାସୀ ତାଙ୍କୁ ମୃତ୍ୟୁ ପରେ ମଧ୍ୟ ମନେ ରଖିବେ ।

ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ
ସୂଚନା ଓ ଲୋକ ସଂପର୍କ ବିଭାଗ
ରାଜା ବଗିଚା, କଟକ-୧

ପୁରୀ ରଥଯାତ୍ରାରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ୮ଟି ସ୍ଥାନରେ ସୂଚନା କେନ୍ଦ୍ର ଖୋଲା ହେବ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାକୁ ବିଗତ ବର୍ଷ ପରି ସୂଚାରୁରୂପେ ନିର୍ବାହ କରିବାକୁ ବିଭାଗୀୟ ଶାସନ ସଚିବ ଶ୍ରୀ ବିଜୟ ଚନ୍ଦ୍ର ଜେନା ଲୋକ ସଂପର୍କ ବିଭାଗର ସମସ୍ତ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

ଏହି ବୈଠକରେ ସ୍ଥିର ହୋଇଥିଲା ଯେ ଆଗାମୀ ରଥଯାତ୍ରା ସମୟରେ ପୁରୀର ୮ଟି ସ୍ଥାନରେ ସୂଚନା କେନ୍ଦ୍ର ସ୍ଥାପନ କରାଯିବ । ଏହା ସିଂହଦ୍ୱାର, ଟାଉନ ଥାନା, ବଳଗଣ୍ଡି, ବଡ଼ଶଙ୍ଖ, ଗୁଣ୍ଡିଚା ମନ୍ଦିର, ତାଳବଣିଆ, ରେଳଷ୍ଟେସନ ଓ ସମୁଦ୍ରକୂଳଠାରେ କାର୍ଯ୍ୟ କରିବ । ସକାଳ ୭ ଘଣ୍ଟାରୁ ରାତ୍ର ୧୧ ଘଣ୍ଟା ପର୍ଯ୍ୟନ୍ତ ଚାଲିବ । ସୂଚନା କେନ୍ଦ୍ର ପରିଚାଳନା ପାଇଁ ରାଜ୍ୟ ସଦର ମହକୁମା, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ଏହି କେନ୍ଦ୍ରଗୁଡ଼ିକରେ ବାହ୍ୟ ପରିବେଶ ପରିଚ୍ଛନ୍ନତା ଉପରେ ବିଶେଷ ଦୃଷ୍ଟି ଦେବାକୁ ବିଭାଗୀୟ ଶାସନ ସଚିବ କହିଥିଲେ ।

ଏତଦ୍‌ବ୍ୟତୀତ ସିଂହଦ୍ୱାର ଓ ଗୁଣ୍ଡିଚାଘର ସୂଚନା କେନ୍ଦ୍ରରେ ଅସ୍ଥାୟୀ ଟେଲିଫୋନର ବ୍ୟବସ୍ଥା କରାଯିବ । ପ୍ରତ୍ୟେକ ସୂଚନା କେନ୍ଦ୍ରରେ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଓ ଜଗନ୍ନାଥ ଜଣାଣ ବିକ୍ରୟ କରାଯିବ । ରଥଯାତ୍ରା ଦିନଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ଅସ୍ଥାୟୀ ସୂଚନା କେନ୍ଦ୍ରଗୁଡ଼ିକଠାରେ ପାଲା, ଦାସକାଠିଆ, ଘୋଡ଼ାନାଚ ଓ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ।

ପୂର୍ବ ବର୍ଷ ପରି ଚଳିତ ବର୍ଷ ରଥଯାତ୍ରା ଅବସରରେ ବଡ଼ଶଙ୍ଖଠାରେ ଏହି ବିଭାଗ ତରଫରୁ ଏକ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବ । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ରଥଯାତ୍ରା ସଂପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ । ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ରଥଯାତ୍ରା ସଂକ୍ରାନ୍ତୀୟ ସମ୍ବାଦ ସଂଗ୍ରହ ପାଇଁ ପୁରୀ ନେବାର ବ୍ୟବସ୍ଥା କରାଯାଇଛି । ସଦର ମହକୁମାର ସାମ୍ବାଦିକମାନଙ୍କ ପାଇଁ ଆବଶ୍ୟକ ପାସ୍ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ରଥଯାତ୍ରା ସମ୍ବନ୍ଧୀୟ କାର୍ଯ୍ୟର ସୁପରିଚାଳନା ପାଇଁ ଯୁଗ୍ମ ନିର୍ଦ୍ଦେଶକ (ଫିଲ୍ଡ଼) ଓ ଉପନିର୍ଦ୍ଦେଶକ କେନ୍ଦ୍ରାଞ୍ଚଳ, କଟକ ତଦାରଖ କରିବା ପାଇଁ କୁହାଯାଇଥିଲା ।

ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ପ୍ରସାଦ ମହାନ୍ତିଙ୍କ ସହିତ ଓଡ଼ିଶା ରିଭ୍ୟୁର ସଂପାଦକ ତଥା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଶଶାଙ୍କ ଶେଖର ପଣ୍ଡା ଓ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଲୋକନାଥ ତନ୍ତୀ, ଉପନିର୍ଦ୍ଦେଶକ ଶ୍ରୀ ଏନ୍.ସି. ବେହେରା ଏବଂ ପୁରୀ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଫିସର ଶ୍ରୀ ଦାମୋଦର ପାଢ଼ୀ ଓ ବିଭାଗୀୟ ଅନ୍ୟାନ୍ୟ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଇସ୍ପାତ ଓ ଖଣି ବିଭାଗର ୨୦୦୭-୦୮ ମସିହାର କାର୍ଯ୍ୟାବଳୀ

ଭାରତୀୟ ଅର୍ଥନୀତିର ଉନ୍ମୁକ୍ତତା ଓ ଉଦାରୀକରଣ ନୀତି ଯୋଗୁଁ ବର୍ତ୍ତମାନ ଦେଶର ଖଣିଜ ସମ୍ପଦଗୁଡ଼ିକ ବ୍ୟାପକ ଉତ୍ତୋଳନ ଓ ପ୍ରକ୍ରିୟାକରଣ ଦୃଷ୍ଟିକୋଣରୁ ବିଶ୍ୱବ୍ୟାପୀ ଧ୍ୟାନ ଆକର୍ଷଣ କରିଛି । ଏହି ପରିପ୍ରେକ୍ଷୀରେ ଉକ୍ତ ବହୁଳ ଖଣିଜ ସମ୍ପଦଗୁଡ଼ିକର ଲାଭପ୍ରଦ ବିନିଯୋଗ ନିମନ୍ତେ ଇସ୍ପାତ ଓ ଖଣି ବିଭାଗ ପ୍ରଶାସନିକ ପ୍ରକ୍ରିୟା, ଖଣିଜ ସମ୍ପଦଗୁଡ଼ିକର ଅବୈଧ ଚାଲାଣ, ଖଣି ରାଜସ୍ୱ ଆଦାୟ, ଖଣି ଖନନ ଜନିତ ପରିବେଶ ଅନୁଧ୍ୟାନ, ସମୁଚିତ ପରିବେଶ ନିୟନ୍ତ୍ରଣ ବ୍ୟବସ୍ଥା ଓ ଏ ସମ୍ପର୍କୀୟ ବ୍ୟାପକ ଗବେଷଣା ଆଦି ବିଷୟଗୁଡ଼ିକୁ ଏହାର ଦାୟିତ୍ୱ ଓ ପ୍ରଧାନ କାର୍ଯ୍ୟଧାରା ଭାବରେ ଗ୍ରହଣ କରିଛି । ଏହାଦ୍ୱାରା ଏହି ବିଭାଗ ଦେଶ ତଥା ରାଜ୍ୟରେ ଖଣିଜଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକର ଚାହିଦା/ ଆବଶ୍ୟକତାକୁ ତୁଲାଇ ପାରିବ । ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, ଖଣି ନିର୍ଦ୍ଦେଶାଳୟ, ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓ ଓଡ଼ିଶା ଖଣିନିଗମର ପ୍ରଶାସନିକ ବିଭାଗ ଅଟେ ।

> ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କ ସହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ୪୯ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏଥିପାଇଁ ୧,୯୮,୧୫୦ କୋଟି ଟଙ୍କା ବିନିଯୋଗ କରାଯାଇ ପ୍ରାୟ ୭୫.୬୬ ନିୟୁତ ଟନ ଇସ୍ପାତ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

ଓଡ଼ିଶା ଏକ ବହୁବିଧ ଖଣିଜ ସମ୍ପଦ ବିଶିଷ୍ଟ ରାଜ୍ୟ ଅଟେ । ତେଣୁ ଏହା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । ଏହି ରାଜ୍ୟରେ ବହୁଳ ପରିମାଣରେ ଉଚ୍ଚମାନଯୁକ୍ତ ଲୁହାପଥର, କୋଇଲା, ବକ୍ସାଇଟ, କ୍ରୋମାଇଟ ଏବଂ ଅନ୍ୟାନ୍ୟ ଖଣିଜ ଯଥା- ଚୂନପଥର, ଡୋଲମାଇଟ, ମାଙ୍ଗାନିଜ, ଟିଣପଥର, ନିକେଲ, ଭାନାଡ଼ିୟମ ଓ ବିବିଧ ପ୍ରକାରର ରତ୍ନପଥର, ଗ୍ରାନାଇଟ, ଗ୍ରାଫାଇଟ, ଶୀଶା ଓ ସୁନା ଇତ୍ୟାଦି ମିଳୁଛି । ଉକ୍ତ ଖଣିଜ ପଦାର୍ଥଗୁଡ଼ିକର ଅବସ୍ଥିତି, ରାଜ୍ୟରେ ଇସ୍ପାତ, ସିମେଣ୍ଟ, ଆଲୁମିନା, ଟାଇଟାନିୟମ ଆଦି ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି କରିଛି ।

ଏହି ରାଜ୍ୟର ଭୂଭାଗରେ ସମସ୍ତ ଭୂତାତ୍ତ୍ୱିକ ସମୟ ମାପଦଣ୍ଡ ଅନ୍ତର୍ଗତ ଶିଳାରାଜି ଉପଲବ୍ଧ ଅଟେ । ଏଗୁଡ଼ିକ ପ୍ରାୟ ୩୮୦୦ ନିୟୁତ ବର୍ଷ ପୁରାତନଠାରୁ ଆରମ୍ଭ କରି ଅଦ୍ୟାବଧି ସମୟ ଶ୍ରେଣୀୟ ଅଟନ୍ତି । ବିଗତ ଦଶନ୍ଧି ମଧ୍ୟରେ ଖଣିଜ ସମ୍ପଦଗୁଡ଼ିକର ଉତ୍ତୋଳନ ସମ୍ବନ୍ଧୀୟ ଧାରଣା ଓ ବ୍ୟବହାରିକ ଜ୍ଞାନ କୌଶଳରେ ଉନ୍ନତି, ଭୂତାତ୍ତ୍ୱିକ ସୂଚନା ଓ ଦୂର ସଂବେଦୀ ତଥ୍ୟର ଏକୀକୃତ ତଥ୍ୟ ଓ ସଘନ ଅନୁସନ୍ଧାନ ଆଦି ଦ୍ୱାରା ରାଜ୍ୟରେ ବିଭିନ୍ନ ଉପଯୋଗୀ ଖଣିଜ ପଦାର୍ଥ ଥିବା ଅଞ୍ଚଳ ଚିହ୍ନଟ କରାଯାଇପାରିଛି । ଏତଦ୍‌ଦ୍ୱାରା ରାଜ୍ୟରେ ପୂର୍ବରୁ ଗଚ୍ଛିତ ଥିବା ବିଭିନ୍ନ ଖଣିଜ ପଦାର୍ଥଗୁଡ଼ିକର ଗଚ୍ଛିତ ପରିମାଣର ଅଭିବୃଦ୍ଧି ଘଟିପାରିଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୫,୦୦୦ ବର୍ଗକି.ମି. ଅଞ୍ଚଳରେ ବାୟବୀୟ ଚୁମ୍ବକୀୟ ସର୍ବେକ୍ଷଣ କରାଯାଇ ଭୂତଳ ଜଳ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ପାଇଁ ତଥ୍ୟ ଆହରଣ କରାଯାଇଛି ।

୨. ରାଜ୍ୟରେ ଇସ୍ପାତ ଶିଳ୍ପର ଅଭିବୃଦ୍ଧି

ବର୍ତ୍ତମାନ ଇସ୍ପାତ ଶିଳ୍ପ ପାଇଁ ଉତ୍ସାହ ଇସ୍ପାତର କ୍ରମବର୍ଦ୍ଧିଷ୍ଣୁ ବିଶ୍ୱବ୍ୟାପୀ ଚାହିଦା ମୁଖ୍ୟତଃ ଦାୟୀ ଅଟେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମିଳୁଥିବା ଲୁହାପଥରର ଉଚ୍ଚମାନ ଏବଂ କୋଇଲା, ଡୋଲମାଇଟ, ମାଙ୍ଗାନିଜ, କ୍ରୋମାଇଟ୍ ଆଦିର ବିପୁଳ ଗଚ୍ଛିତ ପରିମାଣ ରାଜ୍ୟରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ଓ ରାଜ୍ୟର ଖଣିଜ ସମ୍ପଦଗୁଡ଼ିକର ମୂଲ୍ୟଭିତ୍ତିକ ଅଭିବୃଦ୍ଧି ପାଇଁ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଶିଳ୍ପୋଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଛି ।

ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କ ସହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ୪୯ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏଥିପାଇଁ ୧,୯୮,୧୫୦ କୋଟି ଟଙ୍କା ବିନିଯୋଗ କରାଯାଇ ପ୍ରାୟ ୭୫.୬୬ ନିୟୁତ ଟନ ଇସ୍ପାତ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହା ମଧ୍ୟରେ ୪ ମିଲିୟନ ଟନ ଉତ୍ପାଦନକ୍ଷମ ଏକ ପେଲେଟାଇଜେସନ କାରଖାନା ଅନ୍ତର୍ଭୁକ୍ତ ଅଟେ । ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ୪୯ଟି ଶିଳ୍ପ ମଧ୍ୟରୁ ୨୬ଟି ଶିଳ୍ପାନୁଷ୍ଠାନ କ୍ଷେତ୍ରରେ ଆଂଶିକ ଉତ୍ପାଦନ ଆରମ୍ଭ ହୋଇଛି । ଏଗୁଡ଼ିକ ୩.୩୨ ଏମ୍.ଟି.ପି.ଏ. ଇସ୍ପାତ, ୩,୯୬ ଏମ୍.ଟି.ପି.ଏ. ସ୍ପଞ୍ଜ ଲୁହା, ୦.୪୫ ଏମ୍.ଟି.ପି.ଏ.

ପିଗ୍ ଲୁହା ଏବଂ ୦.୧୫ ଏମ୍.ଟି.ପି.ଏ. ଫେରୋକ୍ରୋମ କ୍ଷମତା ଯୁକ୍ତ ଅଟନ୍ତି । ଏହି ଶିଳ୍ପାନୁଷ୍ଠାନଗୁଡ଼ିକ ୧୨,୩୪୫ ଜଣଙ୍କୁ ପ୍ରତ୍ୟକ୍ଷ ଓ ୨୫,୩୫୯ ଜଣଙ୍କୁ ପରୋକ୍ଷ ନିଯୁକ୍ତିର ସୁଯୋଗ ଦେଇଛନ୍ତି । ଅଦ୍ୟାବଧି ଏହି ଶିଳ୍ପ ପ୍ରତିଷ୍ଠାନ ପାଇଁ ବିଭିନ୍ନ ପ୍ରୋତ୍ସାହନକାରୀଙ୍କ ଦ୍ୱାରା ୧୬,୫୬୦ କୋଟି ଟଙ୍କା ବିନିଯୋଗ କରାଯାଇଛି ।

ସାରା ଭାରତ ମଧ୍ୟରେ ଓଡ଼ିଶା ରାଜ୍ୟକୁ ଦେଶର ସର୍ବବୃହତ୍ ବୈଦେଶିକ ପୁଞ୍ଜି ବିନିଯୋଗର ସୁଯୋଗ ଆସିଛି । ବିଶ୍ୱର ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା, ଦକ୍ଷିଣ କୋରିଆର ପୋସ୍କୋ ଓଡ଼ିଶାରେ ୧୨ ଏମ୍.ଟି.ପି.ଏ. କ୍ଷମତାଯୁକ୍ତ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଆଗ୍ରହୀ ଅଟେ । ଏହା ପ୍ରାୟ ୧୨ ବିଲିୟନ ଆମେରିକୀୟ ଡଲାର ବିନିଯୋଗରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ ।

ଇସ୍ପାତ ଓ ଖଣି ବିଭାଗ ଏହିସବୁ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ସହଯୋଗୀ ବିଭାଗ ଓ ସଂସ୍ଥାମାନଙ୍କ ସହ ସାମୟିକ ଆଲୋଚନା ଓ ଅନୁଶୀଳନ ମାଧ୍ୟମରେ ସର୍ବଦା ଚେଷ୍ଟିତ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ।

ଏତଦ୍‌ବ୍ୟତୀତ ୨୦୦୨ ମସିହାରୁ ଇପିକଲ, ଏମ୍.ଏମ୍.ଟି.ସି. ଓ ମେକନର ମିଳିତ ଉଦ୍ୟମରେ ପ୍ରତିଷ୍ଠିତ ନୀଳାଚଳ ଇସ୍ପାତ ନିଗମ ୧.୧ ମିଲିୟନ ଟନ କ୍ଷମତାଯୁକ୍ତ କାରଖାନାରୁ ବ୍ୟବସାୟିକ ଭିତ୍ତିରେ ଲୌହପିଣ୍ଡ ଉତ୍ପାଦନ ଆରମ୍ଭ କରିଛି । ଏହା ମଧ୍ୟରେ ୨୦୦୪ ମସିହା, ମାର୍ଚ୍ଚ ମାସରୁ ଏହି କମ୍ପାନୀ ଏକ ସିଣ୍ଟର ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଇଛି । ଏହାଦ୍ୱାରା ଆବଶ୍ୟକ ହେଉଥିବା କଞ୍ଚାମାଲ ପାଇଁ ଖର୍ଚ୍ଚ ନିୟନ୍ତ୍ରଣ ଓ ବ୍ଲାଷ୍ଟଫର୍ଣ୍ଣେସର ଉତ୍ପାଦନ କ୍ଷମତା ବୃଦ୍ଧି ଘଟିପାରିବ ।

୩. ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଇଥିବା ଭୂତାତ୍ତ୍ୱିକ ଅନୁସନ୍ଧାନ କାର୍ଯ୍ୟାବଳୀ

ରାଜ୍ୟ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଏହାର ମୁଖ୍ୟ କାର୍ଯ୍ୟାଳୟ ଓ ୬ଟି ମଣ୍ଡଳୀୟ କାର୍ଯ୍ୟାଳୟ ମାଧ୍ୟମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଖଣିଜ ପଦାର୍ଥ ପାଇଁ ଭୂତାତ୍ତ୍ୱିକ ଅନୁସନ୍ଧାନ କାର୍ଯ୍ୟ କରିଥାଏ । ଏହାର ମଣ୍ଡଳୀୟ କାର୍ଯ୍ୟାଳୟଗୁଡ଼ିକ ବ୍ରହ୍ମପୁର, ବଲାଙ୍ଗିର, ସମ୍ବଲପୁର, କେନ୍ଦୁଝର, କୋରାପୁଟ ଓ ଢେଙ୍କାନାଳଠାରେ ଅବସ୍ଥିତ । ବାର୍ଷିକ ସ୍ତରରେ ଅନୁଷ୍ଠିତ ହେଉଥିବା ରାଜ୍ୟ ଭୂତାତ୍ତ୍ୱିକ କାର୍ଯ୍ୟକାରୀ ବୋର୍ଡ଼ ସଭାରେ ନିଆଯାଉଥିବା ନିଷ୍ପତ୍ତି ଅନୁଯାୟୀ ଏହି ଅନୁସନ୍ଧାନ କାର୍ଯ୍ୟ କରାଯାଏ ।

ଅତୀତରେ ଏହି ନିର୍ଦ୍ଦେଶାଳୟ କୋଇଲା, ଲୁହାପଥର, ବକ୍ସାଇଟ, ଚୂନପଥର, କ୍ରୋମାଇଟ, ମାଙ୍ଗାନିଜ, ରତ୍ନପଥର, ହୀରା ଓ ଅନ୍ୟାନ୍ୟ ଖଣିଜ ପଦାର୍ଥମାନଙ୍କ ପାଇଁ ସଫଳତାର ସହ ଭୂତାତ୍ତ୍ୱିକ ଅନୁସନ୍ଧାନ କାର୍ଯ୍ୟ କରିଛି ।

ବିଗତ ବର୍ଷରେ ବିଭିନ୍ନ ମୁଖ୍ୟ ସଫଳତାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ଧୋଲତା ପାହାଡ଼ରେ ପ୍ରାୟ ୧.୯ ମିଲିୟନ ଟନ ଲୁହାପଥର ଗଚ୍ଛିତ ଥିବାର ଆକଳନ କରାଯାଇଛି । ତାଳଚେର କୋଇଲା କ୍ଷେତ୍ରସ୍ଥିତ ପଦ୍ମା ଅଞ୍ଚଳରେ ପ୍ରାୟ ୬୬ ମିଲିୟନ ଟନ କୋଇଲା ଗଚ୍ଛିତ ଥିବାର ପ୍ରମାଣିତ କରାଯାଇଛି । ଏତଦ୍‌ବ୍ୟତୀତ ଏହି କୋଇଲା କ୍ଷେତ୍ରର ଜଗନ୍ନାଥ (ପଶ୍ଚିମ) ଅଞ୍ଚଳରେ ସର୍ବେକ୍ଷଣ ଓ ଡ୍ରିଲିଂ ମାଧ୍ୟମରେ, ଏଠାରେ କରାଯିବାକୁ ଥିବା ଭୂତଳ ଖଣି ପାଇଁ ବିଭିନ୍ନ ବୈଷୟିକ ତଥ୍ୟ ଆହରଣ କରାଯାଇଛି ।

ପୁରୀ ଉପକୂଳ ଅନ୍ତର୍ଗତ ଉଦୟଗିରି ଅଞ୍ଚଳରେ ଥିବା ସାମୁଦ୍ରିକ ବାଲୁକା ରାଶିରେ ମିଳୁଥିବା ଗୁରୁ ଖଣିଜ ଯଥା- ମୋନାଜାଇଟ, ରୁଟାଇଲ, ଇଲେମାନାଇଟ ଆଦିର ଆକଳନ କରାଯାଇ ପ୍ରାୟ ୧ ମିଲିୟନ ଟନ ଗଚ୍ଛିତ ପରିମାଣ ପ୍ରମାଣିତ କରାଯାଇଛି । ସେହିପରି କୋରାପୁଟ ଜିଲ୍ଲାସ୍ଥିତ ରାମଗଡ଼ ଅଞ୍ଚଳର ତଡ଼ାପାଣି ଉପତ୍ୟକାରେ ପ୍ରାୟ ୧୮ ମିଲିୟନ ଟନ ବକ୍ସାଇଟ ଥିବାର ସୂଚନା ଆହରଣ କରାଯାଇଛି ।

ଏହାବ୍ୟତୀତ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଧରମବନ୍ଧା ଅଞ୍ଚଳରେ ହୀରାର ପ୍ରାଥମିକ ଉତ୍ସ ଅନୁସନ୍ଧାନ କାର୍ଯ୍ୟ କରାଯାଇ କେତେଗୁଡ଼ିଏ ସକରାତ୍ମକ ଅଞ୍ଚଳ ଚିହ୍ନଟ କରାଯାଇଛି । ବର୍ତ୍ତମାନ ଏହି ଅଞ୍ଚଳରେ ଡ୍ରିଲିଂ ଦ୍ୱାରା ଏହି ଉତ୍ସଗୁଡ଼ିକର ଗଭୀରତା, ଆୟତନ ଓ ଗୁଣାତ୍ମକତା ଆଦିର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସେହିପରି ରତ୍ନପଥର ପାଇଁ ଅନୁସନ୍ଧାନ କରାଯାଇ କଳାହାଣ୍ଡି ଜିଲ୍ଲାର ଶଗଡ଼ା ଅଞ୍ଚଳରେ ତିନିଗୋଟି ଆଇଓଲାଇଟ୍ ମିଳିଥିବା ସ୍ଥାନ ଚିହ୍ନଟ କରାଯାଇଛି ।

୪. ଖଣିଜ କ୍ଷେତ୍ରର ଉନ୍ନତିକରଣ

୨୦୦୭-୦୮ ବର୍ଷାବଧି ମଧ୍ୟରେ (୨୦୦୭ ଡିସେମ୍ବର ପର୍ଯ୍ୟନ୍ତ) ୧୦ ଗୋଟି ଖଣି ପଟ୍ଟା ଓ ୪ଟି ସର୍ବେକ୍ଷଣ (ପ୍ରସ୍ପେକ୍ଟିଙ୍ଗ) ଲାଇସେନ୍ସ ମୁଖ୍ୟ ଖଣିଜ ପଦାର୍ଥମାନଙ୍କ ପାଇଁ ଅନୁମୋଦନ କରାଯାଇଛି । ଏଗୁଡ଼ିକ ଯଥାକ୍ରମେ ୫୮୮.୦୮୫ ହେକ୍ଟର ଓ ୪୨୦.୭୯୧ ହେକ୍ଟର ପରିମିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ଅଟେ । ଏହାବ୍ୟତୀତ ୨ ଗୋଟି ରେକନାଇସେନ୍ସ ପରମିଟ (ହୀରା) ମୂଲ୍ୟବାନ ପଥର, ଶୀଶା, ଦସ୍ତା, ରୂପା, ତମ୍ବା, ନିକେଲ ଓ ସମ୍ମିଶ୍ରିତ ଖଣିଜମାନଙ୍କ ପାଇଁ ଗ୍ରାଣ୍ଟ କରାଯାଇଛି । ଏହା ୩୫୩୩.୬ ବର୍ଗକି.ମି. ପରିମିତ ଅଞ୍ଚଳ ଅଟେ ।

ଏତଦ୍‌ବ୍ୟତୀତ ୨ ଗୋଟି ଖଣି ପଟ୍ଟା ଓ ୧୫ ଗୋଟି ଅନୁସନ୍ଧାନ ଲାଇସେନ୍ସ ଡେକୋରେଟିଭ ପଥର ପାଇଁ ଯଥାକ୍ରମେ ୮.୪୮୮ ହେକ୍ଟର ଓ ୧୦୧.୫୮୭ ହେକ୍ଟର ପରିମିତ ଅଞ୍ଚଳରେ ଦିଆଯାଇଛି । ନିଯୁକ୍ତି ଓ ରାଜସ୍ୱ ସୃଷ୍ଟି ପାଇଁ ଖଣିଜଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକ ଖଣି ପଟ୍ଟା ପ୍ରଦାନ ପାଇଁ ବିଶେଷ ଦୃଷ୍ଟି ଦିଆଯାଇଛି ।

ଚଳିତ ବର୍ଷ (ଜାନୁଆରୀ ୨୦୦୮ ପର୍ଯ୍ୟନ୍ତ) ଖଣି ସୂତ୍ରରୁ ୮୨୮.୨୩ କୋଟି ଟଙ୍କା ରାଜସ୍ୱ ଆକାରରେ ଆଦାୟ

କରାଯାଇପାରିଛି । ଏହା ୨୦୦୬-୦୭ ମସିହାରେ ଏହି ସମୟ ମଧ୍ୟରେ ଆଦାୟ ହୋଇଥିବା ୭୨୫.୬୬ କୋଟି ଟଙ୍କାଠାରୁ ୧୦୨.୫୭ କୋଟି ଟଙ୍କା ଅଧିକ ଅଟେ ।

ଖଣିଜ ପଦାର୍ଥଗୁଡ଼ିକର ଚୋରି, ଚୋରା ଚାଲାଣ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟର ନିରୋଧ ପାଇଁ ଉଦ୍ଦିଷ୍ଟ ନିୟମକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବାପାଇଁ ସମୁଚିତ ଓ ପ୍ରଭାବଶାଳୀ ପଦକ୍ଷେପମାନ ଗ୍ରହଣ କରାଯାଇଛି । ଏଗୁଡ଼ିକ ଅବୈଧ ଖଣି କାର୍ଯ୍ୟ ଓ ଖଣିଜ ବ୍ୟବସାୟ ଦ୍ୱାରା ହେଉଥିବା ରାଜସ୍ୱ ହାନିକୁ ରୋକିବା ପାଇଁ ଉଦ୍ଦିଷ୍ଟ ।

ଚଳିତ ବର୍ଷାଧି ମଧ୍ୟରେ (ନଭେମ୍ବର ୨୦୦୭ ପର୍ଯ୍ୟନ୍ତ) ୪୮୧ଟି ଅବୈଧ ଉତ୍ତୋଳନ, ମହଜୁଦ ଓ ଚାଲାଣ (କୋଇଲା, ଲୁହାପଥର, ମାଙ୍ଗାନିଜ ପଥର, କ୍ରୋମାଇଟ, ଫାୟାରକ୍ଲେ, କ୍ୱାର୍ଜ) ସମ୍ପର୍କିତ ଘଟଣା ଯୋଗୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଗୁଡ଼ିକର ପରିମାଣ ୩୧,୩୦୨.୯୬୦ ମେଟ୍ରିକ ଟନ୍ ଓ ଆନୁମାନିକ ମୂଲ୍ୟ ୨୮୮.୯୪ ଲକ୍ଷ ଟଙ୍କା ଅଟେ । ଏହି କେଶ୍‌ଗୁଡ଼ିକ ଯୋଗୁଁ ୨୪୩ଟି ଯାନ ଜବତ କରାଯାଇଛି ଓ ୨୧୪.୨୮ ଲକ୍ଷ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଛି ।

ଏପ୍ରିଲ ୨୦୦୭ଠାରୁ ଡିସେମ୍ବର, ୨୦୦୭ ସମୟାବଧି ମଧ୍ୟରେ ୨୭,୩୫୮ଟି ଖଣିଜ ନମୁନାର ରାସାୟନିକ ବିଶ୍ଳେଷଣ, ୨୭,୯୧୭ଟି ଉପାଦାନ ପାଇଁ ବିଭାଗୀୟ ବିଶ୍ଳେଷଣାଗାର ଦ୍ୱାରା କରାଯାଇଛି । ଏହି କାର୍ଯ୍ୟ ଦ୍ୱାରା ୨୫.୦୧ ଲକ୍ଷ ଟଙ୍କା ବିଶ୍ଳେଷଣ ଦେୟ ବାବଦକୁ ଆଦାୟ କରାଯାଇଛି ।

୫. ଖଣି ରାଜସ୍ୱ ଆଦାୟ

ଓଡ଼ିଶା ପରି ଏକ ରାଜ୍ୟ ପାଇଁ ରାଜସ୍ୱର ଏକ ମୁଖ୍ୟସ୍ରୋତ ହେଉଛି ଖଣି ରାଜସ୍ୱ, ଏହା ବର୍ଷାନୁକ୍ରମେ ଉତ୍ତରୋତ୍ତର ଭାବେ ବୃଦ୍ଧି ପାଇଛି । ବିଗତ ୫ ବର୍ଷ ମଧ୍ୟରେ ଆଦାୟ ହୋଇଥିବା ଖଣି ରାଜସ୍ୱର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ବର୍ଷ	ଧାର୍ଯ୍ୟଲକ୍ଷ୍ୟ (କୋଟି ଟଙ୍କାରେ)	ଆଦାୟ ହୋଇଥିବା ରାଜସ୍ୱ ପରିମାଣ
୨୦୦୨-୦୩	୪୨୨.୦୦	୪୪୩.୫୪
୨୦୦୩-୦୪	୫୩୦.୦୦	୫୫୦.୭୬
୨୦୦୪-୦୫	୬୧୮.୭୦	୬୭୦.୫୧
୨୦୦୫-୦୬	୮୬୦.୦୦	୮୦୫.୦୦
୨୦୦୬-୦୭	୯୫୦.୦୦	୯୩୬.୫୫
୨୦୦୭-୦୮	୧୦୪୫.୦୦	୮୨୮.୨୩ (ଜାନୁଆରୀ ୨୦୦୮ ପର୍ଯ୍ୟନ୍ତ)

୬. ଓଡ଼ିଶା ଖଣି ନିଗମ

ବିଗତ ୫୧ ବର୍ଷ ମଧ୍ୟରେ ଓଡ଼ିଶା ଖଣି ନିଗମର ସଫଳତା ଏହି ନିଗମ ପାଇଁ ସ୍ମରଣୀୟ ଅଟେ । ଓଡ଼ିଶା ଖଣି ନିଗମକୁ ଏକ ବିଶ୍ୱସ୍ତରୀୟ ଖଣି ସଂସ୍ଥା ଭାବରେ ପରିଗଣିତ କରିବା ପାଇଁ ଅନେକ ନୂତନ ପଦକ୍ଷେପମାନ ଗ୍ରହଣ କରାଯାଇଛି । ବର୍ତ୍ତମାନ ଏହା ଦେଶର ଏକ ଅଗ୍ରଗଣ୍ୟ ଖଣି ସଂସ୍ଥା ଭାବରେ ପରିଗଣିତ ହେଉଛି । ଏହା ୧୦୮୧ କୋଟି ଟଙ୍କା ପୁଞ୍ଜି ବିଶିଷ୍ଟ ଦେଶର ସର୍ବବୃହତ୍ ପବ୍ଲିକ ସେକ୍ଟର ଅଣ୍ଡର ଟେକିଙ୍ଗ ଖଣି ସଂସ୍ଥା ଅଟେ ଓ ତିନି ତାରକା ରପ୍ତାନୀକାରୀ ସଂସ୍ଥାର ମର୍ଯ୍ୟାଦାଯୁକ୍ତ ଅଟେ ।

ଉତ୍ପାଦନ

ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରକୁ ଦୃଷ୍ଟିରେ ରଖି ଓଡ଼ିଶା ଖଣି ନିଗମ ତାର ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ସତତ ଚେଷ୍ଟିତ ।

ବିଗତ ୭ବର୍ଷ ମଧ୍ୟରେ ଲୁହାପଥର ଉତ୍ପାଦନ ସମ୍ବନ୍ଧୀୟ ତଥ୍ୟ

କ୍ର.ସଂ.	ବର୍ଷ	ଉତ୍ପାଦନ ପରିମାଣ (ଲକ୍ଷ ଟନରେ)
୧.	୨୦୦୦-୦୧	୮.୪୭
୨.	୨୦୦୧-୦୨	୧୧.୪୪
୩.	୨୦୦୨-୦୩	୧୯.୩୮
୪.	୨୦୦୩-୦୪	୨୩.୯୨
୫.	୨୦୦୪-୦୫	୩୦.୬୨
୬.	୨୦୦୫-୦୬	୩୪.୨
୭.	୨୦୦୬-୦୭	୪୪.୩

ବିଗତ ୬ ବର୍ଷ ମଧ୍ୟରେ କ୍ରୋମାଇଟ ପଥର ଉତ୍ପାଦନ ସମ୍ବନ୍ଧୀୟ ତଥ୍ୟ

୧.	୨୦୦୧-୦୨	୧୧.୧୯
୨.	୨୦୦୨-୦୩	୯.୪୧
୩.	୨୦୦୩-୦୪	୯.୪
୪.	୨୦୦୪-୦୫	୮.୬୧
୫.	୨୦୦୫-୦୬	୮.୨୬
୬.	୨୦୦୬-୦୭	୧୪.୨୧

୨୦୦୬-୦୭ ବର୍ଷର ଉତ୍ପାଦନ ପରିମାଣ ବିଗତ ବର୍ଷମାନଙ୍କ ତୁଳନାରେ ଅଧିକ ଅଟେ ।

ଲୁହାପଥର, କ୍ରୋମାଇଟ ପଥର ଓ କ୍ରୋମ କନ୍‌ସେଣ୍ଟ୍ରେଟର ୨୦୦୬-୦୭ ଓ ୨୦୦୫-୦୬ ବର୍ଷ ମଧ୍ୟରେ ଉତ୍ପାଦନର ତୁଳନାତ୍ମକ ତଥ୍ୟ

୨୦୦୫-୦୬ (ଲକ୍ଷ ଟନରେ)		୨୦୦୬-୦୭ (ଲକ୍ଷ ଟନରେ)	
ଲୁହା	**କ୍ରୋମ ଓ କ୍ରୋମାଇଟ କନ୍‌ସେନ୍‌ଣ୍ଟ୍ରେଟ**	**ଲୁହା**	**କ୍ରୋମ ଓ କ୍ରୋମ କନ୍‌ସେନ୍‌ଣ୍ଟ୍ରେଟ**
୩୪.୨	୮.୨୬	୪୪.୩	୧୪.୨୧

ଚଳିତ ବର୍ଷାଧି ମଧ୍ୟରେ (ନଭେମ୍ବର ୨୦୦୭ ପର୍ଯ୍ୟନ୍ତ) ଓଡ଼ିଶା ଖଣି ନିଗମ ଉତ୍ପାଦନ କରିଥିବା ବିଭିନ୍ନ ଖଣିଜ ପଦାର୍ଥର ହିସାବ ନିମ୍ନରେପ୍ରଦାନ କରାଗଲା ।

	(ମେଟିକ୍ ଟନ୍)
ଲୁହାପଥର	୨୩,୨୬,୦୪୨
କ୍ରୋମ ପଥର	୫,୫୮,୮୯୮
କ୍ରୋମ ପଥର ଓ କ୍ରୋମ କନ୍‌ସେଣ୍ଟ୍ରେଟ	୭୨,୪୫୨

ବିଗତ ୩ ବର୍ଷ ମଧ୍ୟରେ ବିକ୍ରୟ କରାଯାଇଥିବା ଖଣିଜ ପଦାର୍ଥ (ଲକ୍ଷ ଟନରେ)

ଖଣିଜ ପଦାର୍ଥ	**୨୦୦୪-୦୫**	**୨୦୦୫-୦୬**	**୨୦୦୬-୦୭**	**୨୦୦୭-୦୮**
ଲୁହାପଥର (ଘରୋଇ)	୨୫.୩୮	୨୮.୯୧	୩୧.୪୫	୨୨.୪୪
ଲୁହାପଥର (ରପ୍ତାନୀ)	୫.୦୦	୩.୦୬	୩.୭୪	୦.୮୭
କ୍ରୋମ (ଘରୋଇ)	୩.୮୩	୨.୧୮	୬.୧୫	୪.୬୯
କ୍ରୋମ (ରପ୍ତାନୀ)	୧.୬୬	୧.୫୪	୧.୯୭	୦..୭୮
ମାଙ୍ଗାନିଜ (ଘରୋଇ)	୦.୭୪	୦.୨୧	୧.୦୩	୧.୧୧
କ୍ରୋମ କନ୍‌ସେଣ୍ଟ୍ରେଟ (ରପ୍ତାନୀ)	୧.୭୧	୧.୮୨	୧.୭୫	୦.୩୭
ଚୁନ ପଥର (ଘରୋଇ)	୦.୦୧	୦.୦୪	୦.୦୦୩	୦.୦୨୩
ସର୍ବମୋଟ ପରିମାଣ	**୩୮.୩୩**	**୩୭.୭୬**	**୪୬.୦୯୩**	**୩୦.୨୮୩**

ଇଲେକ୍‌ଟ୍ରୋନିକ୍ ପ୍ରଶାସନ

ଓଡ଼ିଶା ଖଣି ନିଗମ ସୂଚନା ପ୍ରଯୁକ୍ତିକୁ ଏହାର ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଛି । ଏଣ୍ଟରପ୍ରାଇଜର୍ସ ରିସୋର୍ସ ପ୍ଲାନିଂର ପ୍ରଚଳନ ମାଧ୍ୟମରେ ଏହି ନିଗମ ତାହାର କାର୍ଯ୍ୟ ପ୍ରଣାଳୀରେ ବହୁବିଧ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇପାରିଛି । ଏହାଦ୍ୱାରା ସମୁଚିତ ଓ ସମୟୋଚିତ ପଦକ୍ଷେପ ପାଇଁ ବିଭିନ୍ନ ବିଭାଗର ତଥ୍ୟ ସମୂହର ଏକତ୍ରୀକରଣ ସମ୍ଭବ ହୋଇପାରିଛି । ଏହି ନିଗମ ଏକ ପ୍ରଥମ ଖଣି କମ୍ପାନୀ ଯିଏକି ଏହାର ବ୍ୟବସାୟିକୁ ସ୍ୟାପ୍ ମାଧ୍ୟମରେ ପରିଚାଳିତ କରୁଛି ।

କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଷୟ ଯଥା- ଅର୍ଥ ଏବଂ ନିୟନ୍ତ୍ରଣ, ବସ୍ତୁ ପରିଚାଳନା, ବିକ୍ରୟ ଏବଂ ବିତରଣ, ବିକ୍ରୟ ପ୍ରକ୍ରିୟା ଯୋଜନା, ବିକ୍ରୟ ଓ କ୍ରୟରେ ଗୁଣବତ୍ତାର ପରିଚାଳନା ଇତ୍ୟାଦିକୁ ବିଚାରକୁ ନେଇ ଓଡ଼ିଶା ଖଣି ନିଗମ ୨୦୦୪ ମସିହା ସେପ୍ଟେମ୍ବର ୮ ତାରିଖଠାରୁ ଇ.ଆର୍.ପି. କାର୍ଯ୍ୟକ୍ରମ ଲାଗୁ କରିଛି । ପ୍ରଥମେ ଏହା ମୁଖ୍ୟ ଓ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରେ ସୀମିତ ଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବିଭିନ୍ନ ଖଣିଗୁଡ଼ିକୁ ପରିବର୍ଦ୍ଧିତ କରାଯାଇଛି ।

ଏହି କାର୍ଯ୍ୟକ୍ରମ ଲାଗୁ ହେବା ଫଳରେ ଜିନିଷ କିଣା କାର୍ଯ୍ୟ ଶୃଙ୍ଖଳିତ ହୋଇପାରିଛି । ଏହାଦ୍ୱାରା ବିକ୍ରି ପାଇଁ ଲାଗୁ ଥିବା ସମୟକୁ କମ୍ କରାଯାଇପାରିଛି ଓ ବିଭିନ୍ନ ଖଣିମାନଙ୍କରେ ମହଜୁଦ ଥିବା ଖଣିଜ ପରିମାଣ ସମ୍ପର୍କୀୟ ସୂଚନା ଅବିଳମ୍ବେ ଉପଲବ୍ଧ ହୋଇପାରୁଛି ଏତଦ୍‌ବ୍ୟତୀତ ଆର୍ଥିକ ଯୋଜନା ଓ ବ୍ୟାଙ୍କ୍ ଜମା ଆଦି କାର୍ଯ୍ୟ ଅନ୍‌ଲାଇନ୍ ଜରିଆରେ ତୁରନ୍ତ ସମ୍ଭବ ହେଉଛି । ପରବର୍ତ୍ତୀ ସମୟରେ ମାନବ ସମ୍ବଳ ମଡ୍ୟୁଲ ଅନ୍ତର୍ଗତ କର୍ମଚାରୀ ସ୍ୱୟଂସେବା, କର୍ମଚାରୀ ଉନ୍ନୟନ ଓ କାର୍ଯ୍ୟ ପ୍ରବାହ ଆଦି ବିଷୟ କାର୍ଯ୍ୟକାରୀ କରାଯାଉଛି । ଏହା ଫଳରେ ଦୂରଦୁରାନ୍ତ ଖଣିମାନଙ୍କରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଛୁଟି, ଋଣ ମଞ୍ଜୁରି ଓ ସେମାନଙ୍କର ବେତନ, ଋଣ ଓ ଆୟକର ସମ୍ବନ୍ଧୀୟ ବିଷୟରେ ସୂଚନା ପାଇ ପାରୁଛନ୍ତି ।

ଓଡ଼ିଶା ଖଣି ନିଗମ ମୁଖ୍ୟ ଦପ୍ତରରେ ଏକ ବାୟୋମେଟ୍ରିକ୍ ଭିତ୍ତିକ ଉପସ୍ଥାନ ବ୍ୟବସ୍ଥା ଲାଗୁ କରାଯାଇଛି । ଏହାଦ୍ୱାରା କର୍ମଚାରୀମାନଙ୍କର ସମୟାନୁବର୍ତ୍ତୀ ଉପସ୍ଥାନ ଅଙ୍ଗୁଳି ଛାପ ମାଧ୍ୟମରେ ନିଆଯାଇ ତାହାକୁ ଇ.ଆର୍.ପି. ବେତନ ପୁସ୍ତିକାକୁ ପ୍ରେରଣ କରାଯାଉଛି ଏବଂ ସଠିକ୍ ବେତନ ପ୍ରାପ୍ତି ପାଇଁ ହିସାବ କରାଯାଉଛି ।

କର୍ପୋରେଟ ଦାୟିତ୍ୱବୋଧ

ଓଡ଼ିଶା ଖଣି ନିଗମ ବିଗତ ତିନି ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ୧୧ କୋଟି ଟଙ୍କା ପ୍ରଦାନ କରିଛି ।

୨୦୦୪-୦୫ :	୧.୦୦ କୋଟି ଟଙ୍କା (ସୁନାମୀ ପ୍ରଭାବିତମାନଙ୍କ ପାଇଁ)
୨୦୦୫-୦୬ :	୫.୦୦ କୋଟି ଟଙ୍କା
୨୦୦୬-୦୭ :	୫.୦୦ କୋଟି ଟଙ୍କା
ମୋଟ :	**୧୧.୦୦ କୋଟି ଟଙ୍କା**

ଓଡ଼ିଶା ଖଣି ନିଗମ ବିଗତ ତିନି ବର୍ଷ ମଧ୍ୟରେ ସରକାର ଓ ଜିଲ୍ଲାଧୀଷମାନଙ୍କୁ ପାରିପାର୍ଶ୍ୱିକ ପାଣ୍ଠିକୁ ଦେୟ ବାବଦରେ ୩୨.୦୭ କୋଟି ଟଙ୍କା ପ୍ରଦାନ କରିଛି ।

୨୦୦୪-୦୫ :	୩୫,୦୦,୦୦୦.୦୦ ଟଙ୍କା
୨୦୦୫-୦୬ :	୧୮,୮୨,୫୭,୯୭୬.୦୦ ଟଙ୍କା
୨୦୦୬-୦୭ :	୧୨,୯୦,୪୦,୫୫୦.୦୦ ଟଙ୍କା
ମୋଟ :	**୩୨,୦୭,୯୮,୫୨୭.୦୦**

ଏତଦ୍‌ବ୍ୟତୀତ ଓଡ଼ିଶା ଖଣି ନିଗମ ଦ୍ୱାରା ସରକାରଙ୍କୁ ଦିଆଯାଇଥିବା ଅନ୍ୟାନ୍ୟ ଦେୟଗୁଡ଼ିକ ନିମ୍ନରେ ଦର୍ଶାଯାଇଛି ।

୨୦୦୫-୦୬	କଟକ-ପାରାଦୀପ ରାସ୍ତା ନିର୍ମାଣ ପାଇଁ	୨୦ କୋଟି ଟଙ୍କା
୨୦୦୬-୦୭	କଳିଙ୍ଗ ଷ୍ଟାଡ଼ିୟମଠାରେ ରାଜ୍ୟ କ୍ରୀଡ଼ା ପ୍ରତିଷ୍ଠାନ ନିର୍ମାଣ ପାଇଁ	୪.୨୩ କୋଟି ଟଙ୍କା
	କେନ୍ଦୁଝରଠାରେ ଓଡ଼ିଶା ମାଇନିଂ କଲେଜ ନିର୍ମାଣ ପାଇଁ	୨.୦୦ କୋଟି ଟଙ୍କା
	ଓଡ଼ିଶା ପରିବେଶ ପରିଚାଳନା ପାଣ୍ଠି ପାଇଁ	୫.୦୦ କୋଟି ଟଙ୍କା
	ମୋଟ	**୩୧.୨୩ କୋଟି ଟଙ୍କା**

ସମୁଦାୟ ଆୟ, ଲାଭ ଓ ବିଗତ ୪ ବର୍ଷ ମଧ୍ୟରେ ସରକାରଙ୍କୁ ପୈଠ କରାଯାଇଥିବା ଲାଭାଂଶର ହିସାବ (ନିମ୍ନରେ ପ୍ରଦତ୍ତ କରାଗଲା) ।

ପାୱାର ପ୍ଲାଣ୍ଟ

ଓଡ଼ିଶା ଥର୍ମାଲ ପାୱାର କର୍ପୋରେସନ ଲିମିଟେଡ଼ ନାମକ ଏକ କମ୍ପାନୀ ଗତ ୨୯.୦୧.୦୭ ତାରିଖରେ ଏହି ନିଗମର ଅନ୍ତର୍ଭୁକ୍ତ କରାଗଲା । ଏହା ୧୦୦୦ ମେଗାୱାଟ ଶକ୍ତି ଉତ୍ପାଦନ (ପ୍ରଥମ ସ୍ତର) ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ସହ ଏକ ଯୌଥ ଉଦ୍ୟମ ଅଟେ । ଏହି କମ୍ପାନୀର ପ୍ରଥମ ବୋର୍ଡ଼ ମିଟିଂ ୧୯,୦୨.୦୭ରେ ଅନୁଷ୍ଠିତ ହୋଇଥିଲା । ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ମୁଖ୍ୟ ଅଧିକାରୀମାନଙ୍କ ନିଯୁକ୍ତି ପାଇଁ ପଦକ୍ଷେପମାନ ଗ୍ରହଣ କରାଯାଇଛି । ଏହି କାରଖାନା ପ୍ରତିଷ୍ଠା ନିମନ୍ତେ ସ୍ଥାନ ନିରୂପଣ ଓ କୋଇଲା ଖଣି ଆବଣ୍ଟନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ ।

ଆଇ.ଏସ୍.ଓ. ପ୍ରମାଣପତ୍ର

ଆନ୍ତର୍ଜାତୀୟମାନ ସହ ଖାପଖୁଆଇ ଓଡ଼ିଶା ଖଣି ନିଗମ ତାହାର ଦଇତାରୀ ଲୁହାପଥର ପ୍ରୋଜେକ୍ଟ, କାଳିଆପଣି ସ୍ଥିତ କ୍ରୋମ ପଥର ଉନ୍ନତିକରଣ କାରଖାନା, ପାରାଦ୍ୱୀପଠାରେ ଜାହାଜ ପରିବହନ କାର୍ଯ୍ୟାଳୟ ଓ କାଳିଆପାଣି, ଦକ୍ଷିଣ କାଳିଆପାଣି, ସୁକୁରାଙ୍ଗୀ ଆଦି ଅଞ୍ଚଳରେ ଚାଲୁଥିବା କ୍ରୋମ ଖଣି ପାଇଁ ଆଇ.ଏସ୍.ଓ. ୯୦୦୦:୨୦୦୦ ପ୍ରମାଣପତ୍ରର ଅଧିକାରୀ ହୋଇପାରିଛି । ଏହି ନିଗମ ତାହାର ଦଇତାରୀ ଖଣି ଅଞ୍ଚଳରେ ପରିବେଶ ପରିଚାଳନା ସି.ଓ.ବି.ପି. ଓ ସୁକିନ୍ଦା ଖଣି ସମୂହର କାର୍ଯ୍ୟ ଉତ୍କର୍ଷତା ପାଇଁ ଆଇ.ଏସ୍.ଓ ୧୪୦୦୧:୨୦୦୪ ପ୍ରମାଣପତ୍ର ହାସଲ କରିପାରିଛି ।

ବିଗତ ଦଶନ୍ଧିମାନଙ୍କରେ ଓଡ଼ିଶା ଖଣି ନିଗମର ଅଭିବୃଦ୍ଧି ଏହାର କାର୍ଯ୍ୟ ଦର୍ଶନ ଓ ମୂଲ୍ୟଯୁକ୍ତ ଗୁଣାତ୍ମକତା ଉପରେ ପର୍ଯ୍ୟବସିତ । ଏହି ନିଗମ ଦ୍ୱାରା ଆହରଣ କରାଯାଇଥିବା ଅଗଣିତ ପୁରସ୍କାର ଏହାର କାର୍ଯ୍ୟ ପାରଦର୍ଶିତାର ପ୍ରମାଣ ଅଟେ । ଏହା ଖଣିଜଭିତ୍ତିକ ଶିଳ୍ପର ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ । କାପେକ୍ସିଲ ରପ୍ତାନୀ, ପୁରସ୍କାର, ବୈଦେଶିକ ବାଣିଜ୍ୟ ବିଭାଗର ମହାନିର୍ଦ୍ଦେଶକଙ୍କ ପ୍ରଦତ୍ତ ତ୍ରିତାରକା ରପ୍ତାନୀ ସଂସ୍ଥା ପୁରସ୍କାର, ଭାରତ ସରକାର ତଥା ବିଦେଶରୁ ପ୍ରାପ୍ତ ବୈଷୟିକ ରପ୍ତାନୀ ପୁରସ୍କାର ଇତ୍ୟାଦି ସୂଚକ ମାତ୍ର ଅଟେ । ୨୦୦୭ ମସିହାରେ ନିଗମ ମର୍ଯ୍ୟାଦାପୂର୍ଣ୍ଣ ସୁବର୍ଣ୍ଣ ମୟୂର ପୁରସ୍କାର ପାଇବା ଏବଂ ପରିବେଶ ପରିଚାଳନା ପଦ୍ଧତି ପାଇଁ ଆଇ.ଏସ୍.ଓ. ୧୪୦୦୧-୨୦୦୪ ହାସଲ କରିବା, ଦୈତାରି ଲୌହ ପ୍ରକଳ୍ପ, ସି.ଓ.ବି.ପି. ସୁକିନ୍ଦା ଉପତ୍ୟକାରେ କ୍ରୋମ ଖଣିର ପରିଚାଳନା ପାଇଁ ଉତ୍କର୍ଷତାର ପ୍ରମାଣପତ୍ର ପାଇବା ଏହାର କାର୍ଯ୍ୟଦକ୍ଷତାର ନିଦର୍ଶନ ବହନ କରେ ।

ଲକ୍ଷ ଟଙ୍କାରେ

	୨୦୦୩-୦୪	୨୦୦୪-୦୫	୨୦୦୫-୦୬	୨୦୦୬-୦୭
କର ଦେୟ ପୂର୍ବରୁ ଲାଭ	୧୬,୪୨୧.୬୫	୫୨,୮୦୪.୦୯	୩୨,୪୧୪.୬୭	୬୮,୨୫୧.୭୯ (ପାଖାପାଖି)
ଆୟ	୩୭,୭୭୯.୯୭	୭୫,୮୮୯.୦୯	୬୮,୦୦୫.୦୦	୧,୦୮,୧୪୨.୪୩
ସରକାରଙ୍କୁ ପୈଠ କରା-ଯାଇଥିବା ଲାଭାଂଶ	୧୧୦୦.୦୦	୬୦୦୦.୦୦	୬୦୦୦.୦୦	୧୦,୦୦୦.୦୦

(ସୌଜନ୍ୟ : ରାଜ୍ୟ ଇସ୍ପାତ ଓ ଖଣି ବିଭାଗ)

ସମ୍ବାଦ ପରିକ୍ରମା

ବିଶ୍ୱବ୍ୟାଙ୍କ ରିପୋର୍ଟରେ ଓଡ଼ିଶା ଆଗଉଛି

ନବେ ଦଶକର ମଧ୍ୟଭାଗରେ ଦେଶର ସବୁଠୁଁ ଦରିଦ୍ର ରାଜ୍ୟ ଥିବା ଓଡ଼ିଶାରେ ଏବେ ଉଲ୍ଲେଖନୀୟ ବିକାଶ ଘଟିଛି । ୨୦୦୦ରୁ ୨୦୦୬ ମସିହା ସୁଦ୍ଧା ରାଜ୍ୟର ୩ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିପାରିଥିବାବେଳେ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତର ସବୁ ରାଜ୍ୟ ଭିତରେ ଓଡ଼ିଶା ଆଗରେ ରହିଛି । ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା, ମୌଳିକ ଭିତ୍ତିଭୂମି ଏବଂ ସେବା କ୍ଷେତ୍ରରେ ରାଜ୍ୟ ଅଧିକ ପୁଞ୍ଜି ବିନିଯୋଗ କରିପାରିଛି ବୋଲି ବିଶ୍ୱବ୍ୟାଙ୍କ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଓଡ଼ିଶା ଉପରେ ୨୦୦୭ ମସିହା ସୁଦ୍ଧା ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି । ଏଥିରେ ଦର୍ଶାଯାଇଛି ଯେ ଗତ ୭ ବର୍ଷ ଭିତରେ ରାଜ୍ୟର ଅର୍ଥନୀତି ନିଅଣ୍ଟରୁ ବଳକା ଆଡ଼କୁ ଗତି କରିଛି । ରାଜ୍ୟର ଘରୋଇ ମୋଟ ଉତ୍ପାଦନ ୫.୯ ପ୍ରତିଶତରୁ ବୃଦ୍ଧି ପାଇ ଏବେ ୮.୭ ପ୍ରତିଶତରେ ପହଞ୍ଚିଛି । ବିଶ୍ୱବ୍ୟାଙ୍କ ପକ୍ଷରୁ ଓଡ଼ିଶାର ଆର୍ଥିକ ବିକାଶ ଉପରେ ଏକ ଅନୁଧ୍ୟାନ କରାଯାଇଥିଲା । 'ଓରିଶା ଇନ୍ ଟ୍ରାନ୍‌ଜିସନ' ଶୀର୍ଷକ ଏହି ଅନୁଧ୍ୟାନମୂଳକ ରିପୋର୍ଟ ଉନ୍ମୋଚନ କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ ୧୯୯୩ରୁ ୧୯୯୯ ମଧ୍ୟରେ ଓଡ଼ିଶାରେ ଦାରିଦ୍ର୍ୟ ହାର ବୃଦ୍ଧି ପାଇଥିବାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ରାଜ୍ୟର ଗ୍ରାମାଞ୍ଚଳରେ ୮ ପ୍ରତିଶତ ଏବଂ ସହରାଞ୍ଚଳରେ ୨.୫ ପ୍ରତିଶତ ହ୍ରାସ ପାଇଛି ।

ଏହି ସମୟ ମଧ୍ୟରେ ରାଜ୍ୟର ସବୁଠୁଁ ଦାରିଦ୍ର୍ୟ ଅଞ୍ଚଳ ଦକ୍ଷିଣାଞ୍ଚଳରେ ଅଭିବୃଦ୍ଧି ହାର ତ୍ୱରାନ୍ୱିତ ଗତିରେ ବୃଦ୍ଧି ପାଇଛି ବୋଲି ବିଶ୍ୱବ୍ୟାଙ୍କର ଅର୍ଥନୀତିଜ୍ଞ ଭି.ଜେ. ରବିଶଙ୍କର ପ୍ରକାଶ କରିଛନ୍ତି । ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଏବେ ମଧ୍ୟ ଦାରିଦ୍ର୍ୟ ଭିତରେ ରହୁଥିବା ୪୫ ପ୍ରତିଶତ ଲୋକ ଅନେକ ସମସ୍ୟାକୁ ସାମ୍ନା କରୁଛନ୍ତି । ଓଡ଼ିଶା ଭାରତର ଦ୍ୱିତୀୟ ଦରିଦ୍ରତମ ରାଜ୍ୟ । ସଂଖ୍ୟାଧିକ ଲୋକ ଆଦିବାସୀ ହୋଇଥିବାବେଳେ ସେମାନେ ସର୍ବନିମ୍ନ ସୁବିଧାରୁ ବଞ୍ଚିତ । ୨୦୦୦ ମସିହା ପରେ ଆଦିବାସୀମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଘଟିଥିବା କୁହାଯାଉଥିଲେ ହେଁ ଏବେ ୪୦ ପ୍ରତିଶତ ଦରିଦ୍ରଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର । ୨୦୦୩-୦୪ ଆର୍ଥିକ ବର୍ଷଠାରୁ ରାଜ୍ୟର ଅର୍ଥନୈତିକ କ୍ଷେତ୍ରରେ ତ୍ୱରାନ୍ୱିତ ବେଗରେ ଅଭିବୃଦ୍ଧି ଘଟିଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ସମୟ ମଧ୍ୟରେ ଖଣି, ଉତ୍ପାଦନ, ବିଦ୍ୟୁତ, ନିର୍ମାଣ କ୍ଷେତ୍ରରେ ୨୦ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିଥିବାବେଳେ ଭାରତର ଅଭିବୃଦ୍ଧି ହାରଠାରୁ ରାଜ୍ୟର ଅଭିବୃଦ୍ଧି ହାର ଆଗରେ ଥିଲା । ଏପରିକି ବନ୍ୟା ବିପ୍ରାତ ପରେ ବି ରାଜ୍ୟରେ କୃଷି ଉତ୍ପାଦନ ୨ ପ୍ରତିଶତ ହାର ବୃଦ୍ଧି ପାଇଛି । ରାଜ୍ୟରେ ଏବେ ୧୨୫ ବିଲିଅନ ଡଲାରର ୪୭୦ଟି ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୨୦୩୦ ସୁଦ୍ଧା ରାଜ୍ୟର ଜିଡ଼ିପି ହାର ୩୦ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆର୍ଥିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ହେଲେ ଦୁର୍ନୀତି ବିରୋଧୀ ପଦକ୍ଷେପ ଏବଂ ସ୍ୱଚ୍ଛ ପ୍ରଶାସନ ସହ ଲୋକଙ୍କ ମନରେ ଏ ଦିଗରେ ବିଶ୍ୱାସ ସୃଷ୍ଟି କରାଯିବା ଉପରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅର୍ଥନୈତିକ ଅଭିବୃଦ୍ଧି ଫଳରେ କିଛିମାତ୍ରାରେ ଆର୍ଥିକ ତାରତମ୍ୟ ଦୂର କରାଯାଇପାରିଥିଲେ ହେଁ ଆଦିବାସୀମାନେ ପଛରେ ରହିଛନ୍ତି । ସଡ଼କ, ରେଳପଥ, ବନ୍ଦର ଭଳି ଆବଶ୍ୟକ ଭିତ୍ତିଭୂମିର ବିକାଶ ପ୍ରତି ଦୃଷ୍ଟିଦିଆ ନଯିବା ଯୋଗୁଁ ସେଠାରେ ବିକାଶର ଧାରା ମନ୍ଥର ଥିବା ଲକ୍ଷ୍ୟ କରାଯାଇଛି । କୃଷି, ମତ୍ସ୍ୟ ଉତ୍ପାଦନ ଏବଂ ଜଙ୍ଗଲ ଭଳି କ୍ଷେତ୍ର ଉପରେ ରାଜ୍ୟର ଅଧିକ ମାତ୍ରାରେ ଗରିବ ଲୋକ ନିର୍ଭର କରୁଥିବାରୁ ଏହାର ବିକାଶ ପ୍ରତି ଅଧିକ ଧ୍ୟାନ ଦିଆଯିବା ଉପରେ ବିଶ୍ୱବ୍ୟାଙ୍କ ଅର୍ଥନୀତିଜ୍ଞ ମତପୋଷଣ କରିଛନ୍ତି । ଓଡ଼ିଶା ଆର୍ଥିକ କ୍ଷେତ୍ରରେ ଆଗଉଥିଲେ ମଧ୍ୟ ଏବେ ବି ୪୦ ପ୍ରତିଶତ ଗରିବ ହେଉଛନ୍ତି ଆଦିବାସୀ ଶ୍ରେଣୀର । ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ର ଏବେ ବି ଅବହେଳିତ । ବର୍ତ୍ତମାନ ପ୍ରାଥମିକ ସ୍ତରରେ ପ୍ରଚଳିତ ଶିକ୍ଷା ପରବର୍ତ୍ତୀ କାଳରେ ଯୁବକଙ୍କୁ ଆତ୍ମନିଯୁକ୍ତି କିମ୍ବା ଉଚ୍ଚଶିକ୍ଷା ପାଇଁ ସହାୟକ ହୋଇପାରୁନାହିଁ । ଏପରିକି ନବମ ଶ୍ରେଣୀର ପିଲାଙ୍କ ଭିତରେ ଚତୁର୍ଥ ଶ୍ରେଣୀ ପିଲାର ଜ୍ଞାନ ଥିବା ଲକ୍ଷ୍ୟ କରାଯାଉଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

(ସଂଗୃହୀତ)